

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar





ବ୍ରହ୍ମାକୁମାରୀ ସଂସ୍ଥା ସେବା ମନୋଭାବରେ ପରିପୂର୍ଣ୍ଣ |୬

ନୂଆ ନ୍ୟାସ୍‌ନାଲ୍ କ୍ରସ୍ ଜାହ୍ନବୀ |୮



RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୫୦ Vol. 21 No-250 9 DECEMBER 2024 MONDAY BHUBANESWAR ସୋମବାର, ୯ ଡିସେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସୋହେଲାରେ ଚାଷୀଙ୍କୁ ଇନ୍‌ପୁଟ୍ ସହାୟତା ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

# କଥା ଦେଇ କଥା ରଖିବା ଆମର ପ୍ରତିବଦ୍ଧତା



### ୨୧,୫୦୦ ଚାଷୀ ପାଇଲେ ଇନ୍‌ପୁଟ୍ ସହାୟତା

### ୬ ମାସ ମଧ୍ୟରେ ସବୁ ପ୍ରତିଶ୍ରୁତି ପୂରଣ

### କୃଷକମାନଙ୍କ ପାଇଁ ଆଜିର ଦିନଟି ମହତ୍ତ୍ୱପୂର୍ଣ୍ଣ

ଭୁବନେଶ୍ୱର,୮।୧୨(ଭାସ୍କର ନ୍ୟୁଜ): ବରଗଡର ସୋହେଲାରେ ଉତ୍ସବର ସମାବେଶ। ଚାଷୀ ଭାଇମାନଙ୍କ ମଧ୍ୟରେ ଖୁସିର ଲହର । ଲୋକଙ୍କ ସରକାର ଆଜି ଚାଷୀ ଭାଇ ମାନଙ୍କୁ ଦେଉଛନ୍ତି ସେମାନଙ୍କ ପରିଶ୍ରମର ମୂଲ୍ୟ। ଚାଷୀମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଚାଷୀମାନଙ୍କୁ ଧାନର ସର୍ବନିମ୍ନ ମୂଲ୍ୟ ୨୩୦୦ ଟଙ୍କା ଉପରେ ଆଜି ଅତିରିକ୍ତ ୮୦୦ ଟଙ୍କା ଇନ୍‌ପୁଟ ସବ୍‌ସିଡି ପ୍ରଦାନର ଶୁଭାରମ୍ଭ କରିଛନ୍ତି। ଚାଷୀମାନେ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପାଇଲେ।ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜୁନ୍ ୧୨ ତାରିଖରେ ଆମ ସରକାର ଗଠନ ହେବା ପରେ • ପୃଷ୍ଠା ୫ ଦେଖନ୍ତୁ









କଟକ(ଭାସ୍କର ନ୍ୟୁଜ୍): କଟକ ମହାନଗର ନିଗମର ୨୬ ନମ୍ବର ୱାର୍ଡ ଅନ୍ତର୍ଗତ ନିମ ସାହି ଅଞ୍ଚଳରେ ଦୀର୍ଘ ବର୍ଷରୁ ଅବହେଳିତ ହୋଇ ପଡି ରହି ଥିବା ରାସ୍ତାକୁ ପୁନରୁଦ୍ଧାର କରିବା ପାଇଁ କର୍ପୋରେଟର ଗଗନ ଓଝାଙ୍କ ସହିତ ନିମ ସାହିର ବରିଷ୍ଠ ମୁରବୀ ଅଧିକାରୀ ନାରାୟଣ ମହାରଣା, ସମ୍ପାଦକ ହେମନ୍ତ ସେଠି, କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ ବେହେରା, ପୂର୍ବତନ ସମ୍ପାଦକ ପ୍ରଦୀପ ମହାରଣା, ପୂଜକ ବିଶ୍ୱରଞ୍ଜନ ମିଶ୍ର, କୃଷ୍ଣଚନ୍ଦ୍ର ଦାସ, ସତ୍ୟାନନ୍ଦ ମହାରଣା, ପୁର୍ଣଚନ୍ଦ୍ର ଦାସ, ପବନା ବେହେରା, ରାମଚନ୍ଦ୍ର ଦାସ, ରାଜକିଶୋର ମହାରଣା, ଦାସ, ସୁଶାନ୍ତ ମହାରଣା, ଚନ୍ଦନ ଦାସ, ନିତ୍ୟାନନ୍ଦ ମହାରଣା, ରମେଶ ସେଠି, ସମୀର ସେନ, ଗଣେଶ ବେହେରା, ଚିଣ୍ଟୁ ସେନ, ପିଣ୍ଟୁ ସେଠି, ରଞ୍ଜନ ଦାସ ପ୍ରମୁଖ ନଡ଼ିଆ ବାଡେଇ କାର୍ଯ୍ୟର ଶୁଭାରମ୍ଭ କରିଥିଲେ ଶେଷରେ ଗଗନ ଓଝା କମିଟିର ସମସ୍ତ ସଦସ୍ୟଙ୍କୁ କାର୍ଯ୍ୟରେ ସହଯୋଗ କରିଥିବାରୁ ଧନ୍ୟବାଦ ଜଣାଇଥିଲେ।

### ଜାତୀୟ ନ୍ୟାୟବିତ୍ ସମ୍ମିଳନୀ ଉଦ୍‌ଘାଟିତ

## 'ଆଧ୍ୟାତ୍ମିକ ଶକ୍ତି ହିଁ ସୁସ୍ଥ ଓ ନ୍ୟାୟପୂର୍ଣ୍ଣ ସମାଜର ଆଧାର'

କଟକ(ଭାସ୍କର ନ୍ୟୁଜ୍): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଭଗିନୀ ସଂସ୍ଥା ରାଜଯୋଗ ଶିକ୍ଷା ଓ ଅନୁସନ୍ଧାନ ପ୍ରତିଷ୍ଠାନର ନ୍ୟାୟବିତ୍ ପ୍ରଭାଗ ଆନୁକୂଲ୍ୟରେ ଫୁଲନଖରା ଅନନ୍ତପୁରସ୍ଥିତ ବିଶ୍ୱଶାନ୍ତି ସରୋବର ସଭାଗୃହରେ ଜାତୀୟ ନ୍ୟାୟବିତ୍ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଦୁଇଟି ଅଧିବେସନରେ 'ସୁସ୍ଥ ଏବଂ ନ୍ୟାୟପୂର୍ଣ୍ଣ ସମାଜ ପାଇଁ ଆଧ୍ୟାତ୍ମିକ ଶକ୍ତି' ଶୀର୍ଷକ ଆଲୋଚନା ଚକ୍ର ଆୟୋଜନ ହୋଇଥିଲା। ଏହି ସମ୍ମିଳନୀକୁ ସୁପ୍ରିମକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଦୀପକ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଦୀକ୍ଷାନ୍ତ ଭାଷଣରେ ଗୀତାର ବିଭିନ୍ନ ଶ୍ଳୋକ ମାଧ୍ୟମରେ ଆତ୍ମବୋଧ କରାଇ ସମସ୍ତ ନ୍ୟାୟବିତ୍ ଏବଂ ଆଇନଜୀବିଙ୍କୁ ଏଭଳି ଏକ ସମାଜ ନିର୍ମାଣ ପାଇଁ ଆହ୍ୱାନ କରିଥିଲେ। କଟକ ସବ୍‌ଜୋନ୍‌ର ନିର୍ଦ୍ଦେଶିକା ରାଜଯୋଗିନୀ ଡଃ.ବ୍ର.କୁ. କମଳେଶ ତାଙ୍କ ଆର୍ଶୀବଚନରେ କହିଲେ ଯେ ବର୍ତ୍ତମାନ ସମୟରେ ସୃଷ୍ଟିର ସର୍ବୋଚ୍ଚ ବିଚାରପତି ପରମପିତା ପରମାତ୍ମା ଦିବ୍ୟ ଅବତରଣ କରି ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଦ୍ୱାରା ସତ୍ୟ-ଅସତ୍ୟ, ପାପ-ପୁଣ୍ୟର ଜ୍ଞାନ ଦେଇ ଆମକୁ ସତ୍ ମାର୍ଗରେ ଚାଲିବା ପାଇଁ ରାଜଯୋଗର ଶିକ୍ଷା ଦେଉଛନ୍ତି। ସମ୍ମାନୀୟ ଅତିଥି ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଶଶିକାନ୍ତ ମିଶ୍ର ତାଙ୍କ ଅଭିଭାଷଣରେ କହିଲେ ଯେ ଆଧ୍ୟାତ୍ମିକ ଶକ୍ତି ପ୍ରଥମେ ନିଜ ଉପରେ ପ୍ରୟୋଗ ଦ୍ୱାରା ହିଁ ସୁସ୍ଥ ଏବଂ ଆଇନ୍ ସଂଗତ ସମାଜର ନିର୍ମାଣ ସମ୍ଭବ ବୋଲି ବ୍ୟକ୍ତ କରିଥିଲେ। ଅନ୍ୟତମ ପ୍ରବକ୍ତା ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟଳୟର ପୂର୍ବତନ ବିଚାରପତି ତଥା ନ୍ୟାୟବିତ୍ ପ୍ରଭାଗର ଭାଇସ୍ ଚ୍ୟାୟାରପରସନ୍ ଜଷ୍ଟିସ୍ ବି.ଡି. ରାଠୀ ଆଲୋଚ୍ୟ ବିଷୟ ଉପରେ ଆଲୋକପାତ କରିଥିଲେ। ପ୍ରଭାଗର ଜାତୀୟ ସଂଯୋଜିକା ରାଜଯୋଗିନୀ ବ୍ର.କୁ. ଲତା ଆର୍ ଅଗ୍ରୱାଲ୍ ଆଧ୍ୟାତ୍ମିକତା ଦ୍ୱାରା ଅପରାଧମୁକ୍ତ ସମାଜ ସୃଷ୍ଟି ହୋଇପାରିବ ବୋଲି ବ୍ୟକ୍ତ କରିବା ସହିତ ଆଧ୍ୟାତ୍ମିକ ଶକ୍ତି ଅର୍ଥାତ୍ ରାଜଯୋଗର ଅନୁଭୂତି କରାଇଥିଲେ। ବରିଷ୍ଠ ରାଜଯୋଗିନୀ ବ୍ର.କୁ.ସୁଲୋଚନା ସମ୍ମିଳନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ପ୍ରଥମ ଅଧିବେଶନର ସଂଚାଳନ କରିଥିଲେ। ବ୍ର.କୁ. ପ୍ରତିଭା ସ୍ୱାଗତ ଭାଷଣ କରିଥିଲେ ଏବଂ କୁମାରୀ ଶିଖା ନୃତ୍ୟ ପରିବେଶଣ କରିଥିଲେ। ଭ୍ରାତା ବ୍ର.କୁ. ଅଭିମନ୍ୟୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ ସମ୍ପର୍କିତ କାର୍ଯ୍ୟକ୍ରମ



କଟକ(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅବସରରେ କଟକ ବାଲିଯାତ୍ରା ପଡିଆଠାରେ ରବିବାର ଜିଲାସ୍ତରୀୟ କାର୍ଯ୍ୟକ୍ରମର ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏମ୍‌ଏସ୍‌ପି ପ୍ରଦାନ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା। ଚାଷୀମାନଙ୍କ ଜମା ଖାତାକୁ ଡ଼ିବିଟି ମାଧ୍ୟମରେ ୨୩୦୦ ସର୍ବମୂଲ୍ୟ ସହାୟକ ରାଶି ଏବଂ ୮୦୦ ଇନପୁଟ୍ ସହାୟତା ରାଶି ଏହିପରି କ୍ୱିଣ୍ଟାଲ ପିଛା ସମୁଦାୟ ୩୧୦୦ ଟଙ୍କା ସ୍ଥାନନ୍ତର କରି ଏହି ପ୍ରକ୍ରିୟାର ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଉପଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ଓ ଅନ୍ୟ ଅଧିକାରୀମାନେ ସାମିଲ ହୋଇଥିଲେ। ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ବିଭୁ ପ୍ରସନ୍ନ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲ୍ଲାର ବହୁତ ସଂଖ୍ୟାରେ ଚାଷୀ କାର୍ଯ୍ୟକ୍ରମରେ ଯୋଗାଯୋଗ ଦେଇଥିଲେ।

### ରେଭେନ୍ସା ଛାତ୍ରଙ୍କୁ ଆକ୍ରମଣ, ଜଣେ ଗିରଫ

କଟକ(ଭାସ୍କର ନ୍ୟୁଜ୍): ରେଭେନ୍ସା ପରିସରରେ ଛାତ୍ରଙ୍କୁ ଅଣଛାତ୍ରଙ୍କ ଆକ୍ରମଣ ଘଟଣା। ଛାତ୍ର ବିଜେଡି ନେତା ବବି ଖାନ୍‌ଙ୍କୁ ଗିରଫ କଲା ମାଲଗୋଦାମ ପୋଲିସ। କାଲି ସହଯୋଗୀଙ୍କ ସହ ବବି ଖାନ୍ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ବବି ଖାନ ଯିଏ ପୂର୍ବରୁ ଅନେକ ମକଦମାରେ ସମ୍ପୃକ୍ତି ଅଛି। ପୂର୍ବରୁ ଏବିଭିପି ଛାତ୍ର ନେତାଙ୍କୁ ମାଡ ମାରିବାର ଘଟଣା ହେଉ କି ୨୦୧୮ ରେଭେନ୍ସା ସେକ୍ସ ସ୍କାଣ୍ଡାଲ ଘଟଣା ହେଉ। ଅଣ ଛାତ୍ର ବବି ଖାନ ବିସିଜେଡିର ଛାତ୍ର ନେତା କଟକ ଚୌଦ୍ୱାର ବିଧାୟକ ଶୋଭିକ ବିଶ୍ୱାଳ ଅନୁଗତ ଭାବେ କଟକରେ ଜଣଶୁଣା ପୂର୍ବରୁ ଅନେକ କାଣ୍ଡରେ ସମ୍ପୃକ୍ତି। ଦୀର୍ଘ ୪ ମାସ ତଳେ ବିସିଜେଡିର କାର୍ଯ୍ୟକର୍ତାଙ୍କ ମାରି ଫୋନରେ କେସ ଧମକେଇବା ଘଟଣା ଓଡିଶାର ଚର୍ଚ୍ଚିତ ଘଟଣା ସାଜିଥିଲାକ୍ଷ ସେହି ବବି ଖାନ ପୁନର୍ବାର ଜଣେ +୩ର ରେଭେନସ୍ସ ଛାତ୍ରଙ୍କୁ ମାଡମାରି ଲହୁ ଲୁହାଣ କରିଛି।

## ଜୁପିଟର ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ପାଳିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱର ଗଙ୍ଗପଡ଼ାସ୍ଥିତ ଜୁପିଟର ପବ୍ଲିକ୍ ସ୍କୁଲ ଏହାର ବହୁ ପ୍ରତୀକ୍ଷିତ ବାର୍ଷିକ ଉତ୍ସବ 'ପାଥେୟମ୍' ଏକ ସୃଜନଶୀଳତାର ବାର୍ତ୍ତା ଦେଇ ପାଳନ କରିଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ କୁମାର ରାଣା, ମୁଖ୍ୟବକ୍ତା ନାଇଜର ରେଜିଷ୍ଟ୍ରାର୍ ଡକ୍ଟର ଅଭୟ କୁମାର ନାୟକ, ସମ୍ମାନନୀୟ ଅତିଥି ଭାବେ ଜୁପିଟର ଗ୍ରୁପର ସଭାପତି ବିରଞ୍ଚି ନାରାୟଣ ପଣ୍ଡା, ଉପ-ସଭାପତି ବିଶ୍ୱରଞ୍ଜନ ପାତ୍ର, ନିର୍ଦ୍ଦେଶକ ବିଶ୍ୱନାଥ ପଣ୍ଡା, ଏକାଡେମୀ ନିର୍ଦ୍ଦେଶକ କେ.ଭରତଚନ୍ଦ୍ର କଳାପାହାଡ, ସ୍କୁଲର ନିର୍ଦ୍ଦେଶିକା ସାଗରିକା ପଣ୍ଡା ଓ ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ ଏବଂ ଅଭିଭାବକଙ୍କ ଉପସ୍ଥିତି ଓ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହଯୋଗରେ କୁନିକୁନି ପିଲାମାନଙ୍କ କୃଷ୍ଣଲୀଳା ଅଭିନୟ, ମହାଭାରତର ଦ୍ରୌପଦୀ ବସ୍ତ୍ରହରଣ, ସାଂସ୍କୃତିକ ନୃତ୍ୟ ଗୀତର ମୂର୍ଚ୍ଛନାରେ ସ୍କୁଲର ପରିସର ଉତ୍ସବ ମୁଖର ହୋଇଉଠିଥିଲା। ଅଧକ୍ଷା ନିରୂପମା ପାତ୍ର ସ୍କୁଲର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଶ୍ରୀ ରାଣା ବିଦ୍ୟାଳୟର ଉଦ୍ୟମକୁ ପ୍ରଶଂସା କରି ସାମଗ୍ରିକ ଶିକ୍ଷାର ଅଭିବୃଦ୍ଧି ନିମନ୍ତେ ଆହ୍ୱାନ ଦେଇଛନ୍ତି ଏବଂ ଡକ୍ଟର ନାୟକ ନୂତନତ୍ୱର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରି ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେଇଥିଲେ। ଏହି ଅବସରରେ ଅତିଥିମାନେ ସ୍କୁଲର କୃତି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହିତ ପୁରସ୍କାର ପ୍ରଦାନ କରିଥିଲେ। ଉତ୍ସବଟି ସାଫଲ୍ୟ ମଣ୍ଡିତ ହୋଇଥିବାରୁ ଗ୍ରୁପର ସଭାପତି ଶ୍ରୀପଣ୍ଡା ଏବଂ ନିର୍ଦ୍ଦେଶକ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ଆହୁରି ଆଗକୁ ଯିବାକୁ ଉତ୍ସାହିତ କରିଥିଲେ।

### ୧୦ ଲକ୍ଷ ଟଙ୍କା ଲାଞ୍ଚ ମାମଲାରେ ଦୁଇଜଣଙ୍କୁ ଗିରଫ କଲା ସିବିଆଇ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କେନ୍ଦ୍ରୀୟ ସରକାରର ଏକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବ୍ରିଜ ଏବଂ ରୁଫ୍ କମ୍ପାନୀ (ଇଣ୍ଡିଆ) ଲିମିଟେଡର ଗ୍ରୁପ୍ ଜେନେରାଲ୍ ମ୍ୟାନେଜର୍ (ଜିଜିଏମ୍)ଙ୍କୁ ଏକ ଘରୋଇ କମ୍ପାନୀର ନିର୍ଦ୍ଦେଶକ ଏବଂ ଅନ୍ୟ ଏକ ବ୍ୟକ୍ତି ସହିତ ୧୦ ଲକ୍ଷ ଟଙ୍କା ଲାଞ୍ଚ ମାମଲାରେ ଗିରଫ କରିଛି। ସିବିଆଇ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦିଆଯାଇଛି। ବିଜ୍ଞପ୍ତିରେ କୁହାଯାଇଛି ଯେ, ସିବିଆଇ ୭ ଡିସେମ୍ବର, ୨୦୨୪ରେ ଏହି ମାମଲାରେ ଜିଜିଏମ୍, ଭୁବନେଶ୍ୱରର ଏକ ଘରୋଇ କମ୍ପାନୀର ନିର୍ଦ୍ଦେଶକ, ଅନ୍ୟ ଏକ ବ୍ୟକ୍ତି ଏବଂ ଅଜ୍ଞାତ ସରକାରୀ ଓ ଘରୋଇ ବ୍ୟକ୍ତିମାନେ ଲାଞ୍ଚ ଦାନ ଏବଂ ବିଲ୍ ମଞ୍ଜୁରୀ କରିବାକୁ ଦେଇ ଏହି ମାମଲା ଆରମ୍ଭ କରିଛି।ଅଭିଯୁକ୍ତ ଜିଜିଏମ୍ ୬ ଡିସେମ୍ବର, ୨୦୨୪ ରେ ଭୁବନେଶ୍ୱରର ତାଙ୍କର କାର୍ଯ୍ୟାଳୟରେ ଘରୋଇ କମ୍ପାନୀର ନିର୍ଦ୍ଦେଶକ ଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ଦାବି କରିଥିଲେ। ଏହା ପରେ ସିବିଆଇ ଜାଲ ବିଛାଇଥିଲା ଏବଂ ୭ ଡିସେମ୍ବର, ୨୦୨୪ ରେ ଜିଜିଏମ୍ କୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବା ବେଳେ ଗିରଫ କରାଯାଇଥିଲା। ଲାଞ୍ଚର ରାଶି ଜିଜିଏମ୍ ଠାରୁ ଜବତ କରାଯାଇଛି, ଏବଂ ଅନ୍ୟ ଏକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି, ଯିଏ ଏହି ଦେଣ ନେଣ ପ୍ରକ୍ରିୟାରେ ସହାୟକ ଏବଂ ସହଯୋଗୀ ଥିଲେ। ଏହା ପରେ ଭୁବନେଶ୍ୱର (ଓଡିଶା) ଏବଂ କୋଲକାତା (ପଶ୍ଚିମ ବଙ୍ଗ)ରେ ୮ ଟି ସ୍ଥାନରେ ଚଢାଉ କରାଯାଇଛି। ଅନେକ ସନ୍ଦିଗ୍ଧ ଦସ୍ତାବେଜ, ଅପରାଧରେ ବ୍ୟବହୃତ ଗାଡି ଏବଂ ଡିଜିଟାଲ୍ ଉପକରଣ ଜବତହୋଇ ଥିବା ଓ ମାମଲାର ଜାଂଚ ଚାଲିଥିବା ସିବିଆଇ ପକ୍ଷରୁ ସୂଚନା ଦିଆଯାଇଛି।



୨୭ତମ ଜାତୀୟ କରାଟେ ଚମ୍ପିଆନସିପ୍‌ରେ କମାଲ୍ ଦେଖାଇଥିବା ଓଡ଼ିଶା ଖେଳାଳି

### ଡ୍ରେନ୍ ନିର୍ମାଣ ବେଳେ ଅଘଟଣ

## ପାଚେରୀ ଭୁଶୁଡି ଶ୍ରମିକଙ୍କ ମୃତ୍ୟୁ

କଟକ(ଭାସ୍କର ନ୍ୟୁଜ୍): ବିଡ଼ାନାସୀ ନାୟକସାହିରେ ରବିବାର ଡ୍ରେନ୍ ନିର୍ମାଣ ବେଳେ ପାଚେରୀ ଭୁଶୁଡ଼ିବାରୁ ଚାପି ହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଡ୍ରେନ୍ ନିର୍ମାଣବେଳେ ପାର୍ଶ୍ୱରେ ଥିବା ଏକ ପୁରୁଣା ପାଚେରୀ ଭୁଶୁଡ଼ିବାରୁ ପାଚେରୀ ତଳେ ଚାପି ହୋଇ ଘଟଣାସ୍ଥଳରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବାବେଳେ ଆଉ ଜଣେ ଶ୍ରମିକ ଆହତ ହୋଇଛନ୍ତି। ସିଡିଏସ୍ଥିତ ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ପାଚେରୀ ତଳେ ଚାପି ହୋଇ ମୃତ୍ୟୁବରରଣ କରିଥିବା ଶ୍ରମିକ ହେଉଛନ୍ତି ପଟ୍ଟାପୋଲ ଅଞ୍ଚଳର ଏସ୍. ଶଙ୍କର(୩୨)। ସେହିପରି ଏହି ଘଟଣାରେ ଆହତ ହୋଇଥିବା ଶ୍ରମିକ ହେଉଛନ୍ତି ଇଜା ରାଓ। ଆହତଙ୍କୁ ସିଡିଏସ୍ଥିତ ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସିତ କରାଯାଉଛି। ରବିବାର ଅପରାହ୍ଣ ପ୍ରାୟ ୨ଟା ସମୟରେ ଏହି ଅଘଟଣ ଘଟିଥିଲା। ଉକ୍ତ ଡ୍ରେନ୍ ନିର୍ମାଣ କାମରେ ସାତ ଜଣ ଏକା ସଙ୍ଗେ କାମ କରୁଥିଲେ। ଡ୍ରେନ୍ ଗଭୀରକୁ ଖୋଳାଯାଉଥିବା ବେଳେ କାନ୍ଥ ପାଖାପାଖି ସେହି ଦୁଇ ଜଣ ଥିଲେ। କେହି କିଛି ବୁଝିବା ପୂର୍ବରୁ ହଠାତ ଦଶ ଫୁଟର ପାଚେରୀଟା ଭୁଶୁଡ଼ି ପଡ଼ିଲା। ପାଚେରୀର ଶ୍ରମିକଙ୍କ ଉପରେ ଅଜାଡ଼ି ହୋଇପଡ଼ିଲା। ତାଙ୍କ ଛାତି ଉପରେ ଇଟା ମାଡ଼ରେ ପାଟିରୁ ରକ୍ତ ବାହାରି ପଡିଥିଲା। ସେହିପରି ଏହି ଘଟଣାରେ ଅନ୍ୟ ଶ୍ରମିକ ଜଣକ ମଧ୍ୟ ଆହତ ହେଲେ। କାର୍ଯ୍ୟରତ ଅନ୍ୟ ଶ୍ରମିକମାନେ ତୁରନ୍ତ ଆହତ ଶ୍ରମିକ ଦୁହିଁଙ୍କୁ ଏକ ଅଟୋରିକ୍ସାରେ ନିକଟସ୍ଥ ଏକ ଘରୋଇ ମେଡିକାଲ ନେଇଆସିଲେ। ପୁରୁଣା ପାଚେରୀଟି କୌଣସି ମୁହୂର୍ତ୍ତରେ ଭୁଶୁଡ଼ି ଯାଇପାରେ ବୋଲି ବହୁ ପୂର୍ବରୁ ସ୍ଥାନୀୟ ଲୋକମାନେ ଠିକାଦାରଙ୍କୁ ଜଣା ଯାଇଥିଲା। ହେଲେ କୌଣସି ବିକଳ୍ପ ବ୍ୟବସ୍ଥା ଗ୍ରହଣ ନ କରି ଶ୍ରମିକଙ୍କୁ କାମରେ ଲଗାଇଥିବାରୁ ଏଭଳି ଅଘଟଣ ଘଟିଲା। ସେହିପରି କାମ କରୁଥିବା ଶ୍ରମିକମାନେ ସେଫ୍ଟି ହେଲମେଟ ବ୍ୟବହାର କରିନଥିଲେ ବୋଲି ସେଠାରେ କାମ କରୁଥିବା ଆଉ ଜଣେ ଶ୍ରମିକ କହିଛନ୍ତି। ଅପରପକ୍ଷରେ ବିଡ଼ାନାସୀ ଥାନା ପୁଲିସ ମେଡିକାଲରୁ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଏସ୍‌ସିବି ମେଡିକାଲ ପଠାଇବା ସହିତ ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (୯୫/୨୦୨୪) ରୁଜୁ କରିଛି।

### ମୁଖ୍ୟମନ୍ତ୍ରୀଙ୍କୁ ସକ୍ଷାତ କଲେ ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀଙ୍କୁ ସକ୍ଷାତ କଲେ ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ। ଏନେଇ ମୁଖ୍ୟମନ୍ତ୍ରୀ ଏକ୍ସ ହ୍ୟାଣ୍ଡେଲରେ ଫଟୋ ସେୟାର କରିବା ସହ କହିଛନ୍ତି ଯେ, ଆଜି ମୋ ବାସ ଭବନରେ ଓଡ଼ିଶାର ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହ ଭେଟି ବିକଶିତ ଓଡ଼ିଶା ଗଠନ ଦିଗରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କଲି।

### ବଦଳି ନମାନିଲେ ଦରମା ବନ୍ଦ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗାଦି ମାଡ଼ି ବସିଥିବା ଓଏଏସ ଅଫିସରଙ୍କୁ ସରକାରଙ୍କ ଛାଟ। ବଦଳି ପରେ ନୂଆ କାର୍ଯ୍ୟରେ ଯୋଗ ନ ଦେଲେ ବନ୍ଦ ହେବ ଦରମା କରାଯିବ। ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଲା ରାଜସ୍ୱ ବିଭାଗ। ବଦଳି ମାନୁ ନଥିବା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଆଯାଇଛି। ଅଗଷ୍ଟ ୧୭ ଓ ସେପ୍ଟେମ୍ବର ୧୦ର ବଦଳି ନିର୍ଦ୍ଦେଶକୁ ମାନୁ ନାହାନ୍ତି। କିଛି ଓଏଏସ ଅଧିକାରୀ ମାନୁ ନଥିବାରୁ ସରକାର ନିଷ୍ପତ୍ତି ନେଇଛନ୍ତି।

## ଓଡ଼ିଶା କେନେଲ୍ କ୍ଲବ୍ ପକ୍ଷରୁ ଡଗ୍ ଶୋ'




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶା କେନେଲ୍ କ୍ଲବ୍ ପକ୍ଷରୁ ଓୟୁଏଟି ଭେଟେରିନାରୀ କଲେଜ ପରିସରରେ ରବିବାର ୬୫ ଏବଂ ୬୬ତମ ଡଗ୍ ଶୋ' ଅନୁଷ୍ଠିତ ହୋଇଯାଇଛି। ଏହି ଡଗ୍ ଶୋ'ରେ କେନେଲ୍ କ୍ଲବ୍ ଅଫ ଇଣ୍ଡିଆର ସ୍ୱୀକୃତିପ୍ରାପ୍ତ ୩୦୦ରୁ ଊର୍ଦ୍ଧ୍ୱ ଡଗ୍ ଅଂଶଗ୍ରହଣ କରିଥିଲେ। ଏହି ଶୋ'କୁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦ୍‌ଘାଟନ କରିଥିଲେ। ଏହି ଶୋ'ରେ ସବୁ ପ୍ରଜାତିର ବ୍ରିଡ୍‌କୁ ଦୁଇଜଣ ଅନ୍ତର୍ଜାତୀୟ ଜଜ୍ ପର୍ତ୍ତୁଗାଲର ଟିନା ପିସ୍କୋଟୋ ଏବଂ ବୁଲଗେରିଆର ଆଣ୍ଟୋନ୍ ହେଲବାର୍ଡ ବିଭିନ୍ନ ପ୍ରଜାତିର ବ୍ରିଡ୍‌ମାନେ ଏଥିରେ ଅଂଶଗ୍ରହଣ କରିଥିବା ବେଳେ ସବୁଠାରୁ ଛୋଟ ଡଗ୍ ବ୍ରିଡ୍ ଚ୍ୟୁହାହ୍ୱା ଯାହାର ଉଚ୍ଚତା ୫ରୁ ୮ ଇଞ୍ଚ ରହିଥିଲା। ଏଥିସହ ଏହି ଶୋ'ରେ ସବୁଠାରୁ ଉଚ୍ଚତା ବିଶିଷ୍ଟ ଡଗ୍ ବ୍ରିଡ୍ ଗ୍ରେଟ୍ ଡାନେ ଯାହାର ଉଚ୍ଚତା ୨୮ରୁ ୩୨ ଇଞ୍ଚ ରହିଥିଲା। ଏହି ଅବସରରେ ସମସ୍ତ ସ୍ୱୀକୃତିପ୍ରାପ୍ତ ଡଗ୍‌କୁ ନେଇ ଶୋ' ଆରମ୍ଭ ହୋଇଥିଲା। ଏହି ଅବସରରେ ଯେଉଁମାନେ ଉନ୍ନତ ଶୋ' ପ୍ରଦର୍ଶନ କରିଥିଲେ ସେମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଏମ୍‌ଜିଏମ୍‌ର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ମହାନ୍ତି ଏବଂ ଓୟୁଏଟି ଭେଟେରିନାରୀ କଲେଜ୍‌ର ଡିନ୍ ଡକ୍ଟର ଏସ୍.ପଣ୍ଡା ଏବଂ ଦୁଇଜଣ ଅନ୍ତର୍ଜାତୀୟ ଜଜ୍ ଯୋଗ ଦେଇଥିଲେ ବୋଲି ଓକେସିର ଯୁଗ୍ମ ସମ୍ପାଦକ ରବିନ୍ଦ୍ର ସାହୁ ସୂଚନା ଦେଇଛନ୍ତି।



ଗାଳ୍ପିକ ଶଶୀଭୂଷଣ ମହାନ୍ତିଙ୍କ ଦ୍ୱାରା ରଚିତ ଉପନ୍ୟାସ 'କାହାଣୀ ଅତୀତ ଓ ବର୍ତ୍ତମାନ' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ

## ୨୬ରେ ସିପିଆଇର ଶତବାର୍ଷିକୀ ସମାରୋହ




ଭାରତୀୟ କମ୍ୟୁନିଷ୍ଟ ପାର୍ଟି( ସିପିଆଇ)ର ପ୍ରତିଷ୍ଠା ଶତବାର୍ଷିକୀ ସମାରୋହ କଟକରେ ଆସନ୍ତା ଡିସେମ୍ବର ୨୬ତାରିଖ ଦିନ ଉଦଘାଟିତ ହେବ। ଏହି ସମାରୋହକୁ ସଫଳତାର ସହିତ ସମ୍ପନ୍ନ କରିବା ପାଇଁ ଆଜି କଟକ ବାରବାଟି ଷ୍ଟାଡିଅମ ଠାରେ ବିଜୟ ପଢିଆରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ବୈଠକରେ ଶହେଜଣ ସଭ୍ୟକୁ ନେଇ ଏକ ଶତବାର୍ଷିକୀ ସମାରୋହ ପାଳନ ପ୍ରସ୍ତୁତି କମିଟି ଗଠନ କରାଯାଇଛି। ଏଥିରେ ଅବିଭକ୍ତ କଟକ ଯଥା,କଟକ, ଯାଜପୁର, ଜଗତସିଂହପୁର, କେନ୍ଦ୍ରାପଡାର ବରିଷ୍ଠ କମ୍ୟୁନିଷ୍ଟ ନେତାମାନେ ଯୋଗଦେଇ ଏହି ନିଷ୍ପତି ଗ୍ରହଣ କରିଛନ୍ତି। କଟକ କଳାବିକାଶ କେନ୍ଦ୍ରଠାରେ ଏହା ଉଦଘାଟିତ ହେବ। ଏହି ବୈଠକରେ ରାଜ୍ୟ ପାର୍ଟିର ସମ୍ପାଦକ ଆଶିଷ କାନୁନଗୋ, ସମ୍ପାଦକମଣ୍ଡଳୀ ସଭ୍ୟ ଡକ୍ଟର ପ୍ରଶାନ୍ତ କୁମାର ମିଶ୍ର, ପୂର୍ବତନ ବିଧାୟକ ଏନ.ନାରାୟଣ ରେଡ୍ଡି, ଜୟନ୍ତ ଦାସଙ୍କ ସହିତ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ଅମରେନ୍ଦୁ ମହାନ୍ତି, ପ୍ରଫେସର ଅଜୟ କୁମାର ସାମଲ, ଶଶୀଭୂଷଣ ସ୍ୱାଇଁ,କିଶୋର ଜେନା, ବିନୋଦ ବେହେରା, ବିଜୟ ମହାନ୍ତି, ଉଦୟ କେଶରୀ ବର୍ମା, ବିଦ୍ୟାପ୍ରସନ ମହାପାତ୍ର, ବିପିନ ପାଢୀ,ସୁନାକର ବରାଳ ପ୍ରମୁଖ ଚାରି ଜିଲ୍ଲାର ନେତୃତ୍ୱ ଯୋଗ ଦେଇ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସମାରୋହ ପୂର୍ବରୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ସହର ପରିକ୍ରମଣ କରିବ। ଏହି ଅବସରରେ ସ୍ୱାଧିନତା ସଂଗ୍ରାମର ନାୟକ କମ୍ୟୁନିଷ୍ଟ ନେତା ମାନଙ୍କ ତ୍ୟାଗ, ବଳିଦାନ, ଦେଶପ୍ରେମ, ସାହିତ୍ୟ,ସଂସ୍କୃତି,ସାମାଜିକ ଜନ ଜୀବନ ପାଇଁ ଅବଦାନକୁ ସ୍ମରଣ କରାଯିବ।

## ଭୁବନେଶ୍ୱରରେ ପ୍ରୟାଗରାଜ ମହାକୁମ୍ଭ ପାଇଁ ରୋଡ୍ ଶୋ'



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱାଧୀନ ଉତ୍ତର ପ୍ରଦେଶ ସରକାର ମହାକୁମ୍ଭ ୨୦୨୫କୁ ଭାରତର ସାଂସ୍କୃତିକ ଏକତାର ଏକ ଆନ୍ତର୍ଜାତୀୟ ପ୍ରତୀକରେ ପରିଣତ କରିବା ପାଇଁ ସମର୍ପିତ ରହିଛନ୍ତି। ଏହି ପ୍ରୟାସ ଓ ଲକ୍ଷ୍ୟର ଅଂଶ ଭାବେ ଉତ୍ତର ପ୍ରଦେଶର ଶ୍ରମ ଓ ରୋଜଗାର ମନ୍ତ୍ରୀ ଅନୀଲ ରାଜଭାର ଓଡିଶାରେ ଏକ ବିଶାଳ ରୋଡ୍‌ଶୋର ନେତୃତ୍ୱ ନେଇଥିଲେ। ସେ ଓଡିଶାର ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଓଡିଶାର ଲୋକମାନଙ୍କୁ ପ୍ରୟାଗରାଜ-ମହାକୁମ୍ଭ ୨୦୨୫ରେ ଯୋଗ ଦେବା ପାଇଁ ଆମନ୍ତ୍ରିତ କରିଥିଲେ। ସରକାର ଏହି କାର୍ଯ୍ୟକ୍ରମକୁ ଐତିହାସିକ କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରୁଛନ୍ତି, ଯେଉଁଥିରେ ଆନ୍ତର୍ଜାତୀୟ ଅଂଶଗ୍ରହଣ ଓ ଅତ୍ୟାଧୁନିକ ବ୍ୟବସ୍ଥା ସାମିଲ ରହିଛି। ରୋଡ୍‌ଶୋ' ପରେ ସାମ୍ବାଦିକ ସମ୍ମିଳନୀ ସମୟରେ ମିଡିଆ ସହ ଆଲୋଚନା କରି ସେ କହିଛନ୍ତି, ଚଳିତ ବର୍ଷର ମହାକୁମ୍ଭ ଉଭୟ ମହାନତା ଓ ଦିବ୍ୟ ମହତ୍ୱ ଦୃଷ୍ଟିରୁ ପୂର୍ବର କୁମ୍ଭମେଳାକୁ ଅତିକ୍ରମ କରିବ। ପ୍ରୟାଗରାଜ-ମହାକୁମ୍ଭ ୨୦୨୫, ୪୫୦ ମିଲିୟନରୁ ଅଧିକ ତୀର୍ଥଯାତ୍ରୀ, ସାଧୁ ସନ୍ଥ, ତପସ୍ୱୀ ଓ ପର୍ଯ୍ୟଟକଙ୍କୁ ସ୍ୱାଗତ କରିବ ବୋଲି ଆଶା କରାଯାଉଛି। ଉତରପ୍ରଦେଶ ସରକାର ଅନେକ ଯତ୍ନଶୀଳ ଓ ସମୟାନୁବର୍ତୀ ବ୍ୟବସ୍ଥା କରିଛି। ମିଡିଆକୁ ସମ୍ବୋଧିତ କରି ଶ୍ରୀ ରାଜଭାର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରେରଣା ଓ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱ ଅଧିନରେ ଗଙ୍ଗା, ଯମୁନା, ସରସ୍ୱତୀ ନଦୀର ପବିତ୍ର ମିଳନସ୍ଥଳୀରେ ମହାକୁମ୍ଭ ଆସନ୍ତା ଜାନୁଆରୀ ୧୩ରୁ ଫେବୃଆରୀ ୨୬ ତାରିଖ ୨୦୨୫ ପର୍ଯ୍ୟନ୍ତ ପ୍ରୟାଗରାଜଠାରେ ଆୟୋଜିତ ହେବ। ଉତ୍ତରପ୍ରଦେଶର ଖାଦ୍ୟ ଓ ସାର୍ବଜନିନ ବିତରଣ ମନ୍ତ୍ରୀ ସତିଶ ଚନ୍ଦ୍ର ଶର୍ମା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ ଓ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱ ଅଧିନରେ ଉତ୍ତରପ୍ରଦେଶର ଡବଲ ଇନ ସରକାର ବିଶ୍ୱ ମଞ୍ଚରେ ଏହି ବିରଳ ଓ ଅତ୍ୟଧିକ ସ୍ୱତନ୍ତ୍ର ଧାର୍ମିକ କାର୍ଯ୍ୟକ୍ରମର ସାଂସ୍କୃତିକ, ଆଧ୍ୟାତ୍ମିକ, ପାରମ୍ପାରିକ ଓ ପୌରାଣିକ ମହତ୍ୱକୁ ପ୍ରଦର୍ଶିତ କରୁଛନ୍ତି।


Government of Haryana
"भारत ने नारा नहीं, निष्ठा के साथ women led development की ओर कदम बढ़ाए हैं और महिला सशक्तिकरण का लाभ आज हर क्षेत्र में दिख रहा है जो भारत की विकास यात्रा में योगदान दे रहा है।"
- नरेन्द्र मोदी
Sashakt Nari Shakti, Viksit Bharat
Prime Minister
Sh. Narendra Modi
to Launch
Bima Sakhi Yojana
of L.I.C.
And
Lay Foundation Stone of
Main Campus, Uchani of
Maharana Pratap Horticulture University
Presided over by
Sh. Nayab Singh Saini
Chief Minister, Haryana
Empowerment by Bima Sakhi Yojana
Women having minimum 18 years of age and 10th Pass Certificate can join Bima Sakhi Yojana by visiting the nearest LIC branch or portal of www.licindia.in
Women will get a monthly salary of Rs. 7,000 in the first year, Rs. 6,000 in the second year and Rs. 5000 in the third year
DD NEWS
Live telecast on DD News
Date - 9 December, 2024 | Time - 2 pm
Venue - Panipat
डबल इंजन सरकार, विकास को रफ्तार
Information, Public Relations & Languages Department, Haryana
www.prharyana.gov.in | Follow us on @diprharyana
RO No: 1089/13/1934/2025/30916/3059/21
Dated Chandigarh, the 08/12/2024



"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ ।"
- ମହାତ୍ମା ଗାନ୍ଧୀ



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ।"
-ସନ୍ଥକବି ଭୀମଭୋଇ




## ବଢୁଛି ହିନ୍ଦୁ ବିରୋଧୀ ହିଂସା

# ବାଂଲାଦେଶ-ଭାରତ ସମ୍ପର୍କରେ ଦ୍ରୁତ ଅବନତି

ପଡ଼ୋଶୀ ବାଂଲାଦେଶରେ ହିନ୍ଦୁ ବିରୋଧୀ ହିଂସାକାଣ୍ଡ ଦିନକୁ ଦିନ ବଢ଼ି ଚାଲିଥିବାର ଦେଖାଯାଉଛି । ଦେଶର ବିଭିନ୍ନ ସ୍ଥାନରେ ହିନ୍ଦୁମାନଙ୍କ ଉପରେ ଆକ୍ରମଣ ଓ ମନ୍ଦିର ଭଙ୍ଗା ଘଟଣାକୁ ନେଇ ଦୁଇଦେଶ ମୁହାଁମୁହିଁ ସ୍ଥିତିରେ ପହଞ୍ଚି ସାରିଲେଣି । ହିନ୍ଦୁଙ୍କ ଉପରେ ଏଭଳି ନିର୍ଯାତନାକୁ ନେଇ କେବଳ ଭାରତରେ ନୁହେଁ ଆନ୍ତର୍ଜାତିକ ସ୍ତରରେ ମଧ୍ୟ ଉଦ୍‌ବେଗ ପ୍ରକାଶ ପାଇଛି । ଶନିବାର ଦିନ ରାଜଧାନୀ ଢ଼ାକାରେ ପୁଣି ଦୁଇଟି ମନ୍ଦିରକୁ ଭାଙ୍ଗି ଧୂଳିସାତ୍ କରିଦିଆଯାଇଛି । ଦୁର୍ବୃତ୍ତମାନେ ଏହି ଦୁଇଟି ମନ୍ଦିରରେ ନିଆଁ ଲଗାଇଦେବା ସହିତ ମୂର୍ତ୍ତିଗୁଡ଼ିକୁ ଭାଙ୍ଗି ଚୂରମାର୍ କରିଦେଇଛନ୍ତି । ଏକଦା ଭାରତର ଆର୍ଥିକ, ସାମରିକ ଓ ନୈତିକ ସମର୍ଥନ ବଳରେ ପାକିସ୍ତାନରୁ ପୃଥକ୍ ହୋଇ ସ୍ୱାଧୀନ ରାଷ୍ଟ୍ରରେ ପରିଣତ ହୋଇଥିବା ବଂଲାଦେଶ ଏବେ ଆମର ଶତ୍ରୁ ପାଲଟିବା ଦୁର୍ଭାଗ୍ୟଜନକ ମନେହେଉଛି । ଏହି ଦେଶରେ ସାମରିକ ବିଦ୍ରୋହ ଘଟି ପ୍ରଧାନମନ୍ତ୍ରୀ ଶେଖ୍ ହାସିନା କ୍ଷମତାଚ୍ୟୁତ ହେବା ପରେ ନୋବେଲ ପୁରସ୍କାର ବିଜେତା ଅର୍ଥନୀତିଜ୍ଞ ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଏକ ଅନ୍ତରୀଣ ସରକାର ଶାସନ ଦାୟିତ୍ୱ ଗ୍ରହଣ କରିଛନ୍ତି । ମାତ୍ର ବର୍ତ୍ତମାନ ବାଂଲାଦେଶରେ ହିନ୍ଦୁ ବିରୋଧୀ ଆକ୍ରୋଶ ଚରମ ସୀମାରେ ପହଞ୍ଚିଥିବା ବେଳେ ୟୁନୁସ୍ ସରକାର ଏହାକୁ ରୋକିବା ପରିବର୍ତ୍ତେ କେବଳ ନିରବଦ୍ରଷ୍ଟା ସାଜିବା ଚିନ୍ତାର କାରଣ ହୋଇଛି । ହିନ୍ଦୁ ମନ୍ଦିରଗୁଡ଼ିକୁ ଭଙ୍ଗାରୁଜା କରାଯିବା ସହିତ ହିନ୍ଦୁ ଧର୍ମାବଲମ୍ବୀଙ୍କୁ ଆକ୍ରମଣ ସେଠାରେ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି । ବାଂଲାଦେଶରେ ଇସ୍କନ୍ ମହନ୍ତ ଚିନ୍ମୟକୃଷ୍ଣ ଦାସଙ୍କୁ ଅଳ୍ପଦିନ ତଳେ ଗିରଫ କରାଯିବା ପରେ ହିନ୍ଦୁ ଧର୍ମାବଲମ୍ବୀଙ୍କ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଦୁଇଦେଶ ଭିତରେ ସମ୍ପର୍କ ତିକ୍ତ ହୋଇ ଉଠିଥିଲା । ଚଟ୍ଟଗ୍ରାମର ଏକ ଅଦାଲତ ଚିନ୍ମୟକୃଷ୍ଣଙ୍କ ଜାମିନ ଆବେଦନକୁ ଖାରଜ୍ କରି ତାଙ୍କୁ ଜେଲ୍ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଏହା ପରେ ହଜାର ହଜାର ଉତ୍ତ୍ୟକ୍ତ ହିନ୍ଦୁ ରାସ୍ତାକୁ ଓହ୍ଲାଇ ବାଂଲାଦେଶ ସରକାର ଓ ପ୍ରଶାସନ ବିରୋଧରେ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପ୍ରତିବାଦକାରୀମାନେ କୋର୍ଟ ପରିସରରେ ଥିବା ଜେଲ୍ ଭ୍ୟାନ୍‌କୁ ଘେରାଉ କରି ପ୍ରାୟ ଅଢ଼େଇ ଘଣ୍ଟା ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହାକୁ ଦମନ କରିବା ଲାଗି ପୋଲିସ ହିନ୍ଦୁ ବିକ୍ଷୋଭକାରୀଙ୍କ ଉପରେ ଲାଠି ଚାଳନା କରିଥିଲା । ଏଥିରେ ଜଣେ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ୧୦ଜଣ ଆହତ ହୋଇଥିଲେ । ମୃତକ ଜଣକ ମହନ୍ତ ଚିନ୍ମୟକୃଷ୍ଣଙ୍କ ସପକ୍ଷରେ ଲଢୁଥିବା ଓକିଲ ସୈଫୁଲ ଇସ୍‌ଲାମ୍ ଅଲିଫ୍ ବୋଲି ଜଣାପଡିଛି । ଇସ୍କନ୍ ମହନ୍ତ ଚିନ୍ମୟ ବାଂଲାଦେଶର ଜାତୀୟପତାକାକୁ ଅସମ୍ମାନ କରିଥିବାର ଅସତ୍ୟ ଅଭିଯୋଗ ଅଣାଯାଇ ତାଙ୍କ ବିରୋଧରେ ଏଭଳି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ଇସ୍କନ ସମେତ ବିଶ୍ୱର ବହୁ ହିନ୍ଦୁ ସଂଗଠନ ଏହି ବେଆଇନ ଗିରଫଦାରୀର ପ୍ରତିବାଦ କରିବା ସଙ୍ଗେ ସଙ୍ଗେ ଆନ୍ତର୍ଜାତୀୟ ସମୁଦାୟ ଏଥିରେ ହସ୍ତକ୍ଷେପ କରିବାକୁ ନିବେଦନ କରିଥିଲେ । ବାଂଲାଦେଶରେ ସଂଖ୍ୟାଲଘୁଙ୍କ ସୁରକ୍ଷା ବର୍ତ୍ତମାନ ବଡ଼ ପ୍ରଶ୍ନ ହୋଇଛି ଏବଂ ଦେଶର ପ୍ରକୃତ କ୍ଷମତା ମୌଳବାଦୀ ଓ ଏକଛତ୍ରବାଦୀଙ୍କ ହାତକୁ ଚାଲିଯାଉଥିବାର ଲକ୍ଷ୍ୟ କରାଯାଉଛି । ୧୯୭୫ ମସିହାରେ ବାଂଲାଦେଶର ସମ୍ବିଧାନ ଇସ୍‌ଲାମ୍‌କୁ ରାଷ୍ଟ୍ରୀୟ ଧର୍ମ ରୂପେ ସ୍ୱୀକୃତି ଦେଇଥିଲା, ମାତ୍ର ୨୦୧୦ରେ ସମ୍ବିଧାନ ସଂଶୋଧନ କରାଯାଇ ବାଂଲାଦେଶ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ବୋଲି ଘୋଷିତ ହେଲା । ଦେଶରେ ସମସ୍ତ ଧର୍ମକୁ ସମ୍ମାନ ଓ ସୁରକ୍ଷା ଦିଆଯିବା ପାଇଁ ସମ୍ବିଧାନରେ ବ୍ୟବସ୍ଥା ରଖାଗଲା । ମାତ୍ର ଏହି ବ୍ୟବସ୍ଥା କେବଳ କାଗଜପତ୍ରରେ ସୀମିତ ଥିବାବେଳେ ସାଂପ୍ରଦାୟିକ ବିଦ୍ୱେଷକାରୀଙ୍କ ଆକ୍ରମଣରୁ ସଂଖ୍ୟାଲଘୁଙ୍କୁ ସୁରକ୍ଷା ମିଳିବା ସେଠାରେ ସ୍ୱପ୍ନ ହୋଇଛି । ସେହିପରି ନ୍ୟାୟିକ ବ୍ୟବସ୍ଥାରେ ମଧ୍ୟ ହିନ୍ଦୁ ଧର୍ମାବଲମ୍ବୀଙ୍କ ସମେତ ସଂଖ୍ୟାଲଘୁଙ୍କ ସ୍ୱାର୍ଥ ସୁରକ୍ଷିତ ରହୁନାହିଁ । ଉଦ୍ଦେଶ୍ୟମୂଳକ ଭାବରେ ସଂଖ୍ୟାଲଘୁଙ୍କ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ମନ୍ତ୍ରଣାଳୟ ସୃଷ୍ଟି କରାଯାଉନଥିବାର ଅଭିଯୋଗ ହେଉଛି । ନିକଟ ଅତୀତରେ ଭାରତ ସବୁ ସମୟରେ ରାଜନୈତିକ ଓ କୂଟନୈତିକ ସ୍ତରରେ ବାଂଲାଦେଶ ସପକ୍ଷରେ ଠିଆ ହୋଇଥିବା ବେଳେ ଆଜି ଏହି ଦେଶ ଭାରତୀୟ ହିନ୍ଦୁଙ୍କୁ ନିର୍ଯାତନା ଦେବା ଏବଂ ହିନ୍ଦୁ ମନ୍ଦିରଗୁଡ଼ିକୁ ଭଙ୍ଗାରୁଜା କରିବା ନିଶ୍ଚିତ ଭାବରେ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ । ଏହାକୁ ବନ୍ଦ କରିବା ଦିଗରେ ୟୁନୁସ୍ ସରକାର ଦୃଢ଼ ପଦକ୍ଷେପ ଗ୍ରହଣ କରିବା ଏକାନ୍ତ ଜରୁରି ।

## ନୀତିବାଣୀ



**କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।**
**ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ॥**

**ଭାବାର୍ଥ :** ଯେଉଁ ମୂଢ଼ବୁଦ୍ଧି ମନୁଷ୍ୟ ସମସ୍ତ ଇନ୍ଦ୍ରିୟଙ୍କୁ ବଳପୂର୍ବକ ଉପରୁ ରୁଦ୍ଧ କରିଦେଇ ସେହି ଇନ୍ଦ୍ରିୟମାନଙ୍କର ଭୋଗକୁ ମନଦ୍ୱାରା ଚିନ୍ତନ କରୁଥାଏ, ତାହାକୁ ମିଥ୍ୟାଚାରୀ ଅର୍ଥାତ୍ ଦମ୍ଭୀ ବୋଲି କୁହାଯାଏ ।

# ଅନ୍ୟାୟୋପାର୍ଜିତଂ ଦ୍ରବ୍ୟଂ ଦଶ ବର୍ଷାଣି ତିଷ୍ଠତି...



**ଡ. ସତ୍ୟ ନାରାୟଣ ମିଶ୍ର**
ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର, ଭାରତ ସରକାର, ୟୁନିଟ - ୪, ଭୁବନେଶ୍ୱର
ମୋ:୯୯୩୭୩୪୫୯୦୦

ଅନ୍ୟାୟରେ ଅର୍ଜିତ ଧନ ଦଶ ବର୍ଷ ପର୍ଯ୍ୟନ୍ତ ରହିଥାଏ ଓ ଏଗାର ବର୍ଷ ପ୍ରାପ୍ତ ହେବା ପରେ ତାହା ସମୂଳେ ନଷ୍ଟ ହୋଇଯାଏ ବୋଲି ନୀତିଶାସ୍ତ୍ର ମଣିଷକୁ ସତର୍କ କରିଅଛି । ସୁତରାଂ ଶାସ୍ତ୍ରରେ ଯେଉଁ ଅନ୍ୟାୟ ଧନ ସ୍ୱତଃ ନଷ୍ଟ ହୋଇଯାଉଥିବା ପାଇଁ ଯେଉଁ ଦଶ ବର୍ଷର ଅବଧି ନିର୍ଦ୍ଦିଷ୍ଟ କରାଯାଇଅଛି ହୁଏତ ତାହାର ଅବଧି କେତେଗୁଣା ବୃଦ୍ଧି ହୋଇପାରେ, ମାତ୍ର ଏହା ଦୃଢ ନିଶ୍ଚିତ ଯେ ଅନ୍ୟାୟ ଉପାର୍ଜିତ ଧନ ନିଜ ପାଖରେ ଅଧିକ ଦିନ ରହେ ନାହିଁ କିମ୍ବା ଅନ୍ୟାୟଉପାର୍ଜିତ ଧନରେ ଯଦି କିଏ ଶିକ୍ଷା ଆଦି ଗ୍ରହଣ କରିଥାଏ ତେବେ ତାହାର ସ୍ଥାୟିତ୍ୱ ଦୀର୍ଘସ୍ଥାୟୀ ହୋଇ ନଥାଏ ବୋଲି ଏ ମଣିଷ ସମାଜ ନିକଟରେ ଅନେକ ଦୃଷ୍ଟାନ୍ତ ରହିଅଛି । ଏତେ ସବୁ ଦୃଷ୍ଟାନ୍ତ ଜାଣି ମଧ୍ୟ ମଣିଷ ଲୋଭର ବଶବର୍ତ୍ତୀ ହୋଇ ସେଇ ଅନ୍ୟାୟର ପଥଗାମୀ ହୋଇ ପରିଶେଷରେ ଜୀବନକୁ ଦୁର୍ବିସହ କରୁଅଛି । ଶଠତା, ପ୍ରପଞ୍ଚନା, ମିଥ୍ୟା, ଲାଞ୍ଚ, ଚୋରି ଓ ଠକି କରି ରଖିଥିବା ଧନ ଉପଯୁକ୍ତ ସମୟରେ ନିଜ କାର୍ଯ୍ୟରେ ଆସେ ନାହିଁ ବୋଲି ମଣିଷ କିଛି ମାତ୍ରାରେ ଅନୁଭବ କରିଥାଏ । ଅନ୍ୟପକ୍ଷରେ ଯେଉଁ ମିଥ୍ୟା, କପଟ ଓ ଅନ୍ୟାୟ ପୂର୍ବକ ଉପାର୍ଜନ କରିଥିବା ଧନ ଛାଡି ଦେଇ ମରିବାକୁ ହୁଏ ତାହା କେତେ ନିଜ ପାଇଁ ବା ନିଜର ପରିବାର ପାଇଁ ଦରକାରରେ ଆସେ ତାହା ଅନ୍ୟାୟ ଦ୍ୱାରା ଧନ ସଞ୍ଚୟ କରିଥିବା ବ୍ୟକ୍ତି ଅନୁମାନ କରିପାରିବେ । ଏହା ନିଶ୍ଚିତ ଭାବରେ ସତ୍ୟ ସିଦ୍ଧାନ୍ତ ଯେ ସତ୍ ମାର୍ଗରେ ଅର୍ଜିତ ଧନ ସ୍ୱଚ୍ଛ ହୋଇଥାଏ । ମାତ୍ର ଆମେ ଯେତିକି ଧନ ପାଇବା କଥା, ଆମ ପାଇଁ ଯେତିକି ଉଦ୍ଦିଷ୍ଟ ତାହା କେଉଁ ମାର୍ଗରେ ହେଲେ ନିଶ୍ଚୟ ଆସିବ ତାହା ଅବୋଧ ମଣିଷକୁ ଅଗୋଚର । ସେଥିପାଇଁ ନୀତିଶାସ୍ତ୍ରରେ କୁହାଯାଇଛି 'ଅନ୍ୟାୟୋପାର୍ଜିତଂ ଦ୍ରବ୍ୟଂ ଦଶ ବର୍ଷାଣି ତିଷ୍ଠତି । ପ୍ରାପ୍ତେ ଚୈକାଦଶେ ବର୍ଷେ ସମୂଳଂ ତଦ୍ ବିନଷ୍ୟତି' ? ମୋହ ମାୟା ଲୋଭରେ ମଣିଷ କେବଳ ଦେଖିଥାଏ ସେ କେତେ ରୋଜଗାର କଲା ବା ପାଇଲା ମାତ୍ର ଯେତେବେଳେ ନଷ୍ଟ ହୁଏ ସେତେବେଳେ ଲକ୍ଷ୍ୟରେ ଓ ଅଲକ୍ଷ୍ୟରେ ପ୍ରାପ୍ତ ଧନର କେତେ ଗୁଣ ହୋଇ ନଷ୍ଟ ହୋଇଥାଏ, ଯାହା ସମୂଳେ ନଷ୍ଟ ହୋଇଥାଏ ବୋଲି ଦୃଷ୍ଟାନ୍ତ ରହିଅଛି ଓ ସେତେବେଳେ ମଣିଷ ଭାଗ୍ୟକୁ ଆଦରି ଦୋଷ ପ୍ରାୟଶ୍ଚିତ କରିଥାଏ ଯେ ସବୁ ଦୋଷ ଭାଗ୍ୟର । ଅନେକ କ୍ଷେତ୍ରରେ ପରିଲକ୍ଷିତ ହୋଇଅଛି ଯେ ଅନ୍ୟାୟ ଉପାର୍ଜିତ ଧନ ଯେତେବେଳେ ନଷ୍ଟ ହୋଇଥାଏ ସେତେବେଳେ ଅନ୍ୟାୟ ଧନ ସହ ନିଜର ସ୍ୱ-ଅର୍ଜିତ ସ୍ୱଚ୍ଛ ଧନ ମଧ୍ୟ ଦଣ୍ଡ ସ୍ୱରୂପ ନଷ୍ଟ ହୋଇଥାଏ ଯାହା ସୃଷ୍ଟିର ନିୟନ୍ତ୍ରକଙ୍କର ବିଧାନ । ବେଆଇନ ଆୟ ଯେକୌଣସି ଆୟର ଉତ୍ସ ଅନ୍ତର୍ଭୁକ୍ତ କରେ ଯାହା ସଙ୍ଘୀୟ ନିୟମ ଅନୁଯାୟୀ ବେଆଇନ୍ ଅଟେ । ଓଡ଼ିଆରେ ଏକ ପ୍ରବାଦ ରହିଛି 'ଅଧର୍ମର ଧନ ବଢେ ବହୁତ ଯିବା ବେଳେ ଯାଏ ମୂଳ ସହିତ' । ସୃଷ୍ଟିର ସର୍ବଶ୍ରେଷ୍ଠ ପ୍ରାଣୀ ମଣିଷ ଯେତେବେଳେ ଜନ୍ମ ନେଇଥାଏ, ସେତେବେଳେ ଧରାବକ୍ଷରେ ନୀତିନିଷ୍ଠ ଓ ଆଦର୍ଶର ଜୀବନ ଅତିବାହିତ କରିବା ପାଇଁ ବାପା ମା'ମାନେ ଅବୋଧ ପିଲାକୁ ଶିକ୍ଷା ଦେଇଥାନ୍ତି ଓ ସେହି ଅମୃତର ସନ୍ତାନ ସମୟକ୍ରମେ ଧୀରେଧୀରେ ଅନ୍ୟାୟର ବଳୟ ମଧ୍ୟରେ ନିମଜ୍ଜିତ ହୋଇ ନିଜକୁ କେବଳ ଅନ୍ୟାୟ ଉପାର୍ଜନରେ ଜୀବନର ପୂର୍ଣ୍ଣ ସମୟ ଅତିବାହିତ କରିଥାଏ ଓ ଅନ୍ୟାୟର ବିଷ ପାନ କରିଥାଏ । ଜୀବଦ୍ଦଶା ମଧ୍ୟରେ ସେ ବିବେକକୁ ଧିକ୍କାର କରିଥାଏ କାରଣ ବିବେକ ମଣିଷ ପାଇଁ ଥାଏ ଈଶ୍ୱରଦତ୍ତ ଯିଏ ଜାଗ୍ରତ ନିଷ୍ଠାବାନ ପ୍ରହରୀ ଭଳି ଦଣ୍ଡାୟମାନ ହୋଇ ସ୍ୱାର୍ଥାନ୍ୱେଷୀ ମଣିଷକୁ ଅନ୍ୟାୟରୁ ନିବୃତ୍ତ ହେବା ପାଇଁ ପଥରୋଧ କରିଥାଏ । ହେଲେ ମଣିଷ ପ୍ରଥମେ ବିବେକକୁ ଆଘାତ ଦେଇ ମାଡି ଚାଲିଥାଏ ଅନ୍ୟାୟର ପର୍ବତର ଶିଖରରେ ପଦାର୍ପଣ କରି ନିଜକୁ ଆବିଷ୍କାର କରିବା ପାଇଁ ଯେ ଜୀବଦ୍ଦଶା ମଧ୍ୟରେ ସେ ଏତିକି ରୋଜଗାର କରିଛି ଓ ପରବର୍ତ୍ତୀ ବଂଶଧରମାନଙ୍କ ପାଇଁ ଗଚ୍ଛିତ କରିଛି, ହେଲେ 'ଦଇବ ଦଉଡି ମଣିଷ ଗାଈ, ଯେଣିକି ଇଚ୍ଛା ତେଣିକି ଯାଇ' । ଏତେ ଶ୍ରମ କରି ଅନ୍ୟାୟରେ ଉପାର୍ଜିତ ଧନରେ ଉକ୍ତ ମଣିଷ ନିଜେ ପୂର୍ଣ୍ଣାହୁତି ହୋଇଥାଏ ଓ ଜୀବନର ଶେଷ ସମୟ ରୋଗାକ୍ରାନ୍ତ ହୋଇ କିମ୍ବା କାରାଗାରରେ ରହି ନତୁବା ମାନସିକ ଭାରସାମ୍ୟ ହରାଇ ଜୀବନ ଅତିବାହିତ କରିଥାଏ ।

ସାଂପ୍ରତିକ ସମାଜରେ ବସ୍ତୁବାଦୀ ମଣିଷ କେବଳ ଭୋଗସର୍ବସ୍ୱ ଲାଳସାକୁ ଚରିତାର୍ଥ କରିବା ପାଇଁ ବ୍ୟସ୍ତ । ସମୟ ଥିଲା ମଣିଷ ବଞ୍ଚିବା ପାଇଁ ସଂଗ୍ରାମ କରୁଥିଲା, ମାତ୍ର ପରିବର୍ତ୍ତିତ ପରିସ୍ଥିତିରେ ବର୍ତ୍ତମାନ ମଣିଷ ଆଉ ବଞ୍ଚିବା ପାଇଁ ସଂଗ୍ରାମ କରୁନାହିଁ, ସଂଘର୍ଷ କରୁଅଛି କିପରି ଭୋଗ ସର୍ବସ୍ୱ ଦୁନିଆରେ ନିଜର ଆଧିପତ୍ୟକୁ ବିସ୍ତାର କରି ପ୍ରତିଷ୍ଠିତ ହୋଇପାରିବ ଧନ ଓ ଆଭିଜାତ୍ୟର ପ୍ରତିପତ୍ତିରେ । ମଣିଷର ଜୀବନ ନିର୍ବାହ ପାଇଁ ଦୈନନ୍ଦିନ ଜୀବନରେ ଅର୍ଥ ବା ଧନର ଆବଶ୍ୟକତା ରହିଅଛି, ମାତ୍ର ଯଦି ଜଣେ ବ୍ୟକ୍ତି ପ୍ରକୃତ ଶ୍ରମର ବିନିଯୋଗ କରିବ ଓ ସତ୍ ମାର୍ଗରେ ଅର୍ଥ ରୋଜଗାର କରେ ତେବେ ଉକ୍ତ ବ୍ୟକ୍ତିର ଜୀବନ ନିର୍ବାହ ନିଶ୍ଚିତ ଭାବରେ ବ୍ୟୟ ଓ ଅଟକଳ ମଧ୍ୟରେ ସୀମିତ ରହି ସୁସ୍ଥ ଜୀବନ ଯାପନ କରିବ । ମାତ୍ର ବର୍ତ୍ତମାନ ମଣିଷର ପ୍ରବୃତ୍ତି ହୋଇଯାଇଛି କିପରି ସ୍ୱଳ୍ପ ସମୟର ଅବଧି ମଧ୍ୟରେ ଯେତେ ହୋଇପାରେ ଯେକୌଣସି ଉପାୟରେ ଧନ ରୋଜଗାର କରାଯାଇପାରେ ଓ ସମୟକ୍ରମେ ଧନର ଶିଖରରେ ଦଣ୍ଡାୟମାନ ହୋଇ ସମାଜକୁ ଅଙ୍ଗୁଳି ନିର୍ଦ୍ଦେଶ କରିଥାଏ । କିନ୍ତୁ ନିୟମ ଦଣ୍ଡର ତରାଜୁରେ ଯେତେବେଳେ ତାହାର ବିଘଟନ ହୁଏ ସେତେବେଳେ ବର୍ତ୍ତମାନର ବହୁ କୋଟିପତି ଅନ୍ୟାୟ ଉପାର୍ଜିତ ବ୍ୟକ୍ତିସମୂହ ଦେଶ ବିଦେଶରେ ଆତ୍ମଗୋପନ କରି, ନତୁବା ନ୍ୟାୟାଳୟର ବିଚାରାଧୀନ ହୋଇ ଜୀବନ ଅତିବାହିତ କରୁଛନ୍ତି । ଜୀବନକୁ ଉପଭୋଗ କରିବା ପରିବର୍ତ୍ତେ ଜୀବନ ସେମାନଙ୍କ ପାଇଁ ଏକ କଣ୍ଟକିତ ପଥ ହୋଇଥାଏ ବୋଲି ଅନୁଭବ କରିଥାନ୍ତି । ଜୀବନ ଉପଭୋଗର ଅର୍ଥ ଧନ ସହ ସମ୍ବନ୍ଧ ନଥାଏ, ଥାଏ ଆତ୍ମ ସନ୍ତୋଷ, ନିଷ୍ଠା ଓ ଆଦର୍ଶରେ । କ୍ଷୁଧାତୁର ବ୍ୟକ୍ତିକୁ ଯେତେବେଳେ ଖାଦ୍ୟ ପରିବେଷଣ କରାଯାଇଥାଏ ସେତେବେଳେ ସେ କେବଳ ଉଦର ଶାନ୍ତି ପାଇଁ ନିବିଷ୍ଟ ଥାଏ, ମାତ୍ର ଉକ୍ତ ବ୍ୟକ୍ତି ନିକଟରେ ଖାଦ୍ୟକୁ ଗଚ୍ଛିତ କରିବା ପାଇଁ ସେ ସତ୍‌ସାହସ ନଥାଏ । ସେଥିପାଇଁ କୁହାଯାଏ 'କ୍ଷୁଧାତୁରାଣାଂନଜାନାତି ପାତ୍ର ଶୁଦ୍ଧି, ନିଦ୍ରା ତୁରାଣାଂ ନଜାନାତି ଶଯ୍ୟା... ।

ଅନ୍ୟାୟ ଉପାର୍ଜିତ ଧନର ସଂଜ୍ଞାକୁ ଅବଲୋକନ କଲେ ଜଣାଯାଏ ଯେ କେବଳ ଅନ୍ୟାୟ ଉପାୟରେ ଧନ ଉପାର୍ଜନ କରିବାକୁ ବୁଝାଇ ନଥାଏ, ଅନ୍ୟର ଶ୍ରମ, ଶକ୍ତି, ସମ୍ପତ୍ତି ଆଦିର ବଳପୂର୍ବକ ବା ଛଳନା ଦ୍ୱାରା ନିଜର କରିବା ହେଉଛି ଅନ୍ୟାୟ । ବର୍ତ୍ତମାନ ସମୟରେ ଅନେକ ପୁଞ୍ଜିପତି ସ୍ୱଳ୍ପ ଅର୍ଥ ବିନିଯୋଗ କରି ନିରୀହ ଶ୍ରମିକ ମାନଙ୍କର ଶ୍ରମକୁ ଚୋରି କରି ସେମାନଙ୍କର ଶ୍ରମରେ ନିଜେ ଧୀରେଧୀରେ କୋଟିପତି ହେଉଛନ୍ତି ମାତ୍ର ବିଚରା ଶ୍ରମିକମାନେ ସେମାନଙ୍କର ମୁଣ୍ଡ ଝାଳ ତୁଣ୍ଡରେ ମାରି ସ୍ୱଳ୍ପ କେତେଟଙ୍କା ପାଇଁ ଜୀବନ ନିର୍ବାହ କରୁଛନ୍ତି । କିନ୍ତୁ ତଫାତ୍ ଏହା ଯେ ଯିଏ ଧନ ରୋଜଗାରର ଉତ୍ସ ସେମାନେ ଆହୋରାତ୍ର ପରିଶ୍ରମ କରି ଈଶ୍ୱରଙ୍କ ଦୟାରେ ରାତ୍ରିରେ ଆନନ୍ଦରେ ମୁକ୍ତାକାଶ ତଳେ ନିଦ୍ରାଦେବୀଙ୍କ କୋଳରେ ନିଦ୍ରା ଯାଉଛନ୍ତି, ହେଲେ ଅନ୍ୟାୟ ଧନ ଉପାର୍ଜନରେ ନିମର୍ଜିତ ଥିବା ବ୍ୟକ୍ତିବିଶେଷମାନେ ସୁରମ୍ୟ ଅଟ୍ଟାଳିକା ମଧ୍ୟରେ ସୁସ୍ୱାଦୁ ଖାଦ୍ୟ ଓ ଉପଯୁକ୍ତ ଔଷଧ ସେବନ କରି ମଧ୍ୟ ରାତ୍ରିରେ ନିଦ୍ରାହୀନତା ଆଦି ରୋଗରେ ଆକ୍ରାନ୍ତ ହୋଇଥାନ୍ତି, ତଥାପି ଥାଏ ଅନ୍ୟାୟ ଧନର ଉତ୍କଣ୍ଠା । ପରିଶେଷରେ ଜୀବନର ଅନ୍ତିମ ମୁହୂର୍ତ୍ତର ସ୍ଥାନ ଅଧିକାର କରିନେଇଥାଏ ଚିକିତ୍ସାଳୟର କେଉଁ ଏକ ଶଯ୍ୟାରେ ବା କାରାଗାରର ଚଟାଣ ଉପରେ କିମ୍ବା ମାନସିକ ଭାରସାମ୍ୟ ହରାଇ ବସିଥିବା ପାଗଳ ରୂପରେ । ତେଣୁ ଜୀବନର ଉଦ୍ଦେଶ୍ୟ ଓ ଆଦର୍ଶକୁ ଚରିତାର୍ଥ କରି ଜୀବନର ଅୟମାରମ୍ଭରେ ଥିବା ସେଇ ଅମୃତର ସନ୍ତାନର ପରାକାଷ୍ଠାକୁ ପ୍ରତ୍ୟେକ ବ୍ୟକ୍ତି ହୃଦୟଙ୍ଗମ କଲେ ଅନ୍ୟାୟର ସାଥି ମାନସପଟରୁ ଅପସରି ଯାଆନ୍ତା ଓ ସୃଷ୍ଟିର ସର୍ବୋତ୍କୃଷ୍ଟ ପ୍ରାଣୀ ମଣିଷ, ମଣିଷ ପଦବାଚ୍ୟ ହୋଇ ଜୀବନ ଧାରଣ କରିପାରନ୍ତା । ତେଣୁ ଅନ୍ୟାୟ ଉପାର୍ଜିତ ଧନ ହେଉଛି ଜୀବନର ପତନର ଅୟମାରମ୍ଭ ଓ ଉକ୍ତ ଅୟମାରମ୍ଭରୁ ନିବୃତ୍ତ ହୋଇ ଜୀବନକୁ ହୃଦୟଙ୍ଗମ କରି ଆରମ୍ଭ କରିବା ହେଉଛି ଚତୁର ମଣିଷ ପାଇଁ ଉଚିତ୍ ପନ୍ଥା ।

# ମାଗଣା ଯୋଜନାର ମୂଲ୍ୟ



**ସୌଭାଗ୍ୟ ରଞ୍ଜନ ମହାନ୍ତି**
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯

ନିର୍ବାଚନ ସମୟରେ ଭୋଟଦାତାଙ୍କୁ ଦେଇଥିବା ମାଗଣା ଲୋକପ୍ରିୟ ପ୍ରତିଶ୍ରୁତି ଏବେ ଅଣ-ବିଜେପି ଶାସିତ ପଞ୍ଜାବ ଓ ହିମାଚଳ ପ୍ରଦେଶକୁ ବହୁମୂଲ୍ୟ ଦେବାକୁ ପଡିଛି । ଉଭୟ ରାଜ୍ୟ ଗୁରୁତର ଆର୍ଥିକ ସଂକଟର ମୁହାଁ । ପଞ୍ଜାବରେ କ୍ଷମତାସୀନ ଆମ ଆଦମୀ ପାର୍ଟି(ଏଏପି) ରାଜ୍ୟର ବିଦ୍ୟୁତ ଉପଭୋକ୍ତାଙ୍କୁ ମାସିକ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହି ପ୍ରତିଶ୍ରୁତି କାର୍ଯ୍ୟକାରୀ କରିବା ପାଇଁ ବିଦ୍ୟୁତ ରିହାତି ବାବଦରେ ବାର୍ଷିକ ୨୦ହଜାର କୋଟି ଟଙ୍କାର ଆର୍ଥିକ ବୋଝ ପଡିଛି । ବିଦ୍ୟୁତ ବିଲ୍ ରିହାତି ବାବଦରେ ରାଜ୍ୟ ସରକାରଙ୍କୁ ବାର୍ଷିକ ୨୦ହଜାର କୋଟି ଟଙ୍କା ଦେବାକୁ ହେବ । ସବସିଡ୍ ଦେୟ ପ୍ରଦାନରେ ବିଳମ୍ବ ସହ ୪୫୦୦ କୋଟି ଟଙ୍କା ବକେୟା ବିଲ୍ ପଞ୍ଜାବର ଗୁରୁତର ଆର୍ଥିକ ସ୍ଥିତି ଆହୁରି ଗୁରୁତର ହୋଇପଡିଛି । ସେହିପରି ପଞ୍ଜାବ ରାଜ୍ୟ ବିଦ୍ୟୁତ ନିଗମ ଲିମିଟେଡ ପ୍ରାପ୍ୟ ଆଦାୟ ଦକ୍ଷତା ୧୦୬ ପ୍ରତିଶତରୁ ୭୩ ପ୍ରତିଶତକୁ ହ୍ରାସ ପାଇଛି ଏବଂ ଏହାର ବିଦ୍ୟୁତ ପରିବହନ କ୍ଷତି ବଢିଚାଲିଛି । ସରକାରୀ ବିଭାଗ ଏବଂ ଦେୟ ଖିଲାପକାରୀଙ୍କ ଠାରୁ ବକେୟା ବିଦ୍ୟୁତ ଶୁଳ୍କ ଆଦାୟ ନିଗମ ପାଇଁ ସାମାନ୍ୟ ଆଶ୍ୱସ୍ତି ଆଣିଦେଇଥିବା ସତ୍ତ୍ୱେ ବିଶେଷ ସଫଳତା ମିଳିନଥିବା କୁହାଯାଏ । ସେହିପରି ରାଜ୍ୟ ସରକାରଙ୍କ ଋଣ ସୀମା ମଧ୍ୟ ନିକଟତର ହୋଇଆସୁଛି । ସେହିପରି ହିମାଚଳରେ କ୍ଷମତାସୀନ କଂଗ୍ରେସ ସରକାର ପୁନର୍ବାର ରାଜ୍ୟରେ ପୁରୁଣା ପେନସନ ସ୍କିମ୍ (ଓପିଏସ୍) ଲାଗୁ କରିଥିବାରୁ ରାଜକୋଷ ଉପରେ ମାସିକ ୨୦୦୦ ଟଙ୍କା ଆର୍ଥିକ ବୋଝ ପଡୁଛି । ସରକାରୀ କର୍ମଚାରୀଙ୍କ ବେତନ ଓ ପେନ୍‌ସନ୍ ବାବଦରେ ସରକାରଙ୍କ ଉପରେ ବ୍ୟୟଭାର ବଢିଥିବାବେଳେ ଋଣ ପରିମାଣ ବଢିବାରେ ଲାଗିଛି । ଏପରିକି ଦୈନନ୍ଦିନ କାର୍ଯ୍ୟ ପାଇଁ ସରକାରଙ୍କୁ ଋଣ ଉପରେ ନିର୍ଭର କରିବାକୁ ହେଉଛି । କେବଳ ଏତିକି ନୁହେଁ ଆସନ୍ତା ଆର୍ଥିକ ବର୍ଷରେ କେନ୍ଦ୍ର ସରକାରଙ୍କ ରାଜସ୍ୱ ନିଅଣ୍ଟିଆ ଅନୁଦାନ ମଞ୍ଜୁର ଆଶା କରାଯାଉଥିବା ପରିମାଣର ଯଦି ଅଧା ହେବ, ତେବେ ପରିସ୍ଥିତି ଆହୁରି ଖରାପ ହୋଇଯିବ, ଏଥିରେ ସନ୍ଦେହ ନାହିଁ । କେବଳ ପଞ୍ଜାବ କିମ୍ବା ହିମାଚଳ ନୁହଁନ୍ତି, ନିର୍ବାଚନ ବୈତରଣୀ ପାର ହେବା ତଥା କ୍ଷମତା ଦଖଲ କରିବା ପାଇଁ ଭୋଟଦାତାମାନଙ୍କୁ ଆକର୍ଷିତ କରିବା ନିମନ୍ତେ ଲୋକପ୍ରିୟ ମାଗଣା ଯୋଜନା ପ୍ରତିଶ୍ରୁତି ରାଜନୈତିକ ଦଳମାନଙ୍କର ମୁଖ୍ୟ ଆୟୁଦ୍ଧ ହୋଇଛି । ଏଥିରୁ ଜାତୀୟ କିମ୍ବା ଆଞ୍ଚଳିକ ଦଳ କେହି ବାଦ୍ ନୁହଁନ୍ତି । ନିକଟରେ ମହାରାଷ୍ଟ୍ରରେ ଲଡକୀ ବହେନ ଯୋଜନା ନିର୍ବାଚନ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା, ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ । ଲଡକୀ ବହେନ ଯୋଜନାରେ ପ୍ରତ୍ୟେକ ମହିଳାଙ୍କୁ ମାସିକ ୧୫୦୦ଟଙ୍କା ଭତ୍ତା ପ୍ରତିଶ୍ରୁତି ବିଜେପିକୁ ପୁନର୍ବାର କ୍ଷମତାସୀନ କରାଇଛି । କହିବା ବାହୁଲ୍ୟ ଯେ, ଏହି ଯୋଜନା ବାବଦରେ ବାର୍ଷିକ ୪୬,୦୦୦ କୋଟି ଟଙ୍କା ବ୍ୟୟ କରିବାକୁ ହେବ । ସେହିପରି ଝାଡଖଣ୍ଡରେ ମୁଖ୍ୟମନ୍ତ୍ରୀ ମୈୟ ଯୋଜନା ଜେଏମ୍‌ଏମ୍ ନେତୃତ୍ୱାଧୀନ 'ଇଣ୍ଡିଆ' ପୁଣି କ୍ଷମତା ଦଖଲ କରିଥିବାବେଳେ ଯୋଜନାରେ ପ୍ରତି ମହିଳାଙ୍କୁ ମାସିକ ୨୫୦୦ଟଙ୍କା ଭତ୍ତା ଦେବା ପାଇଁ ଘୋଷଣା କରାଯାଇଛି । ଏ ବାବଦରେ ଝାଡ଼ଖଣ୍ଡ ସରକାର ବାର୍ଷିକ ୧୮ହଜାର ଟଙ୍କା ବ୍ୟୟ କରିବେ । ମହାରାଷ୍ଟ୍ର, ଝାଡଖଣ୍ଡ ସମେତ ୯ଟି ରାଜ୍ୟ ସରକାର ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ଘୋଷଣା କରି ରାଜକୋଷରୁ ହିତାଧିକାରୀଙ୍କ ଖାତାକୁ ଲକ୍ଷେ କୋଟି ଯିବାର ବାଟ ଖୋଲିଦେଇଛନ୍ତି । ଓଡ଼ିଶାରେ ସୁଭଦ୍ରା ଯୋଜନାରେ ଏବେ ୨୧ବର୍ଷରୁ ୭୦ବର୍ଷ ମଧ୍ୟରେ ପ୍ରତ୍ୟେକ ମହିଳାଙ୍କୁ ବାର୍ଷିକ ୧୦ହଜାର ଟଙ୍କା ପ୍ରଦାନ ରାଜ୍ୟ ସରକାର ଆରମ୍ଭ କରିଛନ୍ତି । ଏ ବାବଦରେ ରାଜ୍ୟ ସରକାର ବଜେଟରେ ୧୧,୧୯୬ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି । ମଧ୍ୟପ୍ରଦେଶରେ ବିଜେପି ସରକାର ଲାଡଲି ବହିନ୍ ଯୋଜନାରେ ୧୮,୯୮୪ କୋଟି ବ୍ୟୟ ବରାଦ ହୋଇଥିବାବେଳେ ପ୍ରତ୍ୟେକ ମହିଳାଙ୍କୁ ମାସିକ ୧୨୫୦ ଟଙ୍କା ଭତ୍ତା ପ୍ରଦାନ କରାଯାଉଛି । ପଶ୍ଚିମବଙ୍ଗର ଟିଏମ୍‌ସି ସରକାରଙ୍କ 'ଲକ୍ଷ୍ମୀର ଭଣ୍ଡାର' ଯୋଜନାରେ ବଜେଟରେ ୧୪,୪୦୦ କୋଟି ଟଙ୍କା ବ୍ୟୟ ବରାଦ କରିଥିବାବେଳେ ଅନୁସୂଚିତ ଜାତି ଓ ଜନଜାତି ମହିଳାଙ୍କ ପାଇଁ ମାସିକ ୧୨୦୦ଟଙ୍କା ଓ ଅନ୍ୟ ବର୍ଗର ମହିଳାଙ୍କୁ ୧୦୦୦ ଟଙ୍କା ଲେଖାଏଁ ଦେଉଛନ୍ତି । କର୍ଣ୍ଣାଟକର କଂଗ୍ରେସ ସରକାର ଗୃହଲକ୍ଷ୍ମୀ ଯୋଜନାରେ ବିପିଏଲ ପରିବାରର ମହିଳାଙ୍କୁ ମାସିକ ୨୦୦୦ଟଙ୍କା ଭତ୍ତା ଦେଇଥିବାବେଳେ ୨୮,୬୦୮ କୋଟି ଟଙ୍କା ବ୍ୟୟ କରିଛନ୍ତି । ଏହା ନିଃସନ୍ଦେହ ଯେ, ମହାରାଷ୍ଟ୍ର ସମେତ ଓଡ଼ିଶା, ଝାଡଖଣ୍ଡ, ପଶ୍ଚିମବଙ୍ଗ, ପଞ୍ଜାବ, ହରିଆନା, ତେଲେଙ୍ଗାନା, ଛତିଶଗଡ, ମଧ୍ୟପ୍ରଦେଶ, ତାମିଲନାଡୁ ସରକାରଙ୍କ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ମାଗଣା ଲୋକପ୍ରିୟ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଯାହାକି କେବଳ ରାଜ୍ୟର ଋଣଭାର ବଢାଉ ନାହିଁ, ରାଜ୍ୟକୁ ଏକ ଅନିଶ୍ଚିତ ଆର୍ଥିକ ସଂକଟକୁ ଠେଲି ଦେଉଛି । ଏହି ଯୋଜନା ପାଇଁ ଭବିଷ୍ୟତରେ କେବଳ ବହୁମୂଲ୍ୟ ଦେବାକୁ ହେବନାହିଁ, ଜନହିତ କର ବଦଳରେ ଜନବିରୋଧୀ ପାଲଟିଯିବ, ଏହା ନିଃସନ୍ଦେହ ।

# ତୃତୀୟ ବିଶ୍ୱଯୁଦ୍ଧର ପଦଧ୍ୱନି



**ଅବନୀ ଚନ୍ଦ୍ର ଦାସ**
ସମ୍ପାଦକ, ଉତ୍କଳୀୟ ସାହିତ୍ୟ ସଂସ୍କୃତି ପରିଷଦ
ପ୍ରଶାନ୍ତି ବିହାର, ଭୁବନେଶ୍ୱର -୨୪
ମୋ: ୯୯୩୭୫୩୭୯୭୪

୧୯୧୪ ମସିହାରୁ ୧୯୧୮ ମସିହା ପର୍ଯ୍ୟନ୍ତ ପ୍ରଥମ ବିଶ୍ୱ ଯୁଦ୍ଧ ଏବଂ ତାହାପରେ ୧୯୩୯ ମସିହାରୁ ୧୯୪୫ ମସିହା ପର୍ଯ୍ୟନ୍ତ ୨ୟ ବିଶ୍ୱ ଯୁଦ୍ଧର ଘନଘଟା ପୃଥିବୀ ଇତିହାସରେ ଯେଉଁ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଥିଲା, ତାହାର ପୁନରାବୃତ୍ତି ଘଟିବାର ଆଶଙ୍କା ସଂପ୍ରତି ବିଶ୍ୱର ବହୁ ରାଷ୍ଟ୍ରନେତା, ବୁଦ୍ଧିଜୀବୀ, ଅନ୍ତଃରାଷ୍ଟ୍ରୀୟ ଚିନ୍ତା ନାୟକମାନଙ୍କୁ ସ୍ତମ୍ଭୀଭୂତ କରି ଦେଇଛି ।

ବିଭିନ୍ନ ରାଷ୍ଟ୍ରସମୂହ ମଧ୍ୟରେ ପାରସ୍ପରିକ ସାମରିକ ବିବାଦ ଯୋଗୁଁ ଉଭୟ (ପ୍ରଥମ ଓ ଦ୍ୱିତୀୟ) ବିଶ୍ୱଯୁଦ୍ଧ ସଂଗଠିତ ହୋଇଥିବା କାହାରିକୁ ଅବିଦିତ ନୁହେଁ । ପ୍ରଥମ ବିଶ୍ୱଯୁଦ୍ଧରେ ଏକ ପକ୍ଷରେ ଜର୍ମାନୀ, ଅଷ୍ଟ୍ରିଆ - ହଙ୍ଗେରୀ, ତୁର୍କୀ ଏବଂ ବୁଲଗାରିଆ ରହି ଥିଲାବେଳେ ଅନ୍ୟପକ୍ଷରେ ଫ୍ରାନ୍ସ, ବ୍ରିଟେନ, ଋଷିଆ, ଇଟାଲୀ, ଜାପାନ, କାନାଡା ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଯୁକ୍ତ ରାଷ୍ଟ୍ର ଆମେରିକା ଏଥିରେ ସାମିଲ୍ ହୋଇଥିଲେ । ସେହିପରି ୨ୟ ବିଶ୍ୱଯୁଦ୍ଧରେ ମଧ୍ୟ ବିଭିନ୍ନ ରାଷ୍ଟ୍ର ସମୂହ ମଧ୍ୟରୁ ଏକ୍ସିସ୍ ଗ୍ରୁପ୍‌ରେ ଜର୍ମାନୀ, ଇଟାଲୀ, ଜାପାନ ଅନ୍ତର୍ଭୁକ୍ତ ଥିଲାବେଳେ, ଅପରପକ୍ଷ allies ଗ୍ରୁପ୍‌ରେ ଫ୍ରାନ୍ସ, ବ୍ରିଟେନ, ଯୁକ୍ତ ରାଷ୍ଟ୍ର, ସୋଭିଏତ ୟୁନିଅନ, କାନାଡା ଏବଂ ଚାଇନା ଦେଶ ଯୁଦ୍ଧରେ ଅଂଶଗ୍ରହଣ କରିଥିଲେ । ନାଜିମାନଙ୍କ ଦ୍ୱାରା ହୋଇଥିବା ଇହୁଦୀ ଲୋକଙ୍କ ଜନଶୁଣାଣି ହେତୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ବିଶେଷ ଭାବରେ ଘୃଣ୍ୟ ଥିଲା ।

୧୯୧୪ ମସିହା ଜୁନ୍ ମାସରେ ଅଷ୍ଟ୍ରିଆର ଆର୍କଡ୍ୟୁକ୍ ଫ୍ରାନ୍ସିସ୍ ଫର୍ଡିନାଣ୍ଡଙ୍କ ହତ୍ୟା ତଥା ସାମରିକବାଦ, ସାମ୍ରାଜ୍ୟବାଦ, ଜାତୀୟତା ଏବଂ ମିଳିତ ଶାସନ ପ୍ରଣାଳୀ ପ୍ରଥମ ବିଶ୍ୱଯୁଦ୍ଧର କାରଣ ହୋଇଥିଲା । କେନ୍ଦ୍ରୀୟ ଶକ୍ତି ଏବଂ ସହଯୋଗୀ ଶକ୍ତି ମଧ୍ୟରେ ବିବାଦ ମଧ୍ୟ ପ୍ରଥମ ବିଶ୍ୱଯୁଦ୍ଧର ମୁଖ୍ୟ କାରଣ ଭାବରେ ବିବେଚନା କରାଯାଏ ।

୧୯୩୯ ମସିହା ବେଳକୁ ଜର୍ମାନୀରେ ରାଜନୈତିକ ଏବଂ ଅର୍ଥନୈତିକ ଅସ୍ଥିରତା ସାଙ୍ଗକୁ ଭର୍ସେଲ୍ସ ଚୁକ୍ତିର କଠୋର ପରିସ୍ଥିତି, ଆଡଲଫ୍ ହିଟଲରଙ୍କ କ୍ଷମତାର ଉତ୍ତରଣ ତଥା ଶୋଭିଏତ ୟୁନିଅନ୍‌କୁ ବିରୋଧ କରିବା ପାଇଁ ଇଟାଲୀ ଏବଂ ଜାପାନ ସହିତ ତାଙ୍କର ସହଯୋଗ ହେଉଛି ଦ୍ୱିତୀୟ ବିଶ୍ୱଯୁଦ୍ଧର ପ୍ରମୁଖ କାରଣ । ପୁନଶ୍ଚ, ଆକ୍ସିସ୍ ଶକ୍ତି ଏବଂ ବିଭିନ୍ନ ସହଯୋଗୀ ଶକ୍ତି ମଧ୍ୟରେ ଦ୍ୱନ୍ଦ୍ୱ ହେଉଛି ଦ୍ୱିତୀୟ ବିଶ୍ୱଯୁଦ୍ଧ ସୂତ୍ରପାତ ହେବାର ଅନ୍ୟ ଏକ ଉତ୍ସ ବୋଲି ଅନ୍ତଃରାଷ୍ଟ୍ରୀୟ ବିଶେଷଜ୍ଞମାନେ ମତ ଦେଇଛନ୍ତି ।

୧୯୪୫ ମସିହା ପର୍ଯ୍ୟନ୍ତ ପ୍ରାୟ ୬-୭ ବର୍ଷ ଧରି ଚାଲିଥିବା ୨ୟ ବିଶ୍ୱଯୁଦ୍ଧ ଅବଧି ମଧ୍ୟରେ ମାନବ ସଭ୍ୟତା ଯେଉଁ ଭୟାବହ ପରିଣତିକୁ ସାମ୍ନା କରିଛି, ତାହା ବାସ୍ତବିକ୍ ଅବର୍ଣ୍ଣନୀୟ । ନିଉକ୍ଲିଅର ଶକ୍ତି, ମିଶାଇଲ ଶକ୍ତି ଉପଯୋଗ, ଆଧୁନିକ ଜ୍ଞାନକୌଶଳ ଏବଂ ସ୍ୱତନ୍ତ୍ର ଯୁଦ୍ଧ ଅଭିଯାନରେ ଅଧିକ ବୁଡ଼ାଜାହାଜ ଏବଂ ବିଧ୍ୱଂସି ଟ୍ୟାଙ୍କ ଆଦିର ବହୁଳ ବ୍ୟବହାର, ବିଶେଷ କରି ଜର୍ମାନୀର 'ବ୍ଲିଜ୍ କ୍ରିଗ୍ ଯୁଦ୍ଧ କୌଶଳ' (ଭ୍ରାମ୍ୟମାଣ ଯୋଦ୍ଧାଙ୍କ ଦ୍ୱାରା ଶତ୍ରୁ ପ୍ରତି ଅଚାନକ ଲକ୍ଷ୍ୟଭେଦି ଦ୍ରୁତ ଆକ୍ରମଣ) ଫଳରେ ଅଶେଷ କ୍ଷୟକ୍ଷତି ଘଟାଇ ଥିଲା । ପରିଣାମ ସ୍ୱରୂପ ୬୦ ନିୟୁତ ସାମରିକ ଯୋଦ୍ଧା ନିହତ ହୋଇଥିଲେ । ପ୍ରାୟ ୫୦ ନିୟୁତରୁ ଅଧିକ ବେସାମରିକ ବାହିନୀ ଯେଉଁମାନଙ୍କ ମଧ୍ୟରେ ଅନ୍ୟୁନ ୧୫-୨୦ ନିୟୁତ ଲୋକ ଯୁଦ୍ଧ ଜନିତ ବ୍ୟାଧିଗ୍ରସ୍ତ ହୋଇ ଓ ଦୁର୍ଭିକ୍ଷ ପ୍ରପୀଡ଼ିତ ହୋଇ ପ୍ରାଣ ହରାଇଥିଲେ ।

ପରମାଣୁ ଶକ୍ତି ପ୍ରୟୋଗ ପ୍ରଭାବରେ ହିରୋସୀମା ଓ ନାଗାସାକୀ ଅଞ୍ଚଳରେ ଘଟିଥିବା ଭୟାବହ କରୁଣ ପରିଣତି ପୃଥିବୀ ଇତିହାସ ପୃଷ୍ଠାକୁ କଳଙ୍କିତ କରି ରଖିଛି । ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏତ ୟୁନିଅନ୍ ପରସ୍ପର ବିରୋଧୀ କ୍ଷମତାଶାଳୀ ରାଷ୍ଟ୍ର ଭାବେ ଉଭା ହେବା, ଜର୍ମାନୀ ଓ ଜାପାନ ଉପରେ ମିଳିତ ମିତ୍ରରାଷ୍ଟ୍ର ମାନଙ୍କର ସମଗ୍ର ବିଜୟ ସତରେ ମାନବ ସଭ୍ୟତା କୁ ଧ୍ୱସ୍ତ ବିଧ୍ୱସ୍ତ କରି ପକାଇଥିଲା । ସାମଗ୍ରିକ ଭାବେ ଯାହାର କ୍ଷୟକ୍ଷତି ସହଜରେ ଆକଳନ କରାଯାଇ ପାରିନାହିଁ ।

୨ୟ ବିଶ୍ୱ ଯୁଦ୍ଧ ପରବର୍ତ୍ତୀ ଅବସ୍ଥାରେ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଋଷିଆ ମଧ୍ୟରେ ଆଭ୍ୟନ୍ତରୀଣ ଶୀତଳ ଯୁଦ୍ଧ ଲାଗି ରହିଥିଲା । ଯେଉଁଥିରେ କି, ଏହି ଦୁଇ ରାଷ୍ଟ୍ର ପକ୍ଷରୁ ଆଫଗାନିସ୍ଥାନ, ଭିଏତନାମ ଏବଂ କୋରିଆ ଦେଶ 'ଛଦ୍ମ ଯୁଦ୍ଧ' (proxy war)ରେ ଲିପ୍ତ ରହିଥିଲେ ।

ମୋଟ୍ ଉପରେ କହିବାକୁ ଗଲେ, ଦେଶ ଦେଶ ମଧ୍ୟରେ ସୀମା ବିବାଦକୁ ନେଇ ଅଥବା 'ଫାସୀବାଦ' ଓ 'ସାମ୍ୟବାଦ' ମଧ୍ୟରେ ଦ୍ୱନ୍ଦକୁ ନେଇ ବିଶ୍ୱଯୁଦ୍ଧ ସଂଘଟିତ ହୋଇଛି । ତେବେ ଦେଶ ଦେଶ ମଧ୍ୟରେ ପ୍ରଚଳିତ ମତବାଦ କୁ ଭିତ୍ତି କରି ଦ୍ୱନ୍ଦ୍ୱ ଉପୁଜିବା ଏବଂ ତହିଁର ଆଶୁ ସମାଧାନ ପନ୍ଥା ନିର୍ଣ୍ଣୟ କରିନପାରି ରାଷ୍ଟ୍ରମୁଖ୍ୟମାନେ ଯୁଦ୍ଧମ୍ ଦେହି ଡାକରା ଦେବା, ମାନବ ସଭ୍ୟତାକୁ ଧ୍ୱଂସାଭିମୁଖୀ କରିଦେଉଛି । ୨୦୨୪ ମସିହାରେ ସଂପ୍ରତି ଏମିତି ଏକ ମହାବିନାଶକାରୀ ପରିସ୍ଥିତି ସୃଷ୍ଟି ହେବାର ଉପକ୍ରମ ଉପଲବ୍ଧି ହେଲାଣି । ଏହି ବର୍ଷ ଋଷିଆ-ୟୁକ୍ରେନ୍ ମଧ୍ୟରେ, ଇସ୍ରାଏଲ-ପାଲେଷ୍ଟାଇନ ମଧ୍ୟରେ, ଲେବାନନ୍-ଇସ୍ରାଏଲ ଯୁଦ୍ଧ, ସୁଦାନ ଏବଂ ମିଆଁ ମାର୍ ଦେଶରେ ଗୃହ ଯୁଦ୍ଧ, ଦେଶ ଦେଶ ମଧ୍ୟରେ ସଂଘର୍ଷ, ଅସ୍ଥିର ବାତାବରଣ ଯେଉଁ ଭୟାନକ ପରିସ୍ଥିତି ସୃଷ୍ଟି କରି ଚାଲିଛି; ତାହା ଯେ ଆଗାମୀ ୨୦୨୫ ମସିହାକୁ ସମ୍ପ୍ରସାରିତ ନହେବ, କିଏ କହିପାରିବ ?

ଏବେ, ଦେଶ ଦେଶ ମଧ୍ୟରେ ସଂଗଠିତ ହେଉଥିବା ସମର ଏବଂ କେତେକାଂଶରେ ଆଭ୍ୟନ୍ତରୀଣ ଗୃହଯୁଦ୍ଧକୁ ପ୍ରୋତ୍ସାହିତ କରି ଅନ୍ୟ ତୃତୀୟ ପକ୍ଷ ରାଷ୍ଟ୍ରମାନଙ୍କର ସଂପୃକ୍ତି ତୃତୀୟ ବିଶ୍ୱ ଯୁଦ୍ଧକୁ ଆମନ୍ତ୍ରଣ କରୁଛି, ଏକଥା ଅସ୍ୱୀକାର କରି ହେବନାହିଁ । ଶଙ୍କା ଓ ଆଶଙ୍କା ମଧ୍ୟରେ ୩ୟ ବିଶ୍ୱଯୁଦ୍ଧର ପଦଧ୍ୱନି ଶ୍ରୁତିଗୋଚର ହେଲାଣି । ବିଶ୍ୱଯୁଦ୍ଧରେ କେଉଁ ଦେଶ କାହା ସହିତ ବନ୍ଧୁତା ଅବା ଶତ୍ରୁତା କରିବେ ? ପରିଣାମ କ'ଣ ହେବ ? ପୂର୍ବାନୁମାନ ଏବଂ ଶୋଚନାରେ ବିଶ୍ୱର ଜନ ସମୁଦାୟ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ତଥାପି, ପରମାଣୁ ଯୁଦ୍ଧ ସହିତ ଆଗାମୀ ଦିନରେ ନିଶ୍ଚୟ ବିଧ୍ୱଂସକାରୀ ଯୁଦ୍ଧାସ୍ତ୍ର ରଖିଥିବା ରାଷ୍ଟ୍ରମାନଙ୍କ ମଧ୍ୟରେ ଆକ୍ରମଣ-ପ୍ରତି ଆକ୍ରମଣ ବ୍ୟାପକ ହେବ ବୋଲି ଅନ୍ତଃରାଷ୍ଟ୍ରୀୟ ବିଶେଷଜ୍ଞ ମହଲରେ ଆଶଙ୍କା ପ୍ରକାଶ ପାଇଛି । ସଂପ୍ରତି, ସମଗ୍ର ବିଶ୍ୱରେ ପ୍ରାୟ ୧୦-୧୫ଟି ରାଷ୍ଟ୍ର ବିଭିନ୍ନ ବିଦ୍ରୋହ, ଆତଙ୍କରାଜ, ଯୁଦ୍ଧ, ଗୃହଯୁଦ୍ଧର ଶିକାର ହୋଇ ତହିଁର କୁପରିଣାମ ଭୋଗୁଥିବା ଲକ୍ଷ୍ୟ କରାଯାଉଛି । ମୁସଲିମ ଅଧ୍ୟୁଷିତ ରାଷ୍ଟ୍ରମାନଙ୍କରେ ସାମରିକ ଉତ୍ତେଜନା ଦେଖା ଦେଇଛି । ଆଉମଧ୍ୟ ଆମେରିକା, ଚାଇନା, ଋଷିଆ ପ୍ରଭୃତି ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ରମାନଙ୍କୁ ନେଇ ଆଞ୍ଚଳିକ ସଂଘର୍ଷ, କ୍ଷମତା ଯୁଦ୍ଧର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ । ପୁଣି, ଋଷିଆ ଏବଂ ନଟୋ ରାଷ୍ଟ୍ର ମଧ୍ୟରେ ବିବାଦ ଘନୀଭୂତ ହେବାରେ ଲାଗିଛି । ୟୁକ୍ରେନ୍‌କୁ ବିନାଶକରୀ ମାରାତ୍ମକ ଅସ୍ତ୍ର ଯୋଗାଣ ଏବଂ ପ୍ରତିପକ୍ଷ ଋଷିଆର ପରମାଣୁ ଯୁଦ୍ଧ ପ୍ରସ୍ତୁତି ସମଗ୍ର ବିଶ୍ୱକୁ ବହୁ ଭାବରେ ପ୍ରଭାବିତ କରିବା ଏକ ପ୍ରକାର ନିଶ୍ଚିତ । ତାହାକୁ 'ତୃତୀୟ ବିଶ୍ୱଯୁଦ୍ଧର ପଦଧ୍ୱନି' ବୋଲି ବିଚାର କରାଯାଇପାରେ । ଏହି ପ୍ରକାର ବିଶ୍ୱସ୍ତରୀୟ ରାଜନୈତିକ ଅସ୍ଥିରତା ଏକ ପ୍ରଳୟଙ୍କରୀ ମହାଯୁଦ୍ଧର ସୂତ୍ରପାତ କରିବାକୁ ଯାଉଛି କହିଲେ, କିଛି ଅତ୍ୟୁକ୍ତି ହେବନାହିଁ ।

ଏବେ ସୁଦ୍ଧା ୟୁକ୍ରେନ ଓ ଋଷିଆ ମଧ୍ୟରେ ଯୁଦ୍ଧ ଯୋଗୁଁ ଉଭୟ ଦେଶର ଅକଳନୀୟ କ୍ଷୟକ୍ଷତି ହୋଇଛି । ଲକ୍ଷ ଲକ୍ଷ ଲୋକ ନିହତ ହୋଇଛନ୍ତି, ଆକ୍ରମଣର ପ୍ରତିଶୋଧ ସ୍ୱରୂପ ୟୁକ୍ରେନର ଅନେକ ପ୍ରମୁଖ ଅଞ୍ଚଳ ଧ୍ୱଂସ ପାଇଛି, ୟୁକ୍ରେନକୁ ନାଟୋ ରାଷ୍ଟ୍ରର ଯୁଦ୍ଧାସ୍ତ୍ର ଯୋଗାଣ ବିଶ୍ୱ ପାଇଁ ବିପଦ ସଂକେତ ଦେଇଛି ଏବଂ ସର୍ବୋପରି ଋଷିଆ ପରମାଣୁ ଅସ୍ତ୍ର ପ୍ରୟୋଗ କରିବାକୁ ପ୍ରସ୍ତୁତ ଅଛି ବୋଲି ଘୋଷଣା କରିସାରିଛି ।

କେତେକ ଗଣମାଧ୍ୟମରେ ପ୍ରକାଶିତ/ପ୍ରସାରିତ ଖବର ଅନୁଯାୟୀ ବିଶ୍ୱର ମହାଶକ୍ତିଶାଳୀ ରାଷ୍ଟ୍ର ଆମେରିକା ନିକଟରେ ଆନୁମାନିକ ୩୭୫୦ ସକ୍ରିୟ/ନିଷ୍କ୍ରିୟ ପରମାଣୁ ଅସ୍ତ୍ର, ୬୫୦ରୁ ଊର୍ଦ୍ଧ୍ୱ ଆଇସିବିଏମ୍ ସହିତ ଆକାଶ ପଥରୁ ବୋମା ବର୍ଷଣ କ୍ଷମତା ରହିଛି । ତଦୋପରୀ ଋଷିଆ ସାମରିକ ଦକ୍ଷତା ଦେଖାଇ ପ୍ରାୟ ୫୯୭୭ଟି ପରମାଣୁ ଅସ୍ତ୍ର, ୪୦୦ ପରମାଣୁ ଶକ୍ତି ସମ୍ପନ୍ନ ଅନ୍ତର୍ମହାଦେଶୀୟ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର, ୧୦ରୁ ଅଧିକ ପରମାଣୁ ଶକ୍ତି ବିଶିଷ୍ଟ ବୁଡ଼ାଜହଜ ଏବଂ ୬୦ରୁ ଅଧିକ ବୋମା ବର୍ଷଣକାରୀ ବିମାନ ମହଜୁଦ ରଖିଛି । ଇସ୍ରାଏଲ ମଧ୍ୟ ୪୦୦ ପର୍ଯ୍ୟନ୍ତ ପରମାଣୁ ଯୁଦ୍ଧାସ୍ତ୍ର, ବିମାନ, ବୁଡ଼ାଜାହଜ, କ୍ରୁଜ୍ କ୍ଷେପଣାସ୍ତ୍ର, ଅର୍ନ୍ତମହାଦେଶୀୟ ବାଲିଷ୍ଟିକ କ୍ଷେପଣାସ୍ତ୍ର ଆଦି ଅନେକ ମାରାତ୍ମକ ଯୁଦ୍ଧାସ୍ତ୍ର ରଖିଥିବା ଦାବି କରିଛି । ଏସବୁ ପ୍ରୟୋଗ ହେଲେ ପ୍ରଳୟ ନିଶ୍ଚିତ ବୋଲି ଅନୁମାନ କରାଯାଇପାରେ । ତୃତୀୟ ବିଶ୍ୱଯୁଦ୍ଧର ପଦଧ୍ୱନିରେ ଆତଙ୍କିତ ନହୋଇ, ମାନବ ସଭ୍ୟତାର ସୁରକ୍ଷା ଲାଗି ମହାଶକ୍ତିଶାଳୀ ରାଷ୍ଟ୍ର ସମୂହ ବେଳ ହୁଁ ଶାନ୍ତି ପ୍ରତିଷ୍ଠା ପାଇଁ ଚେଷ୍ଟିତ ହେବା ନିତାନ୍ତ ଦରକାର ।



କୋଣାର୍କ(ଭାସ୍କର ନ୍ୟୁଜ): ଡିସେମ୍ବର ୧୩ରୁ ଆରମ୍ଭ ହେବ କୋଣାର୍କ ଇକୋ ରିଟ୍ରିଟ୍। ଏବେଠୁ ରାମଚଣ୍ଡୀ ମୁହାଣ ଇକୋ ରିଟ୍ରିଟ୍ ନିକଟରେ ପର୍ଯ୍ୟଟକଙ୍କ ଭିଡ଼ ଜମିଲାଣି। ସମୁଦ୍ର ବେଳାଭୂମି ଚଳଚଞ୍ଚଳ ହୋଇଉଠିଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ପୁରୀ-କୋଣାର୍କ ବେଳାମାର୍ଗ ରାମଚଣ୍ଡୀ ମୁହାଣ ନିକଟରେ ଆଉ ଦିନ କେଇଟା ପରେ କୋଣାର୍କ ଇକୋ ରିଟ୍ରିଟ ଷଷ୍ଠ ସଂସ୍କରଣ ଆରମ୍ଭ ହେବ। ଏଥି ନିମନ୍ତେ ବେଳାଭୂମିରେ ବଡ଼ ତୋରଣ, ସେଲ୍ଫି ପଏଣ୍ଟ, କନଫରେନ୍ସ ଓ ରିସେପସନ ପାଇଁ ଦୁଇଟି ବଡ଼ ହଲ ନିର୍ମାଣ, ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତ ସଂଯୋଗ ଆଦି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଚିଛି। ବେଳାଭୂମିରେ ୭୦ ତମ୍ବୁଘର ଓ ଦୁଇଟି ଓପନ ବାର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ପର୍ଯ୍ୟଟକମାନଙ୍କ ପାଇଁ ତମ୍ବୁ ଘରେ ତାରକା ହୋଟେଲ ଭଳି ସମସ୍ତ ସୁବିଧା ରହିବ। ଏହା ସହିତ ସୁରକ୍ଷା ପ୍ରତି ଅଧିକ ଦୃଷ୍ଟି ଦିଆଯିବ। ପର୍ଯ୍ୟଟକମାନେ ବେଳାଭୂମିରେ ରହି ପ୍ରାକୃତିକ ପରିବେଶକୁ ମନଭରି ଉପଭୋଗ କରିବେ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ସ୍ୱର୍ଣ୍ଣାଭ ବେଳାଭୂମିରେ ଜଳକ୍ରୀଡ଼ା, ବାନାନା ବୋଟ, ପାରାସେଲିଙ୍ଗ, ସାଇକେଲ ଚାଳନା, ସଂଗୀତ ଓ ଯୋଗ ଭିତିକ କାର୍ଯ୍ୟକ୍ରମ ରହିଛି। କୋଣାର୍କ ଇକୋ ରିଟ୍ରିଟର ସମସ୍ତ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଚିଛି । ଆସନ୍ତା ୧୩ରେ ଆନୁଷ୍ଠାନିକ ଭାବେ ଉଦଘାଟିତ ହେବ ବୋଲି କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ ସୂଚନା ଦେଇଛନ୍ତି।

# ଅଙ୍ଗନୱାଡି କେନ୍ଦ୍ର ପାଖରେ ମୃତ୍ୟୁ ସମ୍ଭାବନା: ଭୟଭୀତ ଅଭିଭାବକ




ବାରିପଦା(ଭାସ୍କର ନ୍ୟୁଜ): ଅଙ୍ଗନୱାର୍ଡି କେନ୍ଦ୍ର ପାଖରେ ଜଗିବସିଛି ଯମ । ସାମାନ୍ୟ ଅସାବଧାନ ହେଲେ ଡ୍ରେନରେ ଖସିପଡ଼ି ଖାଣ୍ଡିଆଖାବରା ହେବେ ନିରୀହ ଛୋଟ ଛୋଟ ପିଲାମାନେ । ହେଲେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ କରିବାର ଆବଶ୍ୟକତା ରହିଥିଲା ବେଳେ ହାତବାନ୍ଧି ବସିଛି ପ୍ରଶାସନ ବୋଲି ସାଧାରଣରେ ଅଭିଯୋଗ ହେଉଛି । ଯାହାକୁନେଇ ଅଭିଭାବକ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସେହିପରି ସମସ୍ତ ସରକାରୀ ସୁବିଧାସୁଯୋଗ ରହିଥିବା ସତ୍ତ୍ୱେ ନିରୀହ ପିଲାମାନଙ୍କୁ ସଙ୍କଟ ମଧ୍ୟରେ ଯମ ହାବୁଡ଼ରେ ଛାଡ଼ିଦେବା ପଛରେ କି ମହତଉଦ୍ଦେଶ୍ୟ ରହିଛି ବୋଲି ପ୍ରଶ୍ନ ଉଠାଇଛନ୍ତି ଗ୍ରାମବାସୀ । ଅନ୍ୟପଟେ ଅଙ୍ଗନୱାଡି କେନ୍ଦ୍ରର ଉନ୍ନତିକରଣ ପ୍ରତି ପ୍ରାଥମିକତା ଦିଆଯିବ ନେଇ ସର୍ବୋଚ୍ଚ ନ୍ୟାୟାଳୟର ପରାମର୍ଶକୁ ଉପେକ୍ଷା କରିବା ପଛରେ ପ୍ରଶାସନର କି ଉଦ୍ଦେଶ୍ୟ ରହିଛି ତାକୁନେଇ ଚର୍ଚ୍ଚା ହେଉଥିବା ଲକ୍ଷ୍ୟ କରାଯାଇଛି । ସୂଚନାଯୋଗ୍ୟ ମୟୂରଭଞ୍ଜ ଜିଲ୍ଲା ମୋରଡା ବ୍ଲକ ଅଧୀନ ଧଡ଼ାସାହି ପଞ୍ଚାୟତ ଧଡ଼ାସାହି ଅଙ୍ଗନୱାର୍ଡି କେନ୍ଦ୍ରଟି ପରିତ୍ୟକ୍ତ ଅବସ୍ଥାରେ ପଡି ରହିଛି । ଏହି ଅଙ୍ଗନୱାଡି କେନ୍ଦ୍ରର ଛାତରୁ ପ୍ଲାଷ୍ଟର ଖସୁଛି ଯାହାଫଳରେ କୁନି କୁନି ପିଲାମାନେ ବିପଦ ସଂକୁଳ ଅବସ୍ଥାରେ ପାଠ ପଢୁଥିଲେ ମଧ୍ୟ ପ୍ରଶାସନ ଏଯାଏଁ କୌଣସି ପଦକ୍ଷେପ ନେଇନାହିଁ । ତେବେ କେନ୍ଦ୍ରର ଏପରି ଅବସ୍ଥା ଦେଖି ସ୍ଥାନୀୟ ସରପଞ୍ଚ ଟିଲକା ହାଁସଦା ଏବଂ ଗ୍ରାମବାସୀ ମିଶି ଏକ ବୈଠକ କରି ଗ୍ରାମରେ ଥିବା ଏକ କମ୍ୟୁନିଟି ଗୃହରେ ଉକ୍ତ ଅଙ୍ଗନବାଡି କେନ୍ଦ୍ର ଚଲାଇବାକୁ ନିଷ୍ପତ୍ତି ନେଇଥିଲା ବେଳେ ବର୍ତ୍ତମାନ ଉକ୍ତ ଗୃହରେ ଅଙ୍ଗନୱାର୍ଡି କେନ୍ଦ୍ର ଚାଲିଛି । ତେବେ ଉକ୍ତ କମ୍ୟୁନିଟି ଗୃହକୁ ଲାଗି ଦୁଇ ପାର୍ଶ୍ୱରେ ଡ୍ରେନ ଥିବାରୁ ଦୁଇ ଦୁଇଥର କୁନି କୁନି ପିଲାମାନେ ଡ୍ରେନରେ ଖସିପଡି ଆହତ ହୋଇସାରିଲେଣି । ତେଣୁ ପିଲାଙ୍କ ସୁରକ୍ଷା ପ୍ରତି ବିପଦ ଥିବାର ସମ୍ଭାବନା ଅଛି ବୋଲି କହିଛନ୍ତି ସରପଞ୍ଚ ଟିଲକା ହାଁସଦା, ଗ୍ରାମବାସୀ ନରେନ୍ଦ୍ର ଧୁଙ୍ଗିଆ, ବିଜୟ ଟିପିରିଆ, ଅଜିତ କୁମାର ତୁଙ୍ଗ, ବାସନ୍ତୀ ଟିପିରିଆ, ପିତାମ୍ବର ଦାସ, ବିଷୟା ଥୟାଲ, ଧରେନ୍ଦ୍ର ଧୁଙ୍ଗିଆ ଏବଂ ଅନ୍ୟମାନେ । ତେବେ ଉକ୍ତ ଅଙ୍ଗନୱାଡି କେନ୍ଦ୍ରକୁ ଲାଗିଥିବା ଏକ ସରକାରୀ ଜାଗାଟି ବେଆଇନ ଭାବେ ଜବରଦଖଲ ଥିବାରୁ ଅଙ୍ଗନୱାର୍ଡି କେନ୍ଦ୍ରର ଉନ୍ନୟନମୂଳକ କାର୍ଯ୍ୟ ତଥା ସମ୍ପ୍ରସାରଣ କାର୍ଯ୍ୟ ହୋଇ ପାରୁନାହିଁ ବୋଲି ଅଭିଯୋଗ କରି କହିଛନ୍ତି । ସେହିପରି ଏନେଇ ପୂର୍ବରୁ ତହସିଲ ପ୍ରଶାସନକୁ ଲିଖିତ ଭାବେ ଅଭିଯୋଗ କରାଯାଇଛି ବୋଲି କହିଛନ୍ତି ସରପଞ୍ଚ ଟିଲକା ହାଁସଦା । ହେଲେ ଏପର୍ଯ୍ୟନ୍ତ ଉକ୍ତ ସମସ୍ୟାର ସମାଧାନ ହୋଇ ପାରିନାହିଁ । ତେଣୁ ଯଥାଶୀଘ୍ର ଉକ୍ତ ସମସ୍ୟାର ସମାଧାନ ସହିତ ଅଙ୍ଗନୱାର୍ଡି କେନ୍ଦ୍ରର ନବୀକରଣ ପାଇଁ ପଦକ୍ଷେପ ନେଇ ଛୋଟ ଛୋଟ ପିଲାଙ୍କ ଭବିଷ୍ୟତ ସୁରକ୍ଷିତ କରିବାକୁ ଦାବି କରିଛନ୍ତି ଗ୍ରାମବାସୀ ।

## ଅଧ୍ୟାପିକା-ଛାତ୍ରୀ ବିବାଦ: ଅଧ୍ୟାପିକାଙ୍କ ନାଁରେ ମାମଲା

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଜଣେ ଅଧ୍ୟାପିକାଙ୍କ ନାମରେ ଗୁରୁତର ଦଫାରେ ପୋଲିସ ମାମଲା ରୁଜୁ କରିଛି । ଅଧ୍ୟାପିକା ଜଣେ ଛାତ୍ରୀଙ୍କ ଠାରୁ ଚଞ୍ଚକତା ଭାବେ ଅର୍ଥ ଠକି ନେଇଥିବା ଅଭିଯୋଗରେ ଦର୍ଶାଯାଇଛି । ଏହି ଘଟଣା ଦୀର୍ଘ ୩ ସପ୍ତାହ ଧରି ଗଣମାଧ୍ୟମର ଶିରୋନାମା ପାଲଟି ଥିବା ବେଳେ ଶେଷରେ ପୋଲିସ ମାମଲା ରୁଜୁ କରିବାକୁ ବାଧ୍ୟ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଦେବୀମଣ୍ଡପ ସାହିର କାଜଲ ସେନାପତି ନିମାପଡ଼ା ଇନ୍ଦିରାଗାନ୍ଧୀ ଡ଼ିଗ୍ରୀ ମହିଳା ମହାବିଦ୍ୟାଳୟ ଯୁକ୍ତ ତିନି ବର୍ଷର ଛାତ୍ରୀ । ସେହି କଲେଜର ବଟାନି ବିଭାଗର ଜଣେ ଅଧ୍ୟାପିକା ଛାତ୍ରୀଙ୍କର ଆଧାର, ପାନ୍ କାର୍ଡ଼ ଓ ମୋବାଇଲ୍ ନମ୍ବର ନେଇ କୋଣାର୍କରେ ଚାଲିଥିବା ଏକ ନର୍ସିଂହୋମ୍‌ରେ ଗୁପ୍ତ ଭାବେ ଆଡ଼ମିଶନ କରିଥିଲେ । ଛାତ୍ରୀଙ୍କୁ କହିଥିଲେ ତୁମ ଆକାଉଂଟକୁ ଟଙ୍କା ଆସିବ, ସେହି ଟଙ୍କା ଗରିବ କଲ୍ୟାଣ ପାଇଁ ଲାଗିବ । ଛାତ୍ରୀଙ୍କ ଆକାଉଣ୍ଟକୁ ଟଙ୍କା ଆସିବା ପରେ ଛାତ୍ରୀ ଫୋନ୍ ପେ' ମାଧ୍ୟମରେ ଅଧ୍ୟାପିକାଙ୍କୁ ଟଙ୍କା ଦେଇଥିଲେ । ଆହୁରି ମଧ୍ୟ କ୍ୟାସ୍ ଆକାରରେ ଦେଇଥିବା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି । ପରେ ଛାତ୍ରୀ ଜାଣିବାକୁ ପାଇଲେ ନର୍ସିଂ କଲେଜରେ ଚଞ୍ଚକତା ଭାବେ ଆଡ଼ମିଶନ କରାଯାଇଛି । ଏ ସଂପର୍କରେ ଅଧ୍ୟାପିକାଙ୍କୁ ପଚାରିବାରୁ ଅଧ୍ୟାପିକା ରାଗରେ ଛାତ୍ରୀଙ୍କୁ ଜାତିଆଣ ଆକ୍ଷେପ ସହ ଗାଳି ଗୁଲଜ କରିଥିଲେ । ଛାତ୍ରୀ ଏ ସଂପର୍କରେ ନିମାପଡ଼ା ଥାନାରେ ଅଭିଯୋଗ ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ପୁରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ଉଚ୍ଚଶିକ୍ଷା ବିଭାଗ ଆଦି ଲିଖିତ ଭାବେ ଜଣାଇଛି । ପରେ ପୋଲିସ କାଜଲ ସେନାପତିଙ୍କ ଅଭିଯୋଗ ଆଧାରରେ ଭାରତୀୟ ନ୍ୟାୟ ସଂହିତ ଦଫାରେ ୩୧୮(୪)/ ୩୩୮/୩୩୬/୩୫୧ ଦଳିତ ଆକ୍ଟରେ ମାମଲା ରୁଜୁ କରିଅଛି । ପୂର୍ବରୁ ଅଧ୍ୟାପିକା ଏକ କଲ୍ୟାଣ ମଣ୍ଡପରେ ଖବରଦାତା ସମ୍ମିଳନୀ ଡ଼କାଇ ସଫେଇ ଦେଇଛନ୍ତି ତାଙ୍କୁ ବ୍ଲାକ୍‌ମେଲ୍ କରାଯାଉଛି । ଛାତ୍ରୀଜଣକ ସମ୍ମାନହାନୀ କରିବା ପରି ବ୍ୟବହାର କରୁଛନ୍ତି । ଦେଖାଯାଉ ପୋଲିସର ତଦନ୍ତ ପରେ କିଏ ଦୋଷୀ ଓ କିଏ ନିର୍ଦ୍ଦୋଷୀ ତାହା ଜଣାପଡ଼ିବ ।

## ସୀମାନ୍ତରେ ମହିଳାଙ୍କୁ ହତ୍ୟା କଲେ ମାଓବାଦୀ

ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବିଜାପୁରରେ ନକ୍ସଲ ମାନେ ପୁନର୍ବାର ଜଣେ ମହିଳାଙ୍କୁ ଅତି ନିର୍ମମ ଭାବରେ ହତ୍ୟା କରିଛନ୍ତି। ସୂଚନା ଅନୁଯାୟୀ ବିଜାପୁରର ଲୋଦେଡ ଗ୍ରାମରେ ଗୋଟିଏ ଦମ୍ପତିଙ୍କୁ ଘରୁ କିଛି ମାଓବାଦୀମାନେ ଅପହରଣ କରି ଗାଁଠାରୁ ୩ କିଲୋମିଟର ଦୂରରେ ଥିବା ଏକ ଜଙ୍ଗଲକୁ ନେଇଯାଇଥିଲେ। ତେବେ ଉକ୍ତ ଦମ୍ପତିଙ୍କ ମଧ୍ୟରୁ ସ୍ୱାମୀ ରାମାୟା ୟାଲମଙ୍କୁ ମାଡ ମାରି ମାଓବାଦୀ ମାନେ ଛାଡି ଦେଇଥିବା ବେଳେ ଗତକାଲି ବିଳମ୍ବିତ ରାତିରେ ସ୍ତ୍ରୀ ସୁକରା ୟାଲାମଙ୍କୁ ମାଓବାଦୀମାନେ ହତ୍ୟା କରିଥିଲେ। ତେଲେଙ୍ଗାନା ପୋଲିସର ସୂଚନାଦାତା ଅଭିଯୋଗରେ ସୁକ୍ରା ୟାଲମଙ୍କୁ ହତ୍ୟା କରାଯାଇଥିବା ନେଇ ମାଓବାଦୀମାନେ ଏକ ହାତ ଲେଖା ଚିଠିରେ ଉଲ୍ଲେଖ କରିଛନ୍ତି। ଖବର ପାଇ ଆଜି ଘଟଣାସ୍ଥଳରେ ପୋଲିସ ଟିମ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ତେବେ ଗତ ତିନି ଦିନ ମଧ୍ୟରେ ଦୁଇଜଣ ପୂର୍ବତନ ସରପଞ୍ଚଙ୍କ ସମେତ ଦୁଇ ମହିଳାଙ୍କୁ ନିର୍ମମ ହତ୍ୟା ଯୋଗୁଁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଥିବା ବେଳେ ପୋଲିସ ପକ୍ଷରୁ ଅଞ୍ଚଳରେ ତଲାସି ଅଭିଯାନକୁ ବଢାଇ ଦିଆଯାଇଛି।

## ପଞ୍ଜାବରୁ ଅସ୍ତରଙ୍ଗ ଆସିଲା ଆଳୁ ବିହନ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଉଦ୍ୟାନ ବିଭାଗ ଅଧୀନ ବିଭିନ୍ନ ପଞ୍ଚାୟତରେ ୧୫ହେକ୍ଟର ଜମିରେ ଆଳୁ ଚାଷ ହେବାକୁ ଉଦ୍ୟାନ କୃଷି ବିଭାଗ ଲକ୍ଷ୍ୟ ରଖିଛି। ରବିବାର ସନ୍ଧ୍ୟା ସମୟରେ ୫୬. ୫ କୁଇଣ୍ଟାଲର ବିହନ ଆଳୁ ପଞ୍ଜାବରୁ ଆସି ଅସ୍ତରଙ୍ଗ ଉଦ୍ୟାନ ବିଭାଗ କାର୍ଯ୍ୟାଳୟରେ ପହଁଚିଛି। ଏହା ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ଚାଷୀଙ୍କୁ ପ୍ରଦାନ କରାଯିବ। ପୂର୍ବରୁ ଚାଷୀମାନେ ଆଳୁଚାଷ ପ୍ରତି ସେତେଟା ଗୁରୁତ୍ୱ ଦେଉନଥିବାରୁ ବିହନ ସେତେ ମାତ୍ରାରେ ଯୋଗାଇ ଦିଆଯାଉନଥିଲା। ଖୋଲା ବଜାର ରେ ଆଳୁ ବିହନ ଦର ଆକାଶଛୁଆଁ ଥିବାରୁ ଚାଷୀମାନେ ସୁଲଭ ଦରରେ ବିହନ ପାଇ ପାରୁନଥିଲେ। କିନ୍ତୁ ଚଳିତ ବର୍ଷ ଅସ୍ତରଙ୍ଗ ବ୍ଲକ ଅଧୀନରେ ୧୫ହେକ୍ଟର ଜମିରେ ଆଳୁ ଚାଷ କରାଯିବା ପାଇଁ ଉଦ୍ୟାନ ବିଭାଗ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି।ଏଥିପାଇଁ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଉନ୍ନତ ମାନର ବିହନ ବସ୍ତା ପ୍ରତି ୧ହଜାର ଟଙ୍କା ରହିଥିବା ବେଳେ ପ୍ରତି ଚାଷୀଙ୍କୁ ୩ରୁ ୫ ବସ୍ତା ପ୍ରଦାନ କରାଯିବ । ଏହା ସହ ରିହାତି ସର୍ବନିମ୍ନ ୧୫ଶହ ଟଙ୍କାରୁ ସର୍ବାଧିକ ୨୫ଶହ ଟଙ୍କା ମିଳିବ ବୋଲି ସୂଚନା ଦେଇଛନ୍ତି ଅସ୍ତରଙ୍ଗ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଯୁଗଲ କିଶୋର ବାର୍ଲା।

## ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପକ୍ଷରୁ ୨୩ ୟୁନିଟ୍ ରକ୍ତ ସଂଗ୍ରହ



ବାଲୁଗାଁ(ଭାସ୍କର ନ୍ୟୁଜ): ବାଲୁଗାଁ ବାଲୁଗାଁ ଏଚଡିଏଫସି ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବେ ବାଣପୁର ବ୍ଲକ ଅଧ୍ୟକ୍ଷା ଅମରେନ୍ଦ୍ର ରଣସିଂହ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଖୋର୍ଦ୍ଧା ବ୍ଲକ ବ୍ୟାଙ୍କ ପକ୍ଷରୁ ଡା ଅରୁଣ ସାହୁଙ୍କ ନେତୃତ୍ୱରେ ୨୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଶାଖା ପରିଚାଳକ ହିମାଂଶୁ ମିଶ୍ର ପରିଚାଳନା କରିଥିଲେ । ଶିବିରରେ ଅପରେସନ ମ୍ୟାନେଜର ଜଗନ୍ନାଥ ପାଢ଼ୀ, ଦେବାଶିଷ ମହାନ୍ତିଙ୍କ ସହ ସମସ୍ତ ବ୍ୟାଙ୍କ କର୍ମଚାରୀ ସହଯୋଗ କରିଥିଲେ ।

### କାନ୍ତକବିଙ୍କ ୧୩୭ତମ ଜନ୍ମ ଜୟନ୍ତୀ

## ରକ୍ଷଣାବେକ୍ଷଣ ପାଇଁ ଅର୍ଥ ସହ ମାଳି ଓ ଜଗୁଆଳି ନିଯୁକ୍ତ ଦାବି



ତିହିଡ଼ି(ଭାସ୍କର ନ୍ୟୁଜ): ଓଡିଆ ସାହିତ୍ୟ ଆକାଶର ଜ୍ୟୋତିଷ୍କ 'ବନ୍ଦେ ଉତ୍କଳ ଜନନୀ' ପରି ଜାତୀୟତାବାଦୀ ସଙ୍ଗୀତର ସ୍ରଷ୍ଟା ସାରସ୍ୱତ ସାଧକ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର ଡିସେମ୍ବର ୯ ତାରିଖ ୧୩୭ତମ ଜୟନ୍ତୀ ପାଳନ ହେବ। ଜନ୍ମମାଟି ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ତାଳପଦାରେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିର୍ମିତ ସମାଧି ପୀଠ, ପ୍ରତିମୂର୍ତ୍ତୀ ଓ ଜ୍ଞାନ ମନ୍ଦିର ସରକାରଙ୍କ ପକ୍ଷରୁ ନିର୍ମିତ ହୋଇସାରିଛି। ତିହିଡ଼ି ବ୍ଲକ ତାଳପଦା ମାଟିର ସୁଯୋଗ୍ୟ ସନ୍ତାନ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ରଚିତ 'ବନ୍ଦେ ଉତ୍କଳ ଜନନୀ....' ରାଜ୍ୟ ସଂଗୀତର ମାନ୍ୟତା ପାଇବା ପରେ ଆଜି ସେ ସାରା ଭାରତରେ ସୁନାମ ଅର୍ଜନ କରିଛନ୍ତି। ଏଥି ସହିତ ତାଙ୍କର କୃତି ମେଟ୍ରିକ୍ ପାଠ୍ୟକ୍ରମରେ ମଧ୍ୟ ସାମିଲ କରାଯାଇଛି। ପ୍ରକାଶ ଥାଉକି, ତାଳପଦାରେ କାନ୍ତକବିଙ୍କ ସ୍ମାରକୀ ଉଜ୍ଜିବିତ କରିବା ପାଇଁ ସମାଧି ପୀଠ, ଜ୍ଞାନମନ୍ଦିର ଓ ପ୍ରତିମୂର୍ତ୍ତୀ ସ୍ଥାପନ କରାଯାଇଛି। ତାଙ୍କ ନାମରେ ଭାରତ ସରକାର ଡାକ ଟିକେଟ ପ୍ରଚଳନ କରି ଗୌରବଗାଥାକୁ ଋଦ୍ଧିମନ୍ତ କରିଛନ୍ତି। କାନ୍ତକବିଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଓ ତତ୍କାଳୀନ ଜିଲାପରିଷଦ ସଭ୍ୟ ତଥା ବର୍ତ୍ତମାନର ବିଜେଡି ଜିଲା ସାଧାରଣ ସମ୍ପାଦକ ଚିନ୍ତାମଣି ଦାସଙ୍କ ସହଯୋଗରେ ତାଳପଦାରେ ସ୍ମୃତିମନ୍ଦିର ଓ ସମାଧିପୀଠ ନିର୍ମାଣ କରାଯାଇଛି। ତିହିଡିସ୍ଥିତ କୌଣସି ସରକାରୀ ଦପ୍ତରରେ ତାଙ୍କ ତୈଳଚିତ୍ରଟିଏ ଲଗାଇବା ଦିଗରେ କେହି କେବେ ଚିନ୍ତା କରୁନାହାନ୍ତି। ତିହିଡିରୁ ଦୋଳସାହି ପର୍ଯ୍ୟନ୍ତ ଲମ୍ବିଥିବା ରାସ୍ତାକୁ କାନ୍ତକବି ମାର୍ଗରେ ନାମିତ କରାଯିବା ପାଇଁ ସାଧାରଣ ଜନତାଙ୍କ ଠାରୁ ଆରମ୍ଭ କରି ସାହିତ୍ୟିକ, କବିମାନେ ଦାବି କରିଆସୁଥିଲେ ମଧ୍ୟ ଏଯାବତ କୌଣସି ସୁଫଳ ମିଳିପାରିନାହିଁ। ଏବେବି ଭିଟମାଟିରେ ପୁରାତନ ବଉଳ ଗଛ କାନ୍ତକବିଙ୍କ ଗାଥା ବହନ କରୁଛି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ସ୍ମୃତିମନ୍ଦିର ସମାଧିପୀଠ ସରକାର ନିର୍ମାଣ କରିଥିଲେ ମଧ୍ୟ ଏହାର ରକ୍ଷଣାବେକ୍ଷଣ ପାଇଁ ପଦକ୍ଷେପ ନିଆଯାଇ ନାହିଁ। ରକ୍ଷଣାବେକ୍ଷଣ ପାଇଁ କିଛି ଆର୍ଥିକ ଫଣ୍ଡସ୍ ରଖାଯିବା ସହ ଜଣେ ମାଳି ଓ ଜଗୁଆଳି ନିଯୁକ୍ତି କରାଯିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

### ବୃଦ୍ଧାଙ୍କ ମୃତ୍ୟୁ ଘଟଣା

## ୨ ଅଭିଯୁକ୍ତ କୋର୍ଟଚାଲାଣ

ମାଲକାନଗିରି(ଭାସ୍କର ନ୍ୟୁଜ): ବୃଦ୍ଧାଙ୍କ ମୃତ୍ୟୁ ରହସ୍ୟର ପର୍ଦ୍ଦାଫାସ କରିଛି ପୋଲିସ । ଦୁଇ ଯୁବକ ହରାଇଲେ ମାନବିକତା, ମା' ବୟସର ବୃଦ୍ଧାଙ୍କୁ ବଳାତ୍କାର ଉଦ୍ୟମ କରି ପରେ ହତ୍ୟା କରିଛନ୍ତି। ଦୁଇ ହତ୍ୟାକାରୀଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ଡିପିଓ ସଚୀନ ପାଟେଲ । ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସଦର ମହକୁମା ଏଫ୍‌ସିଆଇ ଗୋଦାମ ସମ୍ମୁଖରେ ଗତ ଗୁରୁବାର ସକାଳେ ଜଣେ ବୃଦ୍ଧାଙ୍କ ମୃତ ଶରୀର ମିଳିଥିବା ଘଟଣାରେ ପୋଲିସ ତଦନ୍ତ କରି ଦୁଇଜଣଙ୍କୁ ଗିରଫ କରିଛି । ଏ ସମ୍ପର୍କରେ ମାଲକାନଗିରି ଏସ୍‌ଡିପିଓ ସଚିନ ପଟେଲ ଏକ ସାମ୍ବାଦିକ ସମ୍ମିଳନୀରେ ଦେଇଥିବା ସୂଚନା ଅନୁଯାୟୀ କୋରୁକୋଣ୍ଡା ସଦର ମହକୁମାରେ ଗୁରୁବାରୀ ଦାସା (୬୩) ନାମୀ ବୃଦ୍ଧା ଗତ ୧୨ ବର୍ଷ ଧରି କୋରୁକୋଣ୍ଡାରେ ଏକ ଭଡା ଘରେ ରହି କୁଲି କାମ କରି ନିଜର ପେଟପାଟଣା କରୁଥିଲେ । ତେବେ କୋରୁକୋଣ୍ଡା ପଞ୍ଚାୟତ ଖିଲଗୁଡା ଗ୍ରାମର ରାକେଶ ଢାଲି ନାମକ ବ୍ୟକ୍ତି କୋରୁକୋଣ୍ଡା ଏଫ୍‌ସିଆଇ ଗୋଦାମରେ କାର୍ଯ୍ୟ କରୁଥିବା ବେଳେ କମୁଲୁ ନାଗ ନାମକ ବ୍ୟକ୍ତି କୋରୁକୋଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ରାତ୍ରି ଜଗୁଆଳଇ ଭାବେ କାର୍ଯ୍ୟ କରୁଛନ୍ତି । ଏହି ଦୁଇଜଣ ବୁଧବାର ରାତି ଗୁରୁବାରୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରି ଏଫ୍‌ସିଆଇ ଗୋଦାମ ନିକଟକୁ ଡାକିଥିଲେ । ବୃଦ୍ଧା ଗୋଦାମ ନିକଟକୁ ଗଲାପରେ ଦୁଇଜଣ ତାଙ୍କୁ ନିକଟରେ ଥିବା ଏକ ବଖରାକୁ ନେଇ ଜୋରଜବରଦସ୍ତ ବଳାତ୍କାର କରିବାକୁ ଚେଷ୍ଟା କରିଥିଲେ । ଏହି କ୍ରମରେ ମହିଳା ଜଣକ କାଳେ ପାଟି କରିବ ବୋଲି ଭାବି ମହିଳାଙ୍କ ପାଟିକୁ ଚାପି ଦେଇଥିଲେ । ଫଳରେ ବୃଦ୍ଧା ଜଣକ ଅଣନିଶ୍ୱାସୀ ହୋଇ ମୃତ୍ୟୁବରଣ କରିଥିଲେ । ଏ ସମ୍ବନ୍ଧରେ ପୋଲିସ ଖବର ପାଇଲା ପରେ ଏହାର ତଦନ୍ତ କରିବା ସହ କୋରାପୁଟ ସାଇଣ୍ଟିଫିକ ଟିମ ଦଳ ମଧ୍ୟ ଏହାର ତଦନ୍ତ କରିଥିଲେ । ତଦନ୍ତରେ ଗୋଦାମ ନିକଟ ବଖରାରୁ ମହିଳାଙ୍କ କିଛି କପଡା ଖଣ୍ଡ ଓ ଅନ୍ୟାନ୍ୟ ସୁରାଖକୁ ଆଧାର କରି ଏହି ଦୁଇଜଣଙ୍କୁ ଗିରଫ କରି ପଚରାଉଚୁରା କରିବା ପରେ ସମସ୍ତ ଘଟଣା ପଦାରେ ପଡିଥିଲା । ଏହାକୁ ଆଧାର କରି ଉକ୍ତ ଦୁଇଜଣଙ୍କୁ ଗିରଫ କରିଥିବା ଶ୍ରୀ ପଟେଲ ସୂଚନା ପ୍ରଦାନ କରିଛନ୍ତି ।

### ନାବାଳିକା ଅପହରଣକୁ ୧୮ ଦିନ ବିତିଲା

## ନ୍ୟାୟ ପାଇଁ ରାଜ୍ୟପାଳଙ୍କ ଦ୍ୱାରସ୍ଥ ହେଲେ ମାଆ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ପୋଲିସ ପ୍ରଶାସନର ଦାୟୀତ୍ୱ ହୀନତା ଓ କର୍ତବ୍ୟରେ ଚରମ ଅବହେଳା କାରଣରୁ ଜଣେ ନାବଳିକା ଅପହରଣ ଘଟଣାର ୧୮ଦିନ ପରେ ମଧ୍ୟ ପୋଲିସ ହାତ ଖାଲି ପଡିଛି। ନ୍ୟାୟ ପାଇବା ନେଇ ନାବାଳିକାର ମାଆ ଅବଶେଷରେ ମହାମହିମ ରାଜ୍ୟପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନିଶ୍ଚିନ୍ତକୋଇଲି ପ୍ରହଲ୍ଲାଦ ମହାବିଦ୍ୟାଳୟର ଜଣେ ନାବାଳିକା +୨ ଦ୍ୱିତୀୟ ବର୍ଷିକ ଛାତ୍ରୀ ଗତ ୨୦ ତାରିଖରେ ଅପହରଣ ହୋଇଥିବା ତାଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ତେବେ ସମ୍ପୃକ୍ତା ନାବାଳିକାକୁ ସେହି ମହାବିଦ୍ୟାଳୟର +୩ ତୃତୀୟ ବାର୍ଷିକ ଛାତ୍ର ନିଶ୍ଚିନ୍ତକୋଇଲି ବ୍ଲକ ଖଣ୍ଡଗାଁର ସାଗର ମଲିକ ଅପହରଣ କରିନେଇଥିବା ନାବାଳିକାର ମାଆ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତି କରି ନିଶ୍ଚିନ୍ତକୋଇଲି ଥାନା କେଶ ନଂ ୨୭୯/ ୨୦୨୪ରେ ଏକ ମାମଲା ରୁଜୁ ହୋଇଥିଲା। ଅପରପକ୍ଷରେ ଯୋଜନାବଦ୍ଧ ଭାବେ ନାବାଳିକକୁ ସାଲେପୁର ଥାନା ରାଇସୁଙ୍ଗୁଡା ନିକଟରେ ଛାଡି ଦିଆଯାଇଥିଲା। ସ୍ଥାନୀୟ ଲୋକେ ନାବାଳିକାକୁ ଉଦ୍ଧାର କରି ସାଲେପୁର ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରିଣୀଙ୍କ ଜରିଆରେ ସତ୍ୟଭାମାପୁରସ୍ଥିତ କସ୍ତୁରବା ଗାନ୍ଧୀ ସେବାଶ୍ରମରେ ମାର୍ଫତରେ ଛାଡିଥିଲେ। ତେବେ ସେବାଶ୍ରମରୁ ରାତ୍ରର ବିଳମ୍ବିତ ପ୍ରହରରେ ନାବାଳିକା ଜଣକ ରହସ୍ୟ ଜନକ ଭାବେ ନିଖୋଜ ହୋଇଯାଇଥିଲେ। ଆଶ୍ରମ ଅଧକ୍ଷା ଜ୍ୟୋର୍ତିମୟୀ ବେହେରା ଏ ସମ୍ପର୍କରେ ଜଗତପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଜଗତପୁର ଥାନା ପୋଲିସ ଅଭିଯୋଗକୁ ଭିତି କରି କେନ୍ଦୁପାଟଣା ଗ୍ରାମରେ ଥିବା ସମ୍ପୃକ୍ତ ଯୁବକଙ୍କ ଘରେ ଚଢାଉ କରି ତାଙ୍କୁ ଉଠାଇନେବା ସହ ମୋବାଇଲ ଜବତ କରିଥିଲା । ପୋଲିସ ରାଜନୈତିକ ଚାପରେ ସମ୍ପୃକ୍ତ ଯୁବକକୁ ଛାଡି ଦେଇଥିବା ଅଭିଯୋଗ ହୋଇଛି। ଇତି ମଧ୍ୟରେ ୧୮ ଦିନ ବିତିଯାଇଥିଲେ ମଧ୍ୟ ନିଶ୍ଚିନ୍ତକୋଇଲି ଓ ଜଗତପୁର ଥାନା ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ନ୍ୟାୟ ଦାବି ନେଇ ନାବାଳିକା ପରିବାର ବର୍ଗ ନିଶ୍ଚିନ୍ତକୋଇଲି ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ତେବେ ସାଲେପୁର ଏସ୍‌ଡିପିଓ ନାବାଳିକା ପିତାମାତାଙ୍କୁ ବୁଝାସୁଝା କରିବା ସହ ତାଙ୍କୁ ୩ ଦିନ ସମୟ ଦେବାକୁ ଅନୁରୋଧ କରିଥିଲେ। ଏସଡିପିଓଙ୍କ ନିର୍ଭର ପ୍ରତିଶ୍ରୁତି ଯୋଗୁ ନାବାଳିକା ପିତାମାତା ଧାରଣା ପ୍ରତ୍ୟାହୃତ ହୋଇଥିଲେ। ମାତ୍ର ଏସଡିପିଓଙ୍କ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ଶେଷରେ ନ୍ୟାୟ ପାଇବା ପାଇଁ ନାବାଳିକାର ମା' ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ, କଟକ ଜିଲ୍ଲା ଗ୍ରାମାଞ୍ଚଳ ଆରକ୍ଷୀ ଅଧିକ୍ଷକ ଓ ମାହାଙ୍ଗା ବିଧାୟକଙ୍କୁ ଲିଖିତ ଅଭିଯୋଗ କରିବା ସହ ଝିଅକୁ ଫେରି ପାଇବାପାଇଁ ଆକୁଳ ନିବେଦନ କରିଛନ୍ତି।

## ଗୋବିନ୍ଦପୁର ଥାନାରେ ଆଇଆଇସି ପଦବୀ ପୂରଣ ଦାବି




କଣ୍ଟାପଡା(ଭାସ୍କର ନ୍ୟୁଜ): କଣ୍ଟାପଡା ବ୍ଲକ୍ ଅନ୍ତର୍ଗତ ସମ୍ବେଦନଶୀଳ ଗୋବିନ୍ଦପୁର ଥାନାରେ ଆଇଆଇସି ପଦ ଦୀର୍ଘ ଦିନ ହେଲା ଖାଲିପଡିଛି। ଉକ୍ତ ଥାନାକୁ ଓଆଇସି ପଦରୁ ଆଇଆଇସେ ପଦ ମିଳିବା ପରେ କମ୍ ଦିନ ବ୍ୟବଧାନରେ ତିନି ଆଇଆଇସିଙ୍କ ବଦଳି ହୋଇସାରିଲେଣି। ଏଠାରେ ଥିବା ଆଇଆଇସି ରଶ୍ମି ରଞ୍ଜନ ଦାସଙ୍କୁ ଜଗତ୍‌ସିଂହପୁର ବଦଳି ହେବା ପରେ ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସ୍ଥାୟୀ ଆଇଆଇସି ପଦବୀ ପୂରଣ ହୋଇନଥିବାରୁ ଗୋବିନ୍ଦପୁର ଥାନା ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ୧୧ ଗୋଟି ପଞ୍ଚାୟତକୁ ନେଇ ଉକ୍ତ ଥାନା ଗୋପାଳପୁର ଠାରୁ କୁସୁନୁପୁର ପର୍ଯ୍ୟନ୍ତ ଦୀର୍ଘ ୨୫ମି. ଲମ୍ବ ସନ୍ଧ୍ୟା ହେଲେ ଶାନ୍ତିଶୃଙ୍ଖଳାରେ ଅସୁବିଧା ଉପୁଜୁଛି। ସାଧାରଣ ଲୋକଙ୍କୁ ନ୍ୟାୟ ଦେବା ଓ ଜନସାଧାରଣଙ୍କ ଧନଜୀବନ ସୁରକ୍ଷା ରଖିବାକୁ କଟକ ଗ୍ରାମାଞ୍ଚଳ ଏସ୍‌ପି ଯଥାଶୀଘ୍ର ଆଇଆଇସି ପଦ ପୂରଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଜଳବାୟୁ ପରିବର୍ତ୍ତନ ସଚେତନତା ଉପରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା



ପାରାଦୀପ(ଭାସ୍କର ନ୍ୟୁଜ): ଜଳବାୟୁ ପରିବର୍ତ୍ତନ ବିଷୟରେ ସଚେତନତା ପାଇଁ ପାରାଦୀପ ଅଞ୍ଚଳର ୧୧ଟି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଜଳବାୟୁ ପରିବର୍ତ୍ତ ଥିମ୍‌କୁ ନେଇ ଆୟୋଜିତ ଏହି ପ୍ରତିଯୋଗିତାରେ ସମୁଦାୟ ୫୩ ଜଣ ପ୍ରତିଭାବାନ ଛାତ୍ରଛାତ୍ରୀ ଏକତ୍ରିତ ହୋଇଥିଲେ, ଯେଉଁମାନେ କଳା ମାଧ୍ୟମରେ ସେମାନଙ୍କ ସୃଜନଶୀଳତା ଏବଂ ପରିବେଶ ପ୍ରତି ନିଜର ଚିନ୍ତାଧାରା ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ମୁଖ୍ୟ ଅର୍ଥ ପରାମର୍ଶଦାତା ଡି.ଏନ.ସୋନ୍ଧି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତଯୋଗିଙ୍କୁ ଉତ୍ସାହିତ କରିଥିଲେ । ଏଥିସହ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ତଥା ସମ୍ମାନିତ ସଦସ୍ୟ ସଞ୍ଜୟ କୁମାର ସୂତାର ଏବଂ ରବି ନାୟକ ସେମାନଙ୍କ ଉପସ୍ଥିତି ଏବଂ ଅବଦାନ ସହ ଏହି କାର୍ଯ୍ୟକ୍ରମରେ ସମ୍ମାନ ବୃଦ୍ଧି କରିଥିଲେ । ଆହ୍ୱାନ ଫାଉଣ୍ଡେସନର ସଭାପତି ସାଗର କୁମାର ବିଶ୍ୱାଳ, ସାଧାରଣ ସମ୍ପାଦକ ପ୍ରଭାସ ଚନ୍ଦ୍ର ସ୍ୱାଇଁ ଓ ସ୍ୱେଚ୍ଛାସେବୀଙ୍କ ନେତୃତ୍ୱରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ତେବେ ଏହି ପ୍ରୟାସ ଛାତ୍ରଛାତ୍ରୀଙ୍କୁ କଳା ପ୍ରତିଭା ଏବଂ ପରିବେଶ ସଂରକ୍ଷଣ ପ୍ରତି ପ୍ରତିବଦ୍ଧତା ପ୍ରକାଶ କରିବାକୁ ଏକ ପ୍ଲାଟଫର୍ମ ପ୍ରଦାନ କରିଥିଲା ।

### ପୂର୍ବ ଶତ୍ରୁତାରୁ ସଂଘର୍ଷ

## ଜଣେ ଗୁରୁତର, ୭ ଆହତ

ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ମଙ୍ଗଳପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୨ଟି ପରିବାର ମଧ୍ୟରେ ସଂଘର୍ଷ ଉପଜିଛି। ଫଳରେ ଉଭୟ ପକ୍ଷରୁ ୭ଜଣ ଆହତ ହୋଇଥିବା ବେଳେ ଜଣେ ମହିଳା ଗୁରୁତର ହୋଇ କଟକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ଅଭିଯୋଗରୁ ପ୍ରକାଶ ଯେ, ଦୀର୍ଘଦିନ ହେବ ମଙ୍ଗଳପୁର ଗ୍ରାମର ବିପ୍ର ସେଠୀ ଓ ଭାସ୍କର ସେଠୀଙ୍କ ମଧ୍ୟରେ ଜମିବାଡ଼ିକୁ ନେଇ ବିବାଦ ଥିଲା। ଏହି ଜମିବାଡ଼ିକୁ କେନ୍ଦ୍ର କରି ବିଭିନ୍ନ ସମୟରେ ଗଣ୍ଡଗୋଳ ଉପୁଜି ପୂର୍ବ ଶତ୍ରୁତା ରହିଥିଲା। ଶନିବାର ଅପରାହ୍ଣରେ ଭାସ୍କର ଓ ବିପ୍ର ପରିବାରଙ୍କ ମଧ୍ୟରେ ସଂଘର୍ଷ ଉପୁଜିଥିଲା। ଫଳରେ ବିପ୍ର ସେଠୀ, ଯଶୋଦା ସେଠୀ, ସସ୍ମିତା ସେଠୀ, ସୀମା ସେଠୀ, ଭାସ୍କର ସେଠୀ, ଚାରୁଲତା ସେଠୀ, ବିନ୍ଦୁସାଗର ସେଠୀ ଅହତ ହୋଇ ତିହିଡ଼ି ଡାକ୍ତରଖାନାରେ ଚିକିତ୍ସିତ ହୋଇଥିବା ବେଳେ ଯଶୋଦା ସେଠୀ ଗୁରୁତର ହୋଇ ପ୍ରଥମେ ଭଦ୍ରକ ଓ ପରେ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତରିତ ହୋଇଥିବା ଜଣାଯାଇଛି। ପୀରହାଟ ପୁଲିସ ଉଭୟ ପକ୍ଷରୁ ଏତଲା ମୂଳେ ୨ଟି ପୃଥକ୍ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି।

## ବେଆଇନ୍ କାଠ ସହ ଟ୍ରାକ୍ଟର ଜବତ

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗ ପୋଲିସ ତରଫରୁ ରବିବାର ମଧ୍ୟାହ୍ନ ସମୟରେ ପାଟ୍ରୋଲିଂ ସହ ଚେକିଂ କରାଯାଉଥିଲା। କୁହୁଡି ଛକ ନିକଟରେ ନମ୍ବର ପ୍ଲେଟ ବିହୀନ ଏକ ଚାଖୁଣ୍ଡା କାଠ ବୋଝେଇ ଗାଡି ଜବତ କରିଛି ଅସ୍ତରଙ୍ଗ ପୋଲିସ। ଉକ୍ତ କାଠ ଗାଡିଟି ଅନେକ ସମୟରେ ଅସ୍ତରଙ୍ଗ ଥାନା ଅଞ୍ଚଳରୁ ବେଆଇନ କାଠ ଚାଲାଣ କରିଥାଏ। କାଠ ବୋଝେଇ ଗାଡିକୁ ଅସ୍ତରଙ୍ଗ ନିକଟରେ ଅଟକାଇ ରଖିଛି ପୋଲିସ।

### ବିଧାୟକଙ୍କୁ ଭେଟିଲେ ଇଟାଭାଟି ମାଲିକ

# କୌଣସି ସାହାଯ୍ୟ କରାଯିବା ନାହିଁ: ବିଧାୟକ



ନିଆଳି(ଭାସ୍କର ନ୍ୟୁଜ): ନିଆଳି ଅଞ୍ଚଳରେ ଛତୁ ଫୁଟିଲା ଭଳି ଗଢି ଉଠିଛି ଇଟାଭାଟି। ସତେ ଯେମିତି କୁଟୀର ଶିଳ୍ପରେ ପରିଣତ ହୋଇଛି। କାର୍ତ୍ତିକ ମାସ ଶେଷରୁ ବିଭିନ୍ନ ପଞ୍ଚାୟତରେ ଘରୋଇ ଓ ସରକାରୀ ଯାଗାରେ ବେଆଇନ ଭାବରେ ପଡୁଛି ଇଟା। ମିଳିଥିବା ସୂଚନା ଅନୁଯାୟୀ ନିଆଳି ତହସିଲ୍ ଅଧିନସ୍ଥ ମହଙ୍ଗପଡା, ନିଆଳି, ନୂଆଗାଁ, ଅଥଙ୍ଗା, ବିନିଶପୁର, ଏକବେରୁଆଁ, ଅଲଣା, ମାଧବ ଓ ଦେବୀ କନ୍ଦଳ ଦ୍ୱୀପାଞ୍ଚଳର ଅନେକ ସ୍ଥାନରେ ବେଆଇନ ଇଟା ପଡୁଥିବା ଦେଖିବାକୁ ମିଳୁଛି। ଏହି ଇଟାଭାଟି ଗୁଡିକରେ ଚୋରା କୋଇଲା, କାଠ, ଗୋବାର ଘସି, ଜାଳି ଇଟା ପୋଡା ଯାଉଥିବା ବେଳେ ବାୟୁ ମଣ୍ଡଳ ଦୂଷିତ ହେଉଛି। ଯାହାକୁ ନେଇ ଓଡିଶାର ଉଚ୍ଚତମ ନ୍ୟାୟାଳୟ ବେଆଇନ ଇଟାଭାଟି ଉପରେ ରୋକ ଲଗାଇଛନ୍ତି। ନିଆଳି ବ୍ଲକ୍‌ରେ ନ୍ୟାୟାଳୟର ନିର୍ଦ୍ଦେଶକୁ ନମାନି ଅନେକ ଇଟାଭାଟି ମାଲିକ ଅନେକ ଇଟା ପକାଉଛନ୍ତି। ପ୍ରଶାସନଠାରୁ ବଞ୍ଚିବା ନିମନ୍ତେ ନିଆଳି ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସିଂଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ୍ୱ ଇଟାଭାଟି ମାଲିକ ନୂଆଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ବିଧାୟକ ଛବି ମଲ୍ଲିକଙ୍କୁ ଭେଟି ପ୍ରଶାସନ ଉପରେ ଚାପ ପକାଇବାକୁ ଦାବି କରିଥିଲେ। କିନ୍ତୁ ବିଧାୟକ ବେଆଇନ ଇଟାଭାଟି ଉପରେ କୌଣସି ସାହାଯ୍ୟ କରିପାରିବେନି ବୋଲି ରୋକ୍‌ଠୋକ୍ କହିଥିଲେ। ପୋଡା ଇଟା ବଦଳରେ ସିମେଣ୍ଟ ଇଟା ପକାଇବାକୁ ପରାମର୍ଶ ଦେଇଥିଲେ। ବିନା ହେଲମେଟ୍‌ରେ ଗାଡି ଚଳାଇଲେ ଜୋରିମାନା ଦେବାକୁ ପଡିବ। ବିଧାୟକଙ୍କ ଠାରୁ ନିରାଶ ହୋଇ ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସିଂ ଓ ଇଟାଭାଟି ମାଲିକ ନିରାଶ ହୋଇ ଫେରିଥିଲେ। ଏହି ଘଟଣା ନିଆଳି ସାରା ଚର୍ଚ୍ଚା ପାଲଟିଛି।

## ନଦୀରେ ବାଇକ୍ ପଡ଼ି ନାବାଳକ ମୃତ

ଟାଙ୍ଗୀ(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ-କାଲୁପଡାଘାଟ ଗ୍ରାମ୍ୟ ରାସ୍ତାରେ ଥିବା ବଡଶଙ୍ଖ ନଈରେ ଗଳିପଡିଲା ବାଇକ୍ । ବାଇକ୍ ଚାଳକ ଗୁରୁତର ଆହତ ହୋଇଥିବା ବେଳେ ଚାଳକର ମାଉସୀ ପୁଅ ଡୁଗୁ ମହାରଣାର ମୃତ୍ୟୁ ହୋଇଛି । ଏପଟେ ବାଇକ୍ ଚାଳକ ହେଉଛନ୍ତି ଦିଲୁ ମହାରଣା । ଟାଙ୍ଗୀରୁ କାଲୁପଡାସ୍ଥିତ ଜରିପଡା ଗ୍ରାମକୁ ଦୁହେଁ ଦିଲୁ ମହାରଣା ଓ ତା'ର ମାଉସୀ ପୁଅ ଡୁଗୁ ମହାରଣା ଯାଉଥିଲେ । ବେପାରୁଆ ବାଇକ୍ ଚାଳନା ଯୋଇ ୫୦ ଫୁଟ୍ ତଳ ବଡଶଙ୍ଖ ନଈକୁ ଗଳିପଡିଲା ବାଇକ୍ । ଦୀର୍ଘ ସମୟ ପରେ ଅର୍ଥାତ ଅନ୍ଧାର ରାତିରେ ଦମକଳ ବାହିନୀ, ଯୁବଗୋଷ୍ଠୀ, ପୋଲିସ ବାହିନୀ ସହଯୋଗରେ ଆହତ ଦୁହିଁଙ୍କୁ ଉଦ୍ଧାର କରାଯାଇ ଟାଙ୍ଗୀ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା । ଏଥିରେ ବାଇକ୍ ଚାଳକ ଦିଲୁ ମହାରଣା ଗୁରୁତର ଆହତ ହୋଇଥିବା ବେଳେ ତା'ର ମାଉସୀ ପୁଅ ଡୁଗୁ ମହାରଣା ର ମୃତ୍ୟୁ ହୋଇଥିବା ଜଣାପଡିଛି । ଉଭୟଙ୍କ ଘର ଜରିପଡା ଗ୍ରାମରେ ବୋଲି ଜଣାପଡିଛି ।

## ପାରାଦୀପ ବନ୍ଦରରେ ସପ୍ତାହବ୍ୟାପି ଭିଜିଲାନ୍ସ ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ




ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ପକ୍ଷରୁ ଆୟୋଜିତ ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ କାର୍ଯ୍ୟକ୍ରମ ଡିସେମ୍ବର ୬ ତାରିଖ ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ସଦନ ପରିସରରେ ଉଦ୍‌ଯାପିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବନ୍ଦର ଭିଜିଲାନ୍ସ ବିଭାଗର ଉପ ମୁଖ୍ୟ ଅଧିକାରୀ ସ୍ମୃତି ରଞ୍ଜନ ବେଉରା ସମସ୍ତ ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ସପ୍ତାହ ବ୍ୟାପି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିଜିଲାନ୍ସ ବିଭାଗ ଯେକୌଣସି ସଂସ୍ଥାର ଏକ ମୁଖ୍ୟ ଅଙ୍ଗ ବୋଲି କହିଥିଲେ । ବୁଦ୍ଧି ଏବଂ ଅଖଣ୍ଡତା ସାମାଜିକ ପୁଞ୍ଜିର ଗୁରୁତ୍ୱପୂର୍ଣ୍ଣ ଅଂଶ, ଯାହା ସାମଗ୍ରିକ ଅର୍ଥନୈତିକ ବିକାଶରେ ସହାୟକ ହୋଇଥାଏ । ଯଦି ଆମେ ଗଣତନ୍ତ୍ରର ସୁଫଳ ଉପଭୋଗ କରିବାକୁ ଚାହୁଁ, ତେବେ ଆମକୁ ଦୁର୍ନୀତିକୁ ରୋକିବାକୁ ହେବ ଦୁର୍ନୀତି ମାମଲାରେ ପ୍ରକ୍ରିୟା ଏକ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ ହେବା ଆବଶ୍ୟକ ଏବଂ ଡିଜିଟାଲାଇଜେସନ୍ ସହିତ ସ୍ୱଚ୍ଛତା ଆହୁରି ମଜବୁତ ହୋଇପାରିବ ବୋଲି ବନ୍ଦରାଧ୍ୟକ୍ଷ ଶ୍ରୀ ହରନାଦ ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମରେ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ସମ୍ମାନିତ ଅତିଥି ଏବଂ ଅନ୍ୟ ଅଧିକାରୀମାନେ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବନ୍ଦରର ବହୁ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବନ୍ଦର ଅଧିକାରୀ, କର୍ମଚାରୀ, ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ପାରାଦୀପ ବନ୍ଦର ଭିଜିଲାନ୍ସ ବିଭାଗ ଅଧିକାରୀ ଏସ.କେ. ଧରୁଆ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।




ଖପ୍ରାଖୋଲ(ଭାସ୍କର ନ୍ୟୁଜ): ଖପ୍ରାଖୋଲ ପୋଲିସ ପେଟ୍ରୋଲିଙ୍ଗ ବେଳେ ୩ ଶିଶୁ ସମେତ ୪ ବାଦନ ଶ୍ରମିକ ଉଦ୍ଧାର କରିଥିବା ଜଣାଯାଇଛି। ଶ୍ରମିକ ଚାଲାଣ ଅଭିଯୋଗରେ ଦୁଇ ମଧ୍ୟସ୍ଥିଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛି। ଦୁଇ ମଧ୍ୟସ୍ଥି ହେଲେ ବେଲପଡ଼ା ଥାନା କୁମାରଖେନ ଗାଁ ର ଦୁର୍ଯ୍ୟୋଧନ ହଂସ (୨୫) ଲାଠୋର ଥାନା ଭରୁଆମୁଣ୍ଡା ଗାଁର ଶତ୍ରୁଘ୍ନ ନିଆଲ(୪୪) ଦୁଇ ମଧ୍ୟସ୍ଥିଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିବା ପୋଲିସ ସୂଚନା ଦେଇଛି। ସୂଚନା ଅନୁସାର ପୋଲିସ ପେଟ୍ରୋଲିଙ୍ଗ କଲାବେଳେ ହରିଶଙ୍କର ଛକ ନିକଟରେ କିଛି ଶ୍ରମିକ ହାଇଦ୍ରାବାଦ ଚାଲାଣ ହେଉଥିବା ଜାଣି ୩ଜଣ ପୁରୁଷ, ୧ଜଣମହିଳା ସହ ତିନିଜଣ ଶିଶୁଙ୍କୁ ଉଦ୍ଧାର କରି ଶ୍ରମିକ ମାନଙ୍କୁ ସାନାଉଡେନ ଓ ପାରେନ ଗାଁ ରେ ଛାଡ଼ିଥିବା ବେଳେ ଏନେଇ ଖପ୍ରାଖୋଲ ଥାନା କେସ ନମ୍ବର ୨୮୩/୨୪ ରେ ବିଭିନ୍ନ ଦଫାରେ ମାମଲା ରୁଜୁ କରି ମାମଲାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ନରେନ୍ଦ୍ର ଛତର ପ୍ରକାଶ କରିଛନ୍ତି।

# ଛୁଆବାବା କବ୍‌ଜାରେ ଗୁଆଲିପୁର ଗୋଚର ଜମି

## ■ ଅଭିଯୋଗ ପରେ ମଧ୍ୟ ପ୍ରଶାସନ ନିରବ

ରଘୁନାଥପୁର (ଭାସ୍କର ନ୍ୟୁଜ): ରଘୁନାଥପୁର ତହସିଲ ଅଧିନ ଗୁହାଲିପୁର ପଞ୍ଚାୟତର ହଂସୁଆନଦୀ କଡ଼ରେ ଥିବା ଗ୍ରାମର ଖାତା ନଂ ୪୭୭ପ୍ଲଟ ନଂ ୫୫୫ ପ୍ରାୟ ୪୦ ଡିସମିଲ ସର୍ବସାଧାରଣ ଗୋଚର ପ୍ଲଟ କୁ ସେହିଗ୍ରାମ ଛୁଆବାବା ନାମକ ଜଣେ ବେକ୍ତି ଜବର ଦଖଲ କରି ଉକ୍ତ ସ୍ଥାନରେ ନଳକୂପ ଖନନ କରିବା ସହିତ ଘରକରି ସେଠାରେ ନିଶାକରବାରରେ ଲିପ୍ତରହିବା ଗ୍ରାମବାସୀ ଅଭିଯୋଗ ଉଠାଇଛନ୍ତି। ଏହାକୁ ନେଇ ଗତସେଣର ମାସରେ ରଘୁନାଥପୁର ବ୍ଲକରେ ହୋଇଥିବା ଜିଲ୍ଲାପାଳଙ୍କ ଜନଶୁଣାଣିରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ପୂର୍ବରୁ ମଧ୍ୟ ଏ ସମ୍ପର୍କରେ ବିଭିନ୍ନ ସରକାରୀ ପଦାଧିକାରୀଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରି ଆସୁଥିଲେ ବି ପ୍ରଶାସନର ନିରବତାକୁ ନେଇ ଗ୍ରାମରେ ଉତ୍ତେଜନା ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ଗୁଆଲିପୁର ଗ୍ରାମରେ ଛୁଆବାବା ଙ୍କ ନିଜ ପୈତୃକ ଘର ରହିଥିଲେବି ଏହି ଗୋଚର ଜମିକୁ ଦଖଲ କରିବାର କାରଣ କଣ ବୋଲି ଗ୍ରାମବାସୀ ପ୍ରଶାସନକୁ ପ୍ରଶ୍ନକରିଛନ୍ତି। ତେବେ ଏହି ଜବର ଦଖଲ ଫଳରେ ଗ୍ରାମବାସୀଙ୍କ ଚାଷକାର୍ଯ୍ୟରେ ବାଧକ ସାଜିବା ସହ ଏଠାରେ ଥିବା ଶ୍ମଶାନରେ ଶବଦାହ ପାଇଁ ଅସୁବିଧା ସୃଷ୍ଟିହେଉଛି। ଅପର ପକ୍ଷରେ ବାବା ରଖିଥିବା ଦୁଇଗୋଟି ଘୋଡା ମରିଯିବା ଫଳରେ ଗୋଟିଏ ଘୋଡାକୁ ଶବଦାହ ଜାଗାରେ ପୋତିଥିବାରୁ ଶବସଂସ୍କାର କରିବାରେ ଅସୁବିଧାକୁ ନେଇ ଗତ ଡିସେମ୍ବର ୫ତାରିଖ ରେ ଗ୍ରାମର ଅନ୍ତର୍ଯ୍ୟ କୁମାର ସ୍ୱାଇଁ,ବ୍ରଜ କିଶୋର ପଟ୍ଟନାୟକ, କୈଳାସ ଚନ୍ଦ୍ର ସ୍ୱାଇଁ,ସୂତିରଂଜନ ପଟ୍ଟନାୟକ,ମହେନ୍ଦ୍ର ସ୍ୱାଇଁ,ରାକେଶ ପଟ୍ଟନାୟକ,ବିଶ୍ୱଜିତ୍ ସ୍ୱାଇଁ,ରଘୁନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି।ବାବାଙ୍କ ନାମରେ ପୂର୍ବରୁ ମଧ୍ୟ ଅପରାଧିକ ମାମଲା ରହିଛି। ଏତେ ଗୁଡିଏ ଅଭିଯୋଗ ପରେ ଜିଲ୍ଲା ପ୍ରଶାସନ ନିରବ ରହି କାରଣ ବୁଝାପଡୁ ନାହିଁ।ଯଦି ତୁରନ୍ତ ଏହି ଗୋଚର ପ୍ଲଟରୁ ଜବରଦଖଲ ଉଚ୍ଛେଦ କରାନଯାଏ ତେବେ ତହସିଲ କାର୍ଯ୍ୟାଳୟକୁ ଘେରାଉ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



# ମାଣ୍ଡିଆ ଅମଳ ଓ ଚୋପାଛଡ଼ା ଯନ୍ତ୍ରର ତାଲିମ କାର୍ଯ୍ୟକ୍ରମ

ଜଗତସିଂହପୁର,(ଭାସ୍କର ନ୍ୟୁଜ): କୃଷି ବିଜ୍ଞାନ କେନ୍ଦ୍ର ଜଗତସିଂହପୁର ପରିସରରେ ଗ୍ରାମୀଣ ଯୁବକ ଓ ଯୁବତୀ ମାନଙ୍କ ନିମନ୍ତେ ଅମଳ ପରବର୍ତ୍ତୀ ପରିଚାଳନା ଓ ପକ୍ରୀୟାକରଣ ଉପରେ ଏକ ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କୃଷି ଓ ବୈଷୟିକ ମହାବିଦ୍ୟାଳୟ, ଓୟୁଏଟି, ଭୁବନେଶ୍ୱର ତରଫରୁ ପ୍ରଥମ ଦିନ ପ୍ରଫେସର୍ ଉମା ଶଙ୍କର ପାଲ ଯୋଗଦେଇ ଅମଳ ପରବର୍ତ୍ତୀ ଫସଲର ଯତ୍ନ ଓ ବିଭିନ୍ନ ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତି ନିମନ୍ତେ ଆଲୋଚନା କରିଥିଲେ । ଦ୍ୱିତୀୟ ଦିନରେ ଓୟୁଏଟି ସ୍ଥିତ ସର୍ବଭାରତୀୟ ସଂଯୋଜିତ ଯନ୍ତ୍ରପାତି ଗବେଷଣା ପ୍ରକଳ୍ପର ମୁଖ୍ୟ ଗବେଷକ ଡ଼ ପ୍ରଦୀପ୍ତ କୁମାର ସାହୁ ଯୋଗଦେଇ ଓୟୁଏଟି ଦ୍ୱାରା ନିର୍ମିତ ମାଣ୍ଡିଆ ଅମଳ ଓ ସଫା କରିବା ଯନ୍ତ୍ରର ବ୍ୟାବାହର ଉପରେ ଯୁବ ଚାଷୀମାନଙ୍କୁ ଉଦବୋଧନ ଦେଇଥିଲେ। ଏହି ଯନ୍ତ୍ରଟି ଏକ ଅଶ୍ୱ ଶକ୍ତି କ୍ଷମତା ସମ୍ପନ୍ନ ଇଲେକ୍ଟ୍ରି ମୋଟର ସାହାଯ୍ୟରେ ଚାଲିଥାଏ । ଏହି ଯନ୍ତ୍ର ଦ୍ୱାରା ଘଣ୍ଟା ପ୍ରତି ୮୦-୯୦ କିଗ୍ରା ମାଣ୍ଡିଆ ଅମଳ କରାଯାଇପାରେ। ଏହାର ମୂଲ୍ୟ ଏକ ବର୍ଷ ୱାରେଣ୍ଟି ସହ ୮୯,୦୦୦ ଟଙ୍କା ଓ ତିନି ବର୍ଷ ୱାରେଣ୍ଟି ସହ ୧,୧୨,୮୦୦ ଟଙ୍କା ରହିଛି । ଓଡ଼ିଶା ସରକାରଙ୍କ ତରଫରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିମନ୍ତେ ଏହି ଯନ୍ତ୍ର ଉପରେ ଶତକଡା ୭୫% ଭାଗ ରିହାତି ଓ ଅନ୍ୟାନ୍ୟ ବର୍ଗ ନିମନ୍ତେ ୫୦% ରିହାତି ବ୍ୟବସ୍ଥା ରହିଛି । ଏହି ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମଟିକୁ କୃଷି ବିଜ୍ଞାନ କେନ୍ଦ୍ର ଜଗତସିଂହପୁର କୃଷି ଯନ୍ତ୍ରପାତି ବୈଜ୍ଞାନିକ ଡ଼ ଦ୍ୱାରିକା ମୋହନ ଦାସ ପରିଚାଳନା କରିଥିଲେ ଓ ମାଣ୍ଡିଆ ଅମଳ ଯନ୍ତ୍ର ଚଳାଇ ଉପସ୍ଥିତ ଚାଷୀ ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ର ଜଗତସିଂହପୁର ବଶିଷ୍ଟ ବୈଜ୍ଞାନିକ ଓ ମୁଖ୍ୟ ଡ଼ ଜୀବନଜିତ୍ ସେନ୍ ଯୋଗଦେଇ ଅମଳ ପରବର୍ତ୍ତୀ ବିଭିନ୍ନ ଯନ୍ତ୍ରପାତିର ବ୍ୟବହାର ଓ ପ୍ରକ୍ରିୟାକାରଣ ଦ୍ୱାରା ଯୁବକ ଚାଷୀ ଭାଇ ଓ ଭଉଣୀମାନେ ଲାଭବାନ ହୋଇପାରିବେ ବୋଲି ଉଦବୋଧନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୃହ ବିଜ୍ଞାନ ବୈଜ୍ଞାନିକ ସସ୍ମିତା ପୁରୋହିତ, ଫାର୍ମ ମ୍ୟାନେଜର ରବୀନ୍ଦ୍ର ପ୍ରଧାନ, ଡ଼ ବିଛିନ୍ନା ମୈତ୍ରି ରାଉତ, ସରିତା ଦାସ, ବିଜୟିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ । ବେଠାନି ସାମାଜିକ ଅନୁଷ୍ଠାନ, ପାରାଦୀପ ତରଫରୁ ବିଭିନ୍ନ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।



# ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର କାର୍ଯ୍ୟକାରୀ କମିଟି ସଭା

ଡେରାବିଶ,(ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ଚାନ୍ଦୋଳ ସ୍ଥିତ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ସଂଘର କେନ୍ଦ୍ରାପଡ଼ା ଜିଲ୍ଲା ଶାଖାର କାର୍ଯ୍ୟକାରୀ କମିଟି ସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି କାମିନୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଶ୍ରମିକ ନେତା ଅଶୋକ କୁମାର ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଶ୍ରୀ ତ୍ରିପାଠୀ କେନ୍ଦ୍ରାପଡ଼ା ଜିଲ୍ଲାରେ ନିର୍ମାଣ ଶ୍ରମିକମାନଙ୍କର ସମସ୍ୟା ଯେଭଳି ବଢ଼ି ବଢ଼ି ଚାଲିଛି ବୋଲି ପ୍ରକାଶ କରିଥିଲେ। ଏହି ଜିଲ୍ଲାରେ କିଛି ନକଲି ନିର୍ମାଣ ଶ୍ରମିକ ସେମାନଙ୍କ କାର୍ଡ଼ ବାହାର କରି ସରକାରଙ୍କ ବିଭିନ୍ନ ସୁବିଧା ହାତଉଥିବା ବେଳେ ଅସଲି ନିର୍ମାଣ ଶ୍ରମିକମାନେ ସେମାନଙ୍କ ହକ ପାଇବାରୁ ବଂଚିତ ହେଉଥିବା ଶ୍ରୀ ତ୍ରିପାଠୀ ଅଭିଯୋଗ କରିଥିଲେ । ନିର୍ମାଣ ଶ୍ରମିକମାନଙ୍କ ପିଲାମାନଙ୍କର ପାଠପଢ଼ା ଅନୁଦାନ, ମାତୃତ୍ୱ ସହାୟତା, ମୃତ୍ୟୁକାଳୀନ ସହାୟତା ରାଶି, ମହିଳା ନିର୍ମାଣ ଶ୍ରମିକମାନଙ୍କୁ ପଞ୍ଜିକୃତ କରାଯିବା, ଝିଅ ବିଭାଘର ସହାୟତା, ପେନ୍‌ସନ ଓ ପକ୍କାଘର ଯୋଜନା ସବୁ କାଗଜ କଲମରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଅଟକିଥିବା ଶ୍ରୀ ତ୍ରିପାଠୀ କ୍ଷୋଭର ସହ କହିଥିଲେ । ବର୍ତ୍ତମାନ ଜିଲ୍ଲାରେ ବାଲିର ଘୋର ଅଭାବ ଦେଖାଦେଇଥିବା ବେଳେ ନିର୍ମାଣ ଶ୍ରମିକମାନଙ୍କର ଜୀବନ ଜୀବିକାରେ ବାଧା ଉପୁଜୁଛି। ତେଣୁ ଉପରୋକ୍ତ ସମସ୍ୟାର ସମାଧାନ ପାଇଁ ତୁରନ୍ତ ଶ୍ରୀ ତ୍ରିପାଠୀ ନିର୍ମାଣ ଶ୍ରମିକମାନଙ୍କୁ ନେଇ ଜିଲ୍ଲାପାଳଙ୍କୁ ଭେଟିବେ ବୋଲି ସଭାରେ ସ୍ଥିର ହୋଇଥିଲା। ଯଦି ସେଠାରେ ନିର୍ମାଣ ଶ୍ରମିକମାନଙ୍କର ସମସ୍ୟାର ସମାଧାନ ନହୁଏ ତେବେ ଶ୍ରମିକମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ। ଆଜିର ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ବାହାଲି ଟୁଡୁ, ସେକ ରିଆଜୁଦ୍ଦିନ୍, ପ୍ରଦିପ୍ତ ସାମଲ, ନିତ୍ୟାନନ୍ଦ ସାମଲ, ମହେଶ୍ୱର ନାୟକ, ଅକ୍ଷୟ ଲେଙ୍କା, ଜଗଦିଶ କଟାଳ, ଭଗବାନ ବେହେରା, ଅଧର ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଶେଷରେ ଦ୍ୱିତିରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏପ୍ରିଲ ୨୦୨୫ ପର୍ଯ୍ୟନ୍ତ ବଢ଼ିବ ବିଦ୍ୟାଳୟ ପରିଚାଳନା କମିଟିର କାର୍ଯ୍ୟକାଳ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ସମସ୍ତ ବିଦ୍ୟାଳୟ ଗୁଡିକୁ ସୁପରିଚାଳନା ନିମନ୍ତେ ବିଦ୍ୟାଳୟ ପରିଚାଳନା କମିଟି ଗଠନ କରାଯାଇଛି ଓ ଏହି ପରିଚାଳନା କମିଟିର ଅବଧି ୩ ବର୍ଷ ହୋଇଥିବା ବେଳେ ଓଡିଶା ବିଦ୍ୟାଳୟ ଶିକ୍ଷା ବିଭାଗ ଏହାର କାର୍ଯ୍ୟକାଳ ବୃଦ୍ଧି କରିବାଚୁ ରାଜ୍ୟର ସମସ୍ତ ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷା ଅଭିଯାନ ଙ୍କୁ ଚିଠି କରିଛି। ଯେଉଁ ବିଦ୍ୟାଳୟ ପରିଚାଳନା କମିଟିର ୩ ବର୍ଷ ପୂର୍ତ୍ତି ହୋଇଛି କିମ୍ବା ୩ ବର୍ଷରୁ ଉର୍ଦ୍ଧ୍ୱ ହୋଇଛି ସେହିସବୁ ବିଦ୍ୟାଳୟ ପରିଚାଳନା କମିଟିର ସମୟସୀମାକୁ ଆସନ୍ତା ଏପ୍ରିଲ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ମଂଜୁରି ଜିଲ୍ଲା ଶିକ୍ଷାଧିକାରୀ ତଥା ସମଗ୍ର ଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ଏହାକୁ ବୃଦ୍ଧି କରିପାରିବେ ବୋଲି ଜଣାପଡିଛି।

# ମହାତ୍ମାଗାନ୍ଧିଙ୍କ 'ଗୋବରା ପଦାର୍ପଣ' ଦିବସ ପାଳିତ

ଭଞ୍ଜନଗର(ଭାସ୍କର ନ୍ୟୁଜ): ମହାତ୍ମାଗାନ୍ଧିଙ୍କ ୯୮ ତମ ଜନ୍ମବାର୍ଷିକ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଗୋବରା ବିଶ୍ୱଭାରତୀ ଆବାସିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ାଃ ବିଜୟ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଦିବସକୁ ପ୍ରତିବର୍ଷ ଗୋବରାରେ ପାଳନ କରାଯାଉଥିବାରୁ ଭୂୟସୀ ପ୍ରଶଂସା କରିଥିଲେ। ଗୋବରା ଉପେନ୍ଦ୍ର ଭଞ୍ଜ ସାହିତ୍ୟ ପରିଷଦର ସଭାପତି ଗୋପାଳ ଚନ୍ଦ୍ର ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଘୁମୁସର ବରିଷ୍ଠ ନାଗରିକ ମଞ୍ଚ ତଥା ଘୁମୁସର ବିକାଶ ପରିଷଦର ସଭାପତି ସୋମନାଥ ନାୟକ ଉଦଘାଟକ ଭାବେ ଯୋଗଦେଇ ଥିବା ବେଳେ ଗୋପାଳପୁରର ତଥା ଗଞ୍ଜାମ ଜିଲ୍ଲାର ସୁଲେଖକ ତଥା ଶିକ୍ଷାବିତ୍ ସରୋଜକାନ୍ତ ରଥ ମୁଖ୍ୟ ବକ୍ତା, ଶିକ୍ଷାବିତ୍ ଲିଙ୍ଗରାଜ ଜେନା, ବିଶିଷ୍ଟ ଲେଖିକା ବନ୍ଦନା ମହାପାତ୍ର, ପ୍ରମିଳା ପାଣି, ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ମିଶ୍ର, ସମାଜସେବୀ ଶୂଳପାଣି ଶତପଥି, ଗୌରୀ କୁମାର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଆୟୋଜକ-ଉପେନ୍ଦ୍ରଭଞ୍ଜ ସାହିତ୍ୟ ପରିଷଦ ଗୋବରାର ଏହି ମହତ୍ ଉଦ୍ଦେଶ୍ୟ ଆଧାରିତ କାର୍ଯ୍ୟାବଳୀକୁ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଗୋବରା ମୁଖ୍ୟ ରାସ୍ତାରେ ଥିବା 'ଗୋବରା ଗାନ୍ଧୀ' ବାଞ୍ଛାନିଧି ପଟ୍ଟନାୟକ ଏବଂ 'ଜାତିର ପିତା' ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବିଶିଷ୍ଟ ଲେଖକ ଗୋପାଳ ଚନ୍ଦ୍ର ଲେଙ୍କାଙ୍କ 'ଗୋବରାରେ ଗାନ୍ଧିଜୀ' ପୁସ୍ତକ ଏବଂ ବିଶିଷ୍ଟ ଗାଳ୍ପିକ ତଥା ଔପନ୍ୟାସିକ ସୋମନାଥ ପଣ୍ଡାଙ୍କ ପୁସ୍ତକ 'ଝରଣା' ମୁଖ୍ୟ ଅତିଥି ଡ଼ାଃ ବିଜୟ କୁମାର ପଣ୍ଡାଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା । ଡ଼ାଃ ପଣ୍ଡା ବିଦ୍ୟାଳୟର ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ମାନଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରିବା ସହ ଗଞ୍ଜାମ ଜିଲ୍ଲାର ଦୁଇ ପ୍ରମୁଖ ଶିକ୍ଷାବିତ୍ ତଥା ସୁଲେଖକ ଲିଙ୍ଗରାଜ ଜେନା ଏବଂ ସରୋଜ କାନ୍ତି ରଥଙ୍କୁ ସମ୍ମାନ ପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମରେ ଶିକ୍ଷକ ମହେଶ୍ୱର ରାଉତ ଓ ଛାତ୍ରୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିବା ବେଳେ ପରିଷଦର ସାଧାରଣ ସମ୍ପାଦକ ଦିବ୍ୟଲୋଚନ ବିଶ୍ୱାଳ ସମ୍ପାଦକୀୟ ବିବରଣୀ ପାଠ ଏବଂ ପଣ୍ଡିତ ସୁରେନ୍ଦ୍ର କୁମାର ପାତ୍ର ବେଦପାଠ କରିଥିଲେ ଓ ସୁଧାରାଣୀ ଶତପଥି ଉଦ୍‌ଯାପନ ସଙ୍ଗୀତ ଗାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱଭାରତୀ ଆବାସିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ସମସ୍ତ କର୍ମଚାରୀ ପୂର୍ଣ୍ଣମାତ୍ରାରେ ସହଯୋଗ କରିଥିଲେ। ଶେଷରେ ସମ୍ପାଦକ ଦିବ୍ୟଲୋଚନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।



## ହାତୀ ଉପଦ୍ରବ ଅଞ୍ଚଳରେ ଆଶାର ଆସନ ଜମାଇଛି ମାଣ୍ଡିଆ

ଶୁଳିଆପଦା (ଭାସ୍କର ନ୍ୟୁଜ) ଶୁଳିଆପଦା ବ୍ଲକ ଅଧିନସ୍ଥ ଝାଲିଆମାରା ଗ୍ରାମ ଠାରେ ଶକ୍ତି ଶିଖା ସଂସ୍ଥାର ଶ୍ରୀ ଅନ୍ନ ଅଭିମାନ ତରଫରୁ ଶ୍ରୀଯୁକ୍ତ ବୁଦ୍ଧିରାମ ସୋରେନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇ ଥିବା ବିହନ ଉତ୍ପାଦନ କ୍ଷେତ୍ରରେ କ୍ଷେତ୍ର ଦିବସ ଓ ଫସଲ କଟା ପରୀକ୍ଷଣ ସରପଞ୍ଚ ଝାଲିଆମରା ସୁଶାନ୍ତ କୁମାର ଟୁଡୁ , ଭି ଏଲ ଡବ୍ଲୁ ଓ ବିଜୟ କାଳିନ୍ଦୀ ,ଏ.ଡ଼ି.ଓ ଝାଲିଆ ମାରା ଅଭିମନ୍ୟୁ ଦେହୁରି ,ବି.ଏଫ.ଟି ଝାଲିଆମାରା ସୁନିଲ ହେମ୍ବମ ଡବ୍ଲୁ ଏସ ଏଜ ଜି ମେମ୍ବର, ୫୦ ଜଣ କୃଷକ, ୨୦ ଜଣ ଗ୍ରାମବାସୀ ଓ ଏସ ଏ.ଏ ଟିମ୍ ଶୁଳିଆପଦାର ଉପସ୍ଥିତିରେ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ଚାଷୀମାନଙ୍କ ମନରେ ମାଣ୍ଡିଆ ଚାଷ ପାଇଁ ଉତ୍ସାହ ସୃଷ୍ଟି କରିବା ମାଣ୍ଡିଆ ଅମଳର ପରିମାଣ ଜଣେଇବା ଓ ଶ୍ରୀ ଅନ୍ନ ଅଭିଯାନରେ ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ସମସ୍ତ ସରକାରୀ ସୁବିଧା ସୁଯୋଗ ବିଷୟ ରେ ସଚେତନ କରାଇବା ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ପଦାର୍ଥ ଆମ ଶରୀର ପାଇଁ କେତେ ଲାଭ ଦାୟକ ଜଣାଇବା ଏହି ସବୁ ଲକ୍ଷ୍ୟ ଉଦ୍ଦେଶ୍ୟ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା ।



# ଭୂପୃଷ୍ଠ ଜଳ ପରିଚାଳନା ଓ ଫସଲ ଜଳ ଆକଳନ ତାଲିମ ଶିବିର




ଖପ୍ରାଖୋଲ, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ କୃଷି ଅଧିକାରୀଙ୍କ ତାଲିମ ଶିବିରରେ କୃଷି ବିଭାଗ, ଆତ୍ମା ଓ ଏଫ୍‌ଇଏସ୍‌ର ମିଳିତ ଉଦ୍ୟମରେ ଉତ୍ତମ ଭୂପୃଷ୍ଠ ଜଳ ପରିଚାଳନା ଓ ଫସଲ ଜଳ ଆକଳନ ସମ୍ପର୍କିତ ତିନିଦିନିଆ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ତାଲିମ ଶିବିରରେ ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର ଅଧ୍ୟକ୍ଷତା କରିଥିବା ବେଳେ ଏଫ୍‌ଇଏସ୍ ଜିଲ୍ଲା ସଂଯୋଜକ ସୁଜିତ କୁମାର ଶତପଥି, ସହକାରୀ କୃଷି ଅଧିକାରୀ ସୁମନ୍ତ ଖମାରୀ, ଦିନବନ୍ଧୁ ବେହେରା ଏବଂ ତାଲିମଦାତା ଭାବେ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ ଯୋଗଦେଇ ଥିଲେ। ଭୂପୃଷ୍ଠ ଜଳର ଉତ୍ତମ ପରିଚାଳନା ଉପରେ ଆଲୋଚନ ହେବା ସହିତ ତାଲିମାର୍ଥୀଙ୍କ ମଧ୍ୟରେ ପାଣି ଖେଳ ଅନୁଷ୍ଠିତ ହୋଇଥିଲା। ଜଳର ସଠିକ୍ ପରିଚାଳନା ପାଇଁ ସଚେତନତା, ସଙ୍ଗଠନ, ସହଭାଗିତା ଓ ସହଯୋଗର ଆବଶ୍ୟକତା ଥିବା ଖେଳରୁ ଜଣାଯାଇଥିଲା। ଏହି ଅବସରରେ ପୋଖରୀ ଓ ନାଳର ଜଳ ମାପ, ଫସଲ ଜଳ ଆକଳନ ଆପ୍‌ର ବ୍ୟବହାର ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଶେଷ ଦିନ ତାଲିମାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଏଟିଏମ ପରେଶ ମେହେର, ମାନସ ରଞ୍ଜନ ଖମାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କୃଷି କର୍ମଚାରୀ ଓ କୃଷକ ସାଥି ଅଂଶଗ୍ରହଣ କରିଥିଲେ।

# ରାୟଗଡା ଜିଲ୍ଲାର ଗଣପର୍ବ ଚଇତି-୨୦୨୪ର ଶୁଭାରମ୍ଭ

ଗୁଣପୁର, (ଭାସ୍କର ନ୍ୟୁଜ୍) : ରାୟଗଡା ଜିଲ୍ଲାର ଗଣପର୍ବ ଚଇତି-୨୦୨୪ ଆଜି ପଦ୍ମପୁର ବ୍ଲକରୁ ଶୁଭାରମ୍ଭ ହୋଇଛି। ଜିଲ୍ଲା ଚଇତି କମିଟି ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ରାଜନେତା, ନିର୍ବାଚିତ ପ୍ରତିନିଧି ବିଭିନ୍ନ ବ୍ଲକର ପ୍ରଶାସନିକ ଅଧିକାରୀ ସମ୍ମିଳିତ ହୋଇ ପଦ୍ମପୁର ବ୍ଲକର ମରିଚଗୁଡା ଠାରେ ଥିବା ସଉରା ସଂପ୍ରଦାୟର ଅକ୍ଷ୍ୟରବ୍ରହ୍ମ ମନ୍ଦିରରେ ପୂଜାର୍ଚ୍ଚନା କରି ହଜାର ହଜାର ଲୋକଙ୍କ ଗହଣରେ କଳସ ଯାତ୍ରା ଆରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, କରାପୁଟ ସାଂସଦ ସପ୍ତଗିରୀ ଉଲ୍ଲକା, ଜିଲ୍ଲାପରିଷଦ ଅଧକ୍ଷା ସରସ୍ୱତୀ ମାଝି, ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ବିଷମକଟକ ବିଧାୟକ ନିଳମାଧବ ହିକକ୍କା, ରାୟଗଡା ବିଧାୟକ ଆପଲସ୍ୱାମି କାଡ୍ରାକା, ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ, ମୁଖ୍ୟ ଉନ୍ନୟନ ତଥା ଜିଲ୍ଲା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଜିଲ୍ଲା ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଦୟାନିଧି ବାଗ, ଗୁଣପୁର ଉପଜିଲ୍ଲାପାଳ କିରଣଦୀପ କୌର, ଜିଲ୍ଲା ସଂସ୍କୃତି ଅଧିକାରୀ ସସ୍ମିତା ବାଉରୀ, ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟର ଉପସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ପୌର ଉପାଧ୍ୟକ୍ଷ ଶିବ ଗୌଡ ପ୍ରମୁଖ ଯୋଗ ଦେଇଥିଲେ। କଳସ ଯାତ୍ରାରେ ସମସ୍ତ ବ୍ଲକର ଅଧ୍ୟକ୍ଷ, ଅଧ୍ୟକ୍ଷାମାନେ ମୁଣ୍ଡରେ କଳସ ଧରି ଆଦିବାସୀ ବାଦ୍ୟର ତାଳେତାଳେ ନୃତ୍ୟ ଓ ଗୀତର ମାହଲ ମଧ୍ୟରେ ସୁନାରିଘାଇ ଛକକୁ ଆସିଥିଲା। ସୁନାରୀ ଘାଇ ଛକରୁ ଜିଲ୍ଲା ଚଇତି ରଥକୁ ସ୍ୱାଗତ କରି ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଆଣି ପଦ୍ମପୁର ଚଇତି ମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା। ସେହିପରି ରାୟଗଡା ଜିଲ୍ଲାର ଅନ୍ୟ ସମସ୍ତ ବ୍ଲକ ନିଜ ନିଜ ବ୍ଲକକୁ କଳସ ନେଇଥିଲେ। ଶୁଭାରମ୍ଭର ପ୍ରଥମ ଦିନରେ ବ୍ଲକସ୍ତରୀୟ ଚଇତି ଉତ୍ସବ ପଦ୍ମପୁର ଠାରେ ଆରମ୍ଭ ହୋଇଥିବା ବେଳେ ପର୍ଯ୍ୟାୟକ୍ରମେ ଜିଲ୍ଲାର ୯ଟି ବ୍ଲକରେ ଚଇତି ଉତ୍ସବ ଆୟୋଜିତ ନେଇ ଚୂଡାନ୍ତ ହୋଇଛି। ବ୍ଲକସ୍ତରୀୟ ଚଇତି ସମାପନ ପରେ ଉପଖଣ୍ଡସ୍ତରୀୟ ସାଂସ୍କୃତିକ ଉତ୍ସବ ଇଡିତାଲ ଆସନ୍ତା ୨୦ରୁ ୨୨ତାରିଖ ତିନିଦିନ ବ୍ୟାପି ଗୁଣପୁର ତହସିଲ ପଡିଆଠାରେ ଆରମ୍ଭ ହେବ। ଏହାପରେ ଶେଷ ପର୍ଯ୍ୟାୟରେ ଜିଲ୍ଲାସ୍ତରୀୟ ଚଇତି-୨୦୨୪ ଓ ପଲ୍ଲିଶ୍ରୀ ମେଳା ଆସନ୍ତା ୨୬ତାରିଖରୁ ଆରମ୍ଭ ହୋଇ ୩୦ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ରାୟଗଡା ସଦର ଜିସିଡି ପଡିଆଠାରେ ଆୟୋଜିତ ହେବ ବୋଲି ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସଂସ୍କୃତି ଅଧିକାରୀ, ପଦ୍ମପୁର ବିଡିଓ ଶିବ ପ୍ରସାଦ ପଟ୍ଟନାୟକ, ପୂର୍ବତନ ପଦ୍ମପୁର ବ୍ଲକ ଅଧ୍ୟକ୍ଷା ରମାକାନ୍ତ ମାଝି ଓ ଅନ୍ୟାନ୍ୟ କର୍ମକର୍ତ୍ତା ପରିଚାଳନା କରିଥିଲେ। ଅକ୍ଷରବ୍ରହ୍ମ ମନ୍ଦିର କମିଟିର ରାମ ପ୍ରସାଦ ଶବର ଓ ଡିଗଗ ସ୍ୱିଂଗ ଗମାଙ୍ଗ ଓ ଲମ୍ବଧର ଶବର ପୂଜାପାଠରେ ସହଯୋଗ କରିଥିଲେ।



# ବେଗୁନିଆପଡାରେ ଉଦ୍ୟାନ କୃଷି କର୍ମଶାଳା

କୋଦଳା, (ଭାସ୍କର ନ୍ୟୁଜ୍) : ଉଦ୍ୟାନ କୃଷି କର୍ମଶାଳା ବେଗୁନିଆପଡା ବ୍ଲକ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ସହକାରୀ ଉଦ୍ୟାନ କୃଷି ଅଧିକାରୀ ପ୍ରତାପ ଚନ୍ଦ୍ର ପଣ୍ଡା, ଛତ୍ରପୁର ସହକାରୀ ଉଦ୍ୟାନ ଅଧିକାରୀ ସନ୍ଦୀପ କୁମାର ବଡ଼େଇ, ହିଞ୍ଜିଳିକାଟୁ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଅଶୋକ କୁମାର ପାଇକରାୟ, ବେଗୁନିଆପଡା ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୁବାଶିଷ ପାତ୍ର, ବେଗୁନିଆପଡା ସହକାରୀ କୃଷି ଅଧିକାରୀ ରାମଲାଲ ସାମଦ, ଉଦ୍ୟାନ ନିରୀକ୍ଷକ ପ୍ରଦୀପ କୁମାର ଗୋମାନସିଂ ଯୋଗଦେଇ ଉତ୍ତମ ଚାଷ ଉପରେ ଆଲୋକପାତ କରିଥିଲେ। ଚାଷର ଉନ୍ନତି ନହେଲେ ରାଜ୍ୟ ଓ ଦେଶର ଉନ୍ନତି ଅସମ୍ଭବ। ତେଣୁ କୃଷି ପାଇଁ ସରକାର ବିଭିନ୍ନ ପ୍ରକାର ଯୋଜନା କରିବା ସହ ପ୍ରୋତ୍ସାହନ ଦେଉଛନ୍ତି। ବର୍ତ୍ତମାନ ଆମ ରାଜ୍ୟରେ ଆଳୁ ସଙ୍କଟ ଦେଖାଦେଇଥିବା ବେଳେ ସରକାର ଆଳୁ ଚାଷକୁ ଗୁରୁତ୍ୱ ଦେଉଛନ୍ତି। ତେଣୁ ଉତ୍ତମ ସବସିଡ଼ି ଯୁକ୍ତ ଆଳୁ ବିହନ ନେଇ ଚାଷ କରିବା ସହ ଏହି ସଙ୍କଟକୁ ଦୂରୀଭୂତ କରିବା ପାଇଁ କହିଥିଲେ। ଅପରାହ୍ନରେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଯୋଗଦେଇ ସରକାରଙ୍କ ଯୋଜନା ପ୍ରକୃତ ଚାଷୀଙ୍କ ନିକଟରେ ପହଞ୍ଚୁ ନାହିଁ ଏଣୁ ଏଥିପ୍ରତି ଧ୍ୟାନ ଦେବା ସହ ଠିକ୍ ଭାବରେ ସବସିଡି ପ୍ରଦାନ କରି ବିଭିନ୍ନ ଯୋଜନା ସମ୍ପର୍କରେ ଚାଷୀଙ୍କୁ ସଚେତନ କରିବା ପାଇଁ କୃଷି ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ଲେମ୍ବୁ, ଛୁଇଁ, ଆମ୍ବ ଆଦି ଚାରା ଓ ବିହନ କିଟ୍ ଚାଷୀଙ୍କୁ ପ୍ରଦାନ କରିଥିଲେ। ଏଥିରେ ଉଦ୍ୟାନ କୃଷି କର୍ମଚାରୀ, କୃଷକ ସାଥି ଓ ଚାଷୀ ଉପସ୍ଥିତ ଥିଲେ ।




# କୁଜଙ୍ଗ ମଣ୍ଡଳ ବିଜେପି ପକ୍ଷରୁ ସଫେଇ କାର୍ଯ୍ୟକ୍ରମ



କୁଜଙ୍ଗ, (ଭାସ୍କର ନ୍ୟୁଜ୍) : ପରିବେଶକୁ ସ୍ୱଚ୍ଛତା ଆଣିବା ପାଇଁ କୁଜଙ୍ଗ ମଣ୍ଡଳ ବିଜେପି ପକ୍ଷରୁ ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଫେଇ କାର୍ଯ୍ୟକ୍ରମଟି ପ୍ରଥମେ କୁଜଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇଥିବା ବେଳେ କୁଜଙ୍ଗ ବ୍ଲକ ପଡ଼ିଆ, କୁଜଙ୍ଗ ମହିଳା ଓ ଶିଶୁବିକାଶ କାର୍ଯ୍ୟାଳୟ ପରିସର, କୁଜଙ୍ଗ ଥାନା ପରିସର ମଧ୍ୟରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୁଜଙ୍ଗ ପଞ୍ଚାୟତର ସରପଞ୍ଚ ତଥା ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର ନାରୀନେତ୍ରୀ ବନ୍ଦିତା ଦାସ, ଗୋପିଆକୁଦ ପଞ୍ଚାୟତର ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ଜିଲ୍ଲାନାସୀ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଅଭୟ କୁମାର ପରିଡ଼ା, ଦୁଷ୍ମନ୍ତ ନାଥ ଶର୍ମା, ଓବିଶୀ ମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦକ ଦେବରାଜ ସାମଲ, ସଞ୍ଜୀତ ବେହେରା, ଅକ୍ଷୟ କୁମାର ଦାସ, ମନୋରଞ୍ଜନ ସ୍ୱାଇଁ, ସୌଭାଗ୍ୟ କୁମାର ପ୍ରଧାନ, ପବିତ୍ର ପରିଜା ଓ ଅଜୟ କୁମାର ବେହେରା ପ୍ରମୁଖଙ୍କ ସମେତ ଶତାଧିକ ସଂଖ୍ୟକ ବିଜେପି କର୍ମୀମାନେ ଏହି ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ବରିଷ୍ଠ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗଠିତ

ତିହିଡ, (ଭାସ୍କର ନ୍ୟୁଜ୍) : ଏହି ବ୍ଲକର ବାରୋ ପଞ୍ଚାୟତରେ ଶୁକ୍ରବାର ବରିଷ୍ଠ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗଠିତ ହୋଇଯାଇଛି। ଏହି ଗୋଷ୍ଠୀର ସଭାନେତ୍ରୀ ଭାବେ ପ୍ରଭାବତୀ ନାୟକ, ଉପସଭାନେତ୍ରୀ ବାସନ୍ତୀଲତା ନାୟକ, ସମ୍ପାଦିକା ଉର୍ମିଳା ନାୟକ, ସହସମ୍ପାଦିକା ଉଷାମଣି ନାୟକ, କୋଷାଧ୍ୟକ୍ଷା ପବିତ୍ରା ନାୟକ, କାର୍ଯ୍ୟକାରିଣୀ ସଦସ୍ୟ ଭାବେ ବନଲତା ନାୟକ, ସ୍ୱର୍ଣ୍ଣଲତା ନାୟକ, ସବିତା ନାୟକ, ସତ୍ୟଭାମା ମହାପାତ୍ର, ଶାନ୍ତିଲତା ବିଶ୍ୱାଳ, ବାସନ୍ତୀ ନାୟକ ପ୍ରମୁଖ ମନୋନୀତ ହୋଇଥିଲେ। ଏହି ବୈଠକରେ ସମାଜସେବୀ ତଥା ବରିଷ୍ଠ ସଭ୍ୟ ନରହରି ନାୟକ, ଚନ୍ଦ୍ରମଣି ନାୟକ, ୱାର୍ଡ଼ସଭ୍ୟା ହେନାଲତା ନାୟକ ଉପସ୍ଥିତ ଥିଲେ। ଚବିଶପଡ଼ା ଗ୍ରାମରେ ଏକ ବୈଠକ ଅନୁଷ୍ଠିତ ହୋଇ ପଞ୍ଚାୟତର ବିଭିନ୍ନ ଗ୍ରାମର ବରିଷ୍ଠ ମହିଳାମାନଙ୍କୁ ନେଇ ଏହି ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରାଯାଇଥିଲା।

# ଇଂ.ବିବେକାନନ୍ଦ ସାସମଲଙ୍କ ସ୍ମୃତିଚାରଣ

ଫୁଲନଖରା, (ଭାସ୍କର ନ୍ୟୁଜ୍) : ସଦର ଥାନା ଅନ୍ତର୍ଗତ ବଡ଼ଝରିଲୋ ମୌଜାର ଅବସରପ୍ରାପ୍ତ ଯନ୍ତ୍ରୀ ଇଂ. ବିବେକାନନ୍ଦ ସାସମଲଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ ଆଇନଜୀବୀ ଅଶୋକ ସାସମଲଙ୍କ ଅଧ୍ୟକ୍ଷତାରେ କୁରାଙ୍ଗଶାସନସ୍ଥ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଶ୍ୱିନୀ ମହାପାତ୍ର, ହଂସନାଥ ସାହୁ, ସୁରେନ୍ଦ୍ରନାଥ ଛୋଟରାୟ, ଉମାକାନ୍ତ କର, ଦିଲୀପ ବେହେରା, ଅଜୟ ପତି, ଗିରିଧାରୀ ସାହୁ, କୈଳାସଚନ୍ଦ୍ର ପାତ୍ର, ସୁବୋଧକୁମାର ପାତ୍ର, ସୁବୋଧ ପଟ୍ଟନାୟକ, ଉଲ୍ଲାସ ମହାପାତ୍ର, ପଣ୍ଡିତ ବିଦ୍ୟାଧର ଦାସ, ଅଜିତକୁମାର ସାହୁ, ଜୟଦେବ ସାହୁ, ଗଗନବିହାରୀ ଦାସ, ସୁବୋଧ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଖଗେଶ୍ୱର ପାତ୍ର, ବିଷ୍ଣୁଚରଣ ନାୟକ, ଡାକ୍ତର ଭିକାରୀଚରଣ ସାହୁ, ଲଳିତକୁମାର ଦାଶ, ଧିରେନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ସ୍ମୃତିଚାରଣ କରିଥିଲେ। ଅନୁପ ସାସମଲ, ଅରୂପ ସାସମଲ ଓ ରାନୁ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




# ଅଧ୍ୟକ୍ଷ ସପନ କୁମାରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଶୁଳିଆପଦା, (ଭାସ୍କର ନ୍ୟୁଜ୍) : ଶୁଳିଆପଦା ବ୍ଲକର କୋଷ୍ଠାସ୍ଥିତ ଗୌରମୋହନ ସାତୁଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସପନ କୁମାର ମଲ୍ଲିକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବର୍ତ୍ତମାନର ଭାରପ୍ରାପ୍ତ ଅଧ୍ୟକ୍ଷ ଦେବବ୍ରତ ଦେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ତର୍କଶାସ୍ତ୍ରର ପ୍ରଦୀପ୍ତ ଦାସମହାପାତ୍ର, ମୁଖ୍ୟବକ୍ତାଭାବରେ ପୂର୍ବତନ ଅଧ୍ୟକ୍ଷ ନୀଳକଣ୍ଠ ପାତ୍ର, ସମ୍ମାନନୀୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାପକ ଦୋଳଗୋବିନ୍ଦ ମହାନ୍ତ ଏବଂ ନିମନ୍ତ୍ରିତ ଅତିଥି ଭାବେ ଗବେଷକ ତଥା ସାହିତ୍ୟିକ ଡ. ସଂଜୀବ କୁମାର ପାଣିଗ୍ରାହୀ ଯୋଗ ଦେଇ ଅଧ୍ୟକ୍ଷ ସପନ କୁମାର ମଲ୍ଲିକଙ୍କ ଛାତ୍ରବତ୍ସଳତା, ସାଧୁତା, ସମୟାନୁବର୍ତ୍ତିତା, ପରୋପକାରିତା, କର୍ତ୍ତବ୍ୟ ପରାୟଣତା ଇତ୍ୟାଦି ବହୁବିଧ ସୁଗୁଣର ପ୍ରଶଂସା କରିଥିଲେ । ଅବସର ଗ୍ରହଣ କରିଥିବା ଶ୍ରୀ ମଲ୍ଲିକ ତାଙ୍କ ୩୬ ବର୍ଷ ଅଧ୍ୟାପକ ଜୀବନର ସ୍ମୃତିଚାରଣ କରି ଲୋତକାପ୍ଲୁତ ହୋଇପଡିଥିଲେ । ଛାତ୍ର-ଛାତ୍ରୀମାନେ ଅଶ୍ରୁଳ ନେତ୍ରରେ ସେମାନଙ୍କ ଆପଣାର ପ୍ରିୟ ଅଧ୍ୟାପକଙ୍କ ଉପରେ ପୁଷ୍ପବୃଷ୍ଟି କରିଥିଲେ। ଓଡ଼ିଆ ଅଧ୍ୟାପିକା ସୁଚିତା ସେନାପତି ମାନପତ୍ର ପାଠ କରିଥିବାବେଳେ ଅଧ୍ୟାପିକା ପ୍ରାଚୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ରୁଦ୍ରନାଥ ଧୀର, ଅନିଲ କୁମାର ଭୂୟାଁ, ଭଗବାନ ଭଂଜ, ବିକାଶ ଧୁଙ୍ଗିଆ, ରଶ୍ମିତା ବାରିକ, ପ୍ରଣବ ସାତୁଆ, ସତ୍ୟବ୍ରତ ଦେ, ଶାନ୍ତନୁ, ସାତୁଆ, ସଚ୍ଚିଦାନନ୍ଦ ଦେ, ଅମୃତା ସି, ମିତାରାଣୀ ମଲ୍ଲିକ, ଡା ସୁକାନ୍ତ ପାତ୍ର, ତୃଷ୍ଣା ପାତ୍ର, ସାଗର ସାତୁଆ, ବିମଳା ଦତ୍ତ, ସୁରେଶ ଦତ୍ତ, ଭୁବନ ପାଣିଗ୍ରାହୀ, ମାନସୀ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ





ଛତ୍ରପୁର, (ଭାସ୍କର ନ୍ୟୁଜ) : ଛତ୍ରପୁର ସଂକୁଳସ୍ତରୀୟ ବନ ବିହାର କାର୍ଯ୍ୟକ୍ରମ ଗୋଳନ୍ଥରା ନିକଟ ମା' ଭୈରବୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗୋପାଳପୁର, ନରେନ୍ଦ୍ରପୁର, ଭଞ୍ଜବିହାର, ଗଞ୍ଜାମ, ଛତ୍ରପୁର, ଓ ରମ୍ଭା ଆଦି ସମସ୍ତ ବିଦ୍ୟାଳୟର ଆଚାର୍ଯ୍ୟ/ଆଚାର୍ଯ୍ୟା ଯୋଗଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଛତ୍ରପୁର ସଂକୁଳ ପ୍ରମୁଖ ଡ ଜେ କୁର୍ମା ରାଓ ଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ । ସଂକୁଳ ସଂଯୋଜକ ତଥା ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର ନାଥ ଦାଶ ଉପସ୍ଥିତ ଅତିଥିମାନଙ୍କ ପରିଚୟ ପ୍ରଦାନ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ସମ୍ଭାଗ ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ ଯୋଗ ଦେଇ ବିଦ୍ୟାଭାରତୀଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଶିଶୁମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ସଂକୁଳର ସମସ୍ତ ପ୍ରଧାନାଚାର୍ଯ୍ୟଙ୍କ ସମେତ ସମସ୍ତ ବିଦ୍ୟାଳୟର ମୋଟ ୧୬୫ଜଣ ଆଚାର୍ଯ୍ୟ ଆଚାର୍ଯ୍ୟା ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମର ବିଭିନ୍ନ ବ୍ୟବସ୍ଥା ଦାୟିତ୍ୱରେ ଭଞ୍ଜବିହାର ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନାଚାର୍ଯ୍ୟ ଦଣ୍ଡପାଣି ଉପସ୍ଥିତ ସାହୁ ଥିଲେ ।

# ଉପକୂଳ ଅଞ୍ଚଳରେ ଧ୍ୱଂସ ପାଉଛି ଜଙ୍ଗଲ



**ସରକାରୀ ଜମିରେ ମାଲ ମାଲ ଚିଙ୍ଗୁଡ଼ି ଘେରି**

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍) : ମହାବାତ୍ୟା ପରଠାରୁ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ଥିବା ଜଙ୍ଗଲର ବିନାଶ ଯୋଗୁଁ ପରିବେଶ ଅସନ୍ତୁଳିତ ହୋଇପଡିଛି । ଜଙ୍ଗଲ ଧ୍ୱଂସ ପାଇବା ପରେ ସମୁଦ୍ର ଉପକୂଳ ଏବେ ମୁକୁଳା ପଡିଥିବାରୁ ଅଧିକାଂଶ ସମୟରେ ଅଶାନ୍ତ ସମୁଦ୍ର କୂଳଲଘିଁ ନିକଟବର୍ତ୍ତୀ ଗ୍ରାମ ଚାଷଜମିରେ ଲୁଣା ପାଣି ମାଡିଯାଇଛି । ସମୁଦ୍ରଉପକୂଳବର୍ତ୍ତୀ ଅଞ୍ଚଳରେ ସାମୁଦ୍ରିକ ଜୁଆରକୁ ମୁକାବିଲା କରିବା ପାଇଁ ପ୍ରାଚୀର ଭାବେ ସହାୟକ ହେଉଥିବା ହେନ୍ତାଳ ବନ ଏକମାତ୍ର ବିକଳ୍ପ ଥିବା ବେଳେ ସୁନ୍ଦରୀ, ବହ୍ନି ଭଳି ଜଙ୍ଗଲ ଧ୍ୱଂସ ପାଇବାରେ ଲାଗିଛି । କିନ୍ତୁ ସରକାରଙ୍କ ପକ୍ଷରୁ ଜଙ୍ଗଲ ସଂରକ୍ଷଣ କିମ୍ବା ନୂତନ ଜଙ୍ଗଲ ସୃଷ୍ଟି ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ଥିବା ନଜରକୁ ଆସିନାହିଁ । ବରଂ ସମୁଦ୍ର କୂଳରେ ଥିବା ବହ୍ନି, ହେନ୍ତାଳ ଆଦି ଜଙ୍ଗଲ କଟାଯିବା ସହ ନଦୀସ୍ରୋତକୁ ରୋକାଯାଇ ମାଲ ମାଲ ଚିଙ୍ଗୁଡ଼ି ଘେରି କରାଯାଉଛି । ଯାହାକି ଜଙ୍ଗଲ ସୃଷ୍ଟିରେ ବାଧକ ସାଜିଛି । ଶହ ଶହ ଏକର ରାଜସ୍ୱ ଓ ଜଙ୍ଗଲ ଜମି ଜବରଦଖଲ କରି କିଛି ନ୍ୟର୍ଥ ସ୍ୱାର୍ଥ ବ୍ୟକ୍ତି ସେଠାରେ ବେଆଇନି ଚିଙ୍ଗୁଡ଼ି ଘେରି ପ୍ରସ୍ତୁତ କରିଛନ୍ତି । ପ୍ରଶାସନିକ ଉଦାସୀନତା ଯୋଗୁଁ ଉକ୍ତ ଅଞ୍ଚଳରେ ଦିନକୁ ଦିନ ବେଆଇନି ଚିଙ୍ଗୁଡ଼ି ଘେରି ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ସୂଚନାଯୋଗ୍ୟ ଯେ ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ଛୁରିଆନା, ଶିଶୁଆ, ଅସ୍ତରଙ୍ଗ, ଝାଡ଼ଲିଙ୍ଗ, ନୂଆଗଡ, ପାଟଳଦା, ନଗର, ଆଳସାହି ସମେତ ବିଭିନ୍ନ ପଂଚାୟତରେ ମାଲ ମାଲ ବେଆଇନି ଚିଙ୍ଗୁଡ଼ି ଘେରି ହୋଇଛି । ଅପରପକ୍ଷେ ଉପକୂଳବର୍ତ୍ତି ଇଲାକାରେ ବ୍ୟାପକ ଭାବେ ବେଆଇନି ଚିଙ୍ଗୁଡ଼ି ଘେରି ନିର୍ମାଣ, ଅନାବାଦୀ ସ୍ଥାନରେ ଜନବସତି ସ୍ଥାପନ ତଥା ଜନସାଧାରଣଙ୍କ ସଚେତନତା ଅଭାବ ଓ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ସମୁଦ୍ର କୂଳରୁ ଅବାଧରେ ହେନ୍ତାଳ ଓ ଲୁଣା ଗଛ କଟାଯାଇ ବ୍ୟକ୍ତିଗତ କାର୍ଯ୍ୟରେ ବ୍ୟବହୃତ ହେଉଛି । ଉନ୍ନୟନମୂଳକ କାର୍ଯ୍ୟ ଆଳରେ ଶହଶହ ସଂଖ୍ୟାରେ ବୃହତକାୟ ବୃକ୍ଷ ଛେଦନ କରାଯାଉଛି । ଯାହାକି ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖା ଦେଇଛି । ଜଙ୍ଗଲ ଜମି ହେଉ ବା ରାଜସ୍ୱ ଜମି ହେଉ ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଧୀନ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ବହୁଳ ଭାବେ ଚିଙ୍ଗୁଡ଼ି ଘେରିର ସମାହାର ଦେଖିବାକୁ ମିଳୁଛି । ଯାହାକି ଜଙ୍ଗଲ ସୃଷ୍ଟି କରିବାରେ ବାଧା ସୃଷ୍ଟି କରୁଛି । ଜାତୀୟ ଜଙ୍ଗଲ ଆଇନ ୧୯୫୨ ଓ ସଂଶୋଧିତ ୧୯୮୮ ଆଇନ ମୁତାବକ ଆୟତନ ପରିସୀମା ଅନୁଯାୟୀ ଜଙ୍ଗଲ ରହିବ । ଏଥିରେ ବ୍ୟତିକ୍ରମ ହେଲେ ଉଜୁଡା ଜମିରେ ସବୁଜିମା ସୃଷ୍ଟି କରାଯିବାର ଆବଶ୍ୟକତା ରହିଛି । ଆୟତନ ଅନୁଯାୟୀ କମ୍ ପ୍ରତିଶତ ଜଙ୍ଗଲ ରହୁଥିବାରୁ ପରିବେଶବିତ୍ ଉଦ୍‌ବେଗ ପ୍ରକାଶ କରିବା ସହ ସରକାର ନୂତନ ଜଙ୍ଗଲ ସୃଷ୍ଟି କରିବାକୁ ପଦକ୍ଷେପ ନେବା ପାଇଁ ଦାବି କରିଛନ୍ତି ।

# ବସ୍-ବାଇକ୍ ମୁହାମୁହିଁ ଧକ୍କା, ୨ ଗୁରୁତର

ଚମ୍ପୁଆ, (ଭାସ୍କର ନ୍ୟୁଜ୍) : ବସ୍ ସହିତ ବାଇକ ମୁହାମୁହିଁ ଧକ୍କାହେବା ଫଳରେ ୨ଜଣ ଯୁବକ ଗୁରୁତର ଭାବରେ ଆହତ ହୋଇଛନ୍ତି । ସୂଚନା ଅନୁସାରେ ଆଜି ଚମ୍ପୁଆ ଠାରୁ ରାଇରଙ୍ଗପୁର ଅଭିମୁଖେ ଯାଉଥିବା କିଶାନ ବସ୍ ସହିତ ଚମ୍ପୁଆ ନିକଲସନ ବନ ବିଦ୍ୟାଳୟ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ ସହ ମୁହାମୁହିଁ ଧକ୍କା ହୋଇଥିଲା । ବାଇକରେ ଚମ୍ପୁଆ ଆଲି ନଗର ଅଞ୍ଚଳର ଏମଡି ଫିରୋଜ ଓ ମୟୂରଭଞ୍ଜ ତିରିଂ ଥାନା ଅନ୍ତର୍ଗତ ବିଂଝୁଆ ଗାଁର ଏମଡି ସାଦିକ ଦିଲଖୁସ ଆସୁଥିବା ବେଳେ ବାଇକଟି ବସ୍ ସହିତ ଧକ୍କା ହୋଇ ବସ୍‌ର ଆଗ ଚକ



ତଳେ ପଶିଯିବା ଫଳରେ ଉଭୟ ବାଇକ୍ ଆରୋହୀ ଗୁରୁତର ଭାବରେ ଆହତ ହୋଇଥିଲେ । ଉଭୟ ଆହତଙ୍କୁ ଚିକିତ୍ସା ପାଇଁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ନିଆଯିବା ପରେ ସେମାନଙ୍କ ଅବସ୍ଥା ସଙ୍କଟପନ୍ନ ଥିବାରୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି । ଦୁର୍ଘଟଣା ପରେ ବସ ଡ୍ରାଇଭର ବସ୍ ଛାଡି ଫେରାର ହୋଇ ଯାଇଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବସ୍‌କୁ ଜବତ କରି ଥାନାକୁ ଆଣିବା ସହ ଘଟଣାର ତଦନ୍ତ ଜାରି ରଖିଛି ।

# ଖାଲି ପଡ଼ିଛି ତହସିଲଦାର ପଦ

**ପ୍ରମାଣପତ୍ର ପାଇଁ ହନ୍ତସନ୍ତ ହେଉଛନ୍ତି ଛାତ୍ରଛାତ୍ରୀ**

କଣାସ,(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ଜନସାଧାରଣଙ୍କ ରେଭିନ୍ୟୁ କାର୍ଯ୍ୟ ସହଜରେ କରିବା ପାଇଁ ପ୍ରତ୍ୟେକ ବ୍ଲକରେ ତହସିଲ କାର୍ଯ୍ୟାଳୟ ଖୋଲି ଦେଇଥିଲେ ମଧ୍ୟ ପୁରୀ ଜିଲ୍ଲା କଣାସ ବ୍ଲକରେ ଦୀର୍ଘଦିନ ହେଲା ତହସିଲଦାର ନଥିବାରୁ ଜନସାଧାରଣଙ୍କ କାର୍ଯ୍ୟ ସଠିକ୍ ଭାବେ ହୋଇପାରୁ ନଥିବାରୁ ଜନ ଅସନ୍ତୋଷ ଦେଖାଦେଇଛି । ପୂର୍ବରୁ ଥିବା କଣାସ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀଙ୍କୁ ସତ୍ୟବାଦୀ ତହସିଲଦାର ରୂପେ ବଦଳି କରାଯାଇଥିବାରୁ ତହସିଲଦାର ଶ୍ରୀ ପାଣିଗ୍ରାହୀ ଏକ ମାସରୁ ଉର୍ଦ୍ଧ୍ୱ ହେବ କଣାସରୁ ବଦଳି ହୋଇ ସତ୍ୟବାଦୀରେ କାର୍ଯ୍ୟ କରୁଛନ୍ତି । କଣାସ ବ୍ଲକର ୨୮ଟି ପଞ୍ଚାୟତର ୧୩୯ଟି ରାଜସ୍ୱ ଗ୍ରାମ, ୧୦୮ଟି ପଡାଗ୍ରାମର ଜନସାଧାରଣ ତହସିଲଦାର ନଥିବାରୁ ଅସୁବିଧାର ସମ୍ମୁଖିନ ହେଉଥିବା ଜଣାପଡିଛି । ଖବର ନେବାରେ ଜଣାପଡିଛି ଜନସାଧାରଣ ନିଜର ଜମିଜମା ରେର୍କଡପତ୍ର ସଂଶୋଧନ, ମ୍ୟୁଟେସନ୍, ପଟ୍ଟା, ପାଉତି, ବିଭିନ୍ନ ଛାତ୍ରଛାତ୍ରୀଙ୍କ ପ୍ରମାଣପତ୍ର ନିର୍ଦ୍ଧିଷ୍ଟ ସମୟରେ ମିଳୁନଥିବାରୁ ଜନସାଧାରଣରେ ଅସନ୍ତୋଷ ଦେଖାଦେଇଛି । ତତ୍ ସହିତ କଣାସ ସବ୍‌ରେଜେଷ୍ଟ୍ରି କାର୍ଯ୍ୟାଳୟରେ ସପ୍ତାହକୁ ଦୁଇଦିନ ମଙ୍ଗଳବାର ଓ ଶୁକ୍ରବାର ଜମିଜମା ବ୍ରିକ୍ରୟ କାର୍ଯ୍ୟ, ରେଜେଷ୍ଟ୍ରି କାର୍ଯ୍ୟ ତହସିଲଦାର ବୁଝୁଥିବାରୁ ସଠିକ୍ ଭାବେ ହୋଇପାରୁ ନଥିବା ଜଣାପଡିଛି । ଜଣେ ମାତ୍ର ଅତିରିକ୍ତ ତହସିଲଦାର ଥିବା ବେଳେ ଅନ୍ୟଜଣେ ଅତିରିକ୍ତ ତହସିଲଦାର ପଦବୀ ଦୀର୍ଘଦିନ ହେଲା ଖାଲିପଡିଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ କଣାସ ତହସିଲି କାର୍ଯ୍ୟାଳୟରେ ତହସିଲଦାର ଏବଂ ଅତିରିକ୍ତ ତହସିଲଦାର ପଦବୀ ପୂରଣ କରିବା ପାଇଁ ଜନସାଧାରଣରେ ଦାବି ହେଉଛି ।

# ବରିଷ୍ଠ ନାଗରିକ ସଂଘର ନୂତନ କର୍ମକର୍ତ୍ତା ମନୋନୟନ




ତିହିଡ଼ି, (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ବରିଷ୍ଠ ନାଗରିକ ସଙ୍ଘର ନୂତନ କର୍ମକର୍ତ୍ତା ମନୋନୟନ ଶିକ୍ଷାବିତ୍ ସୋମନାଥ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଂଘର ମୁଖ୍ୟ ଉପଦେଷ୍ଟା ଭାବେ ତିହିଡ଼ି ଥାନା ଆଇଆଇସି ପ୍ରସନ୍ନ କୁମାର ନାୟକ, ଉପଦେଷ୍ଟା ଭାବେ ପଣ୍ଡିତ ଦୈତାରୀ ମହାପାତ୍ର, ସମାଜସେବୀ ସରେନ୍ଦ୍ର କୁମାର ନାୟକ, ସମାଜସେବୀ ରଘୁନାଥ ପାତ୍ର ଓ ଦୀନବନ୍ଧୁ ପତି ପ୍ରମୁଖଙ୍କୁ ମନୋନୟନ କରାଯାଇଥିବା ବେଳେ ସଂଘର ସଭାପତି ଭାବେ ଶିକ୍ଷାବିତ୍ ସୋମନାଥ ପାଢୀ, କାର୍ଯ୍ୟକାରୀ ସଭାପତି ଧନେଶ୍ୱର ବିଶ୍ୱାଳ, ଉପସଭାପତି ଇଂ. ମହେଶ ପ୍ରସାଦ ଦାସ, ସାଧାରଣ ସଂପାଦକ ଶିକ୍ଷାବିତ୍ ବିଭୂତିଭୂଷଣ ସେନାପତି, ସହ ସମ୍ପାଦକ ଶିକ୍ଷାବିତ୍ ସନ୍ନ୍ୟାସୀ ଚରଣ ବ୍ରହ୍ମ, ସଂଗଠନ ସଂପାଦକ ଭାବେ ସମାଜସେବୀ ଜଗନ୍ନାଥ ନାୟକ ଓ ଶିକ୍ଷାବିତ୍ ଗୟାଧର ବଳ, କୋଷାଧ୍ୟକ୍ଷ କୃତ୍ତିବାସ ଜେନା ଓ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଶିକ୍ଷାବିତ୍ ନିତ୍ୟାନନ୍ଦ ମଲ୍ଲିକ, ପି. ହୃଷିକେଶ, ମଥୁରାମୋହନ ବେହେରା, ରବୀନ୍ଦ୍ର କୁମାର ଦାସ, ବଳରାମ ସେନାପତି, ହରିଶ୍ଚନ୍ଦ୍ର ବାରିକ, ନରହରି ନାୟକ, ଅକ୍ଷୟ କୁମାର ବ୍ରହ୍ମ, ବିଷ୍ଣୁ କୁମାର ସାହୁ, ଶୀତଳ କୁମାର ବେହେରା ଏବଂ ରାଜକିଶୋର ମାଝୀଙ୍କୁ ସର୍ବସମ୍ମତି ଭାବେ ମନୋନୟନ କରାଯାଇଛି । ସଂଘର ବାର୍ଷିକ ଉତ୍ସବ ଆସନ୍ତା ଫେବୃଆରୀ ତୃତୀୟ ସପ୍ତାହରେ ପାଳନ କରାଯିବା ସହ ପୂର୍ବବର୍ଷପରି ସଂଘର ମୁଖପତ୍ର 'ବର୍ଷୀୟାନ' ସେହିଦିନ ପ୍ରକାଶ ପାଇବ ବୋଲି ସ୍ଥିର କରାଯାଇଥିଲା । ପ୍ରାରମ୍ଭରେ ସମ୍ପାଦକ ବିଭୂତିଭୂଷଣ ସେନାପତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସର୍ବ ଶେଷରେ ନତ୍ୟାନନ୍ଦ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚଣ୍ଡିଖୋଲ କୋର୍ଟର ପ୍ରତିଷ୍ଠା ଦିବସ ଓ ବାର୍ ଆସୋସିଏସନର ନୂତନ ଗୃହ ଶିଳାନ୍ୟାସ

ବଡଚଣା, (ଭାସ୍କର ନ୍ୟୁଜ୍) : ଚଣ୍ଡିଖୋଲକୁ ଆସି ଓଡ଼ିଶାରେ ଆଇନଜୀବୀ ଓ ବିଭିନ୍ନ ନ୍ୟାୟାଳୟରେ ରହିଥିବା ବାର ଆସୋସିଏସନ ଗୁଡିକର ସମସ୍ୟା ସମ୍ପର୍କରେ ମୁଁ ଅବଗତ ହେବାର ସୁଯୋଗ ପାଇଲି ବୋଲି ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ଚକ୍ରଧାରି ସରଣ ସିଂ କହିଛନ୍ତି । ଚଣ୍ଡିଖୋଲ କୋର୍ଟର ୧୮ତମ ପ୍ରତିଷ୍ଠା ଦିବସ ଓ କୋର୍ଟ କ୍ୟାଣ୍ଟିନ ତଥା ବାର ଆସୋସିଏସନ ନୂତନ ଗୃହ ଶିଳାନ୍ୟାସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟ ବିଚାରପତି ସରଣ ସିଂ ଏହା କହିବା ସହ ମୋର ଏକ ଦୁର୍ବଳତା ଯେ ମୁଁ ଓଡ଼ିଶା ହାଇକୋର୍ଟରେ ଆଜିକୁ ଠିକ ୧୦ମାସ ହେବ ଅଧିଷ୍ଠିତ ହୋଇଥିଲେ ମଧ୍ୟ ଏହା ଭିତରେ କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ବିଭିନ୍ନ ନ୍ୟାୟାଳୟର ଆଇନଜୀବୀ ଓ ବାର ଆସୋସିଏସନ ଗୁଡିକ ସହ ମିଶିବାର ଅବକାଶ ପାଇନଥିଲି । ଯେଉଁଥି ପାଇଁ ସେମାନଙ୍କର ମୌଳିକ ସମସ୍ୟା ସମ୍ପର୍କରେ ମଧ୍ୟ ଅବଗତ ହୋଇ ନଥିଲି । ହେଲେ ଆଜି ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ନିମନ୍ତ୍ରଣରେ ଏଠାକୁ ଆସିବା ପରେ ସମସ୍ତଙ୍କ ସହ ମିଶିବା ଓ ସେମାନଙ୍କର ସମସ୍ୟା ସମ୍ପର୍କରେ ଅବଗତ ହେଲି ବୋଲି ଶ୍ରୀ ସରଣ ସିଂ ନିଜ ବକ୍ତବ୍ୟରେ କହିଥିଲେ । ଏଥିସହ



ନ୍ୟାୟିକ ବ୍ୟବସ୍ଥାର ସଠିକ ପରିଚାଳନା ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ । କୋର୍ଟ ପରିସରରେ ସେ ନୂତନ ପ୍ରକଳ୍ପର ଶିଳାନ୍ୟାସ କରି ଖୁବଶୀଘ୍ର ଏହି କାର୍ଯ୍ୟ ଆରମ୍ଭ ହେବ ଓ ନିର୍ଦ୍ଧାରିତ ସମୟ ମଧ୍ୟରେ ହାଇକୋର୍ଟଙ୍କ ସ୍ୱତନ୍ତ୍ର ଦେଖାଶୁଣାରେ ସଠିକ୍ ସମୟରେ ଶେଷ ହେବ ବୋଲି ଆଶାବ୍ୟକ୍ତ କରିଥିଲେ । ଏହି ଉତ୍ସବରେ ହାଇକୋର୍ଟର ଅନ୍ୟତମ ବିଚାରପତି ସଙ୍ଗମକୁମାର ସାହୁ ଯୋଗଦେଇ କୋର୍ଟ ପ୍ରତିଷ୍ଠାର ୧୮ତମ ଉତ୍ସବ ଅବସରରେ ସମସ୍ତ ଆଇନଜୀବୀଙ୍କୁ ଶୁଭେଚ୍ଛା ଜଣାଇଥିଲେ ! ଓଡିଶା ହାଇକୋର୍ଟରେ ମୁଖ୍ୟ ବିଚାରପତି ଭାବେ ଶ୍ରୀ ସରଣ ସିଂ ଅଧିଷ୍ଠିତ ହେବା ପରେ ରାଜ୍ୟରେ ନ୍ୟାୟିକ ବ୍ୟବସ୍ଥା ଚଳଚଞ୍ଚଳ ହେବା ସହିତ ନ୍ୟାୟପାଳିକା ଗୁଡିକର ଭିତ୍ତିଭୂମିରେ ବ୍ୟାପକ ବିକାଶ ହୋଇଥିବା ସେ କହିଥିଲେ । ୧ କୋଟି ୫୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଚଣ୍ଡିଖୋଲ କୋର୍ଟରେ ଶିଳାନ୍ୟାସ ହୋଇଥିବା ଏହି ପ୍ରକଳ୍ପ ଦୁଇ ମହଲା ବିଶିଷ୍ଟ ହେବ । ତଳମହଲାରେ କୋର୍ଟ କ୍ୟାଣ୍ଟିନ ଓ ଉପର ମହଲାରେ ବାର ଆସୋସିଏସନର ଚାମ୍ବର ରହିବ ବୋଲି ବିଚାରପତି ଶ୍ରୀ ସାହୁ ସୂଚନା ଦେଇଥିଲେ । ଏହି ଉତ୍ସବରେ ଜିଲ୍ଲା ଓ ଦୌରାଜର୍ଜ ଅମୃତରଞ୍ଜନ ନନ୍ଦ, ହାଇକୋର୍ଟ ରେଜିଷ୍ଟାର ଜେନେରାଲ ଅଶାନ୍ତ ଦାସ, ରେଜିଷ୍ଟାର ଭିଜିଲାନ୍ସ, ଚଣ୍ଡିଖୋଲ କୋର୍ଟ ବରିଷ୍ଠ ବିଚାରପତି ବିଶ୍ୱଦୀପକ ସାହୁ, ପରବୀନ ମଣ୍ଡଳ, ହାଇକୋର୍ଟ ବାର ଆସୋସିଏସନ ସଭାପତି ବିଜୟ ଦାସ, ବଡ଼ଚଣାର ପୂର୍ବତନ ବିଧାୟକ ଅମରପ୍ରସାଦ ଶତପଥୀ, ଯାଜପୁର ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡି, ଏସ୍‌ପି ଏ ଶ୍ରୀମଲ ଉପସ୍ଥିତ ରହିଥିଲେ । ବାର୍ ଆସୋସିଏସନ୍ ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାଶ ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ଦେଇଥିଲା ବେଳେ ସଭାପତି ଦେବରାଜ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ନୂଆଦିଶା ଦେଖାଇଛି 'ପିତ୍ତଳ ମାଛ' କାରିଗରୀ

# ତାଲିମ ନେଇ ସ୍ୱାବଲମ୍ବୀ ହେଲେ ୨୫ ମହିଳା




ଭଞ୍ଜନଗର,(ଭାସ୍କର ନ୍ୟୁଜ୍) : ମହିଳା କାରିଗରଙ୍କ ହାତରେ ଝଟକୁଛି, ବିଶ୍ୱ ପ୍ରସିଦ୍ଧ ପିତ୍ତଳ ମାଛ । ନିର୍ଦ୍ଦିଷ୍ଟ କିଛି କାରିଗରଙ୍କ କୌଳିକ ବୃତ୍ତି ପାଲଟିଥିବା ଏହି ବିରଳ କଳାକୃତି, ଏବେ କେତେକ ଆଗ୍ରହୀ ମହିଳାଙ୍କୁ ନୂଆଁ ପରିଚୟ ଦେଇଛି । ଗୃହିଣୀରୁ, ପିତ୍ତଳ ମାଛ କାରୀଗର ହେବାକୁ ଯାଉଛନ୍ତି । ଏଥିପାଇଁ ସଂପୃକ୍ତ ମହିଳା ମାନେ ନେଉଛନ୍ତି, ତାଲିମ । ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ ପାଲକଷଣ୍ଡା ଗାଁର ମହିଳାମାନଙ୍କ ଏମିତି କିଛି ନିଆରା ନିଷ୍ପତ୍ତିକୁ ନେଇ ଏବେ ସ୍ୱାବଲମ୍ବୀ ହେବାକୁ ଯାଉଛନ୍ତି । ଏହି ଗାଁର, ଜୟ ଗଣେଶ ପିତ୍ତଳ ମାଛ ଉତ୍ପାଦକ ସଂଘର ୨୫ ଜଣ ମହିଳା ଏକାଠି ହୋଇ, ଜଣେ ଅଭିଜ୍ଞ କାରିଗର ସୁଶାନ୍ତ କୁମାର ସାହୁଙ୍କ ଠାରୁ ଭଳିକି ଭଳି ପିତ୍ତଳ ମାଛ ତିଆରି କରିବାର ଏବେ ତାଲିମ୍ ନେଉଛନ୍ତି । ହସ୍ତଶିଳ୍ପ ବିଭାଗ ସହଯୋଗରେ ଏହି ତାଲିମ ବ୍ୟବସ୍ଥା ଗତ ପ୍ରାୟ ଏକ ବର୍ଷ ହେଲା ଜାରି ରହିଛି । ଗଞ୍ଜାମ ଜିଲ୍ଲାର ବେଲଗୁଣ୍ଠା, ପିତ୍ତଳ ମାଛ ତିଆରି ପାଇଁ ବିଶ୍ୱ ପ୍ରସିଦ୍ଧ । ଏଠାକାର ନିର୍ଦ୍ଦିଷ୍ଟ କିଛି ପରିବାର, କୌଳିକ ବୃତ୍ତି ଭାବେ ଏହି କାରିଗରୀ କାମ କରି ଆସୁଛନ୍ତି । ଏବେ ଅଧିକାଂଶ ପରିବାର ଏହି କାରିଗରୀ ବୃତ୍ତି ଠାରୁ ଦୂରେଇ ଯାଇଥିବା ବେଳେ, ହାତଗଣତି କିଛି କାରିଗର ହିଁ ଏହି କଳା-କୌଶଳକୁ ବଞ୍ଚାଇ ରଖିଛନ୍ତି । ନୂଆଁ ପିଢୀ, ଏହି ବୃତ୍ତି ପ୍ରତି ଆଗ୍ରହ ଦେଖାଉନାହାନ୍ତି । ଏଭଳି ପରିସ୍ଥିତିରେ, ପାଲକଷଣ୍ଡା ଗାଁର ମହିଳାମାନେ ଏ ସଂକ୍ରାନ୍ତରେ ତାଲିମ ନେବା, ପିତ୍ତଳ ମାଛର ଭବିଷ୍ୟତ ପାଇଁ ଏକ ଶୁଭ ସଙ୍କେତ ନିଶ୍ଚୟ । ତାଲିମ ନେଉଥିବା ମହିଳାମାନଙ୍କୁ ଉତ୍ସାହିତ କରିବା ପାଇଁ, ସରକାରୀ ସ୍ତରରେ ପ୍ରୋତ୍ସାହନ ରାଶି ମଧ୍ୟ ଦିଆଯାଉଛି । ଏହି ଆଉ କିଛିଦିନ ପରେ, ତାଲିମ କାର୍ଯ୍ୟ ଶେଷ ହେବ । ପିତ୍ତଳ ମାଛ ତିଆରି କରିବା ପାଇଁ, ଜଣେ ଜଣେ ସକ୍ଷମ କାରିଗର ଭାବେ ପରିଚୟ ପାଇବେ ସଂପୃକ୍ତ ମହିଳାମାନେ । ଯାହାକି, ପିତ୍ତଳ ମାଛ ତିଆରି ବୃଦ୍ଧି ପାଇବା ସହ, ଗ୍ରାହକଙ୍କ ଚାହିଦା ମେଣ୍ଟାଇବା ସହଜ ହେବ । ଏଥିପାଇଁ ସ୍ଥାନୀୟ ଜନପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ସ୍ଥାନୀୟ ବୁଦ୍ଧିଜୀବୀମାନେ ବେଶ୍ ଉତ୍ସାହିତ ହୋଇପଡିଛନ୍ତି । ଏଥିପାଇଁ ଆବଶ୍ୟକ ସହଯୋଗ ଯୋଗାଇ ଦେବା ପାଇଁ କହିଛନ୍ତି, ସ୍ଥାନୀୟ କ୍ଷତ୍ରିୟବରପୁର ପଞ୍ଚାୟତ ସରପଞ୍ଚ କମଳ କୁମାରୀ ପ୍ରଧାନ । ଏବେ ଏହି ସଂଘର ମହିଳା ତଥା ସଭାପତି ନମିତା ବେହେରା, ମମତା କୁମାରୀ ମହାରଣା, ମମତା ବେହେରା, ସୁବାସିନୀ ସ୍ୱାଇଁ ଏବଂ ବିନ୍ଦୁ ପ୍ରଧାନଙ୍କ ସମେତ ତାଲିମ ନେଉଥିବା ୨୫ ଜଣ ଏବେ ବହୁତ ଖୁସି ଥିବା ପ୍ରକାଶ କରିଛନ୍ତି । ସେହିଭଳି ଏମାନଙ୍କ ଦୃଢ଼ ଇଚ୍ଛାଶକ୍ତିକୁ ପ୍ରଶଂସା କରିଛନ୍ତି ତାଲିମ କେନ୍ଦ୍ରର ପରିଚାଳକ ଅଚ୍ୟୁତାନନ୍ଦ ମହାରଣା, ବୁଦ୍ଧିଜୀବୀ ମହନ୍ତ ରାମକୃଷ୍ଣ ଦାସ ଓ ପ୍ରକାଶ ପାତ୍ରଙ୍କ ସମେତ ଗ୍ରାମବାସୀ । ହୁଏତ ଆଉ କିଛି ବର୍ଷ ପରେ, ପୁରୁଣା ଓ ଅଭିଜ୍ଞ କାରିଗରଙ୍କ ଅଭାବ ପଡିଥାନ୍ତା । ଏହା ପୂର୍ବରୁ ନୂଆଁନୂଆଁ କାରିଗର ସୃଷ୍ଟି କରିବା, ଏକ ସକରାତ୍ମକ ପଦକ୍ଷେପ ନିଶ୍ଚୟ । ତାହା ପୁଣି, ମହିଳାମାନଙ୍କ ଦ୍ୱାରା ଏହା ସମ୍ଭବ ହୋଇପାରିଛି ।


# ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ





କୁଜଙ୍ଗ, (ଭାସ୍କର ନ୍ୟୁଜ୍) : କୁଜଙ୍ଗ ବ୍ଲକ ରାହାମା ଶ୍ରୀ ଶ୍ରୀ ମଦନ ମୋହନ ଜୀଉ (ଶ୍ରୀ ଜଗନ୍ନାଥ ମଠ)କନ୍ଦମୂଳ ପଡିଆ ପରିସରରେ ନାମାଚାର୍ଯ୍ୟ ଶ୍ରୀମଦ ବାୟାବାବା ଭାଗବତ ପ୍ରଚାର ପ୍ରସାର ସମିତି ଆନୁକୂଲ୍ୟରେ ଚଳିତ ବର୍ଷ ଶ୍ରୀମଦ ଭାଗବତ ସପ୍ତାହ କାର୍ଯ୍ୟକ୍ରମରେ ଆନ୍ତର୍ଜାତୀୟ ଶ୍ରୀ ଜଗନ୍ନାଥ ମହୋତ୍ସବ ଓ ଚବିଶ ବେଶ, ଚାରିଧାମ ଦର୍ଶନ, ଛପନ ଭୋଗ, ପଞ୍ଚସଖାଙ୍କ ଦିବ୍ୟ କୀର୍ତ୍ତି, ଶ୍ରୀ ଜଗନ୍ନାଥ ସଂସ୍କୃତି କୁଞ୍ଜ, ପଞ୍ଚ କୁଣ୍ଡିୟ ବିଶ୍ୱଶାନ୍ତି ମହାଯଜ୍ଞ, ଆଧ୍ୟାତ୍ମିକ ପୁସ୍ତକ ମେଳା ଓ ପ୍ରତିଦିନ ସ୍ୱାସ୍ଥ୍ୟ ସେବା ଶିବିର ନିମନ୍ତେ ଏକ ପ୍ରସ୍ତୁତି କାର୍ଯ୍ୟକ୍ରମ ରାଷ୍ଟ୍ରୀୟ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସ ମହାରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅନୁଷ୍ଠାନର ମୁଖ୍ୟ ସଂଯୋଜକ ଡ଼ଃ ସୁନାକର ବେହେରା ମଞ୍ଚ ପରିଚାଳନାକରି ଆଗାମୀ ୨୦୨୫ ମସିହା ମାର୍ଚ୍ଚ ମାସ ତା ୧୭/୦୩/୨୦୨୫ ଠାରୁ ୨୪/୦୩/୨୦୨୫ ତାରିଖ ପର୍ଯ୍ୟନ୍ତ ଆଠଦିନ ବ୍ୟାପି ଏହି ଆଧ୍ୟାତ୍ମିକ ଚେତନାର ମହାନ କାର୍ଯ୍ୟକ୍ରମକୁ ବିଶ୍ୱ ଦରବାରରେ ପ୍ରତିପାଦିତ କରିବା ପାଇଁ ଆଜିର ବୈଠକରେ ମୁଖ୍ୟ ପ୍ରସଙ୍ଗ ଉପସ୍ଥାପନ କରିଥିଲେ । ପ୍ରାରମ୍ଭରେ ମା' ସାରଳାଙ୍କ ସେବକମାନେ ଅଜ୍ଞାମାଳ ସହିତ ଉପସ୍ଥିତ ହୋଇ ଆଜ୍ଞା ମାଳ ପ୍ରଦାନ କରିଥିଲେ । ଜଗତସିଂହପୁର ଜିଲ୍ଲାରେ ଥିବା ବିଭିନ୍ନ ଜଗନ୍ନାଥ ମଠ ମନ୍ଦିରର ସାଧୁ ସନ୍ଥ, ଟ୍ରଷ୍ଟବୋର୍ଡର ଟ୍ରଷ୍ଟି ଓ ଶ୍ରୀଜଗନ୍ନାଥ ସଂସ୍କୃତିପ୍ରେମୀ ପଣ୍ଡିତ ବିଦ୍ୱାନମାନେ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକୁ ସଫଳ କରିବାପାଇଁ ନିଜ ନିଜ ଅଭିମତ ରଖିଥିଲେ । ଏହି ମହାନ କାର୍ଯ୍ୟକ୍ରମରେ ସ୍ୱାମୀ ଶ୍ରୁତି ସାଗର ମହାରାଜ, ନୃସିଂହ ମଠ ଅଧିକାରୀ ରମାକାନ୍ତ ଦାସ, କୁଞ୍ଜବିହାରୀ ମନ୍ଦିର ସଦସ୍ୟ ଶୁକଦେବ ନାୟକ, ମଲ୍ଲସାହି ଶ୍ରୀଜଗନ୍ନାଥ ମନ୍ଦିର ସଦସ୍ୟ କିଶୋର କୁମାର ଶତପଥ, ବିଶରକ୍ଷେତ୍ରର ବାବା ରାମ ଚନ୍ଦ୍ର ଦାସ, ଓଡ଼ିଶା ଚାରଣ ଗୋଷ୍ଠୀର ଜିଲ୍ଲା ସଭାପତି ଡ. ଧୃତିଧର ଦାସ, ଜଗନ୍ନାଥ ସଂସ୍କୃତି ଗବେଷକ ଡ. ଅରୁଣ କୁମାର ପାଣି, ବାବାଜୀ ନିତ୍ୟାନନ୍ଦ ଦାସ, ବ୍ୟାସଫାଉଣ୍ଡେସନ ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ, ମଦନ ମୋହନ ମଠ ମାତା ସ୍ୱର୍ଣ୍ଣ ଲତା ଦାସ, ସାତଭଉଣୀ ମଠ ବାବା, ଶିକ୍ଷକ ବିନୋଦ କୁମାର ମୁଦୁଲି, ରଶ୍ମୀକାନ୍ତ ଦାସ, ରାଜେନ୍ଦ୍ର କୁମାର ବାରିକ ଓ ଧ୍ରୁବ ଚରଣ ଦାସ, ଜିଲ୍ଲାପରିଷଦ ସଭ୍ୟ ରବି ନାରାୟଣ ସାହୁ, ଶରତ ଚନ୍ଦ୍ର ସାହୁ, ମନୋହର ସ୍ୱାଇଁ, ଭିକାରୀ ଚରଣ ସେନାପତି, ପ୍ରଫୁଲ ମଲ୍ଲିକ, ଗୋଲେଖ ସାହୁ, ମହେଶ୍ୱର ସାହୁ, ତପନ ବେହେରା, ସୁଶାନ୍ତ ସ୍ୱାଇଁ, ରୁଦ୍ର ନାରାୟଣ ନନ୍ଦ, ଦେବାଶିଷ ଅକ୍ଷୟ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଥିଲେ । ଆଠଦିନ ବ୍ୟାପି ଆଧ୍ୟାତ୍ମିକ ଚେତନା କାର୍ଯ୍ୟକ୍ରମ ଚାଲିବ ବୋଲି ଡ. ବେହେରା ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ ।

# ରାଶିଫଳ


**ସୋମବାର, ୯ ଡିସେମ୍ବର ୨୦୨୪**



**ମେଷ:** ବ୍ୟବସାୟ ଭଲ କରିବ । ଆୟରେ ନିଶ୍ଚିତତା ରହିବ । ଘରେ ଟେନସନ ହେବ । ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ଏବଂ ଯୁକ୍ତି ହୋଇପାରେ । ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର । ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ସହିତ ଯୁକ୍ତିତର୍କ ହୋଇପାରେ । କାରବାରରେ ସାବଧାନ ରୁହନ୍ତୁ । କରାଯାଉଥିବା କାର୍ଯ୍ୟ ଖରାପ ହୋଇପାରେ ।




**ବୃଷ:** ବ୍ୟବସାୟ ଲାଭଦାୟକ ହେବ । ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ । ଚାକିରିରେ ବୃଦ୍ଧି ଘଟିବ । ସମସ୍ତ କାର୍ଯ୍ୟ ଠିକ୍ ସମୟରେ କରାଯିବ । ବିନିଯୋଗ ଭଲ ହେବ । ଆୟ ବୃଦ୍ଧି ପାଇବ । ଦିନଟି ଭଲ ଆକାରରେ କଟିବ ।



**ମିଥୁନ:** ସ୍ଥାବର ସମ୍ପତ୍ତି ବୃଦ୍ଧି ପାଇବ । ଏକ ବଡ ଡିଲ୍ ହୋଇପାରେ । ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ । ବ୍ୟବସାୟ ବୃଦ୍ଧି ପାଇବ । ପ୍ରଲୋଭିତ ହୁଅ ନାହିଁ ।



**କର୍କଟ :** ସୃଜନଶୀଳ କାର୍ଯ୍ୟ ସଫଳ ହେବ । ବ୍ୟବସାୟରେ ବ୍ୟସ୍ତ ରହିବେ । ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ । ପରିବାର ପାଇଁ ଚିନ୍ତା ହେବ । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ । ଆପଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହିତ ପରିଚିତ ହେବେ । ପ୍ରଲୋଭିତ ହୁଅ ନାହିଁ । ଏକ ସୁଖଦ ଯାତ୍ରା ଆୟୋଜନ କରାଯାଇପାରେ ।



**ସିଂହ :** ବ୍ୟବସାୟରେ ଅନୁକୂଳ ଲାଭ ହେବ । ଆୟ ଜାରି ରହିବ । ମୂଲ୍ୟବାନ ସାମଗ୍ରୀ ତୁମ ସହିତ ରଖ । ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ । କଠିନ ପରିଶ୍ରମ ଅଧିକ ହେବ । ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ଶତ୍ରୁମାନେ କ୍ଷତି ଘଟାଇପାରନ୍ତି ।



**କନ୍ୟା :** ବିନିଯୋଗ ଶୁଭ ହେବ । କଠିନ ପରିଶ୍ରମର ଫଳ ଗ୍ରହଣ କରାଯିବ । ଘର ବାହାରେ ପଚରାଉଚରା କରାଯିବ । ଲାଭ ସୁଯୋଗ ଆସିବ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ଚାକିରିରେ ବୃଦ୍ଧି ଘଟିବ । ଆପଣ ଉଚ୍ଚ କର୍ତ୍ତୃପକ୍ଷଙ୍କ ସୁଖ ପାଇବେ ।



**ତୁଳା:** ସୁଖ ବୃଦ୍ଧି ପାଇବ । କିଛି ମହତ୍ କାର୍ଯ୍ୟ କରିବାକୁ ତୁମର ମନ ପ୍ରସ୍ତୁତ କରିବ । ତତ୍ପରତା ନାହିଁ । ବ୍ୟବସାୟ ଲାଭଦାୟକ ହେବ । ନୂତନ ବନ୍ଧୁ ସୃଷ୍ଟି ହେବ । ଆୟରେ ନିଶ୍ଚିତତା ରହିବ ।



**ବିଛା:** ଉପହାର ଗ୍ରହଣ କରାଯିବ । ବେକାରୀ ଦୂର ହେବ । ବ୍ୟବସାୟ ବୃଦ୍ଧି ପାଇବ । ଆପଣ ଚାକିରିରେ ପଦୋନ୍ନତି ପାଇପାରିବେ । ବିନିଯୋଗ ଭଲ ହେବ । ଭାଗ୍ୟ ଅନୁକୂଳ ହେବ । ପ୍ରଲୋଭିତ ହୁଅ ନାହିଁ । ଆପଣ ଉତ୍ସାହ ଏବଂ ଖୁସିରେ କାମ କରିବାକୁ ସମର୍ଥ ହେବେ । କିଛି ବଡ କାମ କରି ସୁଖରେ ବୃଦ୍ଧି ଘଟିବ ।



**ଧନୁ :** ତୁମ ଜୀବନ ସାଥୀଠାରୁ ସମର୍ଥନ ପାଇବ । ଚିନ୍ତା ଏବଂ ଚାପ ଦୂର ହେବ । ଟଙ୍କା କାରବାରରେ ଶୀଘ୍ର ଏବଂ ବେପରୁଆ ହୁଅନ୍ତୁ ନାହିଁ । ଟଙ୍କା ନଷ୍ଟ ହୋଇପାରେ । ବିବାଦରୁ ଦୂରେଇ ରୁହନ୍ତୁ । ଅସୁବିଧାରୁ ଦୂରରେ ରୁହନ୍ତୁ । ଆୟରେ ନିଶ୍ଚିତତା ରହିବ । ଅପଚୟ ଖର୍ଚ୍ଚ ହେବ । ସ୍ୱାସ୍ଥ୍ୟ ଦୁର୍ବଳ ହେବ ।



**ମକର :** ରୋଜଗାର ବୃଦ୍ଧି ପାଇବ । ଆୟ ବୃଦ୍ଧି ପାଇବ । ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ । ଅଟକି ରହିଥିବା ଟଙ୍କା ପାଇବାର ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ । ଭ୍ରମଣ ଲାଭଦାୟକ ହେବ । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ । ଭାଇମାନଙ୍କ ସହଯୋଗ ସୁଖ ବୃଦ୍ଧି କରିବ । ଘର ବାହାରେ ଜୀବନ ଖୁସି ହେବ । ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ ।



**କୁମ୍ଭ :** ରୋଜଗାର ବୃଦ୍ଧି ପାଇବ । ଆପଣ ସାମାଜିକ କାର୍ଯ୍ୟ କରିବାକୁ ଏକ ସୁଯୋଗ ପାଇପାରନ୍ତି । ଘର ବାହାରେ ପଚରାଉଚରା କରାଯିବ । ନୂତନ ଚାକିରି ମିଳିପାରିବ । ବାହାରକୁ ଯିବାକୁ ଇଚ୍ଛା କରିବେ । ସେଠାରେ ସୁଖ ଏବଂ ତୃପ୍ତି ରହିବ । ତତ୍ପରତା ନାହିଁ । କର୍ମକ୍ଷେତ୍ରରେ ପରିବର୍ତ୍ତନ ହୋଇପାରେ ।



**ମୀନ:** ଆପଣ ସତସଙ୍ଗର ଲାଭ ପାଇବେ । ବ୍ୟବସାୟ ବୃଦ୍ଧି ପାଇବ । ରାଜନୈତିକ ସମର୍ଥନ ପାଇବେ । ଲାଭ ସୁଯୋଗ ଆସିବ । ସବୁ ଦିଗରୁ ସଫଳତା ଆସିବ । ସୁଖ ବୃଦ୍ଧି ପାଇବ । ବ୍ୟସ୍ତତା ହେତୁ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇପାରେ । ଥକ୍କା ଲାଗିବ । ତନ୍ତ୍ର-ମନ୍ତ୍ର ପ୍ରତି ଆଗ୍ରହ ଜାଗ୍ରତ ହେବ । ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ ।



ଜ୍ୟୋତିଷ ଶ୍ରୀ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସଦର ମହକୁମାରେ ଥିବା ବସଷ୍ଟାଣ୍ଡ ଠାରେ ଡ.ଭୀମରାଓ ଆମ୍ବେଦକରଙ୍କ ୧୬୯ତମ ମହା ପରିନିର୍ବାଣ ଦିବସ ପାଳିତ ହୋଇଯାଇଛି। ଭାରତ ବର୍ଷର ମହାନ୍ ସମ୍ବିଧାନ ପ୍ରଣେତା ତଥା ଜାତି ଜନଜାତି ଓ ସମସ୍ତ ବର୍ଗର ମୁକ୍ତି ପାଇଁ ଏବଂ ବିଶେଷ କରି ମହିଳାଙ୍କ ଅଧିକାର, କୃଷକ ମଜଦୁର ଅଧିକାର ସହ ସାରା ଜୀବନ ଗରିବ ନିଷ୍ପେସିତ ଲୋକଙ୍କ କାମରେ ଅତିବାହିତ କରିଥିବା ମହାନ ବ୍ୟକ୍ତି ଆମ୍ବେଦକର ଆଜିର ଦିନରେ ନିଜର ଶେଷ ନିଶ୍ୱାସ ତ୍ୟାଗ କରିଥିବା ବେଳେ ଏହି ଦିନକୁ ମହା ପରିନିର୍ବାଣ ଦିବସ ଭାବେ ସାରା ଭାରତ ବର୍ଷରେ ପାଳନ କରାଯାଉଅଛି। ଏହି ଅବସରରେ ମାଲକାନଗିରି ଜିଲ୍ଲାରେ ମଧ ଏହି କାର୍ଯ୍ୟକ୍ରମ ପାଳନ ହୋଇଥିବା ବେଳେ ଏଥିରେ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ମାଲକାନଗିରି ତହସିଲଦାର ଟୁକୁନ ପୁଟା, ବରିଷ୍ଠ ଆଇନଜୀବୀ ହଳଧର ସେଠୀ, ମାଲକାନଗିରି ଜୋନ ୩ ଜିଲ୍ଲାପରିଷଦ କୃଷ୍ଣ ଚନ୍ଦ୍ର ଅନୁଗୁ, ଜାତି/ଜନଜାତି ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟିର ସଭାପତି ଜାରା ଶବର ମାଢ଼ି, କାର୍ଯ୍ୟକାରି ସଭାପତି ସୋନୁ ଅନୁଗୁ, ଉପଦେଷ୍ଟା ରତିକୃଷ୍ଣ ପାତ୍ର, ଘେନୁ ମୁଦୁଲି ପ୍ରମୁଖଙ୍କ ସହ ଟ୍ରକ ମାଲିକ ସଂଘ, ଅଟୋ ମାଲିକ ସଂଘ, ସାମାଜିକ ସଂଗଠନ ଏବଂ ବହୁ ମାନ୍ୟଗଣ ବ୍ୟକ୍ତି ଯୋଗଦେଇ ଡ. ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହାସହ ତାଙ୍କର ଜୀବନୀ ଓ ଦେଶ ପାଇଁ ରହିଥିବା ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ।



■ ସିମନବାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଘଟଣ

# ମଧ୍ୟାହ୍ନ ଭୋଜନ ଖାଇ ୩୦ ଛାତ୍ରଛାତ୍ରୀ ଅସୁସ୍ଥ , ୬ ଛାତ୍ରୀ ଗୁରୁତର



କନ୍ଧମାଳ(ଭାସ୍କର ନ୍ୟୁଜ୍): ମଧ୍ୟାହ୍ନ ଭୋଜନ ଖାଇ ୩୦ ଛାତ୍ରଛାତ୍ରୀ ଅସୁସ୍ଥ । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଅସୁସ୍ଥ ଛାତ୍ରଛାତ୍ରୀଙ୍କୁ ପ୍ରଥମେ ସିମନବାଡ଼ି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି ! ସେମାନଙ୍କ ମଧ୍ୟରୁ ୬ ଜଣ ଛାତ୍ରୀଙ୍କ ଅବସ୍ଥା ଗୁରୁତର ଥିବା ନେଇ ସେମାନଙ୍କୁ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଅସୁସ୍ଥ ଛାତ୍ରଛାତ୍ରୀ ବିଦ୍ୟାଳୟରେ ଭାତ ଓ ଅଣ୍ଡା ଖାଇଥିଲେ ! ଖାଇବାର କିଛି ସମୟ ପରେ ଛାତ୍ରଛାତ୍ରୀଙ୍କ ପେଟ ବ୍ୟଥା ଓ ବାନ୍ତି ହୋଇଥିଲା । ଅସୁସ୍ଥ ଛାତ୍ରଛାତ୍ରୀଙ୍କୁ ତୁରନ୍ତ ନିକଟସ୍ଥ ସିମନବାଡ଼ି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିଲା । ଯାହାକୁ ନେଇ ଅଭିଭାବକଙ୍କ ମହଲରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଥିଲା । କାହିଁକି ଓ କେଉଁ କାରଣରୁ ଏଭଳି ଏକ ଅଘଟଣ ଘଟିଲା, ସେ ନେଇ ବିଭାଗ ତରଫରୁ ତନାଘନା ଆରମ୍ଭ ହୋଇଛି । ଅସୁସ୍ଥ ଛାତ୍ରଛାତ୍ରୀ ବିଷାକ୍ତ ଖାଦ୍ୟ ଖାଇଥିବା ଯୋଗୁ ଏଭଳି ହୋଇଥିବା ଡାକ୍ତର ଅବିନାଶ ମଲିକ ଅନୁମାନ କରିଛନ୍ତି । ସେହିପରି ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦେଶୀ ନାୟକ ମଧ ଖାଦ୍ୟ ବିଷାକ୍ତ ହୋଇଥିବା ଅନୁମାନ କରିଛନ୍ତି । ବିଦ୍ୟାଳୟରେ ସ୍ୱାଗତିକା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ଲାଗି ଦାୟିତ୍ୱ ନେଇଛନ୍ତି । ସେମାନଙ୍କ ଭୋଜନ ପ୍ରସ୍ତୁତରେ କିଛି ଅବ୍ୟବସ୍ଥା ଯୋଗୁ ଏଭଳି ହୋଇଥିବା ପ୍ରଧାନ ଶିକ୍ଷକ ଜଣକ ଆକଳନ କରିଛନ୍ତି । ଅନ୍ୟପଟେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା କାରଣରୁ ଏଭଳି ଅଘଟଣ ଘଟିଥିବା ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି । ଏହା ସହ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହେବା ପରେ ପ୍ରଧାନ ଶିକ୍ଷକ, ଶିକ୍ଷକ-ଶିକ୍ଷୟିତ୍ରୀ ନିଜେ ଏହାକୁ ପ୍ରଥମେ ଖାଇବା ପରେ ଛାତ୍ରଛାତ୍ରୀଙ୍କୁ ଖାଦ୍ୟ ଦିଆଯିବାର ବ୍ୟବସ୍ଥା ରହିଥିଲେ ମଧ ଏଠି ତାହାକୁ ପାଳନ କରାଯାଉ ନାହିଁ । ଏଣୁ ଏ ନେଇ ପ୍ରଶାସନ ତରଫରୁ ଉଚିତ ତଦନ୍ତ କରାଯାଇ ଦୋଷୀ କର୍ମଚାରୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କାରିବାକୁ ଅଭିଭାବକମାନେ ଦାବି କରିଛନ୍ତି !

## ହୋମଗାର୍ଡ ପ୍ରତିଷ୍ଠା ଦିବସ ପାଳିତ



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ୬୧ତମ ହୋମଗାର୍ଡ ପ୍ରତିଷ୍ଠା ଦିବସ ମହା ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ଏହି ଅବସରରେ ସହକାରି ଏସପି ତପନ ନାରାୟଣ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁଲିସ ପତାକା ଉତ୍ତୋଳନ କରି ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରି ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ,ହୋମଗାର୍ଡ ଡିଜିଙ୍କ ବାର୍ତ୍ତା ପାଠ କରିଥିଲେ । ରାଜ୍ୟ ଓ ଜିଲ୍ଲାରେ ହୋମଗାର୍ଡମାନେ ନିଜ ଜୀବନକୁ ବାଜି ଲଗାଇ ଜନସାଧାରଣଙ୍କୁ ସୁରକ୍ଷା ଯୋଗାଇ ଦେବାରେ ସେମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଏଏସପି ଶ୍ରୀ ରଥ କହିଥିଲେ । ଏହି ଅବସରରେ ଜିଲ୍ଲା ସ୍ତରୀୟ ପୋଲିସ ଅଧିକାରୀ, ବିଭିନ୍ନ ଥାନାର ଅଧିକାରୀ ତଥା ବିଶିଷ୍ଟ ବ୍ୟକ୍ତି ବିଶେଷ ପ୍ରମୁଖ ଯୋଗ ଦେଇଥିଲେ ।

## ସ୍କୁଲ କଲେଜ ମିଳିତ ମଞ୍ଚର ସମ୍ମେଳନ



ଉମରକୋଟ(ଭାସ୍କର ନ୍ୟୁଜ୍): ଶହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟ, ଧୋଡ୍ରା ଠାରେ ସ୍କୁଲ କଲେଜ ମିଳିତ ମଞ୍ଚ, ନବରଙ୍ଗପୁରର କନଭେନସନ ଜିଲ୍ଲା ସଭାପତି ଶ୍ରୀ ବଂଶୀଧର ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମିଳିତ ମଞ୍ଚ ତରଫରୁ ରାଜଧାନୀ ଭୁବନେଶ୍ୱର ଠାରେ ଆଗାମୀ ୧୦ ତାରିଖରେ ଆୟୋଜିତ ହୋଇଥିବା ଆନ୍ଦୋଳନରେ ବ୍ଲକ ଓ ଜିଲ୍ଲାରୁ ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ଭାଗ ନେବା ପାଇଁ ସଜବାଜ ହେବା ପାଇଁ ପ୍ରସ୍ତୁତି ବୈଠକ ହୋଇଥିଲା । ଅନୁଦାନଯୋଗ୍ୟ ୧୯୪ ବିଦ୍ୟାଳୟକୁ ଅନୁଦାନ, ବାଦ ପଡ଼ିଥିବା ସ୍କୁଲକୁ ଅନୁଦାନ, ଅବସର ନେଇଥିବା ଶିକ୍ଷକଙ୍କୁ ପେନସନ,ହିନ୍ଦୀ, ସଂସ୍କୃତ, ଖେଳ, କିରାଣୀମାନଙ୍କ ଦରମା ଅସଂଗତି ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା । ସମ୍ପାଦକ ମିହିରକାନ୍ତି ଢ଼ାଲିଙ୍କ ନେତୃତ୍ୱରେ ବ୍ଲକ ଓ ଜିଲାରୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ଆନ୍ଦୋଳନରେ ଯୋଗ ଦେବାପାଇଁ ଉତ୍ସୁକତା ଦେଖାଦେଇଥିଲା । ଏଥିରେ ରାଜ୍ୟ ଉପସଭାପତି ଅରୁଣ କୁମାର ବଳ, ରାଜ୍ୟ ଇସି ସଭ୍ୟ ଦୁଲାଲ ବରୋଇ, ବ୍ଲକ କର୍ମକର୍ତ୍ତା ନଗେନ୍ଦ୍ର ରାଉତ, ଅଜୟ ନନ୍ଦ, ଶ୍ରୀନିବାସ ମହାରଣା, ଗୌତମ ବେହେରା, ପ୍ରଭାତ ନାୟକ, ଅନ୍ତର୍ଯ୍ୟାମୀ ବେହେରା, ଧୀରେନ୍ଦ୍ର ନାଥ ରାଉତ ପ୍ରଭୃତି ଶିକ୍ଷକ ନେତା ଯୋଗ ଦେଇଥିଲେ,। ନୂଆ ସରକାର ଗଠନ ପରେ ନାର୍ଯ୍ୟ ଦାବୀ ହାସଲ ନିମନ୍ତେ ପ୍ରଥମ କରି ଏକ ବଡ଼ ଧରଣର ଆନ୍ଦୋଳନ ମୁଣ୍ଡ ଟେକିଥିବାରୁ ସମସ୍ତେ ଯୋଗ ଦେବା ପାଇଁ ଆଗଭର ହୋଇଛନ୍ତି ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସଫେଇ କାର୍ଯ୍ୟ




ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ୍): କୋଡିଙ୍ଗା ମାଳି ଶାନ୍ତି ସୁବାସ ଖଣି ପରିବହନ ସଂଘର ସଭାପତି ଧର୍ମେନ୍ଦ୍ର ବିଡ଼ିକାଙ୍କ ସଭାପତିତ୍ୱରେ ଆଜି ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସଫେଇ କରାଯିବା ସହ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି ।ଏହି ମହତ କାର୍ଯ୍ୟରେ ଲକ୍ଷ୍ମୀପୁର ବିଡ଼ିଓ ଗୁରେଶ୍ୱର ଭୋଇ,ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଦୀନବନ୍ଧୁ ଚୌଧୁରୀ,ପୂର୍ବତନ କୋରାପୁଟ ସାଂସଦ ଝିନ୍ନ ହିକକା,ପୂର୍ବତନ କୋରାପୁଟ ବିଧାୟକ କୃଷ୍ଣ ଚନ୍ଦ୍ର ସଗରିଆ ଓ ଲକ୍ଷ୍ମୀପୁର ସରପଞ୍ଚ ଶ୍ୟାମ ସୁନ୍ଦର ତାଡିଙ୍ଗି ମଧ ଯୋଗ ଦେଇ ହାତରେ ଝାଡୁ ଧରି ସଫେଇ କରିଥିଲେ। ପରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ରୋଗୀଙ୍କୁ ଭେଟି ଫଳ ବଣ୍ଟନ କରି ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝି ଥିଲେ। ଏଥିରେ କୋଡୀଙ୍ଗା ମାଳି ଶାନ୍ତି ସୁବାସ ଖଣି ପରିବହନ ସଂଘର ସମସ୍ତ ସଦସ୍ୟ ମାନେ ଯୋଗ ଦେଇଥିବା ବେଳେ ସଂଘ ସମ୍ପାଦକ ଅଙ୍କୁ ଖରା ଓ କୋଷାଧକ୍ଷ କବିର ଗରଡ଼ା ପରିଚାଳନା କରିଥିଲେ। ଏଥିରେ ସଂଘ ସଦସ୍ୟ ବିଶ୍ୱଜିତ୍ ବାଗ,ସୁବାସ ଖୋସଲା,ପ୍ରଭାକର ମହାନନ୍ଦିଆ ,ସୁଦାନ ଖରା,ଲଳିତ ଖସଲା,କେ.ମୋହନା ରାଓ,ସିଧେଶ ଖସଲା,ପ୍ରବୀନା ବାଗ,ଉପେନ୍ଦ୍ର ଗରଡା,କୁନ୍ତ ଖରା,କୃଷ୍ଣ ଖୋସଲା,ବଚନ୍ କନ୍ଦପନ୍, ବିଭୂଜିତ୍ ଖରା,ବୁଜି ତୁରୁକ୍ ପ୍ରଭୃତି ସହଯୋଗ କରିଥିଲେ। ପରେ ସମୂହ ଏକତ୍ରିତ ହୋଇ ଓଡିଶା ଖଣି ନିଗମ କାର୍ଯ୍ୟାଳୟକୁ ଯାଇ ଲକ୍ଷ୍ମୀପୁର ଅଞ୍ଚଳରେ ବୁଲୁଥିବା ଅଳିଆ ବୁହା ଗାଡ଼ି ସ୍ୱାସ୍ଥ୍ୟ କେନ୍ଦ୍ରରୁ ଅଳିଆ ନେଉନଥିବା ଅଭିଯୋଗ କରି ଖଣି ପରିଚାଳକଙ୍କ ଦୃଷ୍ଟି ଆକର୍ଷଣ କରି ଥିଲେ।

# ରାଶି ଫସଲର କ୍ଷେତ୍ର ଦିବସ ପାଳିତ



ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ସଦର ମହକୁମା କୃଷି ବିଜ୍ଞାନ କେନ୍ଦ୍ରଦ୍ୱାରା ରାଶି ଫସଲର ଆଗୁଆ ଧାଡି କ୍ଷେତ୍ର ପ୍ରଦର୍ଶନର କ୍ଷେତ୍ର ଦିବସ ପାଳିତ ହୋଇଯାଇଛି। କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଏମ୍‌ଭି ୪୭ ଗ୍ରାମରେ ୩୦ ଜଣ ତୈଳବିଜ ଫସଲ ରାଶି ସହିତ ସମ୍ପୃକ୍ତ ଥିବା କୃଷକ ଓ କୃଷିଜୀବୀ ମହିଳାମାନେ ଯୋଗ ଦେଇଥିଲେ ଓ କୃଷି ବିଜ୍ଞାନ କେନ୍ଦ୍ରର ଡଃ ସିଦ୍ଧାର୍ଥ କର, ବୈଜ୍ଞାନିକ ଓ ତୈଳବୀଜ ଚାଷ ପରିଚାଳକ କ୍ଷେତ୍ର ଦିବସ ଟିକୁ ପରିଚାଳନା କରି ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ରାଶି କିସମ ସୁପ୍ରଭା, ସ୍ମାରକ ଧଳା ରାଶି ସମ୍ପର୍କରେ ଆଲୋଚନା କରି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ଅବଗତ କରିଥିଲେ ଓ କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ମୁଖ୍ୟ ଅଧିକାରୀ ଦିଲ୍ ରଞ୍ଜନ ମହାଲିକ, ଜିଲ୍ଲା କୃଷି ଉନ୍ନୟନ ଅଧିକାରୀ ମହେଶ କୁମାର ପାଢୀ, ଭାଗଚାଷ କୌଶଳ, ଫସଲ ପରିଚାଳନା, ଧଳା ରାଶିର ବିକ୍ରିବଟା ସମ୍ପର୍କରେ ଆଲୋଚନା କରିଥିଲେ । ଏହାଛଡା ପଞ୍ଚାୟତ ତଥା ଗ୍ରାମର ମୁଖ୍ୟ ସଭ୍ୟ ଯଥା ଏରା ମାଡକାମି, ତାପସ ମଣ୍ଡଳ, ମୁକା ମାଡକାମି, ପ୍ରତିଶ ମହାନନ୍ଦ, ସହଯୋଗୀ ଉଦ୍ୟାନ କୃଷି ଅଧିକାରୀ କୋରୁକୋଣ୍ଡା ଗୌତମ ବିଶ୍ୱାସ, ସୁବେଶ ମଣ୍ଡଳ, ବିନୟ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସମସ୍ତ ସଭ୍ୟସଭ୍ୟା ରାଶିର ସୁପ୍ରଭା କିସମ କ୍ଷେତ ପରିଦର୍ଶନ କରି ଅମଳର ଆକଳନ କରିଥିଲେ।

## ସମ୍ପର୍କୀୟ କେହି ଆସିଲେନି

### ୭୨ ଘଣ୍ଟା ପରେ ଶବ ସତ୍କାର କଲା ପ୍ରଶାସନ

ଉମରକୋଟ(ଭାସ୍କର ନ୍ୟୁଜ୍): ୭୨ ଘଣ୍ଟା ବିତିଗଲା, କିନ୍ତୁ ଅଜଣା ବୃଦ୍ଧଙ୍କ ସମ୍ପର୍କୀୟ କେହି ଆସିଲେ ନାହିଁ । ଶେଷରେ ଉମରକୋଟ ଅତିରିକ୍ତ ତହସିଲଦାର ଚିତ୍ତରଞ୍ଜନ ପଟ୍ଟନାୟକ, ପୋଲିସ ଏସ ଆଇ ସୁମେନ୍ଦ୍ର ସେଠ, ଏ ଏସ ଆଇ ରାମାନନ୍ଦ ପ୍ରଧାନ ଓ ପୋଲିସ ଫୋର୍ସଙ୍କ ଉପସ୍ଥିତିରେ ଆଜି ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ମରିଥିବା ଅଜଣା ବୃଦ୍ଧଙ୍କ ସରକାରୀ ରୀତି ନୀତି ଅନୁସାରେ ଶବ ସତ୍କାର କରାଯାଇଥିଲା । ଉଲ୍ଲେଖ ଯୋଗ୍ୟ ଏହି କି ଯେ ଜଣେ ଅଜଣା ବୃଦ୍ଧଙ୍କ ଶବ ଗତ ୪ ତାରିଖ ଦିନ ଉମରକୋଟ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଥିବା ଶିବ ମନ୍ଦିର ନିକଟରୁ ଉଦ୍ଧାର କରାଯାଇଥିଲା। ଏନେଇ ମେଡ଼ିକାଲ ଅଧିକ୍ଷକ ଡକ୍ଟର ଶରତ ଚନ୍ଦ୍ର ସେଠୀ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ହସ୍ପିଟାଲରେ ଥିବା ବରଫ ଚାମ୍ବରରେ ରଖା ଯାଇଥିଲା। ଯେହେତୁ ୭୨ ଘଣ୍ଟା ମଧ୍ୟରେ ମୃତ ବ୍ୟକ୍ତି ଙ୍କ ସମ୍ପର୍କୀୟ ନ ଆସିବାରୁ ଶେଷରେ ପ୍ରଶାସନ ନିଜ ଆଡରୁ ଆଜି ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରିଛି

# ଚାଷୀଙ୍କ ବିରୋଧ ସତ୍ତ୍ୱେ ଗେଲ୍ ଇଣ୍ଡିଆ ଗ୍ୟାସ୍ ପାଇପ ଲାଇନ୍ ବିଛାଇଲା

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗାରବନ୍ଧ ଠାରେ ଚାଷୀଙ୍କ ବିରୋଧ ସତ୍ତ୍ୱେ ଗେଇଲ୍ ଇଣ୍ଡିଆ ଗ୍ୟାସ୍ ପାଇପ ଲାଇ ବିଛାଇବା କାର୍ଯ୍ୟ ଜାରୀ ରଖିଛି । ପ୍ରକାଶ ଯେ, ଚାଷୀ ମନୋଜ କୁମାର ସାହୁଙ୍କ ଚାଷ ଜମି ଦେଇ ଗେଲ୍ ଇଣ୍ଡିଆ ଗ୍ୟାସ୍ ପାଇପ ଲାଇନ୍ ବିଛାଇବା ପାଇଁ ଯୋଜନା କରିଥିଲା । ଜମି ଖନନ କରି ଗ୍ୟାସ୍ ପାଇପ୍ ଲାଇନ୍ ବିଛାଇବା ବାବଦରେ ଜମିର ଉପଯୋଗ ମୂଲ୍ୟ ବାବଦରେ ଦେଉଥିବା ଟଙ୍କା ଯଥେଷ୍ଟ ନଥିବା ଯୋଗୁଁ ଚାଷୀ ମନୋଜ କୁମାର ସାହୁ ଏବଂ ତାଙ୍କ ପରିବାରବର୍ଗ ସମ୍ମତି ପ୍ରକାଶ କରିନଥିଲେ । ଏନେଇ ଚାଷୀ ଜଣକ ମାନ୍ୟବର ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ନ୍ୟାୟାଳୟଙ୍କ ରାୟ ପରେ ହିଁ ଯାହା କିଛି ହେଉ ବୋଲି ମନୋଜ ଅଡିବସିଥିଲେ । ହେଲେ ଆଜି ଗେଲ୍ ଇଣ୍ଡିଆର ବରିଷ୍ଠ ଅଧିକାରୀଗଣ ଜିଲ୍ଲା ପ୍ରଶାସନ ଏବଂ ପୋଲିସଙ୍କ ଉପସ୍ଥିତିରେ କାମ ଆରମ୍ଭ କରିଛନ୍ତି । ଏନେଇ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା । ଚାଷୀ ମନୋଜ ପ୍ରବଳ ବିରୋଧ କରିଥିଲେ । ଏପରିକି ଗେଲ୍ ଇଣ୍ଡିଆ ତରଫରୁ ପାଇପ୍ ବିଛାଇବା ପାଇଁ ଆସିଥିବା ମେସିନ୍ ଗାଡିକୁ ଜମି ଭିତରେ ପୁରାଇ ଦେଇନଥିଲେ । ଯାହାକୁ ନେଇ କିଛି ସମୟ ପାଇଁ ଯୁକ୍ତିତର୍କ ତଥା ଉତ୍ତେଜନା ପ୍ରକାଶ ପାଇଥିଲେ । ପରେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଗୋଷାଣି ବିଡିଓ ଗୌର ଚନ୍ଦ୍ର ପଟ୍ଟନାୟକ ଏବଂ ପାରଳାଖେମୁଣ୍ଡି ଏସଡିପିଓ ମାଧବାନନ୍ଦ ନାୟକ ପ୍ରମୁଖ ବୁଝାସୁଝା କରିଥିଲେ । କିଛି ସମୟ ପାଇଁ ଯୁକ୍ତିତର୍କ ପରେ ପୋଲିସ୍ ଚାଷୀ ମନୋଜଙ୍କୁ ହଟାଇଥିଲେ । ଏହାପରେ ମେସିନ୍ ଗୁଡିକ ଜମିଖନନ ପାଇଁ ଜମିମଧ୍ୟକୁ ପଶିଥିଲା । ଏନେଇ ମନୋଜ କହିଛନ୍ତି ଯେ, ଗେଲ୍ ଇଣ୍ଡିଆ ଦାଦାଗିରି ଦେଖାଇ ଜୋରଜବରଦସ୍ତି ଭାବେ କାମ ଆରମ୍ଭ କରିଛନ୍ତି । ଆମ୍ଭର ମାମଲା ମାନ୍ୟବର ଉଚ୍ଚତମ ନ୍ୟାୟାଳୟରେ ବିଚାରଣା ପାଇଁ ରହିଥିଲେ ମଧ ଗେଲ୍ ଇଣ୍ଡିଆ ଖାତିର ନ କରି କାମକରୁଛି । କୌଣସି କ୍ଷତିଭରଣା ବା ଜମି ଉପଯୋଗ ପାଇଁ ଦେଉଥିବା ଅର୍ଥ ପର୍ଯ୍ୟାପ୍ତ ନୁହେଁ । ଏହି ଜମି ଗୁଡିକ ମାର୍କେଟ ଦର ବେଶ ଅଧିକା ରହିଛି । ସେହି ଅନୁସାରେ କ୍ଷତିଭରଣା ଦେଲେ ଯାଇ ସମସ୍ତ ସମସ୍ୟା ସମାଧାନ ହୋଇପାରନ୍ତା ବୋଲି କହିଛନ୍ତି । ବର୍ତ୍ତମାନ ଗେଲ୍ ଇଣ୍ଡିଆ ଜୋରଜବରଦସ୍ତ ଭାବେ କାମ କରୁଥିବା ଯୋଗୁଁ ଏନେଇ ମଧ ଆଇନର ଆଶ୍ରୟ ନେବି ବୋଲି ଜଣାଇଛନ୍ତି । ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ନିମନ୍ତେ ଏସଡିପିଓ ଶ୍ରୀ ନାୟକଙ୍କ ନେତୃତ୍ୱରେ ଗାରାବନ୍ଧ ଥାନା ଅଧିକାରୀ ପ୍ରଶାନ୍ତ କୁମାର ନିସିକାଙ୍କ ପ୍ରତ୍ୟକ୍ଷତତ୍ତ୍ୱାବଧାନରେ ବହୁ ସଂଖ୍ୟକ ପୋଲିସ ମୁତୟନ ହୋଇଥିବାର ଦେଖିବାକୁ ମିଳିଥିଲା ।

## ଯୁବକ ଗିରଫ

### ବାଇକ ସହ ମଦ ଜବତ



ଖଡ଼ିଆଳ (ଭାସ୍କର ନ୍ୟୁଜ୍): ଖଡ଼ିଆଳ ଥାନାରେ ନୂତନ ଭାବେ ଆଇଆଇସିଙ୍କ ଯୋଗ ଦାନ ଦିନ ଠାରୁ ନଜର ରଖିଛନ୍ତି ବେଆଇନ ମଦ ବେପାରୀଙ୍କ ଉପରକୁ। ଦୀର୍ଘ ଦିନ ପରେ ଖଡ଼ିଆଳ ଚନାବେଡା ରାସ୍ତାରେ ମଦ ଧରାପଡ଼ିଛି। ସୂଚନା ଅନୁଯାଇ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନା ଅନ୍ତର୍ଗତ ଖଡ଼ିଆଳ ଚନାବେଡା ରାସ୍ତାରେ ବରପଦର ଗ୍ରାମର ଯୁଧିଷ୍ଠିର ବେହେରା ବାଇକ ଯୋଗେ ଓଡି ୨୬ ଏ ୧୬୯୬ ଯୋଗେ ୪୦.୮୫ ବିଦେଶୀ ମଦ ସହିତ ମୋଟ ୪୯.୮୫ ଲିଟର ମଦ ନେଉଥିବା ବେଳେ ବାଇକ ସହ ମଦ ଜବତ କରି ଯୁବକଙ୍କୁ କୋର୍ଟ ଚାଲାଣ କରିଥିବା ଖଡ଼ିଆଳ ଥାନା ଅଧିକାରୀ ଦିଲୀପ ସାହୁ ପ୍ରକାଶ କରିଛନ୍ତି । ଅନ୍ୟ ପଟେ ସେ ନିଜେ ସ୍କୁଟି ରେ ଯାଇ ବିଭିନ୍ନ ସ୍ଥାନ ବୁଲୁଥିବାର ସାଧାରଣରେ ଖୁବ ଚର୍ଚ୍ଚା ହେଉଛି ।ଏହାକୁ ନେଇ ବେଆଇନ ମଦ ବେପାରୀଙ୍କ ମଧ୍ୟରେ ଛାନିଆ ପଶିଯାଇଥିବା ଶୁଣିବାକୁ ମିଳୁଛି।

# ଶହେ ଦିନିଆ ଯକ୍ଷ୍ମା ନିରାକରଣ ଅଭିଯାନ ଉଦ୍‌ଘାଟିତ



ବରଗଡ(ଭାସ୍କର ନ୍ୟୁଜ୍): ବରଗଡ ଜିଲ୍ଲା ବିଜେପୁର ବ୍ଲକ ଅନ୍ତର୍ଗତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିଜେପୁର ଠାରେ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ସୁଶାନ୍ତ ମେହେରଙ୍କ କରକମଳରେ ଶହେଦିନିଆ ଯକ୍ଷ୍ମା ନିରାକରଣ ଅଭିଯାନର ଶୁଭ ଉଦଘାଟନ ହୋଇଯାଇଛି। ଉକ୍ତ ଅଭିଯାନ ତା୦୭.୧୨.୨୦୨୪ରିଖ ଠାରୁ ଆରମ୍ଭ ହୋଇ ତା୨୪.୦୩.୨୦୨୫ରିଖ ପର୍ଯ୍ୟନ୍ତ ଚାଲିବ। ୬୦ ବର୍ଷ ବା ବୃଦ୍ଧବୃଦ୍ଧା ବ୍ୟକ୍ତି, ଅପପୁଷ୍ଟି ରୋଗରେ ପୀଡିତ ବ୍ୟକ୍ତି, ମଧୁମେହ,ଏଚ.ଆଇ.ଭି, ନିଶାଗ୍ରସ୍ତ, ଅତୀତରେ ବାହାରି ଥିବା ଯକ୍ଷ୍ମା ରୋଗୀ ବା ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କ ଭଳି ବିପଦ ସଂକୁଳ ଜନସଂଖ୍ୟାକୁ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଗତ କରାଯିବ। ଏହି କାର୍ଯ୍ୟକ୍ରମ ଓଡ଼ିଶାରେ ୧୯ ଟି ଜିଲ୍ଲାରେ ଅନୁଷ୍ଠିତ ହେବ। ବିପଦ ସଂକୁଳ ଜନସଂଖ୍ୟାରେ ଲୁକ୍କାୟିତ ବା ଅପ ଚିକିତ୍ସିତ ହୋଇଥିବା ଯକ୍ଷ୍ମା ରୋଗୀ କିମ୍ବା ଲକ୍ଷଣ ଥିବା ହିତାଧିକାରୀଙ୍କ ପରୀକ୍ଷଣ କରି ଅତି ଶିଘ୍ର ଚିକିତ୍ସା ଆରମ୍ଭ କରିବା ଏହାର ମୂଳ ଲକ୍ଷ୍ୟ। ଆଶା ଦିଦି ଘରକୁ ଘର ବୁଲି ଲକ୍ଷଣ ଥିବା ବ୍ୟକ୍ତିଙ୍କ କଫ ପରୀକ୍ଷା,ଏକ୍ସରେ କରିବା ପାଇଁ ପ୍ରେରଣ କରିବେ ଏବଂ ଚିହ୍ନଟ ହୋଇଥିବା ରୋଗୀଙ୍କୁ ବିନା ମୂଲ୍ୟରେ ସଥଳ ଚିକିତ୍ସା କରାଯିବ। ଏଥି ସକାଶେ ଡ. ମେହେର ଜନସାଧାରଣଙ୍କୁ ସହଯୋଗ କରିବା ପାଇଁ ନିବେଦନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଆଶା ଦିଦି, ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ, ସିଏଚଓ ,ଟିବି ଚମ୍ପିୟାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଏସ ଟି ଏସ ଦେବାଶିଷ ଦେବତା ମତବ୍ୟକ୍ତ କରିଛନ୍ତି। ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ସୁଦାମ ଚରଣ ପାଣିଗ୍ରାହୀ ଅଞ୍ଚଳରେ ଥିବା ଯକ୍ଷ୍ମା ରୋଗୀଙ୍କ ପୋଷଣ ଉପରେ ଗୁରୁତ୍ୱ ଦେଇଥିଲେ। ସମାଜର ବୁଦ୍ଧିଜୀବୀ ତଥା ସମାଜସେବୀଙ୍କୁ ପୋଷଣ ଯୋଜନାରେ ସାମିଲ କରି ଯକ୍ଷ୍ମା ରୋଗୀମାନଙ୍କୁ ସାହାଯ୍ୟ କରିବା ପାଇଁ ଅନୁରୋଧ କରାଯାଇଛି। ଉଦଘାଟନୀ ଉତ୍ସବରେ ବିପିଏମ ବିଜୟ କୁମାର ସରାପ ଯକ୍ଷ୍ମାମୁକ୍ତ ଗ୍ରାମପଞ୍ଚାୟତ ପାଇଁ ଆହ୍ୱାନ କରିଥିଲେ। ଏ ପରିପ୍ରେକ୍ଷୀରେ ବି.ଏ.ଏମ ବାଲଗୋପାଳ ପଣ୍ଡା, ବିଡିଏମ ନାରାୟଣ ପାଢ଼ୀ, କନିଷ୍ଠ ସହାୟକ ପ୍ରଦୀପ ପାଣିଗ୍ରାହୀ, ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ଶ୍ରୀମତୀ କବିତାଞ୍ଜଳୀ ଦାଶ,ଏଲ.ଟି ସୁଶ୍ରୀ ବାସନ୍ତୀ ବାରିକ, କୁମର ସାହୁ, ବାବୁଲୁ ପରଡିଆ, ମହିଳା ସ୍ୱାସ୍ଥ୍ୟ କର୍ମୀ ସ୍ମୃତିମୟୀ ପଣ୍ଡା, ରଞ୍ଜିତା ଦାସ, ଫାର୍ମାସିଷ୍ଟ ତାରାଚନ୍ଦ ମେହେର,ଅମିତ କୁମାର ସାହୁ, ଆଶା ଦିଦି,ଟିବି ଚମ୍ପିଆନ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିଜେପୁର ସେଣ୍ଟର୍ ପକ୍ଷରୁ ଏକ ରାଲି ପ୍ରଦର୍ଶନ କରାଯାଉଥିଲା ।ଏକ ନାରାରେ ଗୁଞ୍ଜରିତ ହୋଇ ଉଠୁଥିଲା ସଭିଙ୍କର ରଖ ଧ୍ୟାନ.....ଟିବି ମୁକ୍ତ ଭାରତ ଅଭିଯାନ।

# ପାରିବାରିକ ହିଂସାକୁ କେନ୍ଦ୍ରକରି ସ୍ୱାମୀକୁ ହତ୍ୟାକଲା ସ୍ତ୍ରୀ



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଏଭଳି ଘଟଣା ଦେଖିବାକୁ ମିଳିଛି ପାରଳାଖେମୁଣ୍ଡି ଜଙ୍ଗମସାହିରେ । ପୋଲିସ ଘଟଣାରେ ତଦନ୍ତ ଆରମ୍ଭ କରିଛି । ପାରିବାରିକ ହିଂସାକୁ କେନ୍ଦ୍ର କରି ସ୍ତ୍ରୀକରିଛି ସ୍ୱାମୀଙ୍କ ହତ୍ୟା । ଜଙ୍ଗମ ସାହିର ଡିଲେଶ୍ୱରଙ୍କ ପୁଅ ବିଜୟ କୁମାରଙ୍କୁ ତାଙ୍କ ବୋହୂ ଶାରଦା ହତ୍ୟା କରିଥିବା ଘଟଣା ସାମ୍ନାକୁ ଆସିଛି । ହତ୍ୟା ସମୟରେ ଶାଶୂ ଶ୍ୱଶୁର କୌଣସି କାମରେ ବାହାର ଗାଁକୁ ଚାଲିଯାଇଥିଲେ । ଆଜି ସକାଳୁ ଡିଲେଶ୍ୱର ଓ ତାଙ୍କ ପତ୍ନୀ ଗାଁରୁ ଫେରି ଦେଖିବା ବେଳେ ପୁଅ ଘୋଡାଇ ହୋଇ ଶୋଇଥିଲା। ସେମାନେ ବିଜୟକୁ ଉଠେଇଥିଲେ । କିନ୍ତୁ ପୁଅ ଆଉ ଉଠି ନଥିଲା । ଶ୍ୱଶୁର ବୋହୂକୁ ପଚାରାଉଚରା କରିଥିଲେ, କିନ୍ତୁ ବୋହୂ କିଛି ସଠିକ କହିନଥିଲା । ହେଲେ ସାହି ପଡିଶା ପରିଜନ ମିଶି ମର ଶରୀରର ଶେଷକୃତ୍ୟ ନିମନ୍ତେ ପ୍ରସ୍ତୁତି କରିବା ସମୟରେ ଶରୀରର ବିଭିନ୍ନ ସ୍ଥାନରେ କ୍ଷତାକ୍ତ ହୋଇଥିବା ଦେଖି ପୋଲିସକୁ ଖବର କରିଥିଲେ। ଏହା ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ତାଙ୍କ ସମ୍ପର୍କୀୟଙ୍କ କହିବା ହେଲା ସବୁବେଳେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ସବୁବେଳେ ଝଗଡା ଲାଗିରହୁଥିଲା । ଗତକାଲି ମଧ ଝଗଡା ହୋଇଥିଲା ବାପା ମା' ଘରେ ଅନୁପସ୍ଥିତିର ସୁଯୋଗ ନେଇ ବିଜୟକୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଘଟଣା ସ୍ଥଳରେ ପୋଲିସର ସାଇଣ୍ଟିଫିକ ଟିମ୍ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି । ପ୍ରାଥମିକ ତଦନ୍ତରୁ ଯାହା ଜଣାପଡିଛି ସ୍ୱାମୀ ସ୍ତ୍ରୀଙ୍କ ମଧରେ ଗତକାଲି ରାତିରେ ଝଗଡା ହୋଇଥିଲା। ଏହାପରେ କୌଣସି ଧାରୁଆ ଅସ୍ତ୍ରରେ ସ୍ତ୍ରୀ ସ୍ୱାମୀକୁ ଅଚେତ ଅବସ୍ଥାରେ ଆକ୍ରମଣ କରି ଛାତିରେ କ୍ଷତାକ୍ତ କରିବା ସହ ତଣ୍ଟି ଚିପି ହତ୍ୟା କରିଥିବା ସୂଚନା ଦେଇଛନ୍ତି ପାରଳାଖେମୁଣ୍ଡି ଥାନା ଅଧିକାରୀ । ଏହି ଘଟଣାରେ ପତ୍ନୀ ଶାରଦାକୁ ପୋଲିସ ଅଟକ ରଖି ପଚରାଉଚରା କରୁଛି । ସ୍ତ୍ରୀ ପଥର ଦ୍ୱାରା ଚେଛି ହତ୍ୟା କରିଥିବା ପ୍ରାଥମିକ ସୂଚନା ସହ ପଥର ଘଟଣା ସ୍ଥଳ ରୁ ଉଦ୍ଧାର କରାଯାଇଛି । କେସ୍ ନଂ ୩୭୪/୨୪ ,୧୦୩ ବି ଏନ୍ ଏମ୍ ମାମଲା ରୁଜୁ କରାଯାଇଛି । ସ୍ତ୍ରୀ ବି ଶାରଦା କୁ ଆଜି ଜେଲକୁ ପଠାଯାଇଛି । ଶବ ବ୍ୟବଚ୍ଛେଦ ପରେ ପରିବାର କୁ ହସ୍ତାନ୍ତର କରାଯାଇଛି ।

## ଷ୍ଟେଟ୍ ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟ ସଂଘ ପକ୍ଷରୁ ସାଧାରଣ ପରିଷଦ ବୈଠକ



ମାଲକାନଗିରି (ଭାସ୍କର ନ୍ୟୁଜ୍): ଓଡିଶା ଷ୍ଟେଟ୍ ୟୁନିୟନ ଅଫ ଜର୍ନାଲିଷ୍ଟ ସଂଘ ପକ୍ଷରୁ ମାଲକାନଗିରି ଜିଲ୍ଲାରେ ଏକ ସାଧାରଣ ପରିଷଦ ବୈଠକ ଏବଂ ଜିଲ୍ଲା ସଂଘର କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଜିଲ୍ଲା ସଦରରେ ଥିବା ହୋଟେଲ ଗୋଲଡେନ ଭ୍ୟୁରେ ଓଡିଶା ଷ୍ଟେଟ ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରାଜ୍ୟ କାର୍ଯ୍ୟକାରୀ ସଭାପତି କୀର୍ତ୍ତି ଚନ୍ଦ୍ର ସାହୁ, ଜାତୀୟ ସାମ୍ବାଦିକ ୟୁନିୟନର ସମ୍ପାଦକ ବବୁଲ ସିଂ, ରାଜ୍ୟ ସମ୍ପାଦକ ହେମାଙ୍ଗ ପ୍ରସାଦ ରାହୁଳ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ସାମ୍ବାଦିକଙ୍କ ବିଭିନ୍ନ ଦାବି ଓ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସଭାପତି ଦୁର୍ଯୋଧନ ପାତ୍ର, କାର୍ଯ୍ୟକାରୀ ସଭାପତି ଅଶୋକ ମିଶ୍ର ଏବଂ ସାଧାରଣ ସମ୍ପାଦକ ବି ଶ୍ରୀନିବାସ ପତ୍ର ପ୍ରମୁଖ ଉପସ୍ଥିତ ରହି ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ଓ ଆବଶ୍ୟକତା ବିଷୟରେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଓଡିଶା ଷ୍ଟେଟ ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟର ମାଲକାନଗିରି ଜିଲ୍ଲା ଶାଖାର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିବା ବେଳେ ଜିଲ୍ଲା ସଭାପତି ଭାବେ ଏମ ଅମରେଶ କୁମାର, ଉପ ସଭାପତି ଭାବେ ସର୍ବ କୁମାର ବିଶୋଇ, ସାଧାରଣ ସମ୍ପାଦକ ଭାବେ ବଂଶୀଧର ମୁଦୁଲି, କୋଷାଧକ୍ଷ ଭାବେ ସୁଶାନ୍ତ କୁମାର ମଣ୍ଡଳଙ୍କୁ ଚୟନ କରଯାଇଥିଲା। ସେହିପରି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଜୟନ୍ତ ତିଆଡିଙ୍କୁ ଚୟନ କରାଯାଇଥିବା ସହ ଅନ୍ୟାନ୍ୟ ପଦ ଗୁଡିକ ନିମନ୍ତେ ମଧ କର୍ମକର୍ତ୍ତା ଚୟନ କରଯାଇଥିଲା।

## ବାର୍ଷିକ କ୍ରୀଡା ପ୍ରତିଯୋଗିତା

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟ ର ବାର୍ଷିକ କ୍ରୀଡା ପ୍ରତିଯୋଗିତା ୨୦୨୪-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଚାଳିତ ମହାବିଦ୍ୟାଳୟର ଖେଳ ପଡିଆ ଠାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ଦାସ ଙ୍କ ଦ୍ୱାରା ଶୁଭ ଉଦ୍‌ଘାଟନ ହୋଇଥିଲା । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶ୍ରୀ ଶ୍ରୀରାମ ମୂର୍ତ୍ତି ସବୁଜ ପତାକା ଦେଖାଇ ୧୦୦ମିଟର ଦୌଡ଼ ପ୍ରତଯୋଗିତାରେ ଆରମ୍ଭ କରିଥିଲେ। ପରେ ପରେ ବରିଷ୍ଠ ଓ କନିଷ୍ଠ ବର୍ଗର ୧୦୦ମିଟର, ୨୦୦ମିଟର, ୪୦୦ମିଟର, ୮୦୦ମିଟର ୧୫୦୦ମିଟର ୩୦୦୦ମିଟର, ଲମ୍ବା କୁଦ ଉଚ୍ଚକୁଦ, ସଟପୁଟ ଫିଙ୍ଗା, ଡିସକସ ଫିଙ୍ଗା, ଲେମ୍ବୁ ଚାମଚ ଓ ଧୀର ସାଇକେଲ ଚାଳନା ଭଳି ଅନେକ କ୍ରୀଡାରେ ଛାତ୍ରମାନେ ଆଗ୍ରହର ସହ ଭାଗ ନେଇଥିଲେ। ଏହି ପ୍ରତିଯୋଗିତା ଦୁଇଦିନ ଧରି ଚାଲିଥିଲା ଏବଂ ତା୦୭.୧୨.୨୦୨୪ ଦିନ ଏହାର ଉଦଯାପନୀ ଉତ୍ସବରେ ପୁନର୍ବାର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଦାଶ ଖେଳାଳୀ ମାନଙ୍କୁ କିପରି ଶୃଙ୍ଖଳିତ ହେବେ ଓ ଶିକ୍ଷାର୍ଥୀ ଙ୍କ ଜୀବନରେ କ୍ରୀଡାର ଭୂମିକା ବର୍ଣ୍ଣନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ପ୍ରମୁଖ ଏଥିରେ ଉପସ୍ଥିତ ରହି ସୂଚାରୁ ରୁପେ ପରିଚାଳନା କରିଥିଲେ। ଅଷ୍ଟମ ଶ୍ରେଣୀର ଜିତେଶ୍ୱର୍ ରାଇତ ଓ ଦଶମ ଶ୍ରେଣୀର ମାମିଡି ଭେଙ୍କଟ କନିଷ୍ଠ ବର୍ଗରେ ଓ ବରିଷ୍ଠ ବର୍ଗରେ ଯଥାକ୍ରମେ ଚଳିତ ବର୍ଷର ଚାମ୍ପିଅନ୍ ଆଖ୍ୟା ହାସଲ କରିଥିଲେ।

# ସଘନ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଓ ଲିଙ୍ଗଭିତ୍ତିକ ହିଂସା ସଚେତନତା ପକ୍ଷ ପାଳିତ




ରାୟଗଡ(ଭାସ୍କର ନ୍ୟୁଜ୍): ଭାରତରେ ଯକ୍ଷ୍ମା (ଟିବି)ର ମୁକାବିଲା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ତରଫରୁ ପକ୍ଷରୁ ୧୦୦ ଦିନ ଯକ୍ଷ୍ମା ନିର୍ମୂଳ ଅଭିଯାନର ଆରମ୍ଭ ହୋଇଯାଇଛି, ଏହି ଅଭିଯାନ ର ଅଂଶ ଭାବେ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ପରିଷଦ ଅଧକ୍ଷା ସରସ୍ୱତୀ ମାଝି ପତାକା ଦେଖାଇ ନିକ୍ଷୟ ରଥର ଶୁଭାରମ୍ଭ କରିଛନ୍ତି । ଏହି ୧୦୦ ଦିନିଆ କାର୍ଯ୍ୟକ୍ରମ ୭ ଡିସେମ୍ବର ୨୦୨୪ ରେ ଆରମ୍ଭ ହେଇ ୧୭ ମାର୍ଚ୍ଚ ୨୦୨୫ ଯାଏଁ ଚାଲୁ ରହିବ । ଆମ ଜିଲ୍ଲାକୁ ମିଶାଇ ରାଜ୍ୟ ର ମୋଟ ୧୯ ଟି ଜିଲ୍ଲା ରେ ଏହି ଅଭିଯାନ କାର୍ଯ୍ୟକାରୀ କରାଯାଇଛି । ଏହା ସହିତ ୧୦୦ ଦିନିଆ ଯକ୍ଷ୍ମା ମୁକ୍ତ ଅଭିଯାନ ଉପରେ ଏକ ବୈଠକ ଆୟୋଜନ ହୋଇଯାଇଛି। ଏହି ବୈଠକ ରେ ଆଗାମୀ ୧୦୦ ଦିନିଆ ଅଭିଯାନର କାର୍ଯ୍ୟପନ୍ଥା ଉପଲେ ଆଲୋଚନ କରାଯାଇଥିଲା । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ଼ ମମତା ସାହୁ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ( ରୋଗ ନିୟନ୍ତ୍ରଣ) ଡ଼ ମମତା ଚୌଧୁରୀ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡ଼ ପ୍ରଦୀପ୍ତ କୁମାର ସୁବୁଦ୍ଧି ଏବଂ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଶ୍ରୀ ରାଜେଶ୍ୱର ରାଓ ପଟ୍ଟନାୟକ ଆଦି ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଶେଷ ଭାବରେ ଯକ୍ଷ୍ମା ସଂକ୍ରମଣ ହୋଇଥିବା, ନିଜ ନିକଟ ସମ୍ପର୍କୀୟ ମଧ୍ୟରେ କେହି ଯକ୍ଷ୍ମା ରୋଗୀ ଥିଲେ, ଧୂମପାନ ବା ମଦ୍ୟପାନ କରୁଥିବା ବ୍ୟକ୍ତି , ମଧୁମେହରେ ପୀଡିତ ଥିବା ବ୍ୟକ୍ତି, ୬୦ ବର୍ଷ ବା ଊର୍ଦ୍ଧ୍ୱ ବ୍ୟକ୍ତି, ଅପପୃଷ୍ଟିରେ ଶିକାର ଏବଂ ଏଚଆଇଭି ସଂକ୍ରମିତ ବ୍ୟକ୍ତି ମାନଙ୍କ ନିକଟରେ ଯକ୍ଷ୍ମା ହେବାର ଆଶଙ୍କା ଅଧିକ ରହିଥାଏ, ସେମାନଙ୍କର ରୋଗ ଚିହ୍ନଟ ଏବଂ ଚିକିତ୍ସା ଏହି ସଘନ ଅଭିଯାନ ମାଧ୍ୟମରେ କାର୍ଯ୍ୟକାରୀ ହେବ । ଉପରୋକ୍ତ ସମସ୍ତ ବ୍ୟକ୍ତିଙ୍କ ଯଦି ଯକ୍ଷ୍ମା ଲକ୍ଷଣ ଥାଏ, NAAT ସହାୟତାରେ ତାଙ୍କ କଫ ପରୀକ୍ଷା କରାଯିବ ଓ ଲକ୍ଷଣ ନଥିବା ସମସ୍ତ ବ୍ୟକ୍ତିଙ୍କ X Ray କରାଯିବ। ତା ସଙ୍ଗେ ଫୁସଫୁସ ବ୍ୟତୀତ ଅନ୍ୟ ଅଙ୍ଗରେ ଯକ୍ଷ୍ମା ହେଇଛି କି ନାହିଁ ଡାକ୍ତର ଦେଖି ନିର୍ଣ୍ଣିତ କରିବେ। ସମସ୍ତେ ଯେଉଁମାନଙ୍କ ଯକ୍ଷ୍ମା ଚିହ୍ନଟ ହେଲା, ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଅଧୀନରେ ଉପଯୁକ୍ତ ଚିକିତ୍ସା ପାଇବେ। ଉପରୋକ୍ତ ପରୀକ୍ଷା ରେ ଯେଉଁମାନଙ୍କ ଯକ୍ଷ୍ମା ରୋଗ ନାହିଁ ଜଣା ପଡ଼ିବ, ସେମାନଙ୍କ ଯକ୍ଷ୍ମା ସଂକ୍ରମଣ ପରୀକ୍ଷା (IGRA)କରାଯିବ। ଯକ୍ଷ୍ମା ସଂକ୍ରମଣ ଜଣା ପଡ଼ିଲେ TPT ଦିଆଯିବ। ଏଥି ନିମନ୍ତେ ସମସ୍ତ ଆଶା vulnerable ବ୍ୟକ୍ତି ଚିହ୍ନଟ କରି, ନିକଟସ୍ଥ ହସ୍ପିଟାଲ କିମ୍ବା X Ray lab କୁ ପଠେଇବେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ ଓ୍ୱେବ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ଡାକ୍ତର ରୋଗୀ ସଂଖ୍ୟାର ଶତକଡା ୧୦ ଭାଗ ରୋଗୀଙ୍କୁ ପରୀକ୍ଷା ପାଇଁ ପଠେଇବେ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ସ୍ୱାସ୍ଥ୍ୟ ଉପକେନ୍ଦ୍ର ରୋଗୀ ସଂଖ୍ୟାର ଶତକଡା ୫ ଭାଗ ପଠେଇବେ। ଏହି ଅଭିଯାନ ସମୟରେ ପ୍ରତ୍ୟକ ମୃତ୍ୟୁର ଅଡିଟ କରାଯିବ। ତଦ୍‌ସହିତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମମାନ କରାଯିବ ।



ବୋଲଗଡ଼ (ଭାସ୍କର ନ୍ୟୁଜ): ବୋଲଗଡ଼ ବ୍ଲକ ସଦର ମହକୁମାରେ ପ୍ରତିଷ୍ଠିତ ବଲଗୁଡ଼ି ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ପରିଷଦ ଓ ଓଡିଶା ସାହିତ୍ୟ ଏକାଡେମୀ,ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ପ୍ରାଚୀନ କବି ଦନେଇ ଦାସଙ୍କ ଜୟନ୍ତୀ ଗୋପୀନାଥ ଖାଡ଼ଙ୍ଗାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଭାରମ୍ଭରେ କବି ଭକ୍ତଚରଣ ପଟ୍ଟନାୟକଙ୍କ ସଂଯୋଜନାରେ ୩୦ ଜଣ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ । ମୁଖ୍ୟଅତିଥି ଭାବରେ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଓ ମୁଖ୍ୟବକ୍ତା ଭାବରେ ଅଧ୍ୟାପକ ରଜନିକୁ ବଳିୟାରସିଂହ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଗୋପୀଭାଷା ଓ କବି ଦନେଇ ଦାସଙ୍କ ସମ୍ପର୍କରେ ବ୍ୟାପକ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବରେ ଯୁବ ଗବେଷକ ଶ୍ରୀକାନ୍ତ କୁମାର ନାୟକ, ଶିକ୍ଷାବିତ ପ୍ରଫୁଲ୍ଲ କୁମାର ମହାପାତ୍ର, ପଣ୍ଡିତ ଦିବାକର ପରମଗୁରୁ ଯୋଗଦେଇ ବୋଲଗଡ ଅଞ୍ଚଳରେ ସାନପଦର ଗ୍ରାମରେ ଅଷ୍ଟାଦଶ ଶତାବ୍ଦୀରେ ବୈଷ୍ଣବ କବି ଭକ୍ତଚରଣ ଦାସ , ଦନେଇ ଦାସ, ପିଣ୍ଡିକ ଶ୍ରୀଚନ୍ଦନ, ନାରାୟଣ ନେତ୍ରମଣି ଓ ଅନନ୍ତ ପାତ୍ରସିଂହ ପ୍ରମୁଖ ଜନ୍ମହୋଇ ଏହାକୁ କବିତୀର୍ଥରେ ପରିଣତ କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ କବି ପ୍ରସନ୍ନ କୁମାର ମଣ୍ଡଳଙ୍କୁ ସମାଜସେବା ନିମନ୍ତେ କବି ଦନେଇ ଦାସ ସମ୍ମାନ ଓ ଗାଡ଼ିକାର ପୂର୍ଣ୍ଣଚନ୍ଦ୍ର ବେହେରା ଲୋକକଳା ପ୍ରସାର ନିମନ୍ତେ ସମ୍ମାନଜନକ ଡ଼କ୍ଟରେଟ ଉପାଧି ଲାଭ କରିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅବିନାଶ ସୁବୁଦ୍ଧି ଓ ସୁଶ୍ରୀ ପ୍ରଜ୍ଞା ପାରମିତା ପ୍ରାରମ୍ଭିକ ସଂଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ । ମନୋଜ କୁମାର ଗୁମାନସିଂହ ଧନ୍ୟବାଦ ପ୍ରଦାନ କରିଥିଲେ ।

## ପ୍ରୟାଗ ରାଜ ମହାକୁମ୍ଭକୁ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ ଦେଲେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ ଆସନ୍ତା ବର୍ଷ ପ୍ରୟାଗରାଜରେ ଅନୁଷ୍ଠିତ ହେଉଥିବା ମହା କୁମ୍ଭ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନିମନ୍ତ୍ରଣ ଦେଇଛନ୍ତି । ରବିବାର ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଉକ୍ତ ପ୍ରଦେଶର ଶ୍ରମ ଓ ନିୟୋଜନ ମନ୍ତ୍ରୀ ଅନିଲ ରାଜଭର ଏବଂ ଖାଦ୍ୟ ଓ ଯୋଗାଣ ରାଷ୍ଟ୍ର ମନ୍ତ୍ରୀ ସତୀଶ ଚନ୍ଦ୍ର ଶର୍ମା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ତାଙ୍କ ବାସ ଭବନରେ ଭେଟି ମହାକୁମ୍ଭ ରେ ଯୋଗ ଦେବା ପାଇଁ ନିମନ୍ତ୍ରଣ ଦେଇଥିଲେ । ମହାକୁମ୍ଭ ୨୦୨୫ ଜାନୁଆରୀ ୧୩ ତାରିଖରୁ ଫେବୃଆରୀ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ମନ୍ତ୍ରୀ ଦ୍ୱୟ ଜଣ ମୁଖ୍ୟମନ୍ତ୍ରୀଙ୍କୁ ଗଙ୍ଗା ଜଳରେ ପରିପୂର୍ଣ୍ଣ ଏକ ଶୁଭ କଳସ ଏବଂ ମହାକୁମ୍ଭର ଏକ ଲୋଗୋ ମଧ୍ୟ ପ୍ରଦାନ କରିଥିଲେ । ଏହି ନିମନ୍ତ୍ରଣ ସମୟରେ ରାଜ୍ୟ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚ ଶିକ୍ଷା ତଥା କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ଥିଲେ ।

## ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ନୂଆ ଦାୟିତ୍ୱ



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଦେଶର ବିକାଶ ଏବଂ ବିଭିନ୍ନ ଯୋଜନା ସଂକ୍ରାନ୍ତ ଗବେଷଣା ପାଇଁ ସେଣ୍ଟର ଫର୍ ନରେନ୍ଦ୍ର ମୋଦି ଷ୍ଟଡିଜ୍ ନାମରେ ଏକ ଆନ୍ତର୍ଜାତିକ କେନ୍ଦ୍ର ନୂଆଦିଲ୍ଲୀରେ ଖୋଲାଯାଇଛି । ଏହି କେନ୍ଦ୍ରର ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ ଭାବେ ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ନିଯୁକ୍ତି ଦିଆଯାଇଛି । ଏହି ସଂସ୍ଥାର ମ୍ୟାନେଜିଂ ଟ୍ରଷ୍ଟି ପ୍ରଫେସର ଜସିମ୍ ମହମ୍ମଦ କହିଛନ୍ତି ଯେ ଏହି କେନ୍ଦ୍ର ଦେଶର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରୁଛି । ଏଥିରେ ବିଭିନ୍ନ କ୍ଷେତ୍ରର ବହୁ ଲକ୍ଷ ପ୍ରତିଷ୍ଠିତ ବ୍ୟକ୍ତି ଯୋଡ଼ି ହୋଇଛନ୍ତି । ସୂଚନାଯୋଗ୍ୟ ଯେ ପୂର୍ବରୁ ଜଣେ ଆଇନଜୀବୀ, ଅଗ୍ରଣୀ ବ୍ୟବସ୍ଥାପକ ଏବଂ ରାଜ୍ୟପାଳ ଭାବେ ଶ୍ରୀ ହରିଚନ୍ଦନ ଦକ୍ଷତାର ସହ କାର୍ଯ୍ୟ କରିଥିବାବେଳେ ସାହିତ୍ୟ, ସଂସ୍କୃତି ଓ ଅର୍ଥନୀତି ତଥା ଇତିହାସରେ ତାଙ୍କର ଅଭିଜ୍ଞତା ରହିଛି । ନିକଟରେ ଆଲିଗଡ଼ରେ ଅନୁଷ୍ଠିତ ହେବାକୁ ଥିବା ପରାମର୍ଶଦାତା କମିଟି ବୈଠକରେ ଶ୍ରୀ ହରିଚନ୍ଦନ ଅଧ୍ୟକ୍ଷତା କରିବେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କଥା ଦେଇ...

ପ୍ରଥମ କ୍ୟାବିନେଟରେ ଯେଉଁ ଚାରିଟି ପ୍ରମୁଖ ନିଷ୍ପତ୍ତି ନେଇଥିଲେ, ସେ ସବୁ ନିଷ୍ପତ୍ତି ୬ ମାସ ମଧ୍ୟରେ ପୂରଣ କରାଗଲା । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୪ଟି ନିଷ୍ପତ୍ତି ମଧ୍ୟରୁ ଧାନ କିଣା ବାବଦକୁ ୩୧୦୦ ଟଙ୍କା ପ୍ରଦାନ କରିବା ଏକ ମୁଖ୍ୟ ନିଷ୍ପତ୍ତି ଥିଲା । ବରଗଡର ଏହି ସୋହେଲା ମାଟିରେ, ଆପଣମାନଙ୍କୁ ଆମେ ଯେଉଁ ପ୍ରତିଶୃତି ଦେଇଥିଲୁ, ତାହା ପୂରଣ କଲୁ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ଭାଷାରେ, ମୋଦୀ କି ଗ୍ୟାରେଣ୍ଟି ମତଲବ, ଗ୍ୟାରେଣ୍ଟି ପୁରି ହୋନେ କି ଗ୍ୟାରେଣ୍ଟି । ଆଜି ଆମର ସେଇସବୁ ଗ୍ୟାରେଣ୍ଟି ପୂରଣ ହୋଇଛି । ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲା ହେବା ହେଉ କିମ୍ବା ଶ୍ରୀମନ୍ଦିର ଉନ୍ନତିକରଣ ପାଇଁ ୫୦୦ କୋଟି ଟଙ୍କାର କର୍ପସ ଫଣ୍ଡ ହେଉ; ସୁଭଦ୍ରା ଯୋଜନା ହେଉ କିମ୍ବା ଚାଷୀଭାଇମାନଙ୍କୁ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ହେଉ – ଆଜି ଆମ ସରକାର ଆପଣମାନଙ୍କୁ ଦେଇଥିବା ଚାରିଟି ଯାକ ପ୍ରତିଶୃତି, ଆଜି ପୂରଣ ହୋଇଛି ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ଦିନଟି ସାରା ଓଡିଶା ପାଇଁ ଏକ ଐତିହାସିକ ଦିନ । ବିଶେଷ କରି, କୃଷି ଓ କୃଷକମାନଙ୍କ ପାଇଁ ଆଜିର ଦିନଟି ନିଶ୍ଚିତ ଭାବରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ଆଜି ଆପଣମାନଙ୍କ ସରକାର, ଆପଣମାନଙ୍କୁ, ଓଡିଶାର ଲକ୍ଷ ଲକ୍ଷ ଚାଷୀ ଭାଇଭଉଣୀ ମାନଙ୍କୁ ସେମାନଙ୍କ କଠୋର ପରିଶ୍ରମର ପ୍ରକୃତ ମୂଲ୍ୟ ପ୍ରଦାନ କରିବାକୁ ଆଗେଇ ଆସିଛନ୍ତି । ବରଗଡ ଜିଲ୍ଲା ହେଉଛି ଓଡିଶାର ଭାତ ହାଣ୍ଡି । ଏ ଜିଲ୍ଲାର ଚାଷୀଭାଇ ଓ ଭଉଣୀମାନେ କଠିନ ପରିଶ୍ରମ କରି ସାରା ଓଡିଶାରେ ସବୁଠାରୁ ଅଧିକ ଧାନ ଉତ୍ପାଦନ କରିଥାନ୍ତି । ରାଜ୍ୟର ଖାଦ୍ୟ ସୁରକ୍ଷା ପାଇଁ ବରଗଡ ଜିଲ୍ଲାର ଅବଦାନ ମହତ୍ତ୍ୱପୂର୍ଣ୍ଣ । ଆମ ଚାଷୀଭାଇ ଓ ଭଉଣୀମାନେ ହେଉଛନ୍ତି ଦେଶର ଅନ୍ନଦାତା । ସେମାନଙ୍କ ପ୍ରଗତି ନ ହେଲେ, ଦେଶର ପ୍ରଗତି ଅସମ୍ଭବ । ଚାଷୀ ତାର ଉତ୍ପାଦର ଉଚିତ ମୂଲ୍ୟ ପାଇବା ନିତାନ୍ତ ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଧାନ ସଂଗ୍ରହ ପ୍ରକ୍ରିୟାକୁ ଅତ୍ୟନ୍ତ ସ୍ୱଚ୍ଛ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସଂପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ମୁଁ ନିଜେ ଏବଂ ଆମର ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଏବଂ ସମବାୟ ମନ୍ତ୍ରୀଙ୍କ ସହିତ ସବୁ ବରିଷ୍ଠ ଅଧିକାରୀ, ଜିଲ୍ଲାପାଳମାନଙ୍କ ସହିତ ବାରମ୍ବାର ସମୀକ୍ଷା କରି, ଏହି ପ୍ରକ୍ରିୟା ଯେପରି ସୁଦୃଢ, ସ୍ୱଚ୍ଛ ଓ ପାରଦର୍ଶୀ ହେବ, ସେଥିପାଇଁ ସମସ୍ତ ପଦକ୍ଷେପ ନେଇଛୁ । ଯେଉଁଭଳି କୌଣସି ଯୋଗ୍ୟ ଚାଷୀ ସେମାନଙ୍କ ପ୍ରାପ୍ୟ ପାଇବାରୁ ବଞ୍ଚିତ ନ ହୁଅନ୍ତି ଏଥି ନିମନ୍ତେ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ଚାଷୀଭାଇ ଓ ଭଉଣୀମାନେ ଯେପରି ବର୍ଦ୍ଧିତ ୮୦୦ ଟଙ୍କା ପାଇବାରେ ଅସୁବିଧା ହେବ ନାହିଁ, ସେଥିପାଇଁ କୃଷି ବିଭାଗ ବଜେଟରେ ୫ ହଜାର କୋଟି ଟଙ୍କାର ପ୍ରାବଧାନ କରାଯାଇଛି । ତେଣୁ, ୩୧୦୦ ଟଙ୍କା ପାଇବାରେ ଅର୍ଥର ଅଭାବ ନାହିଁ । ଏହା ହେଉଛି ଡବଲ ଇଞ୍ଜିନ ସରକାରର ଚାଷୀଭାଇ ଓ ଭଉଣୀଙ୍କ ପାଇଁ ଆନ୍ତରିକତା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । କୃଷକ ମାନଙ୍କ ଉନ୍ନତି ପାଇଁ ପ୍ରଧାନମନ୍ତ୍ରୀଙ୍କ ଉଦ୍ୟମ ସଂପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଚାଷୀଙ୍କ ଉନ୍ନତି ଯେ କେବଳ ପ୍ରଧାନମନ୍ତ୍ରୀ ମୋଦୀ ଜୀଙ୍କ ଲକ୍ଷ୍ୟ ତାହା ନୁହେଁ, ଆର୍ଥିକ ବିକାଶ ସହିତ ଅନ୍ନଦାତାଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ କରିବା ପ୍ରଧାନମନ୍ତ୍ରୀଙ୍କ ଇଚ୍ଛା । ସେଥିପାଇଁ ଆରମ୍ଭ ହୋଇଥିଲା ପ୍ରଧାନମନ୍ତ୍ରୀ କୃଷି ସମ୍ମାନ ନିଧି । ଏହି ଯୋଜନା ଅନ୍ତର୍ଗତ ତିନୋଟି କିସ୍ତିରେ ୬ ହଜାର ଟଙ୍କା ପ୍ରଦାନ କରାଯାଉଛି । ଏଥି ସହିତ ଆମ ସରକାରଙ୍କ ସି. ଏମ୍. କିଷାନ ଯୋଜନା ମାଧ୍ୟମରେ ଆଉ ୪,୦୦୦ ଟଙ୍କା ପ୍ରଦାନ କରାଯାଉଛି । ଓଡିଶାର କୃଷକ ସମାଜର ମଙ୍ଗଳ ପାଇଁ ଚଳିତ ବର୍ଷ ରେକର୍ଡ ୩୩ ହଜାର ୯ ଶହ ୧୯ କୋଟି ଟଙ୍କା ପ୍ରବଧାନ କରାଯାଇଛି । ଚାଷୀକୁଳର ବିକାଶ ପାଇଁ ଆମ ସରକାର 'ସମୃଦ୍ଧ କୃଷକ ଯୋଜନା' କାର୍ଯ୍ୟକାରୀ କରୁଛନ୍ତି ଯେଉଁଥିରେ ପର୍ଯ୍ୟାପ୍ତ ଆର୍ଥିକ ସହାୟତା ପ୍ରଦାନ କରାଯିବ । ଧାନର ଇନପୁଟ ସବ୍‌ସିଡି, ପିଏମ୍ ଓ ସିଏମ୍ କିଷାନ ଯୋଜନା, ପଶୁପାଳନ ଯୋଜନା ଆଦି ସବୁ କୃଷି କଲ୍ୟାଣ ଯୋଜନା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଅନୁରୋଧ କରି କହିଥିଲେ ଯେ ଆପଣମାନେ ଏହି ସବୁ ଯୋଜନାର ଉପଯୋଗ କରନ୍ତୁ, ଯାହାଦ୍ୱାରା ଆପଣମାନେ ସମୃଦ୍ଧ ହେବେ ଏବଂ ଆପଣ ସମୃଦ୍ଧ ହେଲେ ରାଜ୍ୟ ସମୃଦ୍ଧ ହେବ, ରାଜ୍ୟ ସମୃଦ୍ଧ ହେଲେ ଦେଶ ସମୃଦ୍ଧ ହେବ । ଆପଣମାନେ ହେଉଛନ୍ତି 'ସମୃଦ୍ଧ ଓଡିଶା'ର ମୂଳଦୁଆ । ଓଡିଶାରେ ଡବଲ ଇଞ୍ଜିନ ସରକାର ଆସିବା ପରେ ଓଡିଶା ସମୃଦ୍ଧି ପଥରେ ଦୃତ ଅଗ୍ରସର ହେଉଛି ବୋଲି ମତ ଦେଇ ସେ କହିଥିଲେ ଯେ ରାଜ୍ୟର ସମସ୍ତ ଚାଷୀ ଭାଇ ଭଉଣୀମାନଙ୍କୁ କୃଷି କ୍ଷେତ୍ରରେ ସଶକ୍ତ କରିବାର ମୂଳ ଲକ୍ଷ୍ୟ ରଖି ସରକାର ସର୍ବଦା କାର୍ଯ୍ୟ କରୁଛନ୍ତି । କୃଷିଜାତ ସାମଗ୍ରୀର ଅଭାବୀ ବିକ୍ରୀକୁ ରୋକିବା ପାଇଁ ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି । ରାଜ୍ୟର ସମସ୍ତ ଚାଷୀ ଭାଇ ଭଉଣୀ ମାନଙ୍କୁ କୃଷି କ୍ଷେତ୍ରରେ ସଶକ୍ତ କରିବାର ମୂଳ ଲକ୍ଷ୍ୟ ରଖି ରାଜ୍ୟ ସରକାର ସର୍ବଦା କାର୍ଯ୍ୟ କରୁଛନ୍ତି । ଚାଷୀ ଭାଇ ମାନଙ୍କୁ ସମସ୍ତ ପ୍ରକାର ପ୍ରୋତ୍ସାହନ ଯୋଗାଇ ଦେବା ପାଇଁ ଆମ ସରକାର ପ୍ରସ୍ତୁତ ଅଛନ୍ତି । ସେହିଭଳି ମାଣ୍ଡିଆ ଉତ୍ପାଦନକୁ ସରକାର ଆହୁରି ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

## ମଣ୍ଡେଇ ଉତ୍ସବ ଉଦ୍‌ଯାପିତ

# ନବରଙ୍ଗପୁରର ସଂସ୍କୃତି ଓ ଜନଜାତି ଜୀବନଧାରାକୁ ଗରିମାମୟ କରିଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟର ଗନ୍ତାଘର ନବରଙ୍ଗପୁର ଜିଲ୍ଲାର ଉଙ୍ଗର ପାହାଡ ଓ ଜଙ୍ଗଲର ଶାନ୍ତ ସବୁଜ ପରିବେଶକୁ ଦେଖିଲେ ସ୍ୱର୍ଗୀୟ ସୁଖ ଅନୁଭବ ହୋଇଥାଏ । ଜନଜାତି ବହୁଳ ନବରଙ୍ଗପୁର ଜିଲ୍ଲାର ନିଜସ୍ୱ ସଂସ୍କୃତି ଓ ଜନଜାତି ଜୀବନଧାରା ଓଡିଶାର ସାଂସ୍କୃତିକ ଚିତ୍ରପଟ୍ଟକୁ ଗରିମାମୟ କରିଛି । ଜନଜାତି ସଂପ୍ରଦାୟଙ୍କ କଳା, ସଂସ୍କୃତି ଓ ପରମ୍ପରା ଭିତରେ ଲୁଚି ରହିଥିବା ବାସ୍ତବତାକୁ ଲୋକଲୋଚନକୁ ଆଣୁଛି ଏହି ମହୋତ୍ସବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବରଙ୍ଗପୁର ଜିଲ୍ଲାର କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ଭାଇଚାରାର ଭବ୍ୟ ମହୋତ୍ସବ 'ମଣ୍ଡେଇ ୨୦୨୪' ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲାବାସୀଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବରଙ୍ଗପୁର ଜିଲ୍ଲାର ବିକାଶ ପାଇଁ ୪୬୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ୨୬୧ଟି ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌?ଘାଟନ ଓ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ନବରଙ୍ଗପୁର ହିର୍ଲି ମଣ୍ଡେଇ ପଡିଆରେ ତିନି ଦିନ ଧରି ଆୟୋଜିତ ହେଉଥିବା 'ମଣ୍ଡେଇ ୨୦୨୪' ଉଦ୍‌?ଯାପନୀ ସମାରୋହରେ ଆଜି ମୁଖ୍ୟମନ୍ତ୍ରୀ ଯୋଗଦେଇ ଆହୁରି ମଧ୍ୟ କହିଥିଲେ ଯେ, ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ନବରଙ୍ଗପୁର ମାଟି ହେଉଛି ମହାନ ସ୍ୱାଧୀନତା ସଂଗ୍ରାମୀମାନଙ୍କର ବଳିଦାନର ପୀଠ । ନବରଙ୍ଗପୁରର ଐତିହ୍ୟ, ପର୍ଯ୍ୟଟନ ସ୍ଥଳୀ, ପ୍ରାକୃତିକ ଶୋଭାରାଜି, ଲୋକ ସଂସ୍କୃତି, ଲୋକକଳା, ହସ୍ତଶିଳ୍ପ ଓ ଜିଲ୍ଲାର ବିକାଶର ଚିତ୍ରକୁ ପ୍ରତିଫଳିତ କରିବା ପାଇଁ ଏହି ମହୋତ୍ସବ ଏକ ପ୍ରକୃଷ୍ଟ ମଞ୍ଚ । ମଣ୍ଡେଇ ମହୋତ୍ସବ ପାଇଁ ନବରଙ୍ଗପୁର ଜିଲ୍ଲା ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଜିଲ୍ଲା ପାଇଁ ଏହା ହେଉଛି ସାମାଜିକ ବନ୍ଧୁ ମିଳନ, ଭାବର ଆଦାନ ପ୍ରଦାନ ଓ ମାନବୀୟ ସଂସ୍କୃତିର ଏକ ବର୍ଣ୍ଣାଢ୍ୟ ଲୋକ ମହୋତ୍ସବ । ରାଜ୍ୟର ମା' ଓ ଭଉଣୀମାନଙ୍କ ଅର୍ଥନୈତିକ ସଶକ୍ତିକରଣ ଓ ସେମାନଙ୍କ ସାମାଜିକ ସମ୍ମାନ ବୃଦ୍ଧି ପାଇଁ ଆରମ୍ଭ ହୋଇଥିବା ସୁଭଦ୍ରା ଯୋଜନାରେ ନବରଙ୍ଗପୁର ଜିଲ୍ଲାର ୨,୪୦,୦୦୦ ମହିଳାଙ୍କୁ ସହାୟତା ରାଶି ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି ବୋଲି ସେ କହିଥିଲେ । ଏହି ଅବସରରେ ମଣ୍ଡେଇ ୨୦୨୪ ସ୍ମରଣିକା ଏବଂ କବିତା ସଂକଳନ ନବ ନିର୍ଝର ଅତିଥିମାନେ ଉନ୍ମୋଚନ କରିଥିଲେ । ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଥିଲେ ଯେ, ନବରଙ୍ଗପୁର ସଂସ୍କୃତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅତି ଉଚ୍ଚକୋଟୀର । ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ, ଆମ ମୁଖ୍ୟମନ୍ତ୍ରୀ ଓଡିଶାର ବିକାଶ ପାଇଁ ଦିନରାତି ଏକ କରିଦେଇଛନ୍ତି । ଜଗନ୍ନାଥ ସଂସ୍କୃତି ହେଉଛି ଆମ ପରିଚୟ । କାର୍ଯ୍ୟକ୍ରମରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ରାଜ୍ୟସଭା ସାଂସଦ ମୁଜିବୁଲ୍ଲା ଖାନ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭତରା ଉପସ୍ଥିତ ରହି ନିଜ ନିଜର ଅଭିଭାଷଣ ରଖିଥିଲେ । ଜିଲ୍ଲାପାଳ, ନବରଙ୍ଗପୁର ସ୍ୱାଗତ ଭାଷଣ ଦେଇଥିଲେ ।

## ଏଏସ୍‌ଆଇର ସୂଚନା

# ୧୬ରୁ ରତ୍ନଭଣ୍ଡାର ମରାମତି



ଭୁବନେଶ୍ୱର/ପୁରୀ(ଭାସ୍କର ନ୍ୟୁଜ): ଆସନ୍ତା ୧୬ ତାରିଖରୁ ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ଆରମ୍ଭ ହେବ । ଏ ନେଇ ସୂଚନା ଦେଇଛନ୍ତି ଭାରତୀୟ ପ୍ରତ୍ନତତ୍ତ୍ୱବିଭାଗର ଅଧୀକ୍ଷକ ଡି.ଭି.ଗଡନାୟକ । ସେ କହିଛନ୍ତି ଯେ ଆସନ୍ତା ୧୬ ତାରିଖରୁ ମରାମତି କାମ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମଧ୍ୟ ଆବଶ୍ୟକ ଅନୁମତି ପ୍ରଦାନ କରାଯାଇଛି । ତେବେ ନୀତି ସବ୍‌କମିଟିର ବୈଠକ ବସିନଥିବାରୁ ଏ ନେଇ କିଛି ନିଷ୍ପତ୍ତି ହୋଇପାରି ନାହିଁ । ସୋମବାର କିମ୍ବା ମଙ୍ଗଳବାର ବୈଠକ ବସିବାର ଅଛି । ଏହି ବୈଠକରେ ଆମ ପାଇଁ ସେମାନେ ସମୟ ଦେବେ । ତା'ପରେ ଆମେ କାର୍ଯ୍ୟ ଆରମ୍ଭ କରିବୁ । ଆମେ ୧୬ ତାରିଖଠାରୁ କାମ ଆରମ୍ଭ କରିବାକୁ ପ୍ରସ୍ତୁତ ରହିଛୁ । ମରାମତି କାମ ପାଇଁ ପ୍ରତିଦିନ ୫ରୁ ୬ ଘଣ୍ଟା ଆବଶ୍ୟକ ରହିଛି । ଯେତେଶୀଘ୍ର ପାରିବୁ ଏହାକୁ ଶେଷ କରିବାକୁ ଚେଷ୍ଟା କରିବୁ । ପ୍ରଥମେ ଭିତର ରତ୍ନଭଣ୍ଡାରର ମରାମତି କରାଯିବ । ପରେ ବାହାର ରତ୍ନଭଣ୍ଡାରର ମରାମତି ହେବ । ଆବଶ୍ୟକସ୍ଥଳେ ପଥରଗୁଡ଼ିକୁ ବଦଳାଯିବାର ମଧ୍ୟ ସମ୍ଭାବନା ରହିଛି । ଡି ପ୍ଲାଷ୍ଟର କଲାପରେ କେତେ କାମ ଆବଶ୍ୟକ ଓ କ'ଣ ଆବଶ୍ୟକ ହେବ ତାହା ସ୍ପଷ୍ଟ ହେବ । କାମ କେବେ ଶେଷ ହେବ ତାହା ଏବେଠାରୁ କହିବା ସମ୍ଭବ ନୁହେଁ ବୋଲି ଶ୍ରୀ ଗଡ଼ନାୟକ କହିଥିଲେ । ସେ ଆହୁରି କହିଥିଲେ ଯେ ଗତ ସେପ୍ଟେମ୍ବର ୨୧ ଓ ୨୨ ଦୁଇଦିନ ଧରି ହାଇଦ୍ରାବାଦସ୍ଥିତ ନ୍ୟାସନାଲ ଜିଓ ଫିଜିକାଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ପକ୍ଷରୁ ରତ୍ନଭଣ୍ଡାରର ଜିପିଆର ସର୍ଭେ କରାଯାଇଥିଲା । ଗତ ନଭେମ୍ବର ମାସରେ ସର୍ଭେ ରିପୋର୍ଟ ଶ୍ରୀମନ୍ଦିର ପ୍ରଶାସନର ହସ୍ତଗତ ହୋଇଥିଲା । ଏହି ରିପୋର୍ଟରେ ରତ୍ନଭଣ୍ଡାରରେ ଗୁପ୍ତ ସୁଡ଼ଙ୍ଗ କିମ୍ବା ଅଧିକ କୋଠରୀ ନଥିବା ସ୍ପଷ୍ଟ ହୋଇଥିଲା ।

## ମନ ମୋହିଲା ଭୁବନେଶ୍ୱର ଭାଇବ୍‌ସ

# ୧୮ତମ ପ୍ରବାସୀ ଭାରତୀୟ ଦିବସ ପାଇଁ ବିଏମ୍‌ସିର ଅଭିନବ ପ୍ରୟାସ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ଭାଇବ୍‌ସ ପାଇଁ କମ୍ପିଲା ରାଜଧାନୀ । ସ୍ପନ୍ଦିତ କଲା ଦର୍ଶକଙ୍କ ହୃଦୟ । ଗାୟକ ଗାୟିକାଙ୍କ ସଂଗୀତର ତାଳେ ତାଳେ ଝୁମିଲେ ଶ୍ରୋତା । ଏମିତି ଏକ ରଙ୍ଗାରଙ୍ଗ ପରିବେଶରେ ରବିବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆରମ୍ଭ ହୋଇଛି 'ଭୁବନେଶ୍ୱର ଭାଇବସ' ସ୍ୱତନ୍ତ୍ର ମ୍ୟୁଜିକାଲ ନାଇଟ୍ । ୧୮ ତମ ପ୍ରବାସୀ ଭାରତୀୟ ଦିବସ-୨୦୨୫ ଭୁବନେଶ୍ୱର ଜନତା ମଇଦାନଠାରେ ଅନୁଷ୍ଠିତ ହେବ । ଏହାକୁ ନେଇ ବିଏମ୍‌ସି ପକ୍ଷରୁ ଏବେଠାରୁ ଆରମ୍ଭ ହେଲାଣି ପ୍ରସ୍ତୁତି । ଏଥିପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ସହରୀ ପ୍ରଶାସନ । ରବିବାର ସଂଧ୍ୟାରେ ୟୁନିଟ ୨ ସ୍ଥିତ ମାର୍କେଟ ବିଲଡିଂ ଓ ମାଷ୍ଟର କ୍ୟାଣ୍ଟିନ ଛକ ଆଇ ଲଭ୍ ୟୁ ଭୁବନେଶ୍ୱର ନିକଟରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଜନମାନସକୁ ଉଲ୍ଲସିତ କରିଥିଲା । ସଙ୍ଗୀତର ମୂର୍ଚ୍ଛନାରେ ବିଭୋର ହୋଇଥିଲେ ଦର୍ଶକ । ପ୍ରବାସୀ ଭାରତୀୟ ଦିବସକୁ ସ୍ୱାଗତ କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱର ସ୍ଥାନୀୟ ୟୁନିଟ୍ ୨ ମାର୍କେଟ ବିଲଡିଂ ଏବଂ ମାଷ୍ଟରକ୍ୟାଣ୍ଟିନ୍ ଛକରେ ଏଭଳି ସଙ୍ଗୀତ କାର୍ଯ୍ୟକ୍ରମକୁ ଶହ ଶହ ଦର୍ଶକ ମନଭରି ଉପଭୋଗ କରିଥିଲେ । ମେୟର ସୁଲୋଚନା ଦାସ ଏବଂ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ସମେତ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ, ଅଧ୍ୟକ୍ଷାଙ୍କ ସମେତ ବହୁ କର୍ପୋରେଟର ଏହି କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ମାର୍କେଟ ବିଲଡିଂଠାରେ କଣ୍ଠଶିଳ୍ପୀ ଗୌତମ ଗିରି, ସୋନମ୍ ଦାଶ ଏବଂ ମାଷ୍ଟରକ୍ୟାଣ୍ଟିନ ଛକରେ ଦେବ ଆନନ୍ଦ, ପ୍ରିୟା ସିଂ, ଅମିତ ସୌରିଆ ପ୍ରମୁଖ ସଂଗୀତ ଗାନ କରିଥିଲେ । ବଂଶୀବାଦନରେ ସମସ୍ତଙ୍କୁ ମୋହିତ କରିଥିଲେ କୋରାପୁଟରୁ ଆସିଥିବା ତରୁଣ ତୁଷାରକାନ୍ତ । ଏହି କାର୍ଯ୍ୟକ୍ରମରେ ସାଂସ୍କୃତିକ ଷ୍ଟାଣ୍ଡିଂ କମିଟର ଅଧ୍ୟକ୍ଷ ମିହିର କୁମାର ରାଉତ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ହାସୁପକାର, ମହାମାୟା ସ୍ୱାଇଁ, ରାଜକିଶୋର ଦାସ, ଶ୍ରୀଧର ବେହେରାଙ୍କ ସହ କର୍ପୋରେଟର ଅମରେଶ ଜେନା, ଅଜିତ ବେହେରା, ଆସିଆ ବେଗମ୍ ପ୍ରମୁଖ ବହୁ କର୍ପୋରେଟର ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ରତ୍ନାକର ସାହୁ ଏବଂ ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

# କେନ୍ଦ୍ରୀୟ ଡେପୁଟେସନରେ ଯିବେ କୁଟେ



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଆଇପିଏସ୍ ଅଧିକାରୀ ଡି.ଏସ. କୁଟେ କେନ୍ଦ୍ରୀୟ ଡେପୁଟେସନରେ ଯିବେ । ସେ ବିଏସଏଫ ଆଇଜି ଭାବେ ନିଯୁକ୍ତି ପାଇବେ । ଏ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ମୁଖ୍ୟ ସଚିବ ମନୋଜ ଆହୁଜାଙ୍କୁ ଚିଠି ଲେଖାଯାଇଛି । ଶ୍ରୀ କୁଟେ ଏବେ ଗୃହ ବିଭାଗର ଓଏସ୍‌ଡି ଭାବେ କାର୍ଯ୍ୟରତ ଅଛନ୍ତି । ତାଙ୍କୁ ଏହି ପଦବୀରେ ୨୯ ଫେବୃଆରୀ ୨୦୨୮ ପର୍ଯ୍ୟନ୍ତ ନିଯୁକ୍ତି ଦିଆଯାଇଛି । ଅର୍ଦ୍ଧସାମରିକବାହିନୀ ଇଣ୍ଡୋ-ତିବ୍ବତ ବର୍ଡର ପୋଲିସରେ ତାଙ୍କୁ ଆଇଜି ଭାବେ ନିଯୁକ୍ତି ମିଳିଛି । ୫ ବର୍ଷପାଇଁ ସେ ଡେପୁଟେସନରେ ଯିବେ ବୋଲି ଭାରତ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ତାଙ୍କୁ ତୁରନ୍ତ ରିଲିଭ୍ କରିବା ପାଇଁ ମଧ୍ୟ ଗୃହ ମନ୍ତ୍ରଣାଳୟ ଚିଠି ଲେଖିଛି । ସୂଚନାଯୋଗ୍ୟ ଯେ ଗତ ସାଧାରଣ ନିର୍ବାଚନ ସମୟରେ ଶ୍ରୀ କୁଟେ ଓ ଆଶିଷ ସିଂ ବିବାଦ ଘେରକୁ ଆସିଥିଲେ । ଆଶିଷ ସିଂଙ୍କୁ ମଧ୍ୟ ଡେପୁଟେସନରେ ଯିବା ପାଇଁ ନିର୍ଦ୍ଦେଶ ଆସିଛି ।

# ଧାନର ସର୍ବନିମ୍ନ ସହାୟତା ଉପରେ ଇନ୍‌ପୁଟ ସବସିଡି ପ୍ରଦାନ କାର୍ଯ୍ୟକ୍ରମ



ପୁରୀ (ଭାସ୍କର ନ୍ୟୁଜ) : ସରକାର କୃଷି ଓ କୃଷକର ଉନ୍ନତି ପାଇଁ ପ୍ରତିଶ୍ରୁତିବଦ୍ଧ ।ସେଥିପାଇଁ ପ୍ରଥମ କ୍ୟାବିନେଟ ରେ କୃଷକ ମାନଙ୍କୁ ୮୦୦ ଟଙ୍କାର ସବସିଡ ପାଇଁ ମୋହର ମାରିଥିଲେ ।ଆଜି ବଡ ଖୁସି ଓ ଗୌରବର କଥା ଯେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଚାଷୀ ମାନଙ୍କୁ ସେହି ୮୦୦ ଟଙ୍କା ସବସିଡ ପ୍ରଦାନ ର ଶୁଭାରମ୍ଭ ହେଉଛି ।ଚଳିତ ବର୍ଷ ଚାଷୀ କ୍ୟୁଣ୍ଟାଲ ପିଛା ଧାନର ମୂଲ୍ୟ ୨୩୦୦ ଟଙ୍କା ଓ ସବସିଡ ୮୦୦ ଏହି ଭଳି ୩୧୦୦ ଟଙ୍କା ପାଇବେ ବୋଲି ମତ ଦେଇଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ରବିବାର ପୂର୍ବାହ୍ନରେ ପୁରୀ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତୀ ପରିଡ଼ା ମହାପ୍ରଭୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ପରେ ବରଗଡ ଜିଲ୍ଲା ସୋହେଲାରୁ ମୁଖ୍ୟମନ୍ତ୍ରୀଙ୍କ ରାଜ୍ୟ ସ୍ତରୀୟ ଉଦଘାଟନ ସିଧା ପ୍ରସାରଣ କରା ଯାଇଥିଲା ଯେଉଁଥିରେ ମୁଖ୍ୟମନ୍ତ୍ରୀ ଚାଷୀମାନଙ୍କ ଆକାଉଣ୍ଟ କୁ ସବସିଡ ଅର୍ଥ ପ୍ରଦାନ କରିଥିଲେ ।ନିଜ ଅଭିଭାଷଣ ରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଆମ ସରକାର ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିବାରେ ବିଶ୍ୱାସ କରେ ବୋଲି କହିଥିଲେ । ସୁଭଦ୍ରା ଯୋଜନା ରେ ୮୦ ଲକ୍ଷରୁ ଉର୍ଦ୍ଧ୍ୱ ମା'ଙ୍କୁ ସାମିଲ କରାଯାଇଛି । ଚଳିତ ଖରିଫ ଋତୁରେ ପୁରୀ ଜିଲ୍ଲାରେ ୪୯୨୭୬ ଚାଷୀ ଅନଲାଇନ ରେ ସୋସାଇଟି ମାଧ୍ୟମରେ ପଞ୍ଜିକରଣ କରିଥିବା ବେଳେ ଯାଞ୍ଚ ପରେ ୪୯୨୪୦ ଯୋଗ୍ୟ ବିବେଚିତ ହୋଇଛନ୍ତି ।ଚଳିତ ବର୍ଷ ୧୮୪ ଗୋଟି ସୋସାଇଟି ଓ ୩ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଧାନ ସଂଗ୍ରହ ରେ ନିୟୋଜିତ ଅଛନ୍ତି । ୨୧ ଗୋଟି ମିଲର ଜିଲ୍ଲାର ଧାନ ସଂଗ୍ରହ ରେ ସହଯୋଗ କରିବେ ।କୌଣସି କଟନି ଛଟନି ହେବ ନାହିଁ କିମ୍ବା ଧାନ ସଂଗ୍ରହ ରେ ଯେପରି ସମସ୍ୟା ରହିବ ନାହିଁ ସେଥିପାଇଁ ମନ୍ତ୍ରୀ ଓ ବିଧାୟକ ମାନଙ୍କୁ ମଣ୍ଡି ଜଗିବାର ଦାୟିତ୍ୱ ଦିଆଯାଇଛି ।ଧାନର ପ୍ରାପ୍ୟ ୩୧୦୦ ଟଙ୍କା ଡିବିଟି ମାଧ୍ୟମରେ ଚାଷୀ ଙ୍କ ଆକାଉଣ୍ଟ କୁ ୨୪ ରୁ ୪୮ ଘଣ୍ଟା ମଧ୍ୟରେ ପଠାଯିବ ବୋଲି ଶ୍ରୀମତୀ ପରିଡା ସୂଚନା ଦେଇଥିଲେ ।ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ସରକାର କୃଷକ ମାନଙ୍କ ପାଇଁ ସମସ୍ତ ସହଯୋଗ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ । ରାଜ୍ୟ ସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଓ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ଏହି ଇନପୁଟ ସହାୟତା କୃଷକ ଙ୍କୁ ସେମାନଙ୍କ ଚାଷ ପାଇଁ ପ୍ରୋତ୍ସାହିତ କରିବା ସହ ସେମାନଙ୍କ ମନୋବଳକୁ ବୃଦ୍ଧି କରିବ ବୋଲି କହିଥିଲେ ।ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ମଞ୍ଚ ପରିଚାଳନା କରିଥିଲେ ।କାର୍ଯ୍ୟକ୍ରମ ରେ ବରିଷ୍ଠ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି, କୃଷକ ମାନେ ଯୋଗ ଦେଇଥିଲେ । ସୂଚନା ଯୋଗ୍ୟ ଯେ ଆସନ୍ତା ଜାନୁୟାରୀ ୩ ତାରିଖରୁ ବ୍ରହ୍ମଗିରି, ପିପିଲି ଓ କୃଷ୍ଣ ପ୍ରସାଦ ବ୍ଲକ ଅଞ୍ଚଳର ଧାନ ସଂଗ୍ରହ କରାଯିବ । ଜାନୁଆରୀ ୭ ତାରିଖରୁ ଅନ୍ୟାନ୍ୟ ସମସ୍ତ ବ୍ଲକ ଅଞ୍ଚଳ ରୁ ଧାନ ସଂଗ୍ରହ କରାଯିବ । ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାରେ ୧୧୬୮୬୦୩ କ୍ୟୁଣ୍ଟାଲ ଧାନ ସଂଗ୍ରହ କରାଯିବ ।

# ଦୁଇ ପୋଲିସ କର୍ମଚାରୀଙ୍କ ମୃତଦେହ ଉଦ୍ଧାର

ଶ୍ରୀନଗର : ରକ୍ତ ଜୁଡୁବୁଡୁ ଅବସ୍ଥାରେ ଭ୍ୟାନ ଭିତରୁ ମିଳିଲା ଦୁଇ ପୋଲିସ କର୍ମଚାରୀଙ୍କ ମୃତଦେହ । ଉଭୟଙ୍କ ଦେହରେ ବାଜିଛି ଗୁଳି । ଏହାକୁ ନେଇ ଚାରିଆଡେ ଆତଙ୍କ ଖେଳିଯାଇଛି । ଜାମ୍ମୁକାଶ୍ମୀରର ଉଦ୍ଧମପୁର ଜିଲ୍ଲାରେ ଏଭଳି ଅଘଟଣ ଘଟିଛି । ରବିବାର ସକାଳ ପ୍ରାୟ ସାଢେ ୬ଟାବେଳେ ଉଦ୍ଧମପୁର ଜିଲ୍ଲା ମୁଖ୍ୟାଳୟସ୍ଥିତ କାଳିମାତା ମନ୍ଦିର ବାହାରେ ଥିବା ଏକ ପୋଲିସ ଭ୍ୟାନରୁ ସେମାନଙ୍କ ମୃତଦେହ ଠାବ କରାଯାଇଥିଲା । ପରସ୍ପର ମଧ୍ୟରେ ଝଗଡ଼ାରୁ ପରସ୍ପର ଉପରକୁ ଗୁଳିମାଡ଼ କରିବା ପରେ ସେମାନଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି । ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ତେବେ ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଛି ଯେ ଏଥିରେ ଏକେ-୪୭ ବ୍ୟବହାର କରାଯାଇଛି । ଅନ୍ୟଜଣେ ପୋଲିସ କର୍ମଚାରୀ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ଯେଉଁ ପୋଲିସ ଭ୍ୟାନରୁ ମୃତଦେହ ଉଦ୍ଧାର କରାଯାଇଛି ତାହା ସପୋର ତଲୱାଡ ଯାଉଥିଲା । ଭ୍ୟାନ୍‌ରେ ଥିବା ପୋଲିସ କର୍ମୀମାନେ ଟ୍ରେନିଂ ସେଣ୍ଟରକୁ ଯାଉଥିଲେ । ତେବେ କୌଣସି କାରଣରୁ ରାସ୍ତାରେ ପୋଲିସ କର୍ମଚାରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଉଦ୍ଧମପୁର ଏଏସ୍‌ପି ଆମୋଦ ନାଗପୁରେ କହିଛନ୍ତି ଯେ ଘଟଣାର ତଦନ୍ତ ଚାଲିଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ସ୍ପଷ୍ଟ ହେବ ।

# ଡିସେମ୍ବରରେ ଶୀତ ଉଭାନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ନଭେମ୍ବର ମାସ ସରି ଡିସେମ୍ବର ମାସ ହେଲାଣି । ହେଲେ ରାଜ୍ୟରେ ଶୀତର ଦେଖା ନାହିଁ । ପ୍ରତିବର୍ଷ ଏହି ସମୟରେ ହାଡଭଙ୍ଗା ଶୀତ ଅନୁଭୂତ ହେଉଥିବାବେଳେ ଚଳିତବର୍ଷ ଶୀତ ଯେପରି ଗାଏବ ହୋଇଯାଇଛି । କମ୍ବଳ ଘୋଡ଼ାଇ ହେବା ସମୟରେ ଫ୍ୟାନ୍‌ର ଆବଶ୍ୟକତା ପଡୁଛି । ତେବେ ସୋମବାରଠାରୁ ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ଶୀତ ସାମାନ୍ୟ କମିପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଏହାସହ ତାପମାତ୍ରା ସ୍ୱାଭାବିକଠାରୁ ସାମାନ୍ୟ କମ୍ ଥିବାରୁ ଶୀତ ସେଭଳି ମଧ୍ୟ ଅନୁଭୂତ ହେଉନାହିଁ । ଆଗାମୀ ୪ରୁ ୫ ଦିନ ଯାଏ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି । ଅନ୍ୟପକ୍ଷରେ ପଶ୍ଚିମାଝଡ଼ ପ୍ରଭାବରେ ରବିବାର ସକାଳୁ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ପାଗ କୋହଲା ରହିଛି । କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ପାଣିପାଗ ବିଭାଗ ସୂଚନା ଦେଇଛି । ସୋନପୁର, ବୌଦ୍ଧ, କନ୍ଧମାଳ, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, ରାୟଗଡ଼ା, ଗଜପତି, ନବରଙ୍ଗପୁର, କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ଗଜପତି, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ବଲାଙ୍ଗୀର, ସୋନପୁର ଓ ବୌଦ୍ଧରେ ହାଲୁକା ବର୍ଷା ହୋଇଥିବାର ସୂଚନା ମିଳିଛି ।


OFFICE OF THE SUPERINTENDING ENGINEER
BHUBANESWAR (R&B) DIVISION NO III
BHUBANESWAR
bbsrrandb03@yahoo.com
B-742

60Estg.No 7489 Date – 07.12.2024

Government of Odisha "e"-Procurement Notice No (31) of 2024-25
Bid Identification No: - C.C. (R&B) 03

| | | |
|---|---|---|
| 1 | Name of the Work | Building Works |
| 2 | Total No of works | 2nos. work |
| 3 | Estimated Cost | i)Rs. 14,02,563.00, ii) Rs. 11,75,971.00 |
| 4 | Class of Contractor | Sl No 1 & 2 "D" & "C" Class Contractors |
| 5 | Period of Completion | 2 (Two ) Calendar Months |
| 6 | Type of Tender | Single Cover System (Online) |
| 7 | Date & time of availability of bid document in the portal | From **10/12/2024 at 10.00 A.M. to 21/12/2024 at 5.30 P.M.** |
| 8 | Last Date & Time for Receipt of bids in the Portal | **23/12/2024, upto 5.30 P.M.** |
| 9 | Name & Address of the Officer inviting Bid | **Dr. Gayatri Patel**, Superintending Engineer, Bhubaneswar (R&B) Division No III, Bhubaneswar |

Further details can be seen from the e-procurement portal https://tendersorissa.gov.in
***N.B: Subsequent corrigendum / addendum if required shall be available in the website as indicated above***

Sd/-Superintending Engineer
BBSR (R&B) Division No.III, BBSR

**OIPR 34089/11/0014/2425**

# ଜାତୀୟ ଓ ଅନ୍ତର୍ଜାତୀୟ

ନୂଆଦିଲ୍ଲୀ: ମହାଦେବ ଅନ୍‌ଲାଇନ ବେଟିଂ ଆପ୍ ସହ ସମ୍ପୃକ୍ତ ମନିଲଣ୍ଡରିଂ ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପୁଣି ୩୮୮ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କରିଛି। ଏହି ଦୁର୍ନୀତି ମାମଲାରେ ଛତିଶଗଡ଼ର ବହୁ ଉଚ୍ଚ ପାହ୍ୟାର ରାଜନେତା ଓ ପ୍ରଶାସନିକ ଅଧିକାରୀ ସମ୍ପୃକ୍ତ। ବାଜ୍ୟାପ୍ତ ହୋଇଥିବା ସମ୍ପତ୍ତି ମଧ୍ୟରେ ରହିଛି ମରିସସ୍ କମ୍ପାନୀ ଟାନୋ ଇନ୍‌ଭେଷ୍ଟମେଣ୍ଟ ଅପର୍ଚୁନିଟିଜ୍ ଫଣ୍ଡ ଦ୍ୱାରା ଏଫ୍‌ପିଆଇ ଏବଂ ଏଫ୍‌ଡିଆଇ ଜରିଆରେ ଦୁବାଇର ହାୱାଲା ଅପରେଟର ହରିଶଙ୍କର ଟିବ୍ରୱାଲରେ ହୋଇଥିବା ନିବେଶ ଏବଂ ଛତିଶଗଡ଼, ମୁମ୍ବାଇ ଓ ମଧ୍ୟପ୍ରଦେଶରେ ବେଟିଂ ଆପ୍‌ର ପ୍ରମୋଟରମାନଙ୍କ ନାଁରେ ଥିବା ସମ୍ପତ୍ତି। ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ) ଅନୁଯାୟୀ ମୋଟ ୩୮୭.୯୯ କୋଟି ଟଙ୍କାର ସମ୍ପତ୍ତି ଜବତ କରିବାକୁ ଗତ ୫ ତାରିଖରେ ଅସ୍ଥାୟୀ ନିର୍ଦ୍ଦେଶନାମା ଜାରି ହୋଇଥିଲା। ପୂର୍ବରୁ ଏହି ମାମଲାରେ ୨,୨୯୫.୬୧ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କରାଯାଇଥିଲା। ବେଟିଂ ଆପ୍ ଦୁର୍ନୀତିରେ ସମ୍ପୃକ୍ତ ୧୧ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଇଡି ୪ଟି ଚାର୍ଜଶିଟ୍ ଦାଖଲ କରିଛି।

## ରାମମନ୍ଦିର ଉପରେ ପ୍ରଶ୍ନ ଉଠାଇଲେ ପୂର୍ବତନ ବିଚାରପତି



ନୂଆଦିଲ୍ଲୀ: ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଆର.ଏଫ.ନରିମାନ ଅଯୋଧ୍ୟା ରାମ ମନ୍ଦିର ଉପରେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଉପରେ ନରିମାନ ପ୍ରଶ୍ନ ଉଠାଇ ଏହାକୁ ଧର୍ମନିରପେକ୍ଷତାର ନୀତି ବିରୁଦ୍ଧରେ କହିଛନ୍ତି ଏବଂ ଏହାକୁ ନ୍ୟାୟ ପ୍ରକ୍ରିୟାର ଉପହାସ ବୋଲି କହିଛନ୍ତି। ସେ କହିଛନ୍ତି ଯେ, ବାବ୍ରି ମସ୍‌ଜିଦ୍ ତଳେ କୌଣସି ରାମ ମନ୍ଦିର ନାହିଁ ବୋଲି ସୁପ୍ରିମକୋର୍ଟ ସ୍ୱୀକାର କରିଥିଲେ। ନରିମାନଙ୍କ ଏହି ବିବୃତି ପରେ ବିବାଦ ଆହୁରି ବଢ଼ିବାର ସମ୍ଭାବନା ରହିଛି। ତେବେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେର ରିପୋର୍ଟ ଅନୁସାରେ ସୁପ୍ରିମକୋର୍ଟ ରାମ ମନ୍ଦିର ସପକ୍ଷରେ ଏହି ନିଷ୍ପତ୍ତି ନେଇଥିବା କୁହାଯାଉଛି। ୨୦୦୩ରେ, ଏଏସଆଇ ବିବାଦୀୟ ସ୍ଥାନରେ ଖନନ କରିଥିଲା। ଗ୍ରାଉଣ୍ଡ-ପେନେଟ୍ରେଟିଙ୍ଗ ରାଡାର (ଜିଆରପି) ଟେକ୍ନୋଲୋଜିରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା, ଯାହାର ଉଦ୍ଦେଶ୍ୟ ଥିଲା ଯେ କୌଣସି ଐତିହାସିକ ଗଠନ କିମ୍ବା ଭୂମି ତଳେ ଲୁଚି ରହିଥିବା ମନୁଷ୍ୟ ନିର୍ମିତ ବସ୍ତୁକୁ ଚିହ୍ନଟ କରିବା। ବୈଜ୍ଞାନିକ ସୂଚକଙ୍କ ଆଧାରରେ ଆହ୍ଲାବାଦ ହାଇକୋର୍ଟରୁ ଖନନ ପାଇଁ ଅନୁମତି ନିଆଯାଇଥିଲା। ୧୨ ମାର୍ଚ୍ଚ ୨୦୦୩ରେ ଏହି ଖନନ କାର୍ଯ୍ୟ ଆରମ୍ଭ ହୋଇ ପ୍ରାୟ ପାଞ୍ଚ ମାସ ପର୍ଯ୍ୟନ୍ତ ଚାଲିଥିଲା। ଏହି ଅବଧି ମଧ୍ୟରେ, ଏଏସଆଇର ୧୪ ସଦସ୍ୟ ବିଶିଷ୍ଟ ଦଳର ସଦସ୍ୟ ୫୦ ସଦସ୍ୟଙ୍କୁ ବୃତ୍ତି କରାଯାଇଥିଲା। ଖନନ ସ୍ଥଳରେ ସୁରକ୍ଷା ବାହିନୀ ଏବଂ କୋର୍ଟର ପ୍ରତିନିଧୀମାନେ ମଧ୍ୟ ଉପସ୍ଥିତ ଥିଲେ। ଖନନ ସମୟରେ ବିଭିନ୍ନ ଅବଧିରୁ ସଂରଚନା ପ୍ରକାଶ ପାଇଥିଲା। ଉପରସ୍ତରଗୁଡିକ ଅଷ୍ଟାଦଶ-ଊନବିଂଶ ଶତାବ୍ଦୀର ଥିଲା, ଯାହାକି ମୋଗଲ ସମୟ ସହିତ ଜଡିତ ଥିଲା। ଏହା ତଳେ ସୁଙ୍ଗ, କୁଷାଣ, ଗୁପ୍ତ ଏବଂ ମୌର୍ଯ୍ୟ ସମୟର ଗଠନ ଦେଖିବାକୁ ମିଳିଥିଲା। ଗଭୀର ସ୍ତରରେ, ଖ୍ରୀଷ୍ଟପୂର୍ବ ୧୭୦୦ ମସିହାର ଥିବା ଅବଶିଷ୍ଟାଂଶଗୁଡିକ ମିଳିଥିଲା। ଖନନ ସମୟରେ କଳା-ଚମକଦାର ବାସନ ଟେରାକୋଟା ମୂର୍ତ୍ତି ଏବଂ ସ୍ଥାପତ୍ୟ ଉପାଦାନଗୁଡିକର ପ୍ରମାଣ ମଧ୍ୟ ପ୍ରକାଶ ପାଇଥିଲା। ପ୍ରତ୍ନତତ୍ତ୍ୱବିତ୍ କେ. ଆର. ମଣିଙ୍କ ଅନୁଯାୟୀ ଖନନଗୁଡିକ ଖ୍ରୀଷ୍ଟପୂର୍ବ ୧୩ ଶତାବ୍ଦୀର ଥିଲା। ମଣି କହିଥିଲେ ଯେ ଏହି ଆବିଷ୍କାର ପୂର୍ବର ଚିନ୍ତାଧାରାକୁ ଖଣ୍ଡନ କରୁଛି। ନୂଆ ରିପୋର୍ଟ ଅନୁସାରେ ଅଯୋଧ୍ୟାର ଏହି ଅଞ୍ଚଳ ଖ୍ରୀଷ୍ଟପୂର୍ବ ସପ୍ତମ ଶତାବ୍ଦୀରୁ ବିଦ୍ୟମାନ ଥିଲା। ଖନନରେ ଗୁପ୍ତ ସମୟର ବୃହତ ସଂରଚନାର ପ୍ରମାଣ ମିଳିଥିଲା। ଯାହା ଏକ ପ୍ରମୁଖ ଧାର୍ମିକ ସ୍ଥାନ ଆଡକୁ ସୂଚାଇଥିଲା। ମୂର୍ତ୍ତି, ଟେରାକୋଟା ଏବଂ ଅନ୍ୟାନ୍ୟ ସ୍ଥାପତ୍ୟ ଉପାଦାନ ଉପରେ ଆଧାର କରି ଗୁପ୍ତ ଅବଧି ପରେ ଏହି ସ୍ଥାନ ଏକ ଧାର୍ମିକ କେନ୍ଦ୍ରରେ ପରିଣତ ହୋଇଥିଲା ବୋଲି ବିଶ୍ୱାସ କରାଯାଏ। ଏହା ପୂର୍ବରୁ ଏହା ଏକ ଆବାସିକ କ୍ଷେତ୍ର ଥିଲା, ଯେପରି ଡ୍ରେନେଜ୍, କୁଳି ଏବଂ ଅନ୍ୟାନ୍ୟ ଘରୋଇ ଗଠନ ଦ୍ୱାରା ଏହା ପ୍ରମାଣିତ ହୋଇଥିଲା। କିନ୍ତୁ ପରେ ଏହାକୁ ଏକ ଧାର୍ମିକ ସ୍ଥାନରେ ପରିଣତ କରିବାର ପ୍ରମାଣ ଅଛି। ଆହ୍ଲାବାଦ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟ ସେମାନଙ୍କ ନିଷ୍ପତ୍ତିରେ ଏଏସଆଇ ରିପୋର୍ଟକୁ ଏକ ଗୁରୁତ୍ୱପୂର୍ଣ୍ଣ ଆଧାର ଭାବରେ ବିବେଚନା କରିଥିଲେ। ୨୦୧୯ରେ ସୁପ୍ରିମକୋର୍ଟ ସ୍ୱୀକାର କରିଥିଲେ ଯେ, ମସଜିଦ ଖାଲି ଜମିରେ ନିର୍ମାଣ ହୋଇନାହିଁ। ସେଠାରେ ଏକ ମନ୍ଦିର ପରି ଢାଞ୍ଚା ବିଦ୍ୟମାନ ଥିଲା। ବି.ଆର.ମଣି ଏହି ଏଏସଆଇ ରିପୋର୍ଟକୁ ସାର୍ବଜନୀନ କରିବାକୁ ସରକାରଙ୍କୁ ଅନୁରୋଧ କରିଥିଲେ ଯାହା ଦ୍ୱାରା ସାଧାରଣ ଜନତା ଏହି ଅଞ୍ଚଳର ଐତିହାସିକ ତଥ୍ୟ ବିଷୟରେ ସଠିକ୍ ସୂଚନା ପାଇପାରିବେ।

## ସିଲିଣ୍ଡର ଫାଟି ୩ ପିଲା ସମେତ ୬ ଗୁରୁତର

ନୂଆଦିଲ୍ଲୀ: ହଠାତ୍ ଭୁଶୁଡ଼ିଲା ଛାତ। ଏହାପରେ ଫାଟିଲା ସିଲିଣ୍ଡର। ଏଥିରେ ଗୋଟିଏ ପରିବାରର ୬ ଜଣ କଳି ଯାଇଛନ୍ତି। ରାଜଧାନୀ ଦିଲ୍ଲୀର ନରେଲାରେ ଘଟିଛି ଏଭଳି କିଛି ଘଟଣା। ସିଲିଣ୍ଡରରେ ବିସ୍ଫୋରଣ ଯୋଗୁ ପୂରା ଅଞ୍ଚଳରେ ଆତଙ୍କ ଖେଳି ଯାଇଛି। ସୂଚନା ମୁତାବକ, ଦିଲ୍ଲୀ ନରେଲା ଅଞ୍ଚଳରେ ଥିବା ଏକ ଦୁଇ ମହଲା ବିଲ୍ଡିଂ ଛାତ ଭୁଶୁଡ଼ିବା ଯୋଗୁ ଏହି ଦୁର୍ଘଟଣା ଘଟିଛି। ଏଥିରେ ୬ ଜଣ ଆହତ ହୋଇଛନ୍ତି। ଦୁର୍ଘଟଣାରେ ଆହତମାନଙ୍କ ମଧ୍ୟରେ ୪୦ ବର୍ଷୀୟ ରାଜୁ, ୩୫ ବର୍ଷୀୟ ରାଜୁଙ୍କ ପତ୍ନୀ ରାକେଶ୍ୱରୀ, ୧୮ ବର୍ଷୀୟ ରାହୁଲ ଏବଂ ତିନି ଛୋଟ ଝିଅ ଅଛନ୍ତି। ପଡୋଶୀଙ୍କ କହିବା ମୁତାବକ, ଯେଉଁ ସମୟରେ ଛାତ ଭୁଶୁଡ଼ିଲା ସେତେବେଳେ ପରିବାର ଜଣେ ସଦସ୍ୟ ରୋଷେଇ କରୁଥିଲେ। ଏହି କାରଣରୁ ସିଲିଣ୍ଡର ବିସ୍ଫୋରଣ ହେବା ପରେ ସେମାନେ କଳି ଯାଇଥିବା କୁହାଯାଉଛି। ଖବର ପାଇ ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଛି।

## ଚାଷୀଙ୍କ ଉପରକୁ ଫୁଲ ପକାଇଲା ପୋଲିସ୍: ପଦଯାତ୍ରା ଦିନକ ପାଇଁ ବନ୍ଦ



ନୂଆଦିଲ୍ଲୀ: ଫସଲର ନିମ୍ନ ସହାୟକ ମୂଲ୍ୟ ଉପରେ ଆଇନଗତ ମାନ୍ୟତା ଦାବି କରି ରବିବାର ପୁଣିଥରେ ପଞ୍ଜାବ-ହରିୟାଣା ବର୍ଡର ଶମ୍ଭୁ ଠାରୁ ୧୦୧ ଚାଷୀ ଆରମ୍ଭ କରିଥିବା ଦିଲ୍ଲୀ ଚଲୋ ଯାତ୍ରାକୁ ପୁଣି ଗୋଟିଏ ଦିନ ପାଇଁ ବନ୍ଦ କରି ଦିଆଯାଇଛି। ରବିବାର ସେମାନେ ମଧ୍ୟାହ୍ନ ୧୨ଟାରେ ପଦଯାତ୍ରା ଆରମ୍ଭ କରିଥିଲେ। କିନ୍ତୁ ଶମ୍ଭୁ ସୀମାନ୍ତରେ ଲାଗିଥିବା ବ୍ୟାରିକେଡ ନିକଟରେ ପହଞ୍ଚିବା କ୍ଷଣି ପୋଲିସ୍ ସେମାନଙ୍କ ଉପରକୁ ଲୁହବୁହା ଗ୍ୟାସ ମାଡ଼ କରିଥିଲା। ବିକ୍ଷୋଭକାରୀମାନେ ବ୍ୟାରିକେଡ ଆଡ଼କୁ ମାଡ଼ି ଆସୁଥିବା ବେଳେ ସେମାନଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଟିୟର ଗ୍ୟାସ ସେଲ ମାଡ଼ କରିଥିଲା। ଏହାକୁ ନେଇ ଦୁଇ ପକ୍ଷ ମଧ୍ୟରେ ଧସ୍ତାଧସ୍ତି ସ୍ଥିତି ମଧ୍ୟ ଦେଖିବାକୁ ମିଳିଛି। ପୋଲିସ୍ ପକ୍ଷରୁ ଚାଷୀମାନଙ୍କୁ ଦିଲ୍ଲୀ ଚଲୋ ଯାତ୍ରା ପାଇଁ ମିଳିଥିବା ଅନୁମତିପତ୍ର ଦେଖାଇବାକୁ କୁହାଯାଇଥିଲା। ଏହାକୁ ନେଇ ପ୍ରଥମେ ଯୁକ୍ତିତର୍କ ଓ ପରେ ଧସ୍ତାଧସ୍ତି ସ୍ଥିତି ସୃଷ୍ଟି ହୋଇଥିଲା। ବେଶ କିଛି ସମୟ ଉତ୍ତେଜନା ପରେ ଚାଷୀମାନେ ପୁଣି ବ୍ୟାରିକେଡରୁ ପଛକୁ ଘୁଞ୍ଚି ରାସ୍ତାରେ ବିକ୍ଷୋଭ ଆରମ୍ଭ କରିଛନ୍ତି। ଏହି ସମୟରେ ପ୍ରଥମେ ଲୁହ ବୁହା ଗ୍ୟାସ ମାଡ଼ କରିଥିବା ପୋଲିସ୍ ସେମାନଙ୍କ ଉପରକୁ ଫୁଲ ପାଖୁଡ଼ା ପକାଇ ଆଶ୍ୱସନା ଦେବାକୁ ଚେଷ୍ଟା କରିଛି। ପୋଲିସ ଫୁଲ ପକାଉଥିବା ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ଫୁଲ ପକାଇ ଚାଷୀଙ୍କୁ ଶାନ୍ତି ଶୃଙ୍ଖଳା ବଜାୟୀ ରଖିବାକୁ ମଧ୍ୟ ନିବେଦନ କରିଛି। ତେବେ ଲୁହ ବୁହା ଗ୍ୟାସ ମାଡ଼ ଯୋଗୁ ପୂର୍ଣ୍ଣଥରେ କିଛି ଚାଷୀ ଆହତ ହୋଇଛନ୍ତି। ଏଥିପାଇଁ ଚାଷୀମାନେ ସେମାନଙ୍କ ଦିଲ୍ଲୀ ଚଲୋ ଯାତ୍ରାକୁ ଗୋଟିଏ ଦିନ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଶମ୍ଭୁ ସୀମାନ୍ତରୁ ବିକ୍ଷୋଭ ପ୍ରତ୍ୟାହାର ଘୋଷଣା କରି ଚାଷୀ ନେତା ସରୱନ ସିଂ ପାନ୍ଧେର ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଆମେ ଦିଲ୍ଲୀ ଚଲୋ ଯାତ୍ରାକୁ ପ୍ରତ୍ୟାହାର କରୁଛୁ। କିନ୍ତୁ ବିକ୍ଷୋଭ ଜାରି ରହିବ। ଟିୟର ଗ୍ୟାସ ସେଲ ମାଡ଼ରେ ଜଣେ ଚାଷୀ ଗୁରୁତର ହୋଇ ପିଜିଆଇରେ ଭର୍ତ୍ତି ହୋଇଛନ୍ତି। ଆହୁରି ୮ରୁ ୯ ଜଣ ଆହତ ହୋଇଛନ୍ତି। ଆନ୍ଦୋଳନର ପରବର୍ତ୍ତୀ କାର୍ଯ୍ୟକ୍ରମ ଆଗାମୀ ଦିନରେ ନିର୍ଦ୍ଧାରଣ କରାଯିବ ବୋଲି ସେ କହିଛନ୍ତି। ବିକ୍ଷୋଭ କରୁଥିବା ଜଣେ ଚାଷୀ କହିଛନ୍ତି, ପୁଲିସ୍ ଆମକୁ ପରିଚୟ ପତ୍ର ମାଗିଥିଲା। ତେଲେ ସେମାନେ ଆମକୁ ଦିଲ୍ଲୀ ଯିବାକୁ ଅନୁମତି ଦେବାକୁ ଗ୍ରୀନସିଗ୍ନାଲ ଦେଇ ନଥିଲେ। ଦିଲ୍ଲୀ ଯିବାକୁ ଅନୁମତି ନଥିବା ସେମାନେ କହିଥିଲେ। ଏପରି ସ୍ଥିତିରେ ଆମେ କାହିଁକି ପରିଚୟପତ୍ର ଦେଖାଇବୁ ସେମାନେ ଯଦି ଦିଲ୍ଲୀ ଯିବାକୁ ଆମକୁ ଅନୁମତି ଦେବେ, ତା'ହେଲେ ଆମେ ପରିଚୟପତ୍ର ଦେଖାଇବୁ। ତେବେ ପୋଲିସ୍ ଦାବି କରିଛି ଯେ ଦିଲ୍ଲୀ ଚଲୋ ପାଇଁ ଡାକରା ଦେଇଥିବା ୧୦୧ ଚାଷୀଙ୍କ ବଦଳରେ ଅନ୍ୟ ଚାଷୀ ମଧ୍ୟ ଏକାଠି ହୋଇ ବ୍ୟାରିକେଡ ଆଡ଼କୁ ମାଡ଼ି ଆସିଥିଲେ। ବିଭିନ୍ନ ସ୍ଥାନରେ ବ୍ୟାରିକେଡ ଓ ଲୁହା ତାର ଲଗାଯାଇଛି। ଏପରିକି ସୀମାନ୍ତରେ ୧୬୩ ଧାରା ଲାଗୁ କରାଯାଇଛି। ୫ରୁ ଅଧିକ ଲୋକଙ୍କୁ ଏକାଠି ହେବାକୁ ବାରଣ କରାଯାଇଛି। ଶମ୍ଭୁ ବ୍ୟତୀତ ଖାନାଉରି ସୀମାନ୍ତକୁ ମଧ୍ୟ ସିଲ କରାଯାଇଛି। ସୀମାନ୍ତରେ ୪ ଥାକିଆ ସୁରକ୍ଷା ବ୍ୟବସ୍ଥା ଲାଗୁ ହୋଇଛି।

## ପ୍ରଜାପିତା ବ୍ରହ୍ମାକୁମାରୀ ସଂସ୍ଥା ସମାଜରେ ସଂସ୍କାର ଆଣୁଛି: ବିଷ୍ଣୁଦେବ



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ରବିବାର ରାଜନନ୍ଦଗାଁରେ ନବନିର୍ମିତ ବ୍ରହ୍ମାକୁମାରୀ ଜ୍ଞାନମାନ ସରୋବର ଭବନର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଶ୍ରୀ ସାଏ କହିଛନ୍ତି ଯେ, ବ୍ରହ୍ମାକୁମାରୀ ସଂସ୍ଥା ସମାଜରେ ସଂସ୍କାର ଆଣିବା ସହ ସେବା ମନୋଭାବ ବୃଦ୍ଧି କରିବାରେ ସହାୟକ ହେଉଛି। ବର୍ତ୍ତମାନ ସମୟରେ ଦେଶରେ ଭ୍ରଷ୍ଟାଚାର, ଅନ୍ୟାୟ, ଅନୀତି ଓ ଦୁର୍ନୀତି ବଢ଼ିଚାଲିଥିବା ବେଳେ ଲୋକମାନେ ବିଭିନ୍ନ କାରଣ ପାଇଁ ଶାରୀରିକ ଓ ମାନସିକ ସ୍ତରରେ ଦୁର୍ବଳ ହେବାରେ ଲାଗିଛନ୍ତି। ଏପରି ଏକ ଘଡିସନ୍ଧି ମୁହୂର୍ତ୍ତରେ ବ୍ରହ୍ମାକୁମାରୀ ସଂସ୍ଥା ଦ୍ୱାରା ରାଜମାର୍ଗ ରାଜଯୋଗ ଏବଂ ଧ୍ୟାନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି, ଯେଉଁଥିରୁ ନିଶ୍ଚିତ ଭାବେ ଲାଭ ମିଳିବ ବୋଲି ଶ୍ରୀ ସାଏ କହିଥିଲେ। ସେ ଆହୁରି କହିଥିଲେ ଯେ, ରାଜନନ୍ଦଗାଁରେ ଏହି ଭବନ ନିର୍ମାଣ ଲୋକଙ୍କୁ ପ୍ରତିଦିନ ଧ୍ୟାନ କରିବା ପାଇଁ ଉଦ୍ଦିଷ୍ଟ। ଯୋଗ ଦ୍ୱାରା ମଣିଷ ନିଜ ଶରୀରକୁ ସୁସ୍ଥ ରଖିବ ବୋଲି ଶ୍ରୀ ସାଏ କହିଥିଲେ। ଶ୍ରୀ ସାଏ ଆହୁରି କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂଯୁକ୍ତ ରାଷ୍ଟ୍ର ସଂଘ ଦ୍ୱାରା ୨୧ ଜୁନ୍‌କୁ ଅନ୍ତରାଷ୍ଟ୍ରୀୟ ଯୋଗଦିବସ ଭାବେ ପାଳନ କରିବାକୁ ପ୍ରସ୍ତାବ ଦେଇଥିଲେ। ଯାହାକୁ ସଂଯୁକ୍ତ ରାଷ୍ଟ୍ର ସଂଘ ଗ୍ରହଣ କରି ୨୧ ଜୁନ୍‌କୁ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ରୂପେ ମାନ୍ୟତା ଦେଇଛି। ବିଶ୍ୱରେ ଯୋଗକୁ ସ୍ଥାପନ କରିବାରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିବା ସହ ଜଣେ ସ୍ୱଚ୍ଛ ସରକାର ଲୋକଙ୍କ ବିକାଶ ପାଇଁ ଲଗାତାର କାର୍ଯ୍ୟ କରିପାରିବ ବୋଲି ଉଲ୍ଲେଖ କରିଥିଲେ। ସେ କହିଥିଲେ ଛତିଶଗଡ଼ ସରକାର ଶ୍ରୀରାମଲଲାଙ୍କୁ ଦର୍ଶନ କରିବା ପାଇଁ ଯୋଜନା ଆରମ୍ଭ କରିଛନ୍ତି। ଗତ ୧ବର୍ଷ ମଧ୍ୟରେ ୨୦ହଜାରରୁ ଅଧିକ ଶ୍ରୀରାମ ଭକ୍ତ ଅଯୋଧ୍ୟା ଯାଇ ଶ୍ରୀରାମଲଲାଙ୍କୁ ଦର୍ଶନ କରିଛନ୍ତି। ସେହିପରି ଛତିଶଗଡ଼ରେ ଥିବା ୫ଟି ଶକ୍ତିପୀଠକୁ ସାମିଲ କରି ତୀର୍ଥଯାତ୍ରାର ଶୁଭାରମ୍ଭ କରାଯାଇଥିଲା।

## ରୋହିଙ୍ଗ୍ୟା ଆତଙ୍କବାଦୀଙ୍କୁ ତାଲିମ ଦେଉଛି ବାଂଲାଦେଶ



ନୂଆଦିଲ୍ଲୀ: ରୋହିଙ୍ଗ୍ୟା ଶରଣାର୍ଥୀମାନଙ୍କୁ ଏବେ ବାଂଲାଦେଶରେ ଆତଙ୍କବାଦୀ ତାଲିମ ଦିଆଯାଉଥିବା ନେଇ ଗୁଇନ୍ଦା ରିପୋର୍ଟ ପ୍ରକାଶ ପରେ ହଇଚଇ ସୃଷ୍ଟି ହୋଇଛି। ଆତଙ୍କବାଦୀଙ୍କୁ ପ୍ରଶିକ୍ଷଣ ଦେବା ପରେ ସେମାନଙ୍କୁ ମିଆଁମାରରେ ଚାଲିଥିବା ଗୃହଯୁଦ୍ଧରେ ସାମିଲ ହେବାକୁ ପଠାଯାଉଥିବା ଜଣାପଡ଼ିଛି। ଶେଖ୍ ହସିନା ସରକାରଙ୍କ ପତନ ପରଠାରୁ ଭାରତର ପଡ଼ୋଶୀ ଦେଶରେ ଇସ୍‌ଲାମିକ ଚରମପନ୍ଥୀଙ୍କ ହିଂସା ବଢ଼ିବାରେ ଲାଗିଛି। ଏବେ ରୋହିଙ୍ଗ୍ୟାମାନେ ଆତଙ୍କବାଦୀ ପାଲଟୁଥିବା ବେଳେ ଆଗକୁ ଭାରତ ପାଇଁ ଏହା ବଡ଼ ବିପଦ ସୃଷ୍ଟି କରିବ ବୋଲି ଆଶଙ୍କା ପ୍ରକାଶ ପାଇଲାଣି। ବାଂଲାଦେଶ ପାକିସ୍ତାନ ସହାୟତାରେ ରୋହିଙ୍ଗ୍ୟା ଶରଣାର୍ଥୀଙ୍କୁ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ପ୍ରଶିକ୍ଷଣ ଦେଉଛି। ୨୫୦ରୁ ଅଧିକ ରୋହିଙ୍ଗ୍ୟାଙ୍କୁ ତାଲିମ ଦିଆଯାଇଥିବା ବେଳେ ଏଥିପାଇଁ ସାଉଦି ଆରବ ଓ ମାଲେସିଆ ମାଧ୍ୟମରେ ୨.୮ କୋଟି ଟଙ୍କାର ପାଣ୍ଠି ଯୋଗାଇ ଦିଆଯାଇଛି। ଏହି ବିପଜ୍ଜନକ କାର୍ଯ୍ୟ ଆଞ୍ଚଳିକ ଶାନ୍ତିକୁ ଭଣ୍ଡୁର କରିପାରେ ଏବଂ ଭାରତର ନିରାପତ୍ତା ଚିନ୍ତା ବଢ଼ାଇପାରେ ବୋଲି ସାମରିକ ବିଶେଷଜ୍ଞ ମତ ଦେଇଛନ୍ତି। ବାଂଲାଦେଶରେ ବିଶ୍ୱର ସର୍ବବୃହତ ଶରଣାର୍ଥୀ ଶିବିରରୁ ଆତଙ୍କୀ ଚୟନ କରାଯାଉଛି ଏବଂ ସେମାନଙ୍କୁ ସ୍ୱତନ୍ତ୍ର ଶିବିରରେ ଅତ୍ୟାଧୁନିକ ଅସ୍ତ୍ରଚାଳନା ଓ ବିଭିନ୍ନ ଆକ୍ରମଣ ନେଇ ତାଲିମ ପ୍ରଦାନ କରାଯାଉଛି। ବୌଦ୍ଧ ବହୁଳ ମିଆଁମାର ସେନା ହାତରେ ଗଣହତ୍ୟାରୁ ରକ୍ଷା ପାଇବା ପାଇଁ ୨୦୧୬ରେ ଲକ୍ଷାଧିକ ରୋହିଙ୍ଗ୍ୟା ବାଂଲାଦେଶକୁ ପଳାୟନ କରିବା ଆରମ୍ଭ କରିଥିଲା। ସେବେଠାରୁ ସେମାନେ ଭାରତ ଓ ବାଂଲାଦେଶ ସମେତ ଅନେକ ଦେଶର ବିଭିନ୍ନ ସ୍ଥାନରେ ବସବାସ କରିଛନ୍ତି।

# ବାଣିଜ୍ୟ



ରାଉରକେଲା(ଭାସ୍କର ନ୍ୟୁଜ): ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଷ୍ଟିଲ୍ ମେଲ୍ଟିଂ ସପ-୨ (ଏସ୍‌ଏମ୍‌ଏସ୍-୨) ବିଭାଗର କଣ୍ଟିନ୍ୟୁୟସ କାଷ୍ଟିଂ ମେସିନ୍ -୩ (ସିସିଏମ୍ -୩) ଦୀର୍ଘତମ ହିଟ ସିକ୍ୱେନ୍ସ କାଷ୍ଟିଂର ଏକ ନୂତନ ରେକର୍ଡ ସୃଷ୍ଟି କରିଛି। ଏହି ରେକର୍ଡ ସିକ୍ୱେନ୍ସରେ ୟୁନିଟ୍ ୩୮୯ ଟି ହିଟ୍ ର ସର୍ବକାଳୀନ ଶ୍ରେଷ୍ଠ କାଷ୍ଟିଂ ହାସଲ କରିଛି। ଉକ୍ତ ଅବଧିରେ ସମୁଦାୟ ଉଲ୍ଲେଖନୀୟ ୬୧୯୭୨ ଟନ ଅଶୋଧିତ ଇସ୍ପାତ କାଷ୍ଟିଙ୍ଗ ସମ୍ପନ୍ନ ହୋଇଥିଲା। ଏଥିପୂର୍ବରୁ ୨୦୨୪ ଅକ୍ଟୋବର ମାସରେ ୩୮୦ ଟି ହିଟ୍ ରେକର୍ଡ ୟୁନିଟର ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଉଲ୍ଲେଖଯୋଗ୍ୟ ଯେ, ଏହି କାଷ୍ଟିଂ ଅପରେସନ୍ ନଭେମ୍ବର ୨୨ ତାରିଖ ୨୦.୦୦ ଘଟିକା ସମୟରେ ଆରମ୍ଭ ହୋଇ ଡିସେମ୍ବର ୫ ତାରିଖ ୦୪.୦୦ ଘଟିକା ସମୟରେ ଶେଷ ହୋଇଥିଲା ଏବଂ ମୋଟ କାଷ୍ଟିଂ ଅବଧି ୧୧ ଦିନ ୧୨ ଘଣ୍ଟା ହାସଲ ହୋଇଥିଲା। ଏହି ରେକର୍ଡ ସିକ୍ୱେନ୍ସ ପ୍ରଦର୍ଶନ ଅବଧିରେ କାଷ୍ଟର-୩ରେ ଦୁଇଟି ଅନଲାଇନ୍ ଆକାର ପରିବର୍ତ୍ତନ କରାଯାଇଥିଲା ଯାହା ଅପରେସନ୍ ର ନମନୀୟତା ଏବଂ ଦକ୍ଷତାକୁ ଦର୍ଶାଉଛି। ତନ୍ମଧ୍ୟରେ ୨୨୦୦X୨୫୦ ମିଲିମିଟରର ୫୧ ହିଟ, ୨୦୨୦୫୨୫୦ ମିଲିମିଟରରେ ୨୩ ହିଟ, ୧୮୫୦X୨୫୦ ମିଲିମିଟରର ୩୧୫ଟି ହିଟ, ସାମିଲ ଥିଲା। ଟଣ୍ଡିସ୍ ଅପରେସନ୍ ଦୃଷ୍ଟିରୁ, ବିଭାଗୀୟ ଟିମ୍ ସମୁଦାୟ ୧୭ ଟି ଟଣ୍ଡିସ୍ ବ୍ୟବହାର କରି ୧୬ ଟଣ୍ଡିସ୍ ଫ୍ଲାଇଙ୍ଗ୍ ହାସଲ କରିଥିଲା। ପ୍ରତି ଟଣ୍ଡିଶରେ ହାରାହାରି ହିଟ ସଂଖ୍ୟା ୨୨.୮୮ ଥିଲା, ପ୍ରତ୍ୟେକ ଟଣ୍ଡିଶ୍ ହାରାହାରି ୧୬ ଘଣ୍ଟା ୧୮ ମିନିଟ୍ କାର୍ଯ୍ୟକ୍ଷମ ଥିଲା।

## ଆର୍‌ଏସ୍‌ପି ପକ୍ଷରୁ ମତାମତ ବ୍ୟବସ୍ଥା 'ପ୍ରୟାସ'ର ଶୁଭାରମ୍ଭ




ରାଉରକେଲା(ଭାସ୍କର ନ୍ୟୁଜ୍): ରୋଗୀ ସେବାରେ ଅଧିକ ଉନ୍ନତି ଆଣିବା ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ରାଉରକେଲା ଇସ୍ପାତ କାରଖାନାର ଇସ୍ପାତ ଜେନେରାଲ ହସ୍ପିଟାଲ ଏକ ଉତ୍ସର୍ଗୀକୃତ ଅଭିଯୋଗ ସମାଧାନ ତଥା ମତାମତ ପ୍ରଣାଳୀ ଆରମ୍ଭ କରିଛି। ଆଇଜିଏଚ୍ ଓ ସି ଆଣ୍ଡ ଆଇଟି ବିଭାଗ ଦ୍ୱାରା ମିଳିତ ରୂପେ ବିକଶିତ ଏହି ନୂତନ ବୈଶିଷ୍ଟ୍ୟ ଆଇଜିଏଚ କେୟାର ଆପ୍‌ରେ ଉପଲବ୍ଧ ଯାହାକି ଆଇଜିଏଚ୍‌ର ହସ୍ପିଟାଲ ମେନେଜମେଣ୍ଟ ଇନଫର୍ମେସନ ସିଷ୍ଟମ ସହିତ ସଂଯୁକ୍ତ ଅଟେ। ଏହି ପଦକ୍ଷେପ ରୋଗୀଙ୍କ ସମସ୍ୟା ସମାଧାନକୁ ସୁଗମ କରିବା ସହିତ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ଲକ୍ଷ୍ୟ ରଖିଛି। ଆଇଜିଏଚ୍‌ରେ ରୋଗୀ ଭର୍ତ୍ତି ସହିତ 'ପ୍ରୟାସ' ବୈଶିଷ୍ଟ୍ୟ ଉପଲବ୍ଧ ହୋଇଥାଏ। ଆଇଜିଏଚ୍ କେୟାର ଆପ୍ ମାଧ୍ୟମରେ ରୋଗୀମାନେ ଏକ ଅତିରିକ୍ତ ୱିଣ୍ଡୋକୁ ପ୍ରବେଶ କରିପାରିବେ ଯେଉଁଠାରେ ସେମାନେ ସେମାନଙ୍କର ଅଭିଯୋଗ ବର୍ଗ ଚୟନ କରିପାରିବେ ଏବଂ ଏଥିସମ୍ବନ୍ଧୀୟ ବିସ୍ତୃତ ବିବରଣୀ ପ୍ରଦାନ କରିପାରିବେ। ଅଭିଯୋଗ ଦାଖଲ ହେବା ପରେ, ଏହା ସ୍ୱତଃସ୍ଫୂର୍ତ୍ତ ଭାବରେ ଚିକିତ୍ସା ସେବା ମୁଖ୍ୟ ଏବଂ ସଂପୃକ୍ତ ବିଭାଗର ମୁଖ୍ୟଙ୍କୁ ଏଚଏମଆଇଏସ ଓ ଏସ୍‌ଏମ୍‌ଏସ୍ ମାଧ୍ୟମରେ ପ୍ରେରିତ ହୋଇଥାଏ। ଉତ୍ତରଦାୟିତ୍ୱ ଏବଂ ତ୍ୱରିତ କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ସମସ୍ୟାର ତୁରନ୍ତ ସମାଧାନ ପାଇଁ ସଂପୃକ୍ତ ବିଭାଗ ମୁଖ୍ୟଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଥାଏ। ରୋଗୀଙ୍କୁ ମତାମତ ପ୍ରକ୍ରିୟାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ସକ୍ଷମ କରି, 'ପ୍ରୟାସ' ସେବାମାନରେ ଅଧିକ ଉନ୍ନତି ଏବଂ ରୋଗୀର ସାମଗ୍ରିକ ସନ୍ତୁଷ୍ଟି ବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି। ରୋଗୀ-କେନ୍ଦ୍ରିକ ସ୍ୱାସ୍ଥ୍ୟସେବା ଯୋଗାଇବା ଏବଂ ଏହାର କାର୍ଯ୍ୟରେ ନିରନ୍ତର ଉନ୍ନତି ପାଇଁ ଏହି ନୂତନ ବ୍ୟବସ୍ଥା ଆଇଜିଏଚର ପ୍ରତିବଦ୍ଧତାକୁ ଦୋହରାଉଛି।


## ଏକ୍ସପାଏରି ହୋଇଛି ୧୧.୬୮ କୋଟି ଟଙ୍କାର ଔଷଧ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟର ସରକାରୀ ଡାକ୍ତରଖାନାଗୁଡ଼ିକରେ ଅତ୍ୟାବଶ୍ୟକ ଔଷଧ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀର ୫୩ ପ୍ରତିଶତ ଯୋଗାଣ କମ୍ ରହିଛି। ୨୦୧୬-୧୭ରୁ ୨୦୨୧-୨୨ ମଧ୍ୟରେ ଏହି ସ୍ଥିତି ରାଜ୍ୟରେ



ରହିଥିବା ନେଇ ଭାରତର ମହାଲେଖାନିୟନ୍ତ୍ରକ ଓ ମହାସମୀକ୍ଷକ (ସିଏଜି) ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି। ରିପୋର୍ଟରୁ ଅନ୍ୟ ଯେଉଁ ଉଦ୍‌ବେଗଜନକ ତଥ୍ୟ ସାମ୍ନାକୁ ଆସିଛି ତାହା ହେଲା ଉପରୋକ୍ତ ଅବଧି ମଧ୍ୟରେ ରାଜ୍ୟରେ ୬.୦୭ କୋଟି ସଂଖ୍ୟକ ଅତ୍ୟାବଶ୍ୟକ ଔଷଧର ବ୍ୟବହାର ତାରିଖ ଶେଷ ହୋଇଯାଇଛି। ଏହାର ମୂଲ୍ୟ ୧୧.୬୮ କୋଟି ଟଙ୍କା। ଅଡିଟ୍ ହୋଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକରେ ଆଇପିଏଚଏସ୍ ମାନଦଣ୍ଡ ଅନୁସାରେ ଯେତିକି ଉପକରଣ ରହିବା କଥା ତାହା ନାହିଁ। ମାନଦଣ୍ଡ ତୁଳନାରେ ୪୭ରୁ ୫୭ ପ୍ରତିଶତ ପ୍ରତିଶତ ପର୍ଯ୍ୟନ୍ତ ଉପକରଣ ନଥିବା ଜଣାଯାଇଛି। ଅନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଆବଶ୍ୟକ ଭିତ୍ତିଭୂମି ଓ ମାନବସମ୍ବଳ ଅଭାବ କାରଣରୁ ଅନେକ ସ୍ଥାନରେ ମେଡିକାଲ ଉପକରଣଗୁଡ଼ିକ ବ୍ୟବହାର ନହୋଇ ପଡ଼ିରହିଛି। ଜାତୀୟ ସ୍ୱାସ୍ଥ୍ୟ ନୀତି ୨୦୧୭ ଅନୁସାରେ ରାଜ୍ୟରେ ୯୧୩୯୨ଟି ଶଯ୍ୟା ଆବଶ୍ୟକ ଥିବାବେଳେ ଏଥିରୁ ମାତ୍ର ୩୨,୭୬୭ଟି ଶଯ୍ୟା ଉପଲବ୍ଧ ରହିଛି। ଅର୍ଥାତ ୬୪ ପ୍ରତିଶତ ଶଯ୍ୟା ଅଭାବ ରହିଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## କାର ବଜାରରେ ଧୂମ୍ ମଚାଉଛି ମାରୁତି ଡିଜାୟାର




ନୂଆଦିଲ୍ଲୀ: ଚଳିତ ମାସରେ ଭାରତୀୟ ବଜାରରେ ନୂଆ ମାରୁତି ଡିଜାୟାର ଲଞ୍ଚ କରାଯାଇଥିଲା। ଏହାର ଶୁଭାରମ୍ଭ ପୂର୍ବରୁ ମଧ୍ୟ ଗାଡି କ୍ରାସ୍ ଟେଷ୍ଟରେ ୫ ତାରକା ସୁରକ୍ଷା ମୂଲ୍ୟାୟନ ପାଇଥିଲା। କମ୍ପାନୀ ନୂତନ ଡିଜାୟାରରେ ଅନେକ ସୁରକ୍ଷା ବୈଶିଷ୍ଟ୍ୟ ଅନ୍ତର୍ଭୁକ୍ତ କରିଛି। ସେଥିପାଇଁ ତ ଏହି କାରର ଲଞ୍ଚ ହେବାର ଏକ ମାସ ବିତି ନାହିଁ ଏବଂ ୩୦ ହଜାରରୁ ଅଧିକ ୟୁନିଟ୍ ପାଇଁ ବୁକିଂ କରାଯାଇଛି। ମାରୁତି ପ୍ରତିଦିନ ଡିଜାୟାରର ନୂତନ ଜେନେରେସନ ମଡେଲର ପ୍ରାୟ ୧୦୦୦ ଗାଡି ପାଇଁ ବୁକିଂ କରୁଛି। ଅଟୋମେକର୍ସ ଏପର୍ଯ୍ୟନ୍ତ ପାଞ୍ଚ ହଜାରରୁ ଅଧିକ ୟୁନିଟ୍ ବିତରଣ କରିସାରିଛି। ବର୍ତ୍ତମାନ, ଏହି ମାରୁତି ଯାନର ଅପେକ୍ଷା ସମୟ ପ୍ରାୟ ତିନି ମାସରେ ପହଞ୍ଚିଛି। ମାରୁତି ପକ୍ଷରୁ କୁହାଯାଇଛି ଯେ ପୂର୍ବ ମଡେଲ ତୁଳନାରେ ପ୍ରତିଦିନ ପ୍ରାୟ ଦୁଇଗୁଣ ବୁକିଂ ଚାଲିଛି। ମାରୁତି ଏହି କାରରେ ଲୋକଙ୍କ ସୁରକ୍ଷା ପ୍ରତି ସର୍ବାଧିକ ଧ୍ୟାନ ଦେଇଛି। ଏହି କାରରେ ୬ଟି ଏୟାରବ୍ୟାଗ ଯୋଗାଇ ଦିଆଯାଇଛି। ଆଣ୍ଟି-ଲକ୍ ବ୍ରେକିଂ ସିଷ୍ଟମ୍ (ଏବିଏସ୍) ସହିତ ଗାଡିରେ ଇବିଡ଼ି ମଧ୍ୟ ଯୋଗାଇ ଦିଆଯାଉଛି। ଏହି କାରଟି ଡୁଆଲ୍ ଟୋନ୍ ଇଣ୍ଟେରିଅର୍ ସହିତ ଆସିଥାଏ। ୩୬୦-ଡିଗ୍ରୀ କ୍ୟାମେରା ସହିତ ଏହି କାରରେ କ୍ରୁଜ୍ କଣ୍ଟ୍ରୋଲର ବୈଶିଷ୍ଟ୍ୟ ମଧ୍ୟ ପ୍ରଦାନ କରାଯାଇଛି। ନୂତନ ମାରୁତି ଡିଜାଇରରେ ଅନେକ ନୂତନ ବୈଶିଷ୍ଟ୍ୟ ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ ଏହି କାରର ମୂଲ୍ୟ ୭ ଲକ୍ଷ ଟଙ୍କା ମଧ୍ୟରେ ରହିଛି। ନୂତନ ଡିଜାଇରର ଏକ୍ସ-ସୋରୁମ୍ ମୂଲ୍ୟ ୬.୭୯ ଲକ୍ଷରୁ ଆରମ୍ଭ ହୋଇଛି ଏବଂ ଏହାର ଟପ୍ ମଡେଲର ମୂଲ୍ୟ ୧୦.୧୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି।

## ଟିପିଏନ୍‌ଓଡିଏଲ୍ ପକ୍ଷରୁ ଉନ୍ନତ ଗ୍ରାହକ ସେବା ପାଇଁ ଏଲ୍‌ଟି ଏଫ୍‌ଏଲ୍‌ସି ପ୍ରଯୁକ୍ତିର ଶୁଭାରମ୍ଭ



ବାଲେଶ୍ୱର(ଭାସ୍କର ନ୍ୟୁଜ): ବିଦ୍ୟୁତ୍ ବିତରଣ ବିଶ୍ୱସନୀୟତା ଏବଂ କେବୁଲ୍ ତ୍ରୁଟି ନିଦାନ ପାଇଁ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟୋଗ ଟିପି ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ ପକ୍ଷରୁ ଭ୍ରାମ୍ୟମାଣ ଏଲ୍‌ଟି ଭୂତଳ ବିଦ୍ୟୁତ ତାର ତ୍ରୁଟି ଚିହ୍ନଟ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏହି ଅତ୍ୟାଧୁନିକ ସମାଧାନ ୧୧ କେଭି ଏବଂ ଏଲଟି ଭୂତଳ ନେଟୱାର୍କଗୁଡିକରେ ଦକ୍ଷ କେବୁଲ ପରୀକ୍ଷଣ ଏବଂ ତ୍ରୁଟି ଚିହ୍ନଟକୁ ସହଜ କରିବା ସହ ଦ୍ରୁତ ତ୍ରୁଟି ସମାଧାନ ଏବଂ ଉନ୍ନତ ସେବା ବିଶ୍ୱସନୀୟତାକୁ ସକ୍ଷମ କରିବ। ଅତ୍ୟାଧୁନିକ ତ୍ରୁଟି ଚିହ୍ନଟ ଜ୍ଞାନକୌଶଳରେ ସଜ୍ଜିତ ୩ଟି ଏଲ୍‌ଟି ଏଫ୍‌ଏଲସି ପରୀକ୍ଷା ଭ୍ୟାନକୁ ବାଲେଶ୍ୱର ଟିପିଏନ୍‌ଓଡିଏଲ୍ କର୍ପୋରେଟ୍ କାର୍ଯ୍ୟାଳୟରେ ଟିପିଏନ୍‌ଓଡିଏଲ୍‌ର ସିଇଓ ଦ୍ୱିଜଦାସ ବସାକ ଉଦଘାଟନ କରିଛନ୍ତି। ବାରିପଦା, ଯାଜପୁର ଓ କେନ୍ଦୁଝର ସର୍କଲରେ ଏହି ଭ୍ୟାନ ମୂତୟନ କରାଯାଇ ଟିପିଏନଓଡିଏଲର କାର୍ଯ୍ୟକ୍ଷେତ୍ରର ପ୍ରମୁଖ ଅଂଚଳକୁ ଅନ୍ତର୍ଭୁକ୍ତ କରାଯିବ। ଟିପିଏନଓଡିଏଲ ମୁଖ୍ୟତଃ ଗ୍ରାମାଚଂଳରେ କାର୍ଯ୍ୟ କରୁଛି ଯେଉଁଠାରେ ରେଡିୟଲ ଓଭରହେଡ୍ ନେଟୱାର୍କ ଭୂତଳ କେବୁଲ ମାଧ୍ୟମରେ ରେଳ ଲାଇନ ଏବଂ ଜାତୀୟ ରାଜପଥ ଭଳି ଗୁରୁତ୍ୱପୂର୍ଣ୍ଣ ଭିତିଭୂମିକୁ ଅତିକ୍ରମ କରିଛି। ଏଲଟି ଏଫଏଲସି ସିଷ୍ଟମ ଭୂତଳ କେବୁଲଗୁଡିକରେ ଦ୍ରୁତ ତ୍ରୁଟି ଚିହ୍ନଟ କରିବା, ବିଭ୍ରାଟ ସମୟକୁ ହ୍ରାସ କରିବା ଏବଂ ସେବା ବିଶ୍ୱସନୀୟତାକୁ ଉନ୍ନତ କରିବାରେ ସକ୍ଷମ କରିବ। ଏହାବ୍ୟତୀତ ଏହା ତୁରନ୍ତ ଏଚଟି ଏବଂ ଏଲଟି ଏରିଏଲ୍ ବଂଚଡ୍ କେବୁଲରେ ଅଦୃଶ୍ୟ ତ୍ରୁଟିକୁ ଚିହ୍ନଟ କରିପାରିବ ଯାହା ପରିଚାଳନା ଦକ୍ଷତା ବୃଦ୍ଧି କରିବ। ଏହି ସଦ୍ୟତମ ସୁବିଧା ୨୦୨୨ ଅଗଷ୍ଟରେ କାର୍ଯ୍ୟକ୍ଷମ ହୋଇଥିବା ବର୍ତ୍ତମାନର ଏଚଟି ଏଫଏଲସି ସିଷ୍ଟମକୁ ପୂରଣ କରୁଛି ଯାହାର ପରୀକ୍ଷଣ କ୍ଷମତା ୮୦ କେଭି ପର୍ଯ୍ୟନ୍ତ ରହିଛି ଏବଂ ଏହା ପ୍ରଭାବଶାଳୀ ଭାବରେ କାର୍ଯ୍ୟ ଜାରି ରଖିଛି। ଉଭୟ ସିଷ୍ଟମ ନାମମାତ୍ର ଶୁଳ୍କରେ ଏଚଟି-ଇଏଚଟି ଉପଭୋକ୍ତାଙ୍କୁ ମୂଲ୍ୟ ଯୁକ୍ତ ସେବା ଭାବରେ ଉପଲବ୍ଧ। ଏହି ଅବସରରେ ଟିପିଏନଓଡିଏଲର ସିଇଓ ଦ୍ୱିଜଦାସ ବସାକ କହିଛନ୍ତି ଯେ, ଏହି ଏଲଟି ଏଫଏଲସି ପରୀକ୍ଷା ଭ୍ୟାନର ଶୁଭାରମ୍ଭ ପରିଚାଳନାଗତ ଉତ୍କର୍ଷତା ଏବଂ ଗ୍ରାହକଙ୍କ ସନ୍ତୋଷ ପାଇଁ ପ୍ରଯୁକ୍ତିର ଉପଯୋଗ କରିବା ପାଇଁ ଟିପିଏନଓଡିଏଲର ପ୍ରତିବଦ୍ଧତାର ପ୍ରମାଣ। ଏହି ବ୍ୟବସ୍ଥା ତ୍ରୁଟି ସୁଧାରିବା ସମୟକୁ ଯଥେଷ୍ଟ ହ୍ରାସ କରିବ ଏବଂ ଆମ ନେଟୱାର୍କରେ ଅଧିକ ବିଶ୍ୱସନୀୟ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବ।

## ମଦ ପାଇଁ ସରକାର ହରାଇଲେ ୭୫ କୋଟି ଟଙ୍କା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମଦ ଦୋକାନୀମାନେ କୋଭିଡ ମହାମାରୀ ସମୟରେ ବିକ୍ରିରେ ବ୍ୟାପକ ହେରଫେର କରିଛନ୍ତି। ଏଥିଯୋଗୁ ରାଜ୍ୟ ସରକାରଙ୍କୁ ୭୫.୦୭ କୋଟି ଟଙ୍କାର ରାଜସ୍ୱ ହରାଇବାକୁ ପଡ଼ିଛି। ସିଏଜିଙ୍କ ପକ୍ଷରୁ ଏହି ଦୁର୍ନୀତିକୁ ଧରାଯାଇଛି। ମଦର ଖୁଚୁରା ମୂଲ୍ୟ ଉପରେ ୫୦ ପ୍ରତିଶତ ହାରରେ ସ୍ୱତନ୍ତ୍ର କୋଭିଡ ଶୁଳ୍କ (ଏସ୍‌ସିଏଫ୍) ୨୦୨୦ ମାର୍ଚ୍ଚ ୨୪ରୁ ଆଦାୟ କରିଥିଲେ। କୋଭିଡ-୧୯ ମହାମାରୀ ପାଇଁ ଦୁଇ ମାସର ବନ୍ଦ ହେତୁ ସମ୍ଭାବ୍ୟ ଅବକାରୀ ରାଜସ୍ୱ କ୍ଷତିକୁ ଦୃଷ୍ଟିରେ ରଖି ଏହା କରାଯାଇଥିଲା। କିନ୍ତୁ ୧୨୭୦ଟି ମଦ ଦୋକାନର ବିକ୍ରି ରେଜିଷ୍ଟର ଯାଞ୍ଚରୁ ଜଣାଯାଇଛି ଯେ ଏସ୍‌ସିଏଫ୍‌କୁ ଏଡ଼ାଇ ଯିବାପାଇଁ ଖୁଚୁରା ଦୋକାନଗୁଡ଼ିକ ବିକ୍ରି ହୋଇ ନଥିବା ମଦ ଷ୍ଟକ୍ ପରିମାଣକୁ କମ୍ ଦର୍ଶାଇବା ଉଦ୍ଦେଶ୍ୟରେ ହସ୍ତଲିଖିତ ବିକ୍ରୟ ରେଜିଷ୍ଟରଗୁଡ଼ିକରେ ହେରଫେର କରିଥିଲେ। ଏଥିଯୋଗୁ ସରକାରଙ୍କୁ



୭୫ କୋଟି ଟଙ୍କାରୁ ଅଧିକ ରାଜସ୍ୱ ହରାଇବାକୁ ପଡ଼ିଥିଲା। ଦୋକାନୀମାନେ ବ୍ରାଣ୍ଡ୍ ଏବଂ ଆକାର ଅନୁସାରେ ବିକ୍ରି ପଞ୍ଜୀକରଣ ରେକର୍ଡ କରି ନଥିଲେ। ଏପରିକି ଖୁଚୁରା ମଦ ଦୋକାନ ଦାୟିତ୍ୱରେ ଥିବା ଅବକାରୀ ଅଧିକାରୀମାନେ ମଧ୍ୟ ତାହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଥିଲେ। ୭୧୬ଟି ବିକ୍ରି ରେଜିଷ୍ଟରରେ ବହୁମାତ୍ରାରେ ସଂଶୋଧନ, ଲେଖା ଉପରେ ଲେଖା, ଲେଖାରେ ପରିବର୍ତ୍ତନ ଆଦି ଦେଖିବାକୁ ମିଳିଥିଲା। ଅତ୍ୟଧିକ ବିକ୍ରି ସଂକ୍ରାନ୍ତ ଅନିୟମିତତା ଏବଂ ବିକ୍ରି ରେଜିଷ୍ଟରରେ ହେରଫେର କାରଣରୁ ସ୍ୱତନ୍ତ୍ର କୋଭିଡ ଫି ବାବଦ ରାଜସ୍ୱ ଆଦାୟରେ ଏହି କ୍ଷତି ସରକାରଙ୍କୁ ସହିବାକୁ ପଡ଼ିଛି ବୋଲି ସିଏଜି ତାଙ୍କ ଅଡିଟ ରିପୋର୍ଟରେ ଦର୍ଶାଇଛନ୍ତି।

## ଏଫ୍‌ପିଆଇଙ୍କ ୟୁ-ଟର୍ଣ୍ଣ, ଫେରିଲା ଭାରତୀୟ ସେୟାର ବଜାରର ଚମକ୍




ମୁମ୍ବାଇ: ଏଫ୍‌ପିଆଇ ପୁଣି ଭାରତୀୟ ବଜାରକୁ ଫେରିଛନ୍ତି। ଏଫ୍‌ପିଆଇ ଡିସେମ୍ବର ପ୍ରଥମ ସପ୍ତାହରେ ବିଭିନ୍ନ ସେୟାରରେ ୨୪,୪୫୪ କୋଟି ଟଙ୍କାର ନିଟ୍ ନିବେଶ କରିଛନ୍ତି। ବିଶେଷଜ୍ଞଙ୍କ ଅନୁସାରେ ବୈଶ୍ୱିକ ପରିସ୍ଥିତିରେ ସ୍ଥିରତା ଓ ଆମେରିକୀୟ ଫେଡେରାଲ ରିଜର୍ଭର ସୁଧହାର ହ୍ରାସ ସମ୍ଭାବନା ଯୋଗୁ ଏପରି ହୋଇଛି। ଏହା ପୂର୍ବରୁ ଏଫପିଆଇ ନଭେମ୍ବର ମାସରେ ୨୧.୬୧୨ ଏବଂ ଅକ୍ଟୋବରରେ ୯୪,୦୧୭ କୋଟି ଟଙ୍କା ବାହାର କରି ନେଇଥିଲେ। ଏହା ପୂର୍ବରୁ ସେପଟ୍ମେବର ମାସରେ ଏଫପିଆଇଙ୍କ କ୍ରୟ ୯ ମାସର ଉଚ୍ଚତମ ସ୍ତରକୁ ପହଞ୍ଚିଥିଲା ଓ ସେମାନେ ୫୭,୭୨୪ କୋଟି ଟଙ୍କାର ନିଟ୍ ନିବେଶ କରିଥିଲେ। ଡିପୋଜିଟରୀ ତଥ୍ୟରୁ ଜଣାପଡେ ଯେ ନୂଆ ନିବେଶ ସହିତ ୨୦୨୪ରେ ଏ ପର୍ଯ୍ୟନ୍ତ ଭାରତୀୟ ସେୟାର ବଜାରରେ ଏଫପିଆଇ ନିବେଶ ୯,୪୩୫ କୋଟି ଟଙ୍କାକୁ ପହଞ୍ଚି ଯାଇଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ ମର୍ଣ୍ଣିଂଷ୍ଟାର ଇନଭେଷ୍ଟମେଣ୍ଟ ରିସର୍ଚ୍ଚ ଇଣ୍ଡିଆଙ୍କ ଆସୋସିଏଟ ଡାଇରେକ୍ଟର ତଥା ମ୍ୟାନେଜର ରିସର୍ଚ୍ଚ ହିମାଂଶୁ ଶ୍ରୀବାସ୍ତବ କହିଛନ୍ତି ଯେ ଆଗାମୀ ମାସ ମାନଙ୍କରେ ଏଫପିଆଇଙ୍କ ମୁଡ ରାଷ୍ଟ୍ରପତି ରୂପେ ଡୋନାଲ୍ଡ ଟ୍ରମ୍ପଙ୍କ ନୀତି, ମୁଦ୍ରାସ୍ଫିତି, ସୁଧହାର ଓ ଭୂ-ରାଜନୈତିକ ଲ୍ୟାଣ୍ଡସ୍କେପ ଅନୁସାରେ ସ୍ଥିର ହେବ।

ଓଡ଼ିଶା ଭାସ୍କର
ODISHA BHASKAR
# ଖେଳ ଖବର



ମାଲକାନଗିରି (ଭାସ୍କର ନ୍ୟୁଜ): ଆସନ୍ତା ୧୩ ତାରିଖ ଠାରୁ ଜିଲ୍ଲା ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ର ଶୁଭାରମ୍ଭ ହେବାକୁ ଥିବାବେଳେ ଏହା ପୂର୍ବରୁ ବିଭିନ୍ନ ପ୍ରତିଯୋଗିତା ଆରମ୍ଭ ହୋଇ ଜାଇଛି। କୃତୀ ପ୍ରତିଯୋଗୀଙ୍କୁ ମାଲ୍ୟବନ୍ତ ମହୋତ୍ସବ ମୁଖ୍ୟ ମଣ୍ଡପ ରେ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ଜିଲ୍ଲା ସଦର ମହକୁମା ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡ଼ା ଭବନରେ ବରିଷ୍ଠ ଏବଂ କନିଷ୍ଠ ବର୍ଗର ବ୍ୟାଡମିଣ୍ଟନ ପ୍ରତିଯୋଗୀଙ୍କୁ ନେଇ ଗତକାଲି ଠାରୁ ପ୍ରତିଯୋଗିତା ଆରମ୍ଭ ହୋଇ ଜାଇଛି। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୋମନାଥ ପ୍ରଧାନ ଏହାକୁ ଉଦଘାଟନ କରିଥିବା ବେଳେ ଜିଲ୍ଲା କ୍ରିଡ଼ାଧିକାରୀ ମାଧବ ପାଙ୍ଗି, ଉପସ୍ଥିତ ଥିଲେ । ଡି. ରବି କିରଣ, ଲକ୍ଷ୍ମୀକାନ୍ତ ପୂଜାରୀ ପ୍ରଶିକ୍ଷକ ଭାବେ ପରିଚାଳନା କରିଥିଲେ । ଉଭୟ ବର୍ଗ ରୁ ଶତାଧିକ ଖେଳାଳି ଅଂଶଗ୍ରହଣ କରିଥିବା ବେଳେ ଆଜି ସଂଧ୍ୟା ସୁଧା ଏହି ପ୍ରତିଯୋଗିତା ର ଚୂଡ଼ାନ୍ତ ଖେଳ ଅନୁଷ୍ଠିତ ହେବ । ସେହିପରି ଏହି ମହୋତ୍ସବ ପାଇଁ ଅନ୍ୟତମ ଆକର୍ଷଣୀୟ ପ୍ରତିଯୋଗିତା ହେଉଛି ନୌ-ଚାଳନା । ୧୧ ତାରିଖ ଜିଲ୍ଲା ସଦର ମହକୁମା ସତୀଗୁଡ଼ା ଜଳଭଣ୍ଡାରରେ ହେବାକୁ ଥିବା ଏହି ପ୍ରତିଯୋଗିତା ନିମନ୍ତେ ପ୍ରତିଯୋଗୀଙ୍କୁ ନେଇ ଗତକାଲି ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି । ୧୦ଟି ଦଳ ନିଜ ନିଜର ନୌକା ଆଣି ଏହି ମକଡ୍ରିଲରେ ଅଂଶଗ୍ରହଣ କରିଥିଲେ।



# ୧୦ ୱିକେଟରେ ଭାରତକୁ ହରାଇଲା ଅଷ୍ଟ୍ରେଲିଆ



ଆଡିଲେଡ୍: ଆଡିଲେଡ୍‌ରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ଭାରତ ପରାସ୍ତ ହୋଇଛି। ଅଷ୍ଟ୍ରେଲିଆ ପର୍ଥ ଟେଷ୍ଟର ପ୍ରତିଶୋଧ ନେଇଛି। ପର୍ଥରେ ଟେଷ୍ଟ ୨୯୫ ରନ୍‌ରେ ପରାସ୍ତ ହୋଇଥିବା ଅଷ୍ଟ୍ରେଲିଆକୁ ଆଡିଲେଡ୍ ଓଭାଲରେ ଭାରତ ଦେଇଥିଲା ମାତ୍ର ୧୯ ରନ୍‌ର ବିଜୟ ଲକ୍ଷ୍ୟ। ଅଷ୍ଟ୍ରେଲିଆ ଏହାକୁ କୌଣସି ୱିକେଟ୍ ନହରାଇ ୩.୨ ଓଭରରେ ହାସଲ କରି ନେଇଥିଲା। ଗତକାଲି ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୩୩୭ ରନ୍ କରି ଅଲ୍‌ଆଉଟ୍ ହେବା ପରେ ଭାରତ ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରିଥିଲା। କିନ୍ତୁ ଦଳର ପ୍ରଦର୍ଶନ ଭଲ ନଥିଲା। ପ୍ରଥମ ଇନିଂସ ଭଳି ଦଳ ଖୁବ୍‌ଶୀଘ୍ର ୱିକେଟ୍ ହରାଇଥିଲା। ଗତକାଲି ଷ୍ଟମ୍ପ ଅପସାରଣ ବେଳକୁ ଭାରତ ୧୨୮ ରନ୍ କରି ୫ଟି ୱିକେଟ୍ ହରାଇଥିଲା। ସମସ୍ତ ୫ ଟପ୍ ଅର୍ଡର ବ୍ୟାଟର ଆଉଟ୍ ହୋଇଯାଇଥିଲେ। ଆଜି ସକାଳେ ପୁଣି ଖେଳ ଆରମ୍ଭ ହେବାର ମାତ୍ର ଏକ ଘଣ୍ଟାରୁ ଟିକେ ଅଧିକ ସମୟ ମଧ୍ୟରେ ଦଳର ବାକି ୫ଟି ୱିକେଟ୍ ପଡ଼ିଯାଇଥିଲା। ଆଜି ପ୍ରଥମ ଓଭରରେ ଯାଇଥିଲା ଋଷଭ ପନ୍ତଙ୍କ ୱିକେଟ୍। ତା’ପରେ ଅଳ୍ପ ସମୟ ବ୍ୟବଧାନରେ ଆଉଟ୍ ହୋଇଯାଇଥିଲେ ଅନ୍ୟ ସମସ୍ତ ବ୍ୟାଟର। ଓପନର ଯଶସ୍ୱୀ ଜୈସ୍ୱାଲ ଓ କେଏଲ୍ ରାହୁଲ ଯଥାକ୍ରମେ ୨୪ ଓ ୭ ରନ୍ କରି ଆଉଟ୍ ହୋଇଥିଲେ। ପର୍ଥରେ ଖେଳା ଯାଇଥିବା ପ୍ରଥମ ଟେଷ୍ଟର ଦ୍ୱିତୀୟ ଇନିଂସରେ ଏହି ଦୁଇ ବ୍ୟାଟରଙ୍କ ମଧ୍ୟରେ ୨୦୧ ରନ୍‌ର ପାର୍ଟନରସିପ ହୋଇଥିଲା। ତେଣୁ ଏଥର ବି ସେମାନଙ୍କଠାରୁ ଏକ ବଡ଼ ପାର୍ଟନରଶିପର ଆଶା ରଖିଥିଲେ ସମସ୍ତେ। କିନ୍ତୁ ଉଭୟ ନିରାଶ କରିଥିଲେ। ପ୍ରଥମ ଇନିଂସରେ ୩୧ ରନ୍ କରିଥିବା ଶୁବମନ ଗିଲ ଦ୍ୱିତୀୟ ଇନିଂସରେ ୨୮ ରନ୍ କରିଥିଲେ। ସେହିଭଳି ପ୍ରଥମ ଇନିଂସରେ ବିଫଳ ହୋଇଥିବା ବିରାଟ କୋହଲି ଦ୍ୱିତୀୟ ଇନିଂସରେ ମଧ୍ୟ ସଫଳ ହୋଇପାରି ନଥିଲେ। ପ୍ରଥମ ଇନିଂସରେ ୭ ରନ୍ କରିଥିବା ବେଳେ ଦ୍ୱିତୀୟ ଇନିଂସରେ ୧୧ ରନ୍ କରି ଆଉଟ୍ ହୋଇଥିଲେ। ପର୍ଥ ଟେଷ୍ଟ ଖେଳି ନଥିବା ରୋହିତ ଶର୍ମା ଆଡିଲେଡ୍ ?ରେ ଖେଳିଥିଲେ। କିନ୍ତୁ ନିଜ ସ୍ଥାନ ବଦଳାଇ ଦେଇଥିଲେ। ଓପନିଂ କରିବାକୁ ଆସୁଥିବା ରୋହିତ ବହୁ ବର୍ଷ ପରେ ମିଡିଲ୍ ଅର୍ଡରରେ ଆସିଥିଲେ। ତେବେ ୬ ନମ୍ବରରେ ଖେଳିବାକୁ ଆସିଥିବା ରୋହିତ ପ୍ରଥମ ଇନିଂସରେ ୩ ଓ ଦ୍ୱିତୀୟ ଇନିଂସରେ ୬ ରନ୍ କରିଥିଲେ। ଋଷଭ ପନ୍ତ ମଧ୍ୟ ଫେଲ୍ ମାରିଲେ। ଦ୍ୱିତୀୟ ଇନିଂସରେ ସେ ୨୮ ରନ୍ କରି ଆଉଟ୍ ହେଲେ। ୭ ନମ୍ବରରେ ଆସୁଥିବା ନୀତୀଶ କୁମାର ରେଡ୍ଡୀ ଭଲ ଖେଳୁଥିଲେ। କିନ୍ତୁ ଏକ ବଡ଼ ଇନିଂସ ଖେଳିବାରେ ବିଫଳ ହୋଇଥିଲେ। ପ୍ରଥମ ଇନିଂସରେ ୪୨ ରନ୍ କରିଥିବା ବେଳେ ଦ୍ୱିତୀୟ ଇନିଂସରେ ମଧ୍ୟ ୪୨ ରନ୍ କରି ଆଉଟ୍ ହୋଇଥିଲେ। ରବିଚନ୍ଦ୍ରନ ଅଶ୍ୱିନ ୭, ହର୍ଷିତ ରାଣା ଶୂନ ଓ ମହମ୍ମଦ ସିରାଜ ୭ ରନ୍ କରି ଆଉଟ୍ ହୋଇଥିଲେ। ଦ୍ୱିତୀୟ ଇନିଂସରେ ଟିମ୍ ଇଣ୍ଡିଆ ୧୭୫ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅଷ୍ଟ୍ରେଲିଆ ବୋଲରଙ୍କ ସମ୍ମୁଖରେ ଭାରତୀୟ ବ୍ୟାଟରମାନେ ଏକ ପ୍ରକାର ହାତ ଟେକି ଦେଇଥିବା ଭଳି ମନେ ହୋଇଥିଲା। ଅଧିନାୟକ ପ୍ୟାଟ୍ କମିନସ ସର୍ବାଧିକ ୫ଟି ୱିକେଟ୍ ନେଇଥିବା ବେଳେ ମିଚେଲ ଷ୍ଟାର୍କ ୨ ଓ ସ୍କଟ ବୋଲାଣ୍ଡ ୩ଟି ୱିକେଟ୍ ନେଇଥିଲେ। ଅନ୍ୟପକ୍ଷରେ ମାତ୍ର ୧୯ ରନ୍‌ର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଅଷ୍ଟ୍ରେଲିଆ ୩.୨ ଓଭରରେ କୌଣସି ୱିକେଟ୍ ନହରାଇ ଏହାକୁ ହାସଲ କରି ନେଇଥିଲା। ନାଥମ ମ୍ୟାକସ୍ୱିନୀ ୧୦ ଓ ଉସମାନ ଖୱାଜା ୯ ରନ୍ କରି ଦଳକୁ ଜିତାଇଥିଲେ। ପ୍ରଥମ ଇନିଂସରେ ୧୪୧ଟି ବଲ୍‌ରୁ ୧୪୦ ରନ୍ କରି ଅଷ୍ଟ୍ରେଲିଆର ବିଜୟୀରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଥିବା ଟ୍ରାଭିସ ହେଡ୍‌ଙ୍କୁ ମ୍ୟାନ ଅଫ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଛି। ଆଡିଲେଡ୍ ଓଭାଲରେ ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ପ୍ରଥମ ଇନିଂସରେ ୧୮୦ ରନ୍‌ରେ ଅଲ୍ ଆଉଟ୍ ହୋଇଥିଲା। ଏହା ପରେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୩୩୭ ରନ୍ କରିଥିଲା। ଭାରତୀୟ ବୋଲରମାନେ ଅଷ୍ଟ୍ରେଲିଆ ବ୍ୟାଟରଙ୍କ ବାଟ ଓଗାଳି ପାରି ନଥିଲେ। ବିଶେଷ କରି ଟ୍ରାଭିସ ହେଡ୍ ସମସ୍ତଙ୍କ ନିଦ ହଜାଇ ଦେଇଥିଲେ। ଫଳରେ ଦଳ ୧୫୭ ରନ୍‌ର ଭଲ ଲିଡ୍ ହାସଲ କରିଥିଲା। ଦ୍ୱିତୀୟ ଇନିଂସରେ ଭାରତ ମାତ୍ର ୧୭୫ ରନ୍‌ରେ ଅଲ୍‌ଆଉଟ୍ ହୋଇ ୧୯ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା। ସୂଚନାଯୋଗ୍ୟ, ଚଳିତ ବର୍ଡର-ଗାଭାସ୍କର ଟ୍ରଫିର ୫ଟି ଟେଷ୍ଟ ମ୍ୟାଚ୍ ମଧ୍ୟରୁ ତୃତୀୟଟି ବ୍ରିସବେନ୍‌ରେ ଡିସେମ୍ବର ୧୪ରୁ ଆରମ୍ଭ ହେବ।

## ଅଣ୍ଡର ୧୯ ଏସିଆ କପ୍
# ଭାରତକୁ ହରାଇ ବାଂଲାଦେଶ ଚାମ୍ପିଅନ୍



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟକୁ ରବିବାର ଗୋଟିଏ ପରେ ଗୋଟିଏ ଝଟକା ଲାଗି ଚାଲିଛି। ପ୍ରଥମେ ସିନିୟର ଟିମ ପିଙ୍କ ବଲ ଟେଷ୍ଟରେ ଅଷ୍ଟ୍ରେଲିଆ ଠାରୁ ହାରିଥିଲା। ଏହାପରେ ଭାରତୀୟ ମହିଳା ଟିମ ଅଷ୍ଟ୍ରେଲିଆ ଠାରୁ ଦ୍ୱିତୀୟ ଦିନିକିଆରେ ହାରିଲା। ଏବେ ଅଣ୍ଡର ୧୯ ଦିନିକିଆ ଏସିଆକପରେ ମଧ୍ୟ ଭାରତୀୟ ଟିମକୁ ହାରିବାକୁ ପଡ଼ିଛି। ଫାଇନାଲ ମ୍ୟାଚ୍‌ରେ ବାଂଲାଦେଶ ୫୯ ରନରେ ଭାରତକୁ ହରାଇ ଅଣ୍ଡର ୧୯ ଏସିଆ କପକୁ ଜିତି ନିଜ ପାଖରେ ରଖିବାକୁ ସକ୍ଷମ ହୋଇଛି। ୨୦୨୩ରେ ମଧ୍ୟ ବାଂଲାଦେଶ ଅଣ୍ଡର ୧୯ ଏସିଆ କପ ଫାଇନାଲରେ ୟୁଏଇକୁ ହରାଇ ଚାମ୍ପିୟନ ହୋଇଥିଲା। ଏଥର ଜୁନିୟର ଟାଇଗର୍ସ ୮ଥରର ବିଜେତା ଭାରତକୁ ହରାଇ ଟ୍ରଫି କବଜା କରିଛନ୍ତି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବା ବାଂଲାଦେଶ ୪୯.୧ ଓଭରରେ ସମସ୍ତ ୱିକେଟ ହରାଇ ୧୯୮ ରନ କରିଥିଲା। ଦଳ ପାଇଁ ରିଜାନ ହୁସାନ ୬୫ ବଲରେ ସର୍ବାଧିକ ୪୭ ରନର ଇନିଂସ ଖେଳିଥିଲେ। ମହମ୍ମଦ ଶିହାବ ଜେମ୍ସ ଓ ଫରିଦ ହାସନ ଯଥାକ୍ରମେ ୪୦ ଓ ୩୯ ରନ କରିଥିଲେ। ଭାରତ ପକ୍ଷରୁ ଯୁଦ୍ଧଜିତ ଗୁହା, ଚେତନ ଶର୍ମା ଓ ହାର୍ଦ୍ଦିକ ରାଜ ଦୁଇଟି ଲେଖାଏ ୱିକେଟ ନେଇଥିଲେ। ସେହିପରି କିରଣ ଚୋରମାଲେ କେପି କାର୍ତ୍ତିକେୟ ଓ ଆୟୁଷ ମହାତ୍ରେଙ୍କୁ ଗୋଟିଏ ଲେଖାଏ ସଫଳତା ମିଳିଥିଲା। ଫାଇନାଲରେ ୧୯୯ ରନର ଟାର୍ଗେଟ ପାଇଥିବା ଭାରତୀୟ ଟିମ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓପନର ଆୟୁଷ ମହାତ୍ରେ ୧ ଓ ୧୩ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ୯ ରନ କରି ଆଉଟ ହୋଇଥିଲେ। ଆନ୍ଦ୍ରେ ସିଦ୍ଧାର୍ଥ ୨୦ ଓ କେପି କାର୍ତ୍ତିକେୟ ୨୧ ରନ କରିଥିଲେ ହେଁ ବେଶୀ ସମୟ କ୍ରିଜରେ ରହି ପାରି ନଥିଲେ। ଗୋଟିଏ ପଟେ ଅଧିନାୟକ ମହମ୍ମଦ ଅମନ ସଂଘର୍ଷ କରି ବାଂଲାଦେଶ ବୋଲରଙ୍କୁ ମୁକାବିଲା କରିଥିଲେ ହେଁ ଅନ୍ୟପଟେ ୱିକେଟ ଝଡ଼ିବାରେ ଲାଗିଥିଲା। ନିଖିଲା କୁମାର(୦), ହରବଂଶ (୬) ଓ କିରଣ ଚୋରମାଲେ(୧) ସମସ୍ତଙ୍କୁ ନିରାଶ କରିଥିଲେ। ଭାରତ ୯୨ ରନରେ ୭ ୱିକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏତିକି ବେଳେ ଅମନ ଓ ହାର୍ଦ୍ଦିକ ରାଜ ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲେ। ଏଥିସହ ଦଳୀୟ ସ୍କୋରକୁ ୧୧୫ରେ ପହଞ୍ଚାଇ ଦେଇଥିଲେ। କିନ୍ତୁ ଅମନ(୨୬)ଙ୍କୁ ଆଉଟ କରି ଅଜିଜୁଲ ହକିମ ଭାରତର ସବୁ ଆଶାରେ ପାଣି ପକାଇ ଦେଇଥିଲେ। ହାର୍ଦ୍ଦିକ ଫାଇଟ ବ୍ୟାକ କରିଥିଲେ ହେଁ କେବଳ ୨୪ ରନ କରିବାକୁ ସକ୍ଷମ ହୋଇଥିଲେ। ତାଙ୍କ ୱିକେଟ ମଧ୍ୟ ହକିମ ନେଇଥିଲେ। ଶେଷ ବ୍ୟାଟର ଭାବେ ହକିମଙ୍କୁ ଛକା ମାରିବାକୁ ଯାଇ ଚେତନ ଶର୍ମା(୧୦) ବାଉଣ୍ଡରୀ ପାଖରେ ଧରାପଡ଼ି ଯାଇଥିଲେ। ବାସ୍ ? ଏହି ୱିକେଟ ସହ ଭାରତର ଇନିଂସ ୩୫.୨ ଓଭରରେ ୧୩୯ ରନରେ ଅଟକି ଯାଇଥିଲା।

# ଜାତୀୟ ସ୍ତରୀୟ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ



କେନ୍ଦୁଝର(ଭାସ୍କର ନ୍ୟୁଜ): ଓଡିଶା ତାଇକୋଣ୍ଡ ଟ୍ରେନିଂ ସେଣ୍ଟର ଏବଂ ଓଡିଶା ତାଇକୋଣ୍ଡ ଆସୋସିଏସନ୍ ର ମିଳିତ ଆନୁକୂଲ୍ୟରେ ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ଖେଳାଳୀ ଚୟନ କେନ୍ଦୁଝର ଷ୍ଟାଡିୟମଠାରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଏହି ଚୟନ କାର୍ଯ୍ୟକ୍ରମ ଆନ୍ତର୍ଜାତୀୟ ତାଇକୋଣ୍ଡ ଗ୍ରାଣ୍ଡମାଷ୍ଟର ତଥା ଓଡିଶା ତାଇକୋଣ୍ଡ ଆସୋସିଏସନ୍ ର ସଂପାଦକ ଗୋପାଳ ଚନ୍ଦ୍ର ରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପ୍ରତିଭାବାନ କ୍ରିଡାବିତ ଚୟନ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଚୟନ ହୋଇଥିବା କ୍ରିଡାବିତମାନେ ଆଗାମୀ ଦିନରେ ହେବାକୁ ଥିବା ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପାରିବେ ବୋଲି ଓଡିଶା ତାଇକୋଣ୍ଡ ଆସୋସିଏସନ୍ ସଂପାଦକ ପ୍ରକାଶ କରିଛନ୍ତି । ଏହି କ୍ରିଡାବିତମାନେ ଆଗାମୀ ଦିନରେ କଲିକତାଠାରେ ହେବାକୁ ଥିବା ଓପନ୍ ଇଣ୍ଟରନ୍ୟାସନାଲ ଚମ୍ପିୟାନସିପରେ ଭାଗ ନେବେ ବୋଲି ସେ ସୂଚନା ଦେଇଛନ୍ତି । ଏହି ଜାତୀୟସ୍ତରୀୟ ଖେଳାଳୀ ଚୟନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କ୍ରିଡାବିତମାନେ ହେଲେ ଆଦ୍ୟାଶା ଲାୟକ,ସ୍ମିତିପ୍ରଜ୍ଞା ଗିରି,ଆସ୍ଥାମଣୀ ମାଝୀ,ରିଧିମା ଲାୟକ,ସେକ୍ ଯୋହା କୁଲସୁମ,କ୍ରୀତିକାବ୍ୟା ଦାସ,ଏଆର୍ ରୁଦ୍ରାଶି,ଜିତେନ୍ଦ୍ର ଓରାମ,ନିଖିଳ କୁମାର ଦାସ,ଆୟନ କୁମାର ସାହୁ,ଆୟୁଷ କୁମାର ନାଏକ,ସାଇକ୍ରିଷ୍ଣା ସିଂ,ସମର୍ପିତ ସ୍ୱାଇଁ,କୌଶିକ କୁମାର ସାହୁ,ସିଦ୍ଧାର୍ଥ ଦେଓ,ସଙ୍ଗୀତ ସ୍ୱାଇଁ ଓ ତନିଷ ପ୍ରଧାନ । ସେହିପରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା କ୍ରିଡାବିତମାନେ ହେଲେ ପାର୍ଥସାରଥି ସାହୁ,ରିତେଶ କୁମାର ଗୁପ୍ତା,ଚୁମ୍ମି ମହାରଣା,ଜୟସ୍ମିତା ସାହୁ,ପୁଷ୍ପିତା ବାରିକ,ସ୍ମୃତିଲକ୍ଷ୍ମୀ ନାୟକ,ଶ୍ରେୟାସ୍ମିତା ସାହୁ,କୌଶିକପ୍ରିୟା ଜେନା,ଗଣେଶ ରାଓ,ତୀର୍ଥବାସୀ ପ୍ରଧାନ ଓ ତନ୍ମୟ ବେହେରା । ଏଥିସହ ତୃତୀୟ ସ୍ଥାନ ଅଧିକାର କରିଥିବା କ୍ରିଡାବିତମାନେ ହେଲେ କୃଷ୍ଣପ୍ରଭା ଚାମ୍ପିଆ,କାଠିଆ ନାଥ,ସତ୍ୟବ୍ରତ ଜେନା,ସୁଶ୍ରୀ ଭାଗ୍ୟଲିପି ଓ ଶ୍ରେୟାଶ୍ରୀ ଦାସ । କେନ୍ଦୁଝର ଜିଲ୍ଲାର କ୍ରିଡାବିତଙ୍କ ଏହି ସଫଳତା ପାଇଁ ରବିବାର ଦିନ ଜିଲ୍ଲା କ୍ରିଡା ସଂସ୍ଥାର ସାଧାରଣ ସଂପାଦକ ଡ଼ ଜନାର୍ଦ୍ଦନ ଦାଶ,ବରିଷ୍ଠ ସାମ୍ବାଦିକ ନରେଶ ଚନ୍ଦ୍ର ପଟ୍ଟନାୟକ,କେନ୍ଦୁଝର ଜିଲ୍ଲା ଆମେଚର ତାଇକୋଣ୍ଡ ଆସୋସିଏସନ୍ ର ସଭାପତି ପ୍ରଦୀପ କୁମାର ମହାନ୍ତି ଓ ସଂପାଦକ ନିର୍ମଳ ଚନ୍ଦ୍ର ନାୟକ କୃତୀ କ୍ରିଡାବିତଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଅନୁଷ୍ଠାନର ପ୍ରଶିକ୍ଷକ ଟଙ୍କଧର ନାଏକ ଖେଳାଳୀ ଚୟନ ଶିବିରକୁ ସଂଯୋଜନା କରିଥିବାବେଳେ ପ୍ରଶିକ୍ଷକ ଦିଗବିଜୟ ବେହେରା,ଦେବରାଜ ସାହୁ,ମନୋଜ ପାତ୍ର,ଅମ୍ବିତ ହାଁସଦା,ମାନସ ବାରିକ,ରଞ୍ଜିତ ବେହେରା ଓ ଏମ୍ଡି ସକିଲ ପ୍ରମୁଖ ସହଯୋଗ କରିଥିଲେ ।

# ସ୍ପୋର୍ଟ୍ସ କରାଟେ ଏକାଡେମୀର ସ୍ୱର୍ଣ୍ଣ ବିଜେତା କରାଟେ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା



କରଞ୍ଜିଆ (ଭାସ୍କର ନ୍ୟୁଜ): ସ୍ପୋର୍ଟସ କରାଟେ ଏକାଡେମୀ ର ସ୍ୱର୍ଣ୍ଣବିଜେତା କରାଟେ ପ୍ରତିଯୋଗୀ ଙ୍କୁ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧନା। କୋଚ ଆଶିଷ ରଞ୍ଜନ ମହାନ୍ତ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭା ରେ ଅତିଥିଭାବେ ସମାଜସେବୀ ଗିରିଧାରୀ ପୃଷ୍ଟି, କରଞ୍ଜିଆ ଏନ ଏ ସି ର ପୂର୍ବତନ ନଗର ପାଳ ଭୁବନ ବିହାରୀ ସାହୁ, ଓକିଲ ସଂଘ ସଂପାଦକ ଦିବ୍ୟ ପ୍ରସାଦ ସାହୁ, ପ୍ରେସ କ୍ଲବ ସଂପାଦକ କର୍ଣ୍ଣାର୍ଜୁନ ସାହା, ବରିଷ୍ଠ କ୍ରୀଡାବିତ ଗୌରୀ ଶଙ୍କର ସିନା, ମାରୱାଡ଼ି ଯୁବ। ମଞ୍ଚର ପ୍ରାକ୍ତନ ସଭାପତି ସୁଧୀର ଭାରୁକା, ଲକ୍ଷ୍ମୀକାନ୍ତ ରାମ, ପ୍ରଦୀପ ବର୍ମା ଓ ଅଭିଷେକ ଅଗ୍ରୱାଲ ।ପ୍ରମୁଖ ଯୋଗ ଦେଇ ସ୍ୱର୍ଣ୍ଣ ବିଜେତା କରାଟେ ପ୍ରତିଯୋଗୀ ତଥା ଜାତୀୟ ସ୍ତର କରାଟେ ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ରୁ ମନୋନୀତ ହୋଇଥିବା କରଞ୍ଜିଆ ର ଅନୁଷ୍କା ନାଏକ, ନୀତିନ କୁମାର ମହାନ୍ତ ଓ ସମୀକ୍ଷା ପ୍ରିୟଦର୍ଶିନୀ ମହାନ୍ତ ଙ୍କୁ ଅଭିନନ୍ଦନ ଜଣାଇବା ସହିତ ଉତ୍ସାହିତ କରିବାକୁ ଫୁଲ ତୋଡା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲାସ୍ତରିୟ ହେଉ ବା ରଜ୍ୟ ସ୍ତରୀୟ ହେଉ ସବୁ ପ୍ରତିଯୋଗିତା ରେ କରଞ୍ଜିଆ ସ୍ପୋର୍ଟସ କରାଟେ ଏକାଡେମୀ ର ପ୍ରତିଯୋଗୀ ମାନେ ପଦକ ବିଜୟ କରିଥାନ୍ତି। କରଞ୍ଜିଆ ର ସ୍ପୋର୍ଟସ କରାଟେ ଏକାଡେମୀ ଓଡିଶା ର ପଞ୍ଚମ ସ୍ଥାନ ଅଧିକ ।ର କରିଛି। ଜାତୀୟସ୍ତର ପ୍ରତିଯୋଗିତା ରେ ଭାଗ ନେଇଥିବା ତିନି ପ୍ରତିଯୋଗୀ ଙ୍କ ଉଜ୍ଜଳ ଭବିଷ୍ୟତ ସହ ପଦକ ବିଜୟ କାମନା କରିଥିଲେ ଅତିଥି ବୃନ୍ଦ। ଶେଷରେ ଆଶିଷ ରଞ୍ଜନ ମହାନ୍ତ ସମସ୍ତ ଙ୍କୁ ଧନ୍ୟବାଦ୍ ଦେଇ ସଭା ସାଙ୍ଗ କରିଥିଲେ।

## ସର୍ବଭାରତୀୟ ଗଣ୍ଡରପୁର କପ୍ ଉଦ୍‌ଘାଟିତ
# ସେମିଫାଇନାଲ୍‌ରେ କଟକ ସ୍ପୋର୍ଟ୍ସ ହଷ୍ଟେଲ



ବାରଙ୍ଗ(ଭାସ୍କର ନ୍ୟୁଜ): ବାରଙ୍ଗ ନିକଟ ବିଜୁ ପଟ୍ଟନାୟକ ମିନିଷ୍ଟାଡିୟମ୍‌ରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର ଫୁଟବଲ ପ୍ରତିଯୋଗିତାରେ ସହରାଞ୍ଚଳ ବିଭାଗରେ ସ୍ପୋର୍ଟ୍ସ ହଷ୍ଟେଲ ସେମିଫାଇନାଲ୍‌ରେ ପ୍ରବେଶ କରିଛି। ରବିବାର ଦିନ ଉଦ୍‌ଘାଟନ ମ୍ୟାଚ୍‌ରେ ସ୍ପୋର୍ଟ୍ସ ହଷ୍ଟେଲ କଟକ ଜଗା ୟୁନାଇଟେଡ ଭୁବନେଶ୍ୱରକୁ ୩-୦ ଗୋଲରେ ପରାସ୍ତ କରିଥିଲା। ସେହିପରି ଗ୍ରାମାଞ୍ଚଳ ବିଭାଗରେ ପ୍ରଥମ ୟୁସିସି ୟୁନିଭର୍ସିଟି ୨-୦ ଗୋଲରେ ବୟାଳିସି ମୌଜା କଟକକୁ ହରାଇ ପରବର୍ତ୍ତୀ ପର୍ଯ୍ୟାକୁ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚରେ ସୁପ୍ରିମ୍ କ୍ଲବ୍ ବାରାହୀପୁର ୧-୦ଗୋଲରେ ଟାଙ୍ଗିବନ୍ତ ଭୁବନେଶ୍ୱରକୁ ହରାଇ ଅନ୍ତିମ ଅଷ୍ଟମ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ କରିଛି। ଏହି ମ୍ୟାଚ୍‌କୁ ଗ୍ରାମ୍ୟ କମିଟିର ସଭାପତି ଭାସ୍କର ଚନ୍ଦ୍ର ପଢିହାରୀ, ଅନ୍ତର୍ଯ୍ୟାମୀ କୁଅଁର, କୈଳାଶ ରାଉତ, ବସନ୍ତ ରଥ, ଲକ୍ଷ୍ମଣ ରାଉତ, ଜିତେନ୍ଦ୍ର ସେନାପତି ଉଦ୍‌ଘାଟନ କରିଥିଲେ। ଏହି ମ୍ୟାଚକୁ ରେଫରୀ ସୁଦୀପ୍ତ ଦାସ, ଶିବ ଶଙ୍କର ପଣ୍ଡା, ବ୍ରହ୍ମାନନ୍ଦ ଭୋଇ ଓ ଜ୍ୟୋତି ହେମ୍ବ୍ରମ ଖେଳକୁ ପରିଚାଳନା କରିଥିବା ବେଳେ ହାସ୍ୟ ଅଭିନେତା ରଙ୍ଗନିଧି ରାଉତ ଧାରା ବିବରଣୀ ଦେଇଥିଲେ।

# ବାଜି ରାଉତ ସ୍ମୃତି ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡା



ଭୁବନ (ଭାସ୍କର ନ୍ୟୁଜ): ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟ ରେ ୨୦୨୪-୨୫ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଯାଇଅଛି। ଭୁବନ ବିଡିଓ ସୁଶ୍ରୀ ଆୟୁସି ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡା କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଆସନ୍ତା ଜାନୁଆରୀ ୩୧ ତାରିଖରେ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଅଜିତ କୁମାର ବେହେରା ଅବସର ଗ୍ରହଣ କରିବେ । ତାଙ୍କ ଉଦ୍ଦେଶ୍ୟରେ କଲେଜ ଛାତ୍ରାବାସ ଏବଂ କଲେଜ କର୍ମଚାରୀ ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଉକ୍ତ ଖେଳରେ ଛାତ୍ରାବାସ ଏକାଦଶ ବିଜୟୀ ହୋଇ ଅଧ୍ୟକ୍ଷ ଙ୍କ ଠାରୁ ଟ୍ରଫି ଗ୍ରହଣ କରିଥିଲେ। ବାର୍ଷିକ କ୍ରୀଡା ରେ ଚାରୋଟି ବିଭାଗ ବାଳକ ବରିଷ୍ଠ, ବାଳକ କନିଷ୍ଠ ଓ ବାଳିକା ବରିଷ୍ଠ ,ବାଳିକା କନିଷ୍ଠ ରେ ସୁନୀତା ବାରିକ ଚାମ୍ପିଅନ ହୋଇଥିଲେ। ବାର୍ଷିକ କ୍ରୀଡା ଉତ୍ସବ ରେ କ୍ରୀଡ଼ା ଉପଦେଷ୍ଟା ଅଧ୍ୟାପକ ପ୍ରଭାତ କୁମାର ଜେନା, ଅଲେଖ ପାତ୍ର, ପ୍ରଫୁଲ୍ଲ କୁମାର ଭୂୟାଁ, ଗୌରାଙ୍ଗ ମହାରଣା, ବାସୁଦେବ ସାହୁ, ଅନିଲ କୁମାର ଧୀର,ଡ଼ ସତ୍ୟ ନାରାୟଣ ଦାସ , ଧାନି ମୁର୍ମୁ ,ସଂଘମିତ୍ରା ମିଶ୍ର କ୍ରୀଡାବିତ ଙ୍କୁ ଉତ୍ସାହିତ କରିଥିଲେ। ବାର୍ଷିକ ଖେଳ ର ସମସ୍ତ ଖେଳକୁ ପର୍ଯ୍ୟାୟ କ୍ରମେ ଗ୍ରନ୍ଥାଗାରିକ ନନ୍ଦ କିଶୋର ଧୀର ଙ୍କ ସମେତ ଅଧ୍ୟାପିକା ଅନ୍ନପୂର୍ଣ୍ଣା ବେହେରା, ଅଧ୍ୟାପିକା ସଂଜଳି ପରିଡା ଓ ମୁଖ୍ୟ କିରାଣୀ ତଥା ଅତିରିକ୍ତ କ୍ରୀଡା ଶିକ୍ଷକ କୈଳାସ ଚନ୍ଦ୍ର ବେହେରା କ୍ରୀଡା ପରିଚାଳନା କରିଥିଲେ ।

# ଶିଶୁ ମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ

ଖଇରପୁଟ (ଭାସ୍କର ନ୍ୟୁଜ): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମାଥିଲିର ପଚିଶିତମ ବାର୍ଷିକ କ୍ରୀଡା ଶୁକ୍ରବାର ଓ ଶନିବାର ଅନୁଷ୍ଠିତ ହୋଇଯାଇଛି । କ୍ରୀଡାର ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ସମାଜସେବୀ ସନ୍ତୋଷିନୀ ପାତ୍ର, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ତଥା ଅବସରପ୍ରାପ୍ତ ଶିକ୍ଷକ ଶିବପ୍ରସାଦ ପରିଛା ଓ ସମ୍ପାଦକ ସୁବ୍ରତ କୁମାର ଭଦ୍ର ପ୍ରମୁଖ ଯୋଗଦେଇ ଶିଶୁ ତଥା ଛାତ୍ରିଛତ୍ରମାନଙ୍କ ମାନସିକ, ଶୈଖିକ ଓ ଶାରୀରିକ ବିକାଶ କ୍ଷେତ୍ରରେ କ୍ରୀଡାର ଗୁରୁତ୍ୱ ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ ।ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଗଗନ ବିହାରୀ ସ୍ୱାଇଁ ଉପସ୍ଥିତ ଅତିଥିମାନଙ୍କର ପରିଚୟ ପ୍ରଦାନ କେଇଥିଲେ । କ୍ରୀଡାର ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ତଥା ସମାଜସେବୀ ତଥା ମହିଳା ସଭାନେତ୍ରୀ ସନ୍ତୋଷିନୀ ପାତ୍ରଙ୍କ ଅଭିଭାଷଣ ଏବଂ ଛାତ୍ରିଛାତ୍ର ନିକଟରେ ଥିବା ଲୁକାୟତ ପ୍ରତିଭା, କ୍ରୀଡା ମାଧ୍ୟମରେ ଶାରୀରିକ ବିକାଶ ଓ ମାନସିକ ସ୍ଥିରତା ଉଦେଶ୍ୟରେ ଅଭିଭାଷଣ ଉପସ୍ଥିତ ଅଭିଭାବକ ଓ ଛାତ୍ର, ଛାତ୍ରୀଙ୍କୁ ବିମୋହିତ କରିଥିଲା ।ବିଦ୍ୟାଳୟର କ୍ରୀଡା ଶିକ୍ଷକ ଦୁର୍ଯ୍ୟୋଧନ ମଲଲି କ୍ରୀଡାର ବୃତ୍ତ ପାଠ କରିଥିଲେ ।କ୍ରୀଡାରେ ଗୋବିନ୍ଦପାଲି,ଉଦୁଲିବେଡ଼ା, ମଣ୍ଡୁକୁଲି,ମାଥିଲି,ପାଙ୍ଗମ, ଓ ଅନ୍ୟାନ୍ୟ ଗ୍ରାମର ବିଦ୍ୟାମନ୍ଦିରରେ ପଢୁଥିବା ଚାରି ଶହ ଆଠ ଜଣ ଶିଶୁ ଭାଇ ଭଉଣୀ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇଥିଲେ ।କ୍ରୀଡା ପରିଚାଳନାରେ ସମସ୍ତ ଗୁରୁଜୀ ଗୁରୁମାମାନେ ସହଯୋଗ କରିଥିଲେ ।କ୍ରୀଡା ସମୟରେ ଅଭିଭାବକମାନଙ୍କ ଉପସ୍ଥିତିରେ ଶିଶୁଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଇଥିଲା।

# କେନ୍ଦ୍ରୀୟ ବିଦ୍ୟାଳୟ-୧, ବାରିପଦାରେ ସଂକୁଳସ୍ତରୀୟ ପ୍ରାଥମିକ କ୍ରୀଡ଼ା ପ୍ରତିଯୋଗିତା



ବାରିପଦା:(ଭାସ୍କର ନ୍ୟୁଜ): କେନ୍ଦ୍ରୀୟ ବିଦ୍ୟାଳୟ-୧, ବାରିପଦାରେ ଶନିବାର ଦିନ ସଂକୁଳ ସ୍ତରୀୟ ପ୍ରାଥମିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲେଶ୍ୱର ସଂକୁଳ ଅଧୀନରେ ଥିବା ୧୦ଟି ବିଦ୍ୟାଳୟର ୩୫୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏକାଧିକ ବିନୋଦନମୂଳକ ଓ କ୍ରୀଡାତ୍ମକ ପ୍ରତିଯୋଗିତା ଦ୍ୱାରା ପିଲାମାନଙ୍କ ଦକ୍ଷତା ଓ ସ୍ୱାସ୍ଥ୍ୟକୁ ଉନ୍ନତ କରିବା ଉଦ୍ଦେଶ୍ୟ ନେଇ ଏହା ଆୟୋଜନ କରାଯାଇଥିଲା। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବିଦ୍ୟାଳୟଗୁଡ଼ିକ ହେଲା-କେନ୍ଦ୍ରୀୟ ବିଦ୍ୟାଳୟ-୧ ବାଲେଶ୍ୱର,କେନ୍ଦ୍ରୀୟ ବିଦ୍ୟାଳୟ-୨ ବାଲେଶ୍ୱର,କେନ୍ଦ୍ରୀୟ ବିଦ୍ୟାଳୟ ଭଦ୍ରକ,କେନ୍ଦ୍ରୀୟ ବିଦ୍ୟାଳୟ ଯାଜପୁର,କେନ୍ଦ୍ରୀୟ ବିଦ୍ୟାଳୟ କେନ୍ଦୁଝର,କେନ୍ଦ୍ରୀୟ ବିଦ୍ୟାଳୟ ଆନନ୍ଦପୁର,କେନ୍ଦ୍ରୀୟ ବିଦ୍ୟାଳୟ ରାଇରଙ୍ଗପୁର,କେନ୍ଦ୍ରୀୟ ବିଦ୍ୟାଳୟ ମୂର୍ଗାବାଡି,କେନ୍ଦ୍ରୀୟ ବିଦ୍ୟାଳୟ-୧ ବାରିପଦା। ପ୍ରତିଯୋଗିତାର ଉଦ୍ଘାଟନ ବିଦ୍ୟାଳୟର ପ୍ରା ଚାର୍ଯ୍ୟ ଶ୍ରୀ ଏଲ.ଡି.ଏସ୍. ଯାଦବ କରିଥିଲେ। ପିଲାମାନଙ୍କ ମଧ୍ୟରେ ଦୌଡ଼, ଟେନିସ୍ ବଲ୍ ଥ୍ରୋ, ଲମ୍ବ ଡିଆଁ, କବାଡି ଓ ଖୋଖୋ ଭଳି ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା ।ପରିଶେଷରେ ୨୫ ନଂ ୱାର୍ଡ କାଉନସିଲର ଶ୍ରୀ ଦେବାଶିଷ ପାତ୍ର ଓ ବାରିପଦା ପୌରାଧକ୍ଷ୍ୟ ଶ୍ରୀ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟ ଅତିଥି ଭାବେ ଉପସ୍ଥିତ ହୋଇଥିଲେ। ସେମାନେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହିତ ବିଜୟୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଉକ୍ତ ପ୍ରତିଯୋଗିତାରେ କେନ୍ଦ୍ରୀୟ ବିଦ୍ୟାଳୟ-୧ ବାରିପଦା ଚାମ୍ପିଅନ୍ ହୋଇଥିବାବେଳେ, କେନ୍ଦ୍ରୀୟ ବିଦ୍ୟାଳୟ ରାଇରଙ୍ଗପୁର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା।

# ସଦାଶିବ ସ୍ମାରକୀ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ଉଦ୍ଘାଟନୀ ମ୍ୟାଚରେ ଭୁବନେଶ୍ୱର ବିଜୟୀ

ଭାପୁର (ଭାସ୍କର ନ୍ୟୁଜ): ନୟାଗଡ ଜିଲ୍ଲା ଭାପୁର ବ୍ଲକ ଫତେଗଡ ଗ୍ରାମର ନାଲିସାଗର ଖେଳପଡିଆରେ ମୋ ମାଟି ଭାପୁର ର ସଭାପତି ତଥା ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ ଙ୍କ ନେତୃତ୍ୱରେ ରବିବାର ଦିନ ଅନୁଷ୍ଠିତ ସର୍ବଭାରତୀୟ ୧୫ତମ ସଦାଶିବ ସ୍ମାରକୀ ମେମୋରିଆଲ କ୍ରିକେଟ ଟୁର୍ଣ୍ଣ ।ମେଣ୍ଟ ର ପ୍ରଥମ ଉଦଘାଟନୀ ମ୍ୟାଚରେ ଫରେଷ୍ଟ କ୍ରିକେଟ କ୍ଲବ୍,ଛତିଶଗଡ ଏବଂ ସାଇ ଇଲେଭେନ୍ କ୍ରିକେଟ କ୍ଲବ୍ ,ଭୁବନେଶ୍ୱର ସହିତ ମୁକାବିଲା ହୋଇଥିଲା । ଫରେଷ୍ଟ କ୍ରିକେଟ କ୍ଲବ୍, ଛତିଶଗଡ ପ୍ରଥମେ ଟସ୍ ଜିତି ବ୍ୟାଟିଂ ର ନିଷ୍ପତି ନେଇ ନିର୍ଦ୍ଧାରିତ ୨୦ ଓଭର ରେ ୬ ୱିକେଟ ବିନିମୟରେ ୧୭୩ ରନ୍ ସଂଗ୍ରହ କରିଥିଲା । ଦଳର ଅନୁରାଗ ୩ ଟି ଚୌକା ଏବଂ ୨ଟି ଛକା ମାରି ୩୨ ବଲ୍ ରେ ୪୬ ରନ ଦେଇ ସର୍ବାଧିକ ରନ କରିଥିଲେ ଜବାବରେ , ସାଇ ଇଲେଭେନ୍ କ୍ରିକେଟ କ୍ଲବ,ଭୁବନେଶ୍ୱର ୧୯ ଓଭରରେ ୬ ୱିକେଟ ହରାଇ ୧୭୪ ରନ୍ ସଂଗ୍ରହ କରି ୪ ୱିକେଟ ରେ ବିଜୟୀ ହୋଇଥିଲେ । ଦଳର ରାମଚନ୍ଦ୍ର ବେହେରା ୬ ଗୋଟି ଚୌକା,୩ ଗୋଟି ଛକା ମାରି ୩୯ ବଲ୍ ରେ ୬୫ ରନ୍ କରି ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ । ମୁଖ୍ୟଅତିଥି ରୂପେ ଭାପୁର ଅଞ୍ଚଳ ର ବର୍ଷୀୟାନ ସମାଜସେବୀ ଲୋକନାଥ ଆଚାର୍ଯ୍ୟ ଯୋଗ ଦେଇଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଂଚ ପଦ୍ମାବତୀ ଗ୍ରାପ ରବୀନ୍ଦ୍ର ନାଥ ସାହୁ,ପୂର୍ବତନ ଫତେଗଡ ଗ୍ରାପ ସରପଞ୍ଚ ବୈକୁଣ୍ଠନାଥ ସାହୁ ,ଓଡ଼ଗାଁ ବ୍ଲକ ଅଧକ୍ଷ ଲୋକନାଥ ସାହୁ,ନୟାଗଡ ଜିଲ୍ଲାପରିଷଦ ଉପସଭାପତି ଙ୍କ ପ୍ରତିନିଧି ନିରଞ୍ଜନ ବେହେରା,ଦିବାକର ନାୟକ ପ୍ରମୁଖ ଯୋଗଦେଇଥିଲେ ।



କେଶ ଝଡ଼ିବା ସମସ୍ୟା ଦିନକୁ ଦିନ ବ୍ୟତିବ୍ୟସ୍ତ କରାଉଛି । ସମସ୍ତେ କେଶକୁ ନେଇ ଟିକିଏ ଅଧିକ ଚିନ୍ତିତ । ବର୍ତ୍ତମାନ ସମୟରେ ଅଧିକାଂଶ ଲୋକଙ୍କର କେଶ ଧଳା ପଡୁଥିବାର ଦେଖିବାକୁ ମିଳୁଛି । ତେବେ ଏହି ଧଳା କେଶକୁ ଲୁଚାଇବାକୁ ଯାଇ କେଶରେ ବିଭିନ୍ନ ପ୍ରକାର କେମିକାଲ ରଙ୍ଗ ପ୍ରୟୋଗ କରିଥାନ୍ତି । ଏଥିସହ ହେୟାର କଲର କରିବା ଆଜିକାଲିର ଫେସନ ପାଲଟି ଗଲାଣି । କ'ଣ ଆପଣ ଜାଣନ୍ତି ଏହି ହେୟାର କଲର ଯୋଗୁ ଆପଣଙ୍କ କେଶ ନଷ୍ଟ ହୋଇପାରେ । ତେଣୁ କେଶ ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ୍ ।

ପ୍ରତିଦିନ ରାସାୟନିକ କେଶ ରଙ୍ଗର ବ୍ୟବହାର କରନ୍ତୁ ନାହିଁ । କାରଣ ଏହି କେମିକାଲ ରଙ୍ଗ ଦୃଷ୍ଟି ଶକ୍ତି ଉପରେ ମଧ୍ୟ ପ୍ରଭାବ ପକାଇଥାଏ । ଯଦି ଆପଣଙ୍କର ଆଜ୍ ?ମା ସମସ୍ୟା ଅଛି, ତେବେ ଆପଣ କେମିକାଲ କେଶ ରଙ୍ଗ ଲଗାଇବା ଉଚିତ୍ ନୁହେଁ । କାରଣ ଆଜମା ରୋଗୀମାନେ ରାସାୟନିକ ପଦାର୍ଥ ଯୋଗୁଁ ନିଶ୍ୱାସ ନେବାରେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । କେଶରେ କେମିକାଲ ରଙ୍ଗ ଲଗାଇବା ଦ୍ୱାରା କେଶ ବୃଦ୍ଧି ବନ୍ଦ ହୋଇଯାଏ । ତ୍ରୁଟିରେ ହେୟାର କଲର ଲଗାଇବା ଦ୍ୱାରା ରୁପି ସମସ୍ୟା ମଧ୍ୟ ସୃଷ୍ଟି ହୋଇଥାଏ । ଏଥିସହ ଚର୍ମ ସମସ୍ୟା ସୃଷ୍ଟି କରିପାରେ । ସେଥିପାଇଁ ଏହାର ବ୍ୟବହାର କମ୍ କରିବା ଉଚିତ୍ ।

# ନୂଆ ନ୍ୟାସ୍‌ନାଲ୍ କ୍ରସ୍ ଜାହ୍ନବୀ



ଏବେ ଚର୍ଚ୍ଚାରେ ଅଛନ୍ତି ବଲିଉଡ୍‌ର ଆଉ ଜଣେ ଷ୍ଟାର୍‌କିଡ୍। ଦୁବାଇରେ ଶେଷ ହୋଇଥିବା ଆଇପିଏଲ୍ ନିଲାମୀ ପରେ ଅଭିନେତ୍ରୀ ଜୁହୀ ଚାୱ୍ଲାଙ୍କ ଝିଅ ଜାହ୍ନବୀ ମେହେତାଙ୍କୁ ନେଇ ବେଶ୍ ଉତ୍ସୁକତା ପ୍ରଦର୍ଶନ କରିଛନ୍ତି ଉଭୟ ସିନେପ୍ରେମୀ ଓ କ୍ରିକେଟ୍ ପ୍ରଶଂସକ। ସେ ରାତାରାତି ପାଲଟି ଯାଇଛନ୍ତି ନ୍ୟାସ୍‌ନାଲ୍ କ୍ରସ୍। କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଦଳ ପକ୍ଷରୁ ନିଲାମୀ ପରିଚାଳନା କରୁଥିବା ଆକର୍ଷଣୀୟ ବ୍ୟକ୍ତିତ୍ୱସଂପନ୍ନ ଯୁବତୀ ଜଣକ କିଏ ବୋଲି ସମସ୍ତେ ଜାଣିବାକୁ ଚାହିଁଥିଲେ। ଗୁଗଲ୍‌ରେ ତାଙ୍କୁ ନେଇ ସର୍ଚ୍ଚ ଆରମ୍ଭ କରିଥିଲେ। ଜଣେ ପ୍ରତିଷ୍ଠିତ ଅଭିନେତା ବା ଅଭିନେତ୍ରୀଙ୍କ ପରିବାରରେ ସନ୍ତାନ ଜନ୍ମ ନେଲେ ସେ ବି ବଡ଼ ହେଲେ ଅଭିନୟ କରିବ ବୋଲି ସାଧାରଣରେ ଏକପ୍ରକାର ଧାରଣା ରହିଛି। ହେଲେ ଜାହ୍ନବୀ ଏ ଧାରାରେ ନାହାନ୍ତି, ସେ ନିଜପାଇଁ ଭିନ୍ନ ରାସ୍ତା ବାଛିଛନ୍ତି। ସେ ଅଭିନୟ ନୁହେଁ, କ୍ରିକେଟ୍ ଓ ବ୍ୟବସାୟରେ ରୁଚି ରଖୁଛନ୍ତି। ଗତବର୍ଷ ମଧ୍ୟ ତାଙ୍କୁ ଆଇପିଏଲ୍ ନିଲାମୀରେ ଦେଖିବାକୁ ମିଳିଥିଲା, କିନ୍ତୁ ସେ ମୁଖ୍ୟ ଭୂମିକାରେ ନଥିଲେ। ଏଥର ଆଇପିଏଲ୍ ନିଲାମୀ ବେଳେ ବିଦେଶରୁ ପଢ଼ା ସାରି ଭାରତ ଫେରିଥିବା ଜାହ୍ନବୀଙ୍କ ଫଟୋ ଓ ଭିଡିଓ ଖୁବ୍ ଭାଇରାଲ୍ ହୋଇଥିଲା। ସୋସିଆଲ୍ ମିଡିଆରେ ଆରମ୍ଭ ହୋଇଯାଇଥିଲା ତାଙ୍କୁ ନେଇ ଚର୍ଚ୍ଚା। ଜାହ୍ନବୀ ରାତାରାତି ପାଲଟି ଯାଇଥିଲେ ଇଣ୍ଟରନେଟ୍ ସେନ୍‌ସେସନ୍। ୨୦୦୧ ଫେବ୍ରୁଆରି ୨୧ରେ ମୁମ୍ବାଇରେ ଜନ୍ମିତା ଜାହ୍ନବୀ ଧୀରୁଭାଇ ଅମ୍ବାନୀ ସ୍କୁଲ୍‌ରେ ପାଠପଢ଼ା ସାରିବା ପରେ କଲମ୍ବିଆ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର କରିଛନ୍ତି। ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହେବା ପରେ ଭାରତ ଫେରି ଏବେ ବ୍ୟବସାୟରେ ମନୋନିବେଶ କରିଛନ୍ତି ସେ। ଜୁହୀଙ୍କ ପରିବର୍ତ୍ତେ ଆଜିକାଲି ଜାହ୍ନବୀ କେକେଆର ସହ ଅଧିକ ଜଡ଼ିତ ରହି ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଉଥିବା ଦେଖାଯାଉଛି। ଜୁହୀ ଚାୱ୍ଲା ସଂପ୍ରତି କେକେଆର୍‌ର ସହ-ମାଲିକାଣୀ ଥିବା ବେଳେ ତାଙ୍କର ସଂପତ୍ତିର ମୂଲ୍ୟ ୪,୬୦୦କୋଟି।

# ମାସକୁ ୬ ଲକ୍ଷ ଟଙ୍କା ଭଡ଼ା ଦେଉଛନ୍ତି ଶ୍ରଦ୍ଧା

ସିନେମାକୁ ଅଭୂତପୂର୍ବ ସଫଳତା ମିଳିବା ପରେ ନାୟିକା ଶ୍ରଦ୍ଧା କପୁର ମୁମ୍ବାଇର ଜୁହୁ ଅଞ୍ଚଳରେ ଏକ ବିଳାସମୟ ଆପାର୍ଟମେଣ୍ଟ୍‌ରେ ଗୋଟିଏ ଫ୍ଲାଟ୍ ଭଡ଼ାରେ ନେଇଛନ୍ତି, ଯାହାର ମାସିକ ଦେୟ ୬ ଲକ୍ଷ ଟଙ୍କା। ଏକ ବିଳାସମୟ ଆବାସିକ ଟାୱାରର ତୃତୀୟ ମହଲାରେ ତାଙ୍କର ନୂଆ ଫ୍ଲାଟ୍‌ଟି ରହିଛି। ରିପୋର୍ଟରୁ ଜଣାପଡ଼ିଛି, ଶ୍ରଦ୍ଧା ଏହି ଫ୍ଲାଟ୍ ଭଡ଼ା ନେବା ଲାଗି ଷ୍ଟାମ୍ପ୍ ଡ୍ୟୁଟି ବାବଦକୁ ୩୬,୦୦୦ଟଙ୍କା ଦେଇଛନ୍ତି। ଫ୍ଲାଟ୍ ବ୍ୟତୀତ ଶ୍ରଦ୍ଧା ବିଲ୍‌ଡିଂରେ ଚାରୋଟି ସ୍ୱତନ୍ତ୍ର ପାର୍କିଂ ସ୍ଥାନ ବି ଭଡ଼ାରେ ନେଇଛନ୍ତି। ଶ୍ରଦ୍ଧା କପୁରଙ୍କ ସଦ୍ୟତମ ଚଳଚ୍ଚିତ୍ର 'ସ୍ତ୍ରୀ-୨' ବକ୍ସ ଅଫିସ୍ ରେକର୍ଡ କରିବା ପରେ ତାଙ୍କ ଚାହିଦା ଏବେ ଢେର୍ ବଢ଼ିଯାଇଛି। ସିନେମାରେ ଶ୍ରଦ୍ଧା ମୁଖ୍ୟ ନାରୀ ଚରିତ୍ର ନିଭାଇଥିବା ବେଳେ ଅନ୍ୟ ପ୍ରମୁଖ ଭୂମିକାରେ ରାଜକୁମାର ରାଓ, ଅପାରଶକ୍ତି ଖୁରାନା, ପଙ୍କଜ ତ୍ରିପାଠୀ ଓ ଅଭିଷେକ ବାନାର୍ଜୀ ଅଭିନୟ କରିଛନ୍ତି। ୨୦୧୦ ମସିହାରେ 'ତିନ୍ ପତି' ଜରିଆରେ ବଲିଉଡ୍ ଡେବ୍ୟୁ କରିଥିଲେ ଶ୍ରଦ୍ଧା। ସିନେମାଟି ବେଶି ଆଦୃତ ହୋଇ ନଥିଲା। ୨୦୧୩ ମସିହାରେ 'ଆଶିକ୍-୨' ସିନେମାରେ ଆଦିତ୍ୟ ରାୟ କପୁରଙ୍କ ବିପକ୍ଷରେ ନାୟିକା ସାଜି ସେ ପାଲଟିଥିଲେ ନ୍ୟାସ୍‌ନାଲ୍ କ୍ରସ୍। ସେବେଠାରୁ ତାଙ୍କ ଅଭିନୟ ଯାତ୍ରା ଜାରି ରହିଛି।



DSPL - 243


ଓଡ଼ିଶା ଶାସନ | ଓଡ଼ିଶା ଶ୍ରୀ ଅନ୍ନ ଅଭିଯାନ | TDCC

## ଖରିଫ ମାଣ୍ଡିଆ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ

### ମାଣ୍ଡିଆ ସଂଗ୍ରହ ବର୍ଷ : ୨୦୨୪-୨୫



- ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ମାଣ୍ଡିଆ ସଂଗ୍ରହ ଓ କ୍ରୟ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ।
- ସମସ୍ତ ମାଣ୍ଡିଆ ଚାଷୀ ନିକଟସ୍ଥ ଅନୁମୋଦିତ ସଂଗ୍ରହକାରୀ ସଂସ୍ଥା ଯଥା : କୃଷକ ସଂଗଠନ, PACS/LAMPCS, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ **୩୧ ଡିସେମ୍ବର ୨୦୨୪** ମଧ୍ୟରେ ପଞ୍ଜିକରଣ କରିବାକୁ ଅନୁରୋଧ ।
- ଚଳିତ ବର୍ଷ ଖରିଫ ମାଣ୍ଡିଆ ସଂଗ୍ରହ **୦୧ ଜାନୁୟାରୀ ୨୦୨୫** ରୁ ଆରମ୍ଭ ହୋଇ **୩୧ ମାର୍ଚ୍ଚ ୨୦୨୫** ପର୍ଯ୍ୟନ୍ତ ଚାଲୁ ରହିବ ।
- ଚାଷୀ ମାନେ ନିଜର ପ୍ରାପ୍ୟ ଆଧାର ସଂଲଗ୍ନ ବ୍ୟାଙ୍କ ଖାତା ମାଧ୍ୟମରେ ପାଇପାରିବେ ।
- ଅଧିକ ସୂଚନା ପାଇଁ ନିକଟସ୍ଥ ବ୍ଲକ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ ।





**ମାଣ୍ଡିଆ ଚାଷୀ ପଞ୍ଜିକରଣ ପାଇଁ ଆବଶ୍ୟକତା**

- ✓ କୃଷକ ଓଡ଼ିଶା(KO) ପଞ୍ଜିକରଣ
- ✓ ଆଧାର କାର୍ଡ
- ✓ ଆଧାର ସହିତ ସଂଲଗ୍ନ ମୋବାଇଲ ନଂ
- ✓ ଆଧାର ସଂଲଗ୍ନ ବ୍ୟାଙ୍କ ଖାତା
- ✓ ଭାଗ ଚାଷୀଙ୍କ ସ୍ୱୀକୃତି ପତ୍ର

**ପଞ୍ଜିକରଣ ପ୍ରକ୍ରିୟା :**

- କୃଷକ ଓଡ଼ିଶା (KO)ରେ ପଞ୍ଜିକୃତ ଚାଷୀମାନେ ହିଁ ମାଣ୍ଡିଆ କ୍ରୟ ଯୋଜନାରେ ନାମ ପଞ୍ଜିକରଣ ପାଇଁ ଯୋଗ୍ୟ ବିବେଚିତ ହେବେ ।
- ପୂର୍ବରୁ ପଞ୍ଜିକୃତ ହୋଇଥିବା ଚାଷୀ ଯଦି ପୂର୍ବରୁ ପ୍ରଦାନ କରିଥିବା ତଥ୍ୟରେ କିଛି ପରିବର୍ତ୍ତନ କରିବାକୁ ଚାହାନ୍ତି ତେବେ ସେମାନେ କୃଷକ ଓଡ଼ିଶା ପୋର୍ଟାଲର ନିର୍ଦ୍ଧାରିତ ପଞ୍ଜିକରଣ ସମୟ ସୀମା ମଧ୍ୟରେ ଆବଶ୍ୟକୀୟ ସଂଶୋଧନ କରିପାରିବେ ।
- ଭାଗ ଚାଷୀ ଏବଂ ଜଙ୍ଗଲ ଜମିରେ ଚାଷ କରିଥିବା ଚାଷୀ ମଧ୍ୟ ମାଣ୍ଡିଆ କ୍ରୟ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିପାରିବେ ।

**ସଂଗ୍ରହକାରୀ ସଂସ୍ଥାର ଦାୟିତ୍ୱ :**

- ମାଣ୍ଡିଆ ବିକ୍ରୟ ପାଇଁ ଇଚ୍ଛୁକ ଥିବା ନୂତନ ଚାଷୀମାନଙ୍କୁ ପଞ୍ଜିକରଣ କରାଇବା ।
- ପଞ୍ଜିକରଣ ଫର୍ମରେ ଥିବା ସମସ୍ତ ଚାଷୀଙ୍କ ତଥ୍ୟକୁ ଡିସେମ୍ବର ମାସ ୩୧ ତାରିଖ ମଧ୍ୟରେ MPAS ପୋର୍ଟାଲରେ ନିର୍ଭୁଲ ଭାବେ ପଞ୍ଜିକୃତ ସୁନିଶ୍ଚିତ କରିବେ ।
- ପଞ୍ଜିକରଣ ଶୀଘ୍ର ହେବା ସହ ତ୍ରୁଟିଶୂନ୍ୟ ଚାଷୀ ତାଲିକା ପ୍ରସ୍ତୁତ କରିବା ।
- ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ପାନୀୟ ଜଳ ଏବଂ ପ୍ରାଥମିକ ଚିକିତ୍ସା ବାକ୍ସର ବ୍ୟବସ୍ଥା କରାଇବା ।

ମାଣ୍ଡିଆର କୁଇଣ୍ଟାଲ ପ୍ରତି ସର୍ବନିମ୍ନ ସହାୟକ ମୂଲ୍ୟ ଟ.୪୨୯୦/-
ରାଜ୍ୟ ସରକାରଙ୍କ ତରଫରୁ ଅତିରିକ୍ତ ପ୍ରୋତ୍ସାହନ ରାଶି କୁଇଣ୍ଟାଲ ପ୍ରତି ଟ.୨୧୦/-

ସର୍ବମୋଟ
₹ ୪,୫୦୦/-
କୁଇଣ୍ଟାଲ ପ୍ରତି
(୨୦୨୪-୨୫ ଖରିଫ ଋତୁ ପାଇଁ)

OIPR 01510/13/0019/2425

ଅଧିକ ସୂଚନା www.tdccorissa.org ୱେବସାଇଟରେ ଉପଲବ୍ଧ ଅଟେ ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ବରିଷ୍ଠ ନାଗରିକ ସଂଘର ନୂତନ କର୍ମକର୍ତ୍ତା ମନୋନୟନ ଶିକ୍ଷାବିତ୍ ସୋମନାଥ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଂଘର ମୁଖ୍ୟ ଉପଦେଷ୍ଟା ଭାବେ ତିହିଡ଼ି ଥାନା ଆଇଆଇସି ପ୍ରସନ୍ନ କୁମାର ନାୟକ, ଉପଦେଷ୍ଟା ଭାବେ ପଣ୍ଡିତ ଦୈତାରୀ ମହାପାତ୍ର, ସମାଜସେବୀ ସୁରେନ୍ଦ୍ର କୁମାର ନାୟକ, ସମାଜସେବୀ ରଘୁନାଥ ପାତ୍ର ଓ ଦୀନବନ୍ଧୁ ପତି ପ୍ରମୁଖଙ୍କୁ ମନୋନୟନ କରାଯାଇଥିବା ବେଳେ ସଂଘର ସଭାପତି ଭାବେ ଶିକ୍ଷାବିତ୍ ସୋମନାଥ ପାଢୀ, କାର୍ଯ୍ୟକାରୀ ସଭାପତି ଧନେଶ୍ୱର ବିଶ୍ୱାଳ, ଉପସଭାପତି ଇଂ. ମହେଶପ୍ରସାଦ ଦାସ, ସାଧାରଣ ସଂପାଦକ ଶିକ୍ଷାବିତ୍ ବିଭୂତିଭୂଷଣ ସେନାପତି, ସହ ସମ୍ପାଦକ ଶିକ୍ଷାବିତ୍ ସନ୍ନ୍ୟାସୀ ଚରଣ ବ୍ରହ୍ମ, ସଂଗଠନ ସଂପାଦକ ଭାବେ ସମାଜସେବୀ ଜଗନ୍ନାଥ ନାୟକ ଓ ଶିକ୍ଷାବିତ୍ ଗଦାଧର ବଳ, କୋଷାଧ୍ୟକ୍ଷ କୃତ୍ତିବାସ ଜେନା ଓ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଶିକ୍ଷାବିତ୍ ନିତ୍ୟାନନ୍ଦ ମଲ୍ଲିକ, ପି.ହୃଷିକେଶ, ମଥୁରାମୋହନ ବେହେରା, ରବୀନ୍ଦ୍ର କୁମାର ଦାସ, ବଳରାମ ସେନାପତି, ହରିଶ୍ଚନ୍ଦ୍ର ବାରିକ, ନରହରି ନାୟକ, ଅକ୍ଷୟକୁମାର ବ୍ରହ୍ମ, ବିଷ୍ଣୁ କୁମାର ସାହୁ, ଶୀତଳ କୁମାର ବେହେରା ଏବଂ ରାଜକିଶୋର ମାଝୀଙ୍କୁ ସର୍ବସମ୍ମତି ଭାବେ ମନୋନୟନ କରାଯାଇଛି । ସଂଘର ବାର୍ଷିକ ଉତ୍ସବ ଆସନ୍ତା ଫେବୃଆରୀ ତୃତୀୟ ସପ୍ତାହରେ ପାଳନ କରାଯିବା ସହ ପୂର୍ବବର୍ଷ ପରି ସଂଘର ମୁଖପତ୍ର 'ବର୍ଷାୟନ' ସେହିଦିନ ପ୍ରକାଶ ପାଇବ ବୋଲି ସ୍ଥିର କରାଯାଇଥିଲା । ପ୍ରାରମ୍ଭରେ ସମ୍ପାଦକ ବିଭୂତିଭୂଷଣ ସେନାପତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସର୍ବ ଶେଷରେ ନତ୍ୟାନନ୍ଦ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।



# ଅମର୍ଦ୍ଦା ଏୟାରଷ୍ଟ୍ରିପ୍ ଭିତ୍ତିପ୍ରସ୍ତର ସ୍ଥାପନ କେବେ ?



ବାରିପଦା(ଭାସ୍କର ନ୍ୟୁଜ୍): 'ଆକାଶ କଇଆଁ ଚିଲିକା ମାଛ' ନ୍ୟାୟରେ ଝୁଲୁଛି ଏସିଆ ମହାଦେଶର ସର୍ବବୃହତ ଅମର୍ଦ୍ଦା ଏୟାରଷ୍ଟ୍ରିପର ଭାଗ୍ୟ । ମୟୂରଭଞ୍ଜ ଜିଲ୍ଲା ତଥା ଉତ୍ତର ଓଡ଼ିଶାବାସୀଙ୍କ ଦୀର୍ଘଦିନର ସ୍ୱପ୍ନ କେବେ ପୂରଣ ହେବ ତାକୁନେଇ ଉଠୁଛି ଅସୁମାରୀ ପ୍ରଶ୍ନ । ପୂର୍ବ ସରକାର ଏହି ଅମର୍ଦ୍ଦା ଏୟାରଷ୍ଟ୍ରିପ କାର୍ଯ୍ୟକ୍ଷମ କରିବା ଦିଗରେ ଅସହଯୋଗ କରିଥିବା ଭଳି ଅଭିଯୋଗ ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହୋଇଆସୁଥିବା ଲକ୍ଷ୍ୟ କରାଯାଉଛି । ତେବେ ବ୍ରିଟିଶ ଅମଳରୁ ନିର୍ମାଣ ହୋଇ ଅବ୍ୟବହୃତ ଅବସ୍ଥାରେ ପଡ଼ି ରହିଥିବା ଏସିଆ ମହାଦେଶର ସର୍ବବୃହତ ଏୟାରଷ୍ଟ୍ରିପର ପୁନଃଉଦ୍ଧାର ପାଇଁ ଦୀର୍ଘବର୍ଷ ଧରି ବିଭିନ୍ନ ସଂଗଠନ ଠାରୁ ଆରମ୍ଭ କରି ବିଭିନ୍ନ ଏବେର କ୍ଷମତାସୀନ ଦଳ ମଧ୍ୟ ବିଭିନ୍ନ ସମୟରେ ଦାବି ଉପସ୍ଥାପନ କରି ଆସୁଥିଲା ଆଲୋଚନା ହେଉଛି । ମାତ୍ର ରାଜ୍ୟର ପୂର୍ବ କ୍ଷମତାସୀନ ସରକାର ସମୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଇଂ ବିଶେଶ୍ୱର ଟୁଡୁ ସହିତ ପୂର୍ବତନ ବିଧାୟକ ତଥା ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓଙ୍କ ଉଦ୍ୟମରେ ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକରେ ଥିବା ଅମର୍ଦ୍ଦା ଏୟାରଷ୍ଟ୍ରିପକୁ କେନ୍ଦ୍ର ସରକାରଙ୍କ ଉଡାନ ଯୋଜନାରେ ସାମିଲ କରିଥିଲେ । ସେହିପରି କେନ୍ଦ୍ର ସରକାରଙ୍କ ଆନ୍ତରିକ ସହଯୋଗ ସାଙ୍ଗକୁ ପୂର୍ବତନ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଇଂ. ବିଶେଶ୍ୱର ଟୁଡୁଙ୍କ ଲଗାତାର ପ୍ରଚେଷ୍ଟା ଯୋଗୁଁ ଏୟାରଷ୍ଟ୍ରିପକୁ ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ ମିଳିଛି ମଞ୍ଜୁରୀ । ଡିଆରଡିଓ ପକ୍ଷରୁ ଓଡ଼ିଶା ସରକାରଙ୍କୁ ଜମିର ମାପଚୁପ ସହିତ ଉନ୍ନୟନମୂଳକ କାର୍ଯ୍ୟପାଇଁ ସିଗନାଲ ମିଳିଥିଲା । ସରକାରୀ ସ୍ତରରେ ରାସଗୋବିନ୍ଦପୁର ଏୟାରଷ୍ଟ୍ରିପ ଅମର୍ଦ୍ଦା ଏୟାରଷ୍ଟ୍ରିପ ନାମରେ ଉଲ୍ଲେଖ ରହିଛି । ଏୟାରଷ୍ଟ୍ରିପକୁ ବାସ୍ତବରୂପ ଦେବାପାଇଁ ଡିଆରଡିଓ ପକ୍ଷରୁ ଜମି ହସ୍ତାନ୍ତର ପାଇଁ ଗତବର୍ଷ ଅକ୍ଟୋବର ମାସରେ ଏୟାରଷ୍ଟ୍ରିପରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ପ୍ରତିରକ୍ଷା ବିଭାଗର ବହୁ ପଦାଧିକାରୀମାନଙ୍କ ସହିତ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମୀରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ , ବଡ଼ସାହି ବିଧାୟକ ସନାତନ ବିଜୁଳି, ସାରସକଣା ବିଧାୟକ ବୁଢାନ ମୁର୍ମୁ ଉଡାନ ଯୋଜନାରେ ସାମିଲ ହୋଇଥିବା ଏହି ଏୟାରଷ୍ଟ୍ରିପର ରନୱେ ଏସିଆ ମହାଦେଶର ସର୍ବବୃହତ ରନୱେ ହୋଇଥିବା ବେଳେ ପୁନଃଉଦ୍ଧାର କାର୍ଯ୍ୟ ସରିବା ପରେ ଏଠାରୁ ବିମାନ ଉଡ଼ିବାନେଇ ସମଗ୍ର ମୟୂରଭଞ୍ଜବାସୀଙ୍କ ସମେତ ଉତ୍ତର ଓଡ଼ିଶାବାସୀଙ୍କ ସ୍ୱପ୍ନ ସାକାର ହୋଇ ବାସ୍ତବରୂପ ନେବ ବୋଲି ଆଶା ବାନ୍ଧି ବସିଥିଲେ । ମୟୂରଭଞ୍ଜ ଜିଲ୍ଲାବାସୀ ତଥା ଉତ୍ତର ଓଡ଼ିଶାବାସୀଙ୍କ ସ୍ୱପ୍ନକୁ ବାସ୍ତବରେ ପରିଣତ କରିବା ଲକ୍ଷ୍ୟରେ ପରବର୍ତ୍ତୀ ସମୟରେ ଏୟାରଷ୍ଟ୍ରିପର ପୁନଃନିର୍ମାଣ ଓ ଉନ୍ନୟନମୂଳକ କାର୍ଯ୍ୟପାଇଁ ମଧ୍ୟ କେନ୍ଦ୍ରର ବିଜେପି ସରକାର ୪୫ କୋଟି ଟଙ୍କା ମଞ୍ଜୁର କରିଥିଲେ ସୁଦ୍ଧା ଏହା କେଉଁ କାରଣରୁ ଶୀତଳ ଭଣ୍ଡାରରେ ଅଚଳ ହୋଇ ପଡ଼ିରହିଛି ତାହା ଏବେ ପ୍ରମୁଖ ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ସ୍ଥିତ ପ୍ରତିରକ୍ଷା ବିଭାଗ ଅଧୀନରେ ଏହା ରହିଛି ହେଲେ ଏହି ବୃହତ ପ୍ରକଳ୍ପଟିକୁ କାର୍ଯ୍ୟକ୍ଷମ କରାଇବା ଦିଗରେ ଏ ଜିଲ୍ଲାରୁ ନିର୍ବାଚିତ ନୂତନ ସାଂସଦ ନବଚରଣ ମାଝୀ ଚୁପ୍ ରହୁଥିବାକୁନେଇ ସାଧାରଣରେ ଆଲୋଚନା ଯୋର ଧରିଥିବା ସାଙ୍ଗକୁ ଅସନ୍ତୋଷ ମଧ୍ୟ ଦେଖାଦେଉଛି । ଅନ୍ୟପଟେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଗ୍ୟାରେଣ୍ଟି ସାଙ୍ଗକୁ ରାଜ୍ୟର ଡବଲ ଇଞ୍ଜିନ ସରକାର ଜିଲ୍ଲାବାସୀଙ୍କ ପାଇଁ ଫଳପ୍ରଦ ହେବ କି ନାହିଁ ସମୟ କହିବ । ତେବେ ପୂର୍ବ ବିଜେଡ଼ି ସରକାରଙ୍କ ଅସହଯୋଗ ଯୋଗୁଁ ବିଳମ୍ବ ହୋଇଥିବା ପୂର୍ବରୁ ଅଭିଯୋଗ ହେଉଥିଲା । ଏବେ ଡବଲ ଇଞ୍ଜିନ ସରକାର କଣ କରୁଛି ତାହା ଦେଖିବାକୁ ବାକି ରହିଲା । ଅନ୍ୟପଟେ ଏନେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ମତ ନେବାରୁ କହିଛନ୍ତି ଯେ ବହୁ ଘାତ ପ୍ରତିଘାତକୁ ସାମ୍ନା କରି ଜମି ହସ୍ତାନ୍ତର ସହିତ ୪୫ କୋଟି ଟଙ୍କା ଦିଆ ଯାଇଥିଲା । ଏବାବଦରେ ବିଭାଗୀୟ ମନ୍ତ୍ରୀ, ମୁଖ୍ୟ ଶାସନସଚିବଙ୍କ ସହିତ କଥା ହୋଇସାରିଛି । ତେବେ ଆଜି ଦାଣ୍ଡବୋଷ ବିମାନବନ୍ଦର ଭିତ୍ତିପ୍ରସ୍ତର ସ୍ଥାପନ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କରିଥିବାବେଳେ ଅମର୍ଦ୍ଦା ଏୟାରଷ୍ଟ୍ରିପର ଭିତ୍ତିପ୍ରସ୍ତର ସ୍ଥାପନ କେବେ ? ଏଦିଗରେ ବର୍ତ୍ତମାନର ସାଂସଦ କି ପଦକ୍ଷେପ ନେଇଛନ୍ତି ନା ଦାଣ୍ଡବୋଷ ଏୟାରଷ୍ଟ୍ରିପକୁ ଗୁରୁତ୍ୱ ଦେଇ ଅମର୍ଦ୍ଦା ଏୟାରଷ୍ଟ୍ରିପକୁ କୋଣଠେସା କରିଦେଇଛନ୍ତି କି ବୋଲି ଆଲୋଚନା ହେଉଛି । ଏହାକୁ ନେଇ କ୍ଷମତାସୀନ ବିଜେପି ସରକାର ଏହି ପ୍ରସଙ୍ଗରେ ଜବାବ ରଖିବା ଉଚିତ ବୋଲି ଜନମତପ୍ରକାଶ ପାଉଛି ।

# କୋରୋ କୁତୁରଙ୍ଗ ଗ୍ରାମ୍ୟ ଉନ୍ନୟନ ରାସ୍ତା ପାଲଟିଛି ମରଣଯନ୍ତା





କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡା ବ୍ଲକ ଅଧିନ କୋରୋ ଗ୍ରାମପଞ୍ଚାୟତ ଅଧିନ ଗଇଦୁଆ, ପିଙ୍ଗଳ, ତନାର, ପାଳକଣା, କୋରୋ, ମିର୍ଜାପୁର ଗ୍ରାମର ଅଧିବାସୀମାନେ କୋର-କୁତରଙ୍ଗ ଗ୍ରାମ୍ୟ ଉନ୍ନୟନ ରାସ୍ତାଟି ୪/୫ଗୋଟି ପଞ୍ଚାୟତର ମୁଖ୍ୟ ରାସ୍ତା ହୋଇଥିବାରୁ ସେହି ରାସ୍ତାରେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଗାଡିମୋଟର ଯିବା ଆସିବା କରିଥାଏ । ଏହି ରାସ୍ତା ନିର୍ମାଣରେ ବାରମ୍ବାର ନିମ୍ନମାନର କାର୍ଯ୍ୟ କରାଯିବା ଦ୍ୱାରା କାର୍ଯ୍ୟ ଶେଷ ହେବାର ୭/୮ ମାସ ମଧ୍ୟରେ ରାସ୍ତାଟି ସମ୍ପୂର୍ଣ୍ଣ ଖାଲଖମାରେ ପରିଣତ ହୋଇଥାଏ । ଯାହା ଫଳରେ କି ସେହି ରାସ୍ତାରେ ଜନ ସାଧାରଣଙ୍କର ଗମନା ଗମନରେ ବହୁ ବାଧା ସୃଷ୍ଟି ହେବା ସହିତ ଦୁର୍ଘଟଣା ଘଟିଥାଏ । କିନ୍ତୁ ସେହି ରାସ୍ତାର ନିର୍ମାଣ ସମୟରେ ଗ୍ରାମ୍ୟ ଉନ୍ନୟନ ବିଭାଗର କୌଣସି ଅଧିକାରୀ ଉପସ୍ଥିତ ନଥାନ୍ତି ଯଦି ଏବେ ମେଣ୍ଟାଲ ସର୍ଫେସିଂ ମାଧ୍ୟମରେ ସେହି ରାସ୍ତାରେ ଥିବା ଖାଲଖମା ଗୁଡିକର ସମାନ ଲେଭୁଲ ନକରାଯାଏ ଫେଭର ମେସିନ୍ ପିଚୁ କରିବା ସମୟରେ ରାସ୍ତାର ପ୍ରତ୍ୟେକ ସ୍ଥାନରେ ସମାନ ପିଚୁ ରହିବ ନାହିଁ । ଫଳରେ ଖୁବ୍ ଶୀଘ୍ର ସେହି ରାସ୍ତାଟି ପୁନର୍ବାର ନଷ୍ଟ ହୋଇଯିବ । ସୁତରାଂ ସେହି ରାସ୍ତାଟି ବାରମ୍ବାର ନିର୍ମାଣ ବା ମରାମତି ହେଉଥିଲେ ମଧ୍ୟ ଜନସାଧାରଣଙ୍କୁ କୌଣସି ସୁଫଳ ମିଳୁନାହିଁ । ତେଣୁ ଏନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ପଞ୍ଚାୟତବାସୀଙ୍କ ପକ୍ଷରୁ କୋରୋ ପଞ୍ଚାୟତ ସମିତି ସଭ୍ୟ ଜୀତେନ୍ଦ୍ର ରାଉତ, ଜଗବନ୍ଧୁ ବେହେରା, ଲକ୍ଷ୍ମୀକାନ୍ତ ନାୟକ, ପ୍ରକାଶ ମଲ୍ଲିକ, ମନୋଜ ବେହେରା, ବିକାଶ ଚନ୍ଦ୍ର ସାମଲ, ମଳୟ ସାହୁ, ଦିଲ୍ଲିପ କୁମାର ରାଉତ, ଅର୍ଜୁନୀ ଜେନା, ଟୁକୁନା ଜେନା,ଭକ୍ତି ପ୍ରସାଦ ପରିଡା, ଦେବବ୍ରତ ବରାଳ, ନିହାର ରଞ୍ଜନ ମହାନ୍ତି, ଲକ୍ଷ୍ମୀଧର ବିଶ୍ୱାଳ, ଭରତ ମଲ୍ଲିକ, ସୁବାଷ ସ୍ୱାଇଁ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ ଭେଟି ଅଭିଯୋଗ କରିଛନ୍ତି ।

# ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ




ଜଗତସିଂହପୁର(ଭାସ୍କର ନ୍ୟୁଜ୍): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ ଭି ସି ହଲରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ନେହେରୁ ଯୁବକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଯୁବ ଉତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ ଯୁବବର୍ଗ ମଧ୍ୟରେ ଥିବା ପ୍ରତିଭାର ବିକାଶ ଓ ଉନ୍ମେଷ ଲାଗି ଏହା ଏକ ଉପଯୁକ୍ତ ମାଧ୍ୟମ ହୋଇଥିବାରୁ ଜିଲ୍ଲାର ଅଧିକରୁ ଅଧିକ ଯୁବବର୍ଗଙ୍କୁ ସାମିଲ କରିବା ଲାଗି ପରାମର୍ଶ ଦେଇଥିଲେ । ନେହେରୁ ଯୁବକେନ୍ଦ୍ରର ଜିଲା ସଂଯୋଜକ ନିଖିଲ କୋକୁଲା ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଅବଗତ କରାଇଥିଲେ । ଆସନ୍ତା ଡ଼ିସେମ୍ବର ୧୭ ତାରିଖରେ ଏହି ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହେବ । ୧୫ରୁ ୨୯ ବର୍ଷର ପ୍ରତିଯୋଗୀଙ୍କ ମଧ୍ୟରେ ବିଜ୍ଞାନ ମେଳା, ପଦ୍ୟ (ହିନ୍ଦୀ/ ଇଂରାଜୀ), ଲୋକ ସଙ୍ଗୀତ (ଦଳ),ଲୋକ ସଙ୍ଗୀତ (ଏକାକୀ), ଲୋକ ନୃତ୍ୟ (ଦଳ), ଲୋକ ନୃତ୍ୟ(ଏକାକୀ), ଗଳ୍ପ ଲିଖନ (ହିନ୍ଦୀ/ ଇଂରାଜୀ), ଚିତ୍ରାଙ୍କନ, ବକ୍ତୃତା (ହିନ୍ଦୀ/ ଇଂରାଜୀ), ଫୋଟୋଗ୍ରାଫି ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ଉତ୍ସବରେ ଉନ୍ନୀତ କୃତୀ ପ୍ରତିଯୋଗୀମାନେ ରାଜ୍ୟ ସ୍ତରୀୟ ଯୁବ ମହୋତ୍ସବରେ ଜଗତସିଂହପୁର ଜିଲ୍ଲାକୁ ପ୍ରତିନିଧିତ୍ୱ କରିବେ । ପ୍ରତିଯୋଗୀମାନେ ନେହେରୁ ଯୁବକେନ୍ଦ୍ର ଜିଲ୍ଲା ସଂଯୋଜକ ନିଖିଲ କୋକୁଲାଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି । ଏହି ବୈଠକରେ ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ, ଜଗତସିଂପୁର ପୌର ନିର୍ବାହୀ ଅଧିକାରୀ ସୀମା ଜେନା,ରାହାମା ନବୋଦୟ ବିଦ୍ୟାଳୟ ଅଧକ୍ଷ ଶ୍ରୀକୃଷ୍ଣ ମହାପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲିପ କୁମାର ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ପ୍ରତିଚୀ ତନୟା ମହାନ୍ତି, ଶିକ୍ଷାବିତ ମହେନ୍ଦ୍ର କୁମାର ଆଚାର୍ଯ୍ୟ, ଗଣେଶ୍ୱର ମାଣିଆ, ଉତ୍କଳ ରଞ୍ଜନ ମହାନ୍ତି, ସୁଭାଷ ଚନ୍ଦ୍ର ରାଉତ, ପବିତ୍ର କୁମାର ସୁବୁଦ୍ଧି, କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିନିଧି, ସ୍ୱାମୀ ବିବେକାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟ ର ପ୍ରତିନିଧି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## । ମଙ୍ଗଳପୁର ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ବୈଠକ ।

# ଖରିଫ୍ ଧାନ ବିକ୍ରି ନେଇ ସଚେତନତା କଲେ ସରପଞ୍ଚ ଓ ଅଧିକାରୀ




ତିହିଡ଼ି (ଭାସ୍କର ନ୍ୟୁଜ୍): ଚାଷୀମାନେ ଖରିଫ୍ ଧାନ ବିକ୍ରି କରିବା ନେଇ ସଚେତନ କରିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ଶନିବାର ମଙ୍ଗଳପୁର ପଞ୍ଚାୟତରେ ଏକ ସ୍ୱତନ୍ତ୍ର ଗ୍ରାମସଭା ବୈଠକ ଅନୁଷ୍ଠିତ କରାଯାଇ ଧାନ ବିକ୍ରି କରିବା ଉପରେ ଚାଷୀମାନଙ୍କୁ ସଚେତନ କରାଯାଇଥିଲା । ଏହି ଅବସରରେ ବରିଷ୍ଠ ଚାଷୀ ମହେଶ୍ୱର ବାରିକଙ୍କ ପୌରୋହିତ୍ୟରେ ଗ୍ରାମସଭା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସରକାରଙ୍କ ନୀତି ନିୟମ ଅନୁସାରେ ଚାଷୀମାନେ କିପରି ସୁରୁଖୁରୁରେ ଧାନ ସରକାରୀ ମୂଲ୍ୟରେ ବିକ୍ରି କରିପାରିବେ ସେ ନେଇ ସଚେତନ କରାଇଥିଲେ । ସରକାରଙ୍କ ନୂତନ ଧାର୍ଯ୍ୟ ମୂଲ୍ୟ ବୋନସ ଆକାରରେ ୮୦୦ଟଙ୍କା ଚାଷୀମାନେ ପାଇବା ଉପରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବେ ମଙ୍ଗଳପୁର ସମବାୟ ସମିତି ସମ୍ପାଦକ ଶଙ୍କର୍ଷଣ ଜେନା ଯୋଗ ଦେଇ ଏଫଏକ୍ୟୁ ଧାନ ଚାଷୀମାନେ ଦେଇ ସରକାରଙ୍କ ସମ୍ପୂର୍ଣ୍ଣ ୨୩ଶହ ଟଙ୍କା ମୂଲ୍ୟ ପାଇବା ସହିତ ବୋନସ ୮ଶହ ଟଙ୍କା ପାଇବା ଉପରେ ସଚେତନ କରାଇଥିଲେ । ସମ୍ମାନିତ ଅତିଥିଭାବେ ସରପଞ୍ଚଙ୍କ ପ୍ରତିନିଧି କମଳାକାନ୍ତ ଲେଙ୍କା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁସ୍ମିତା ବେଦାନ୍ତ, ଜିଆରଏସ ସୁଦର୍ଶନ ଦାସ, କୃଷକସାଥୀ ବିକର୍ତ୍ତନ ମଳିକ ପ୍ରମୁଖ ଉପସ୍ଥିତ ରହି ଚାଷୀମାନଙ୍କୁ ଧାନ ବିକିବା ଉପରେ ସଚେତନ କରାଇଥିଲେ । ଏହି ଗ୍ରାମସଭାରେ ଚାଷୀ ରମେଶ ଚନ୍ଦ୍ର ଦାସ, ଅନାଦି ବେହେରା, ଶଶଧର ମଳିକ ପ୍ରମୁଖଙ୍କ ସହିତ ବହୁ ଚାଷୀ ଉପସ୍ଥିତ ଥିଲେ ।


# ହିନ୍ଦୁଙ୍କ ଉପରେ ଅତ୍ୟାଚାର ବିରୁଦ୍ଧରେ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ





ମାଲକାନଗିରି, (ଭାସ୍କର ନ୍ୟୁଜ୍): ବଙ୍ଗଳାଦେଶରେ ମୁସଲମାନ ମାନେ ହିନ୍ଦୁ ମାନଙ୍କ ଉପରେ ଅତ୍ୟାଚାର, ହିନ୍ଦୁ ମନ୍ଦିର ଭାଙ୍ଗିବା, ହିନ୍ଦୁ ଦେବାଦେବୀଙ୍କୁ ପୋଡିବା, ଏବଂ ହତ୍ୟା କରିବା ପ୍ରତିବାଦରେ ଆଜି ମାଲକାନଗିରି ଜିଲ୍ଲା ହିନ୍ଦୁ ଜାଗରଣ ମଂଚ ତରଫରୁ ଏହାକୁ ପ୍ରତିବାଦ କରି ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ହଜାରରୁ ଉର୍ଧ ମଂଚର କର୍ମକର୍ତା ଓ ସଦସ୍ୟ ମାନେ ଏକ ଶୋଭା ଯାତ୍ରାରେ ବ୍ଲକ ପଡିଆ ଠାରୁ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋବ ପ୍ରଦର୍ଶନ କରିବା ସହ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଜିଲ୍ଲାରେ ସମସ୍ତ ହିନ୍ଦୁ ଏବଂ ସନାତନ ଧର୍ମୀ ମାନେ ଏକଜୁଟ ହୋଇ ବଙ୍ଗଳାଦେଶ ଅନୁପ୍ରବେଶକାରୀ ଓ ରୋହିଙ୍ଗୀୟ ମାନଙ୍କ ବିରୁଦ୍ଧରେ ସ୍ୱର ଉତୋଳନ କରିବା ପାଇଁ ଆହ୍ୱାନ ଦେଇଥିଲେ। ହିନ୍ଦୁ ଜାଗରଣ ମଂଚର ସଭାପତି ଭାଗିରଥି ଦଳେଇଙ୍କ ଅଧ୍ୟକ୍ଷତାରେ ବ୍ଲକ ପଡିଆ ଠାରେ ଏକ ସଭାରେ ନିଳମଣୀ ପ୍ରଧାନ, ବାଲାରାଜୁ ପାଢି, ମାଧବ ନାୟକ, ଗୁରୁପଦ ମିର୍ଧା, ସମାରୁ ପଡିଆମି, ସ୍ୱାମୀ ବିଶ୍ୱାମିତ୍ର ନନ୍ଦଗିରି, ଶଶିଭୂଷଣ ମିଶ୍ର, ମୁନା ତ୍ରିପାଠି, ଗୌରାଙ୍ଗ କର୍ମକାର ପ୍ରମୁଖଙ୍କ ସହ ସହ ସହ ହିନ୍ଦୁ ଲୋକେ ଉପସ୍ଥିତ ଥିଲେ।

# ସର୍ପାଘାତରେ ନାବାଳିକା ମୃତ

ଗୋପ(ଭାସ୍କର ନ୍ୟୁଜ୍): ଶନିବାର ଅପରାହ୍ନରେ ଏକ ବିଷାକ୍ତ ସାପ କାମୁଡାରେ ଜଣେ ନାବାଳିକାର ମୃତ୍ୟୁ ହୋଇଛି । ମୃତ ନାବାଳିକା ଜଣକ ହେଲା ଗୋପ ଥାନା ଅଧିନ ଅଣରା ଇଚ୍ଛାପୁର ପଂଚାୟତ ଇଚ୍ଛାପୁର ଗ୍ରାମର ସ୍ୱାଧିନ ନାୟକଙ୍କ ଝିଅ ଅନନ୍ୟା ନାୟକ(୧୧) । ନାବାଳିକା ଜଣକ ଅପରାହ୍ନ ୪ଟା ସମୟରେ ତାଙ୍କ ସାଙ୍ଗମାନଙ୍କ ସହ ବାରିପଟେ ଖେଳୁଥିବା ସମୟରେ ଏକ ନାଗ ସାପ ତାର ଗୋଡକୁ କାମୁଡି ଦେଇଥିଲା । ସଙ୍ଗେ ସଙ୍ଗେ ପରିବାର ଲୋକେ ତାକୁ ଗୋପ ଡାକ୍ତରଖାନା ଆଣିଥିଲେ । ମାତ୍ର ଅବସ୍ଥା ସଂଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାକୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ମାତ୍ର ଚିକିତ୍ସାଧିନ ଅବସ୍ଥାରେ ସେଠାରେ ତାର ମୃତ୍ୟୁ ଘଟିଥିଲା ।



# ମହାନତା ଦେଖାଇଲେ 'ବିପଦର ବନ୍ଧୁ' ସଂଗଠନର ସଦସ୍ୟ



ଭଞ୍ଜନଗର(ଭାସ୍କର ନ୍ୟୁଜ): ସମାଜରେ ଗରିବ ଓ ଅସହାୟ ଲୋକଙ୍କ ନିମନ୍ତେ ଅହରହ କାର୍ଯ୍ୟ କରି ଆସୁଛି ସ୍ୱେଚ୍ଛାସେବୀ ସଙ୍ଗଠନ ବିପଦର ବନ୍ଧୁ ।ଏହି ସଙ୍ଗଠନ ପକ୍ଷରୁ ଭଞ୍ଜନଗର ଶାଖାର ସଦସ୍ୟ ମାନେ ସଦା ସର୍ବଦା ମାନସିକ ବିକାରଗ୍ରସ୍ତ ଓ ଅସହାୟଙ୍କ ସେବା କରି ଆସିଛନ୍ତି । ସେହିପରି ଜଣେ ଅସହାୟ ବ୍ୟକ୍ତିଙ୍କ ଚିକିତ୍ସା ଅବସ୍ଥାରେ ମୃତ୍ୟୁ ଘଟିଛି ।ସେହି ମୃତ ଦେହକୁ ସତ୍କାର କରି ସମାଜରେ ନିଜର କର୍ତ୍ତବ୍ୟ ସମ୍ପାଦନ କରିଛି ଏହି ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିପଦର ବନ୍ଧୁ ଓଡିଶା । ଭଞ୍ଜନଗର ବ୍ଲକ ଗୋଲାପଡା ପଞ୍ଚାୟତ ନାରାୟଣ ପାଟଣା ଗ୍ରାମର ବିନୋଦ ପାଢ଼ୀ ବୟସ(୪୫) । ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ । ବିପଦର ବନ୍ଧୁ ଅନୁଷ୍ଠାନ ଦ୍ୱାରା ତାଙ୍କର ଚିକିତ୍ସା କରାଯାଉଥିଲା । ଆଜି ସକାଳ ସେ ଭଞ୍ଜନଗର ବସଷ୍ଟାଣ୍ଡରେ ପଡି ମୃତ୍ୟୁବରଣ କରିଛନ୍ତି । ଖବର ପାଇଁ ସଂଘର ସଦସ୍ୟ ମାନେ ଏସମ୍ପର୍କରେ ପୋଲିସକୁ ଖବର ଦେଇଥିଲେ । ମୃତ ବିନୋଦଙ୍କ ମାଆ ଓ ଭଉଣୀ ସୁରତରେ ରହୁଥିବା ବେଳେ ସେମାନଙ୍କ ଅନୁମତି ଓ ଗ୍ରାମବାସୀଙ୍କ ସହଯୋଗରେ ମୃତ ଶରୀରକୁ ଏହି ଅନୁଷ୍ଠାନ ସଦସ୍ୟ ମାନେ ଗ୍ରାମ ଶ୍ମଶାନରେ ସତ୍କାର କରିଥିଲେ । ଅନୁଷ୍ଠାନର ଏହିଭଳି ସମାଜ ଉପଯୋଗୀ କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଥିଲା

# ଶିଶୁ ହସିଲେ ଦୁନିଆ ହସିବ

## ■ ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସ୍ଥିତ ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା )ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ତର୍କ, କଣ୍ଠ ସଙ୍ଗୀତ, ଚିତ୍ରାଙ୍କନ, ଆବୃତ୍ତି, ଗଳ୍ପଲିଖନ, କବିତା, ରଚନା, ଏକକ ଅଭିନୟ, ଏକକ ନୃତ୍ୟ, ସାଧାରଣ ଜ୍ଞାନ, କୁଇଜି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଓଷ୍ଟା ସଂଘର ଅସ୍ତରଙ୍ଗ ବ୍ଲକ ସଭାପତି ପ୍ରିୟବ୍ରତ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ମଣ୍ଡଳ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ମୁଖ୍ୟ ବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ନାୟକ, ସମ୍ମାନୀତ ଅତିଥି ମଙ୍ଗୁଳି ଚରଣ ଦାଶ, ରବୀନ୍ଦ୍ର ପରିଡା, ପୁରୀ ଜିଲ୍ଲା ସଂଘ ସମ୍ପାଦକ ବିଭୁଦତ୍ତ ନାୟକ, ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଶାନ୍ତ ପରିଡା, ଜିଲ୍ଲା ଯୁଗ୍ମସମ୍ପାଦକ ତରୁଣ ନାୟକ, ସନ୍ତୋଷ ଦାଶ ପ୍ରମୁଖ ଯୋଗଦେଇ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କ ପ୍ରତିଭା ବିକଶିତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଶେଷରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ ସହ ଆଗାମୀ ଦିନରେ ହେବାକୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଭାଗ ନେବେ । ଶିଶୁଉତ୍ସବ କାର୍ଯ୍ୟକ୍ରମରେ ଉପସଭାନେତ୍ରୀ ଲଳିତା ପାତ୍ର, ଉପସଭାପତି ଦେଶବନ୍ଧୁ ନାୟକ, ଅସ୍ତରଙ୍ଗ ପ୍ରାକ୍ତନ ସଭାପତି ଦିଲ୍ଲୀପ କୁମାର ବିଶ୍ୱାଳଙ୍କ ସହ ଓଷ୍ଟା ସଂଘର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ମହାବିଦ୍ୟାଳୟ ଓ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟନୀ ସମାରୋହ




ରାୟଗଡ(ଭାସ୍କର ନ୍ୟୁଜ୍): ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ/ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୦୫-୧୨-୨୦୨୪ ରୁ ୦୭-୧୨-୨୦୨୪ ତାରିଖ ଧରି ହେଉଥିବା ବାର୍ଷିକ କ୍ରୀଡ଼ା ଉତ୍ସବର ଉଦ୍ଘାଟନୀ ସମାରୋହ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାୟଗଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ଡଃ. ବସନ୍ତ କୁମାର ନାୟକ ଯୋଗଦେଇଥିଲେ । ପ୍ରଥମେ ଭଗବାନଙ୍କ ଠାରେ ଦୀପ ପ୍ରଜ୍ୱଳନ କରାଯାଇଥିଲା । ମହାବିଦ୍ୟାଳୟର ଅଧକ୍ଷା ଡଃ. ବବିଲତା ସରାଫ ମୁଖ୍ୟ ଅଭିଭାଷଣ ଦେଇ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । କ୍ରୀଡ଼ା ସଂଗଠନର ସଭ୍ୟ ମନ୍ମଥରାଓ ଟୋଇକା କ୍ରୀଡ଼ା ବାର୍ଷିକ ବିବରଣୀ ପାଠକରିଥିଲେ ।ମୁଖ୍ୟ ଅତିଥିମାନେ ଦୈନନ୍ଦିନ ଜୀବନରେ ଖେଳ ର ଭୂମିକା, ଶିକ୍ଷା ସହ ଖେଳର ସମ୍ପର୍କ, ପ୍ରତିଯୋଗିତାରେ ଅଂଶ ଗ୍ରହଣର ମହତ୍ତ୍ୱ ବୁଝାଇଥିଲେ । ବିଜେତା ଛାତ୍ରଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ଏବଂ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଏହାପରେ କ୍ରୀଡ଼ା ପତାକାକୁ ତଳକୁ କରି କ୍ରୀଡ଼ା ମଶାଲ ଲିଭାଇ ଦିଆଯାଇଥିଲା ।ଗତ ୦୫-୧୨-୨୦୨୪ ତାରିଖ ଅପରାହ୍ନ ୪.୦୦ ଘଣ୍ଟା ସମୟରେ ମହାବିଦ୍ୟାଳୟର ଅଧକ୍ଷା, ଅଧ୍ୟାପକ ଅଧ୍ୟାପିକା, କ୍ରୀଡ଼ା ଶିକ୍ଷକ ସହ ଛାତ୍ରଛାତ୍ରୀମାନେ ଏକ ବିଶାଳ ଶୋଭାଯାତ୍ରା କରି ମା'ମାଝିଗୌରୀ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା ସହ କରି କ୍ରୀଡ଼ା ମଶାଲ ଧରି ଆସିଲେ । କ୍ରୀଡ଼ା ମଶାଲ ଧରି ବିଘ୍ନେଶ ପାପାଲା,ବଳରାମ ଦୋରା, ଜଗୁଲୁ ପଲକିଆ ସହ ଅନ୍ୟ ଛାତ୍ରଛାତ୍ରୀମାନେ ମହାଶୋଭାଯାତ୍ରାରେ ମା ମଝି ଗୌରୀ ମନ୍ଦିରରୁ ମହାବିଦ୍ୟାଳୟର ମୁଖ୍ୟ ଫାଟକ ନିକଟରେ କ୍ରୀଡ଼ା ଶିକ୍ଷକ ଶ୍ରୀ ଆଶିଷ ପୂଜାରୀଙ୍କୁ ଦେଲେ ଏବଂ ସେ କ୍ରୀଡ଼ା ସଂଗଠନର ଉପସଭାପତି ଶ୍ରୀ ଏ .ଶ୍ରୀନିବାସଙ୍କୁ ଦେଇଥିଲେ । ଏ .ଶ୍ରୀନିବାସ ମହାବିଦ୍ୟାଳୟର ଅଧକ୍ଷାଙ୍କୁ ମଶାଲ ଦେଇଥିଲେ ଏବଂ ଅଧକ୍ଷା ମୁଖ୍ୟ ଅତିଥି ଅତିରିକ୍ତ ଏସ.ପି ଶ୍ରୀ ବିଷ୍ଣୁପ୍ରସାଦ ପାତ୍ରଙ୍କୁ ମଶାଲ ଦେଇ ମହାବିଦ୍ୟାଳୟରେ ସ୍ଥାପନ କରିଥିଲେ । ମୁଖ୍ୟ ଅତିଥି ଅତିରିକ୍ତ ଏସ.ପି ଶ୍ରୀ ବିଷ୍ଣୁପ୍ରସାଦ ପାତ୍ର ମୁଖ୍ୟ ଅଭିଭାଷଣ ଦେଇ କ୍ରୀଡ଼ାର ମହତ୍ତ୍ୱ ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ତା – ୦୬-୧୨-୨୦୨୪ ତାରିଖ ସକାଳ ୯.୦୦ ଘଣ୍ଟା ସମୟରେ ଉଦ୍ଘାଟନୀ ସମାରୋହର ମୁଖ୍ୟ ଅତିଥି ଭାବରେ ରାୟଗଡ଼ା ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ଯୋଗ ଦେଇଥିଲେ । ମୁଖ୍ୟ ଅତିଥିଙ୍କ ଦ୍ୱାରା କ୍ରୀଡ଼ା ପତାକା ଉତ୍ତୋଳନ କରାଯାଇ ଶପଥ ପାଠ କରାଯାଇଥିଲା । ମୁଖ୍ୟ ଅତିଥି ସମସ୍ତ ପ୍ରତିଯୋଗୀ ମାନଙ୍କୁ କ୍ରୀଡ଼ା ପାଇଁ ଉତ୍ସାହିତ କରି ସମସ୍ତଙ୍କୁ ଖେଳ ରେ ଅଂଶଗ୍ରହଣ କରିବା ପାଇଁ କହିଥିଲେ । ମହାବିଦ୍ୟାଳୟର ଅଧକ୍ଷା ଡଃ. ବବିଲତା ସରାଫ ମୁଖ୍ୟ ଅଭିଭାଷଣ ଦେଇ ଖେଳ ର ଉପଯୋଗିତା ବିଷୟରେ କହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରି ଖେଳରେ ଅଂଶ ଗ୍ରହଣ ପାଇଁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ହିନ୍ଦୀ ବିଭାଗୀୟ ମୁଖ୍ୟ ଡଃ. ଭଗବାନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଏହା ପରେ ସକାଳ ୧୦.୦୦ ଘଣ୍ଟା ସମୟରେ କ୍ରୀଡ଼ା ଆରମ୍ଭ ହୋଇଥିଲା । ପ୍ରଥମେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ/ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କର ୧୦୦ ମିଟର,୨୦୦ ମିଟର ଦୌଡ ପ୍ରତିଯୋଗିତା, ସର୍ଟପୁଟ, ଡିସ୍କସ୍ ଥ୍ରୋ , ଉଚ୍ଚଡିଆଁ, ଲମ୍ବଡିଆଁ ଇତ୍ୟାଦି ପ୍ରତିଯୋଗିତା ହୋଇଯାଇଛି । ତା -୦୭-୧୨-୨୦୨୪ ତାରିଖ ସକାଳ ୭.୦୦ ଘଣ୍ଟା ସମୟରୁ ୪୦୦ ମିଟର,୮୦୦ ମିଟର ଦୌଡ ପ୍ରତିଯୋଗୀତା, ଲମ୍ବାଡିଆଁ,ଉଚ୍ଚଡିଆଁ, ଜାଭ୍‌ଲିନ ଥ୍ରୋ.ରିଲେ ରେସ ପ୍ରତିଯୋଗିତା ହୋଇଯାଇଛି । ଏହି ସମାରୋହରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ, ଛାତ୍ରଛାତ୍ରୀ ସହ କ୍ରୀଡ଼ା ଶିକ୍ଷକ ଯୋଗଦେଇ ବାର୍ଷିକ ଉତ୍ସବ କ୍ରୀଡ଼ାକୁ ସଫଳ କରିଥିଲେ ।

# ହିନ୍ଦୁ ସୁରକ୍ଷା ମଞ୍ଚର ବିକ୍ଷୋଭ ଓ ପ୍ରତିବାଦ ସଭା



ଭଞ୍ଜନଗର(ଭାସ୍କର ନ୍ୟୁଜ୍): ହିନ୍ଦୁ ସୁରକ୍ଷା ମଞ୍ଚ ପକ୍ଷରୁ ଶନିବାର ଭଞ୍ଜନଗର ସହରରେ ଏକ ବିରାଟ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ବାବା ସତ୍ୟାନନ୍ଦ ଗିରିଙ୍କ ସଂଯୋଜନାରେ ଆୟୋଜିତ ଏହି ଶୋଭାଯାତ୍ରା ଓ ସଭା ଶୁକ୍ରବାର ସହରର ଚକରା ବିଷୋୟୀ ବାଇପାସ୍ ଛକରୁ ଆରମ୍ଭ ହେଇଥିଲା । ବିଶ୍ୱ ହିନ୍ଦୁ ପରିଷଦର ରାଜ୍ୟସ୍ତରୀୟ କାର୍ଯ୍ୟକର୍ତ୍ତା ମୁରଲୀଧର ପଣ୍ଡାଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ସହରର ଭେଜିପୁଟ ମୁଖ୍ୟରାସ୍ତା,ପାଓ୍ୱାର ହାଉସ ଛକ, ଷ୍ଟେଟ ବ୍ୟାଙ୍କ ଛକ, ରେଡକ୍ରସ ରୋଡ, ସହରର ମୁଖ୍ୟ ସଡକ, ଥାନା ଛକ, ବସଷ୍ଟାଣ୍ଡ, ହନୁମାନ ମନ୍ଦିର ଛକ ହୋଇ ହିନ୍ଦୁ ସୁରକ୍ଷା ମଞ୍ଚର ଶୋଭାଯାତ୍ରା ଶେଷରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେରେ ପହଞ୍ଚିଥିଲା । ଏହି ପ୍ରତିବାଦ ଶୋଭାଯାତ୍ରାରେ ଶହ ଶହ ହିନ୍ଦୁପ୍ରେମୀ ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ହେଉଥିବା ଅମାନବୀୟ ଅତ୍ୟାଚାର ବିରୋଧରେ ସ୍ଲୋଗାନ ଦେବା ସହ ବାଂଲାଦେଶ ସରକାରକୁ ଚେତାବନୀ ଦେଇ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ବାଂଲାଦେଶରେ ହିନ୍ଦୁଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଭାରତ ସରକାରଙ୍କୁ ଆହ୍ୱାନ ଦେଇଥିଲେ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ବିଶ୍ୱ ହିନ୍ଦୁ ପରିଷଦ, ହିନ୍ଦୁଜାଗୃତି ମଞ୍ଚ, ଇସ୍କନ ପରିବାର, ଗାୟତ୍ରୀ ପରିବାର, ଏବିଭିପି ପରି ଅନେକ ସଙ୍ଗଠନର ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବଟକୃଷ୍ଣ ପଣ୍ଡା, ସୁଧୀର କୁମାର ନାୟକ, ଗାୟତ୍ରୀ ପରିବାର ପକ୍ଷରୁ ବନମାଳୀ ଗୌଡ, ଗଣେଶ ମାଝି, ଚନ୍ଦ୍ର ହାସ ପ୍ରଧାନ ଏହି ବିକ୍ଷୋଭ ଓ ପ୍ରତିବାଦ ଶୋଭାଯାତ୍ରା ର ନେତୃତ୍ୱ ନେଇଥିଲେ । ଶେଷରେ ଉପଜିଲ୍ଲାପାଳ ଅନୀଲ କୁମାର ସେଠୀ ଓ ସହକାରୀ ଉପଜିଲ୍ଲାପାଳ ବିଶ୍ୱରଂଜନ କରଙ୍କୁ ହିନ୍ଦୁ ସୁରକ୍ଷା ମଞ୍ଚ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଏହି ପ୍ରତିବାଦ ସଭା ଓ ଶୋଭାଯାତ୍ରାରେ ଅଞ୍ଚଳର ବହୁ ସାଧୁସନ୍ଥ ଉପସ୍ଥିତ ରହି ବିକ୍ଷୋଭ ପ୍ରଦର୍ଶନକାରୀଙ୍କ ଉତ୍ସାହକୁ ଦ୍ୱିଗୁଣିତ କରିଥିଲେ ।



# ଆମ କଳାହାଣ୍ଡି



ସୋମବାର, ୯ ଡିସେମ୍ବର ୨୦୨୪
ଓଡ଼ିଶା ଭାସ୍କର, ଭୁବନେଶ୍ୱର



## ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡି ପକ୍ଷରୁ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ




### ସାମିଲ ହେଲେ ଶତାଧିକ ଛାତ୍ରଛାତ୍ରୀ

ଭବାନୀପାଟଣା (ଭାସ୍କର ନ୍ୟୁଜ): ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ମାଇଁ ଭାରତ ନେହେରୁ ଯୁବକେନ୍ଦ୍ର, କଳାହାଣ୍ଡି ପକ୍ଷରୁ ସ୍ଥାନୀୟ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପରିସରରେ ଠାରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ-୨୦୨୪-୨୫ ଏକ ମନୋଜ୍ଞ ପରିବେଶ ମଧ୍ୟରେ ୭ ତାରିଖ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଅଛି। କଳାହାଣ୍ଡି ମାଇଁ ଭାରତ ନେହେରୁ ଯୁବକେନ୍ଦ୍ରର ଯୁବ ଅଧିକାରୀ ପ୍ରସନ୍ନ ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଶତାଧିକ ଛାତ୍ରଛାତ୍ରୀ ପ୍ରତିଯୋଗିତା ପାଇଁ ଉଦ୍ଦିଷ୍ଟ ବହୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା। ଏହି ଉତ୍ସବରେ ଯୁବ ଚିତ୍ର ଶିଳ୍ପୀମାନଙ୍କ ପାଇଁ ରଙ୍ଗତୁଳୀର ଛବି ଆଙ୍କିବା ଠାରୁ ଆରମ୍ଭ କରି ମୋବାଇଲ ଫଟୋଗ୍ରାଫି, ଯୁବସାହିତ୍ୟ ପ୍ରତିଭାର ପ୍ରକାଶ ପାଇଁ କବିତା ଲେଖିବା, ଏକକ କିମ୍ବା ଦଳଗତ ଭାବେ ବିଜ୍ଞାନ ମେଳା ପାଇଁ ପ୍ରକଳ୍ପ ପ୍ରସ୍ତୁତ କରିବା ସହ ଡିକ୍ଲାମେସନ୍ ଓ ଦଳଗତ ସାଂସ୍କୃତିକ ବିଚିତ୍ରା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହା କେବଳ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରର ଛାତ୍ରଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ଯେଉଁ ମାନଙ୍କ ବୟସ ୧୫ ବର୍ଷରୁ ୨୯ ବର୍ଷ ମଧ୍ୟରେ ହୋଇଥିବ। ୭ଟି ଯାକ ପ୍ରତିଯୋଗିତାର ମୂଲ୍ୟାୟନ ପାଇଁ ଦକ୍ଷ ବିଚାରକ ମାନଙ୍କୁ ଚୟନ କରାଯାଇଥିଲା ବେଳେ ବିଶିଷ୍ଟ ଯୁବ ଉଦଘୋଷକ ବିନୟ କୁମାର ସାହୁ ଉଦଘାଟନୀ ଓ ଉଦଯାପନୀ କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ। କଳାହାଣ୍ଡି ମାଇଁ ଭାରତ ନେହେରୁ ଯୁବକେନ୍ଦ୍ର,କଳାହାଣ୍ଡିର ଯୁବ ଅଧିକାରୀ ପ୍ରସନ୍ନ ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଯୁବ ଉତ୍ସବର ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମା' ମାଣିକେଶ୍ୱରୀ ବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ.ନିବେଦିତା ନାଥ ଯୋଗଦେଇଥିଲା ବେଳେ କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରତ୍ୱ।ନ୍ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ଯୁବବର୍ଗଙ୍କ ପାଇଁ ପଞ୍ଚପ୍ରାଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଯୁବ ସ୍ୱେଚ୍ଛାସେବୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ସଭାର ଅଧ୍ୟକ୍ଷ ଯୁବ ଅଧିକାରୀ ପ୍ରସନ୍ନ ମେହେର ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ମଞ୍ଚରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପୀତାମ୍ବର ଭୋଇ, ଇଂରାଜୀ ବିଭାଗ ମୁଖ୍ୟ ମେଜର ଡ. ଜୟଦେବ ସାହୁ, ନେହେରୁ ଯୁବକେନ୍ଦ୍ରର କାର୍ଯ୍ୟକ୍ରମ ସହଯୋଗୀ ତଥା ଏକାଉଣ୍ଟେଣ୍ଟ୍ ଦ୍ୱିତୀୟା ବନଛୋର୍ ଉପସ୍ଥିତ ଥିଲେ। ଏହି ଅବସରରେ କଳାହାଣ୍ଡିର ଅନ୍ୟତମ ଯୁବ ପ୍ରତିଭା ସୁଶ୍ରୀ ଚସମିତ୍ କାଉର, କୁମକୁମ୍ ପ୍ରିୟଦର୍ଶିନୀ ସାହୁ, ମନୀଷ କୁମାର ସାହୁ ଓ ଶମ୍ଭୁ ବିଶିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ନେହେରୁ ଯୁବ କେନ୍ଦ୍ରର ଦ୍ୱିତୀୟ। ବନଛୋର୍ ଧନ୍ୟବାଦ ଅର୍ପଣ କରିଥିଲେ। ପରେପରେ ଯୁବଉତ୍ସବରେ ହେବାକୁ ଥିବା ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ପ୍ରତିଯୋଗିତାର ମୂଲ୍ୟାୟନ ପାଇଁ ଅନେକ ଦକ୍ଷ ବିଚାରକ ଉପସ୍ଥିତ ରହିଥିବା ବେଳେ ପ୍ରତିଯୋଗୀମାନଙ୍କ ମଧ୍ୟରେ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ସାଂସ୍କୃତିକ ବିଚିତ୍ର ବିଶ୍ୱବିଦ୍ୟାଳୟର ମୁକ୍ତ ରଙ୍ଗମଞ୍ଚରେ ଅପରାହ୍ନରେ ଆରମ୍ଭ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ୬୪ ବାଟାଲିୟନ ସିଆରପିଏଫ୍ କଳାହାଣ୍ଡିର ସେକେଣ୍ଡ ଇନ୍ କମାଣ୍ଡ ପି.କେ.ମିଶ୍ର ଯୋଗଦେଇ କୃତୀ ପ୍ରତଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଯୁବଶିଳ୍ପୀମାନଙ୍କ କଳା ପ୍ରତିଭା ନିମନ୍ତ୍ରିତ ଅତିଥି, ଛାତ୍ରଛାତ୍ରୀମାନଙ୍କୁ ବହୁ ସମୟ ପର୍ଯ୍ୟନ୍ତ ମନ୍ତ୍ରମୁଗ୍ଧ କରି ରଖିଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ, କର୍ମଚାରୀ, ବିଭିନ୍ନ ପ୍ରତିଯୋଗିତାରେ ଯୋଗ ଦେଇଥିବା ଅତିଥି ବିଚାରକ ତଥା ମାଇଁ ଭାରତ ନେହେରୁ ଯୁବକେନ୍ଦ୍ରର ସହଯୋଗୀମାନଙ୍କୁ ଯୁବ ଅଧିକାରୀ ଶ୍ରୀ ମେହର ଧନ୍ୟବାଦ ଜଣାଇଥିଲେ।

## ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କୃଷି ଓ କୃଷକ ସଶକ୍ତିକରଣ ବିଭାଗ କଳାହାଣ୍ଡି ଦ୍ୱାରା ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ସ୍ଥାନୀୟ କୃଷି ମହାବିଦ୍ୟାଳୟ (ଓ.ୟୁ.ଏ.ଟି.) ପଡିଆ, ଭବାନୀପାଟଣା ଠାରେ ଉଦ୍‌ଘାଟିତ ହୋଇଯାଇଛି। ୭ ତାରିଖ ଶନିବାର ଠାରୁ ଉଦ୍‌ଘାଟିତ ହୋଇଥିବା ଏହି କୃଷି ଯନ୍ତ୍ରପାତି ମେଳା ଆସନ୍ତା ଏଗାର ତାରିଖ ପର୍ଯ୍ୟନ୍ତ ପାଞ୍ଚ ଦିନ ଧରି ଅନୁଷ୍ଠିତ ହେବ। ଏହି ଉପଲକ୍ଷେ କୃଷି ଯନ୍ତ୍ରପାତି ପ୍ରଦର୍ଶନ ଓ ବିତରଣ, କୃଷି ଓ ଆନୁଷଙ୍ଗିକ ବିଭାଗ କାର୍ଯ୍ୟାକ୍ରମ ସମ୍ବନ୍ଧରେ ଆଲୋଚନା ଚକ୍ରମାନମାନ ଅନୁଷ୍ଠିତ ହେବ। ଏଥିରେ ଉନ୍ନତ କୃଷି ଯନ୍ତ୍ରପାତିର ପ୍ରଦର୍ଶନ ଓ ବିକ୍ରୟ, ବିଭିନ୍ନ କୃଷି ଯନ୍ତ୍ରପାତି ପାଇଁ ସରକାରୀ ଆର୍ଥିକ ସହାୟତାର ସଚେତନତା, କୃଷି ଓ ଆନୁଷଙ୍ଗିକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡିକର ପ୍ରଚାର ଓ ପ୍ରସାର, ବ୍ୟାଙ୍କ ସହାୟତା ମାଧ୍ୟମରେ କୃଷି ଯନ୍ତ୍ରପାତି ପାଇଁ ଋଣର ସହଯୋଗ, ନିର୍ଦ୍ଧାରିତ ସରକାରୀ ରିହାତିରେ କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ଆଗୀମା ତତ୍କାଳ ବୁକିଙ୍ଗ ବ୍ୟବସ୍ଥାର ସୁବିଧା ରହିଛି। ଏହି ଉଦଘାଟନୀ କାର୍ଯ୍ୟାକ୍ରମର ମୁଖ୍ୟ ଅତିଥିଭାବରେ ମାନ୍ୟବର ବିଧାୟକ ଲାଞ୍ଜିଗଡ଼ ପ୍ରଦୀପ ଦିଶାରୀ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ଦିଶାରୀ ତାଙ୍କ ବ୍ୟକ୍ତବ୍ୟରେ ଏହି ମେଳା ଆୟୋଜନର ତାତ୍ପର୍ଯ୍ୟ ଉପରେ ଉଲ୍ଲେଖ କରି ଆଧୁନିକ କୃଷି ପ୍ରଣାଳୀ ଆପଣେଇ ଜିଲ୍ଲାର ଚାଷୀମାନେ କିପରି ଅଧିକ ଲାଭବାନ ହୋଇପାରିବେ ବୋଲି ପ୍ରକାଶ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ମଳୟ କୁମାର ପରିଡା, କୃଷି ବୈଜ୍ଞାନିକ କୃଷି ବିଜ୍ଞାନ କେନ୍ଦ୍ର ଡ.ଅମିତାଭ ପଣ୍ଡା, ଡିନ୍ କୃଷି ମହାବିଦ୍ୟାଳୟ ଭବାନୀପାଟଣା ଡ. ଶାନ୍ତନୁ କୁମାର ତ୍ରିପାଠୀ, ଉପନିର୍ଦ୍ଦେଶକ ଉଦ୍ୟାନ କୃଷି ବିଷ୍ଣୁ ପ୍ରସାଦ ସିଂ, ଡିପିଆରଓ. ହଳଧର ନିଆଲ, ନିର୍ବାହୀ ଯନ୍ତ୍ରୀ କୃଷି ଜିଲ୍ଲା ମ୍ୟାନେଜର ଧର୍ମରାଜ ସୁନାନୀ, ଥୁଆମୂଳରାମପୁର ମାଣିକ୍ୟ ନାୟକ ଯୋଗଦେଇ ଏହି ମେଳା ମାଧ୍ୟମରେ ଚାଷୀମାନେ କିପରି ଅଧିକ ସଚେତନ ହୋଇ ଆଧୁନିକ କୃଷି ପ୍ରଣାଳୀ ଆପଣେଇ ଲାଭବାନ ହୋଇପାରିବେ ତା' ଉପରେ ଗୁରୁତ୍ୱ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ସୁଶ୍ରୀ ଲିପ୍ସା ମହାରଣା ମଞ୍ଚ ପରିଚାଳନା କରିଥିଲେ। ଆସନ୍ତା ଦସେମ୍ବର ୧୧ ତାରିଖ ପର୍ଯ୍ୟନ୍ତ ପାଞ୍ଚ ଦିନ ଧରି ଅନୁଷ୍ଠିତ ହେବ। ଏହି ଉପଲକ୍ଷେ କୃଷି ଯନ୍ତ୍ରପାତି ପ୍ରଦର୍ଶନ ଓ ବିତରଣ କୃଷି ଓ ଆନୁସଙ୍ଗିକ ବିଭାଗ କାର୍ଯ୍ୟାକ୍ରମ ସମ୍ବନ୍ଧରେ ଆଲୋଚନା ଚକ୍ରମାନ ଅନୁଷ୍ଠିତ ହେବ। ଏଥିରେ ଉନ୍ନତ କୃଷି ଯନ୍ତ୍ରପାତିର ପ୍ରଦର୍ଶନ ଓ ବିକ୍ରୟ, ବିଭିନ୍ନ କୃଷି ଯନ୍ତ୍ରପାତି ପାଇଁ ସରକାରୀ ଆର୍ଥିକ ସହୟତାର ସଚେତନତା, କୃଷି ଓ ଆନୁସଙ୍ଗିକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡିକର ପ୍ରଚାର ଓ ପ୍ରସାର, ବ୍ୟାଙ୍କ ସହାୟତା ମାଧ୍ୟମରେ କୃଷି ଯନ୍ତ୍ରପାତି ପାଇଁ ଋଣର ସହଯୋଗ, ନିର୍ଦ୍ଧାରିତ ସରକାରୀ ରିହାତିରେ କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ଆଗୀମା ତତ୍କାଳ ବୁକିଂ ବ୍ୟବସ୍ଥାର ସୁବିଧା ରହିଛି।

## ବଡ଼ଫୁର୍ଲା ଧାନମଣ୍ଡି ଉଦ୍‌ଘାଟିତ

ଧର୍ମଗଡ଼, (ଭାସ୍କର ନ୍ୟୁଜ): ଧର୍ମଗଡ ବ୍ଲକ ବଡଫୁର୍ଲା ଧାନ ମଣ୍ଡିର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଧର୍ମମଗଜୋନ-୩ ଜିଲ୍ଲା ପରିଷଦ ପ୍ରଣବ ପ୍ରକାଶ ଭଇସାଲ ଓ ସମ୍ମାନିତ ଅତିଥି ଯୁବ ନେତା ତଥା ନନ୍ଦଗାଁ ସରପଞ୍ଚ ପ୍ରତିନିଧି ଭବାନୀ ଶଙ୍କର ବଣିଆ ଯୋଗଦେଇ ଶୁଭାରମ୍ଭ କରିଛନ୍ତି। ଚଳିତ ଖରିଫ ଧାନ କ୍ରୟ ପାଇଁ ମଣ୍ଡି ଉଦ୍‌ଘାଟନ ହୋଇଥିବାବେଳେ ଚାଷୀଙ୍କ ଭିତରେ ଉତ୍ସାହ ଦେଖା ଦେଇଛି। ସରକାରଙ୍କ ଘୋଷଣା ଅନୁଯାୟୀ ବିନା କଟଣୀ ଛଟଣୀରେ ଚାଷୀ ଧାନ ବିକ୍ରିୟ କରିବା ଆଶା ବାନ୍ଧିଛନ୍ତି। ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସଞ୍ଜୟ ପଟେଲ, ସୁଧାଂଶୁ ନାଏକ, ମହେନ୍ଦ୍ର ଶବର, ଯୋଗାଣ ବିଭାଗ କର୍ମଚାରୀ ଉପେନ୍ଦ୍ର ନାଥ ଦୁର୍ଗା ପ୍ରମୁଖ ଉପସ୍ଥିତ ରହିଥିଲେ।

## ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ

କୋକସରା, (ଭାସ୍କର ନ୍ୟୁଜ) : କୋକସରା ବ୍ଲକ ଲଡୁଗାଁ ଆମ୍ବେଦକର କ୍ଲବ ତରଫରୁ ଭାରତ ରତ୍ନ, ସମ୍ବିଧାନ ପ୍ରଣେତା ଡ଼ଃ ବାବାସାହେବ ଆମ୍ବେଦକରଙ୍କ ୬୯ତମ. ମହାପରିନିର୍ମାଣ ଦିବସ ପାଳିତ ହୋଇଛି। ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୁଣନିଧି ବାଗ ମୂଖ୍ୟ ଅତିଥି ଭାବେ ଯୋଦେଇଥିଲେ। ଲଡୁଗାଁ ଆମ୍ବେଦକର କ୍ଲବର ସଭାପତି ଟୁନୁ ମହାନନ୍ଦ ମୁଖ୍ୟବକ୍ତା, ସାବିତ୍ରୀ ବାଇ ଓ ଫତିମା ଶେଖ ମହିଳା ସଂଗଠନର ସଭାନେତ୍ରୀ ଉର୍ମିଳା ମେହେର ସମ୍ମାନିତ ଅତିଥି ଭେବେ ଯୋଗଦେଇ ସାମାଜିକ ପରିବର୍ତ୍ତନ କରିବା ନିତାନ୍ତ ଜରୁରି ବୋଲି ଯୁବ ସମାଜକୁ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ଚିନିଲାଲ ପାଣିଗ୍ରାହୀ, ଉଦ୍ଧବ ବାଗ, ଚୁଡ଼ାମଣି ମହାନନ୍ଦ, ଧ୍ୱଜ ମହାନନ୍ଦ, ଭୁବନେଶ୍ୱର ଦୁର୍ଗା, ପିଙ୍କି ମହାନନ୍ଦ, କୁମୁଦିନୀ ପାଣିଗ୍ରାହୀ, ଜୟନ୍ତୀ ପାଣିଗ୍ରାହୀ, ନୁର ପାଣିଗ୍ରାହୀ, ସରସ୍ୱତୀ ମହାନନ୍ଦ, ଯଶୋଦା ନିଆଲ, ପଦ୍ମନି ମହାନନ୍ଦ, ଗୀତାଳି ବାଗ, ଲତା ମହାନନ୍ଦ, ଓମ ପ୍ରକାଶ ଛତ୍ରିଆ, ମୂରଲୀଧର ପାଣିଗ୍ରାହୀ, ମହେନ୍ଦ୍ର ମହାନନ୍ଦ, ଛନକ କୁମାର, ଶ୍ରୀକାନ୍ତ ମହାନନ୍ଦ, ବିକାଶ ମହାନନ୍ଦ ସମେତ ପ୍ରଧାନି ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## କୁରାଳ ପଞ୍ଚମୀ ପାଳିତ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍): କର୍ଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ତେରେସିଂହା ଗ୍ରାମର କୁମ୍ଭାର ସମାଜ ପକ୍ଷରୁ କୁରାଳ ପଞ୍ଚମୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂଜା ପୂର୍ବ ଦିନ ନିକଟସ୍ଥ ପୋଖରୀରୁ ଜଳ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। କୁମ୍ଭାର ସମାଜର ସଭାପତି ହେମସାଗର ରଣା ଜାତିର ପତାକା ଉତ୍ତୋଳନ କରିଥିଲେ। ପରେ କୁମ୍ଭକାର ସମାଜର ଇଷ୍ଟ ଦେବତା ପ୍ରଭୁ ନିରାକାର ବିଷ୍ଣୁ, ପିତା ରୁଦ୍ରପାଳ, ମାତା ରନ୍ନେଶ୍ୱରୀ, ସୁରେଶନ ଚକ୍ର ପୂଜାର୍ଚ୍ଚନା ସହ କୁରାଳ ପୁରାଣ ପଠନ ହୋଇଥିଲା। ଏଥିରେ ସମ୍ବାରୁ ରଣା ଓ ତାଙ୍କ ଧର୍ମପତ୍ନୀ ରଞ୍ଜିତା ରଣା କର୍ତ୍ତା ଦାୟିତ୍ୱରେ ରହିଥିଲେ। ପୁରାଣ ପଣ୍ଡା ଲତାବନ ରଣା ଓ କୃଷ୍ଣଚନ୍ଦ୍ର ରଣା କୁରାଳ ପୁରାଣ ପଠନ କରିଥିଲେ। ଏହି ଅବସରରେ କୁରାଳ ସମାଜର ସମ୍ପାଦକ ମୁରଲୀଧର ରଣା, ଉପସଭାପତି ଭୁବନେ ରଣା, ପୂଜା କମିଟି ସଭାପତି ରଶ୍ମି ରଞ୍ଜନ ରଣା, ସମ୍ପାଦକ ଦେବେନ୍ଦ୍ର ରଣାଙ୍କ ନେତୃତ୍ୱରେ ସୁବିନ୍ଦ୍ର ରଣା, ତ୍ରିନାଥ ରଣା, କ୍ଷୀରସାଗର ରଣା, ଦେବାର୍ଚ୍ଚନ ରଣା, ଗୌରାଙ୍ଗ ରଣା, ଖେଡୁ ରଣା, ପର୍ଶୁରାମ ରଣା, ଜନକ ରଣା, ହଳଧର ରଣା, କଣ୍ଠ ରଣା, ସରୋଜ ରଣା, ଟଙ୍କଧର ରଣା, ଚତୁର୍ଭୂଜ ରଣା, ଅବସର ଡାକ କର୍ମଚାରୀ ହେମସାଗର ରଣା, ମନୋଜ ରଣା, ଅରୁଣ ରଣା ନିର୍ମଳ ରଣା, ବୁଲୁ ରଣା, ତପନ ରଣା, ସୁଶାନ୍ତ ରଣା ପ୍ରମୁଖ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ। ସେହିପରି ରିଷିଡ଼ା, ସୁରୁଜୁଲି, ପୌରକେଲା, ସାପଲହରା ଗ୍ରାମରେ କୁରାଳ ପଞ୍ଚମୀ ପୂଜା ପାଳିତ ହୋଇଯାଇଛି।

## ୧୩ରୁ ଅନ୍ତଃ ଜିଲ୍ଲା ଜୁନାଗଡ଼ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଜୁନାଗଡ଼, (ଭାସ୍କର ନ୍ୟୁଜ): ଜୁନାଗଡ଼ କପ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ସ୍ଥାନୀୟ ବିଜୁ ପଟ୍ଟନାୟକ ଷ୍ଟାଡିୟମ ଠାରେ ନିଉ ରେଡ ଷ୍ଟାର ସ୍ପୋର୍ଟ୍ସ କ୍ଲବର ଏକ ସଭା ଅନୁଷ୍ଠିତ ହୋଇ ଯାଇଛି। କ୍ଲବ ସଭାପତି ହିମାଂଶୁ ବରାଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜୁନାଗଡ଼ର ବରିଷ୍ଠ କଳାକାର ସ୍ୱର୍ଗତ ରୁଦ୍ର ପ୍ରସାଦ ସାହୁଙ୍କ ନାମରେ ଏହି ବର୍ଷ ମେମୋରିଆଲ କରିବା ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ପାରିତ ହୋଇଥିଲା। ବରଗଡ ବ୍ଲୁ ଡାଇମଣ୍ଡ, ବଲାଙ୍ଗୀର ନାଏକ ଏକାଡେମୀ, ପାଟଣାଗଡ କ୍ରିକେଟ କ୍ଲବ, ଜୟପୁର ଓରିୟନ, କେ ଡି ସି ଏ ଭବାନୀପାଟଣା, ଧର୍ମଗଡ଼ ଏମ ବି ଉଆଇ ସି, ଜୁନାଗଡ଼ ଏନ ଆର ଏସ ଏସ ସି, କେସିଙ୍ଗା କେସିଏ, ବ୍ରହ୍ମପୁର ଆଲଫା, ଯେ କେ ସ୍ପୋର୍ଟ୍ସ କ୍ଲବ ଜେ କେ ପୁର, ନବରଙ୍ଗପୁର ସନସାଇନ ଭଳି ବାର ଗୋଟି ଟିମ୍‌କୁ ନେଇ ଆସନ୍ତା ୧୩ ଡିସେମ୍ବରରୁ ଆରମ୍ଭ ହୋଇ ୨୩ ଡିସେମ୍ବରରେ ଫାଇନାଲ ଖେଳ ହେବା ପାଇଁ ସ୍ଥିରୀକୃତ ହୋଇଛି। ଏହି ସଭାରେ ଚିଫ ଏକ୍‌ଜିକ୍ୟୁଟିଭ ସମୀର ସାହୁ, ଉପସଭାପତି ସରୋଜ କୁମାର ପଣ୍ଡା, ସୁଧାଂଶୁ ଶେଖର ବରାଡ଼, ଅର୍ଗାନାଇଜ ସମ୍ପାଦକ ମାନସ ସାହୁ, କୋଷାଧକ୍ଷ ଦିଲୀପ ପଣ୍ଡା, ଦୀପକ ସାହୁ, ପପୁ ପଣ୍ଡା, ପରେଶ ପଣ୍ଡା, ନୀତିଶ ମହାପାତ୍ର, ଚକ୍ରଧର ବାଗ, ସଚିନ ଅନ୍ଧାନୀ, ରଞ୍ଜନ ରାଉତ, ରାକେଶ ବେମାଲ,କନ୍ନେହୀ ରାଉଳ, ଜଗା ମହାନ୍ତି, ସୁରେଶ ବାଗ, ଜିତୁ ନାଏକ ରମଣୀ ପଣ୍ଡା, ସୁଜିତ ପଣ୍ଡା, ନିହାର ପଣ୍ଡା, ଦିବ୍ୟ ଦୀପ, ସହ ସମ୍ପାଦକ କାଳିଆ କନ୍ଦପକ୍ଷନ, ରୁନୁ ପଣ୍ଡା ଏବଂ ନିଉ ରେଡ ଷ୍ଟାର ସ୍ପୋର୍ଟ୍ସ କ୍ଲବ ର ଖେଳାଳି ମୁକେଶ ପୋଡ଼, ସନ୍ତୋଷ ପୃଷ୍ଟି, ସୁରଜ ବର୍ଣ୍ଣ ଓ ସମସ୍ତ ଖେଳାଳି ଉପସ୍ଥିତ ଥିଲେ।

## ନବନିଯୁକ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କେସିଙ୍ଗା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କେସିଙ୍ଗା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ନିଖିଳ ଉତ୍କଳ ପ୍ରାଥମିକ ଫେଡ଼ରେସନ ଇଟରଞ୍ଜର କେସିଙ୍ଗା ଶାଖା ତରଫରୁ ନବ ନିଯୁକ୍ତ କନିଷ୍ଠ ଶିକ୍ଷକ ମାନଙ୍କୁ ଗତ ଶନିବାର ସ୍ୱାଗତ ଓ ସମ୍ବର୍ଦ୍ଧନା କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ସଭାପତି ଶ୍ରୀଯୁକ୍ତ ସୁରେସ କୁମାର ଦୋରା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ଆନନ୍ଦ କୁମାର ବେହେରା ମୋହାଦୟ ଯୋଗ ଦେଇଥିଲେ।ବିଶିଷ୍ଟ ଅଧିକାରୀ ଭାବେ ରାଜ୍ୟ ସଭାପତି ଧୀରେନ୍ଦ୍ର ପଟ୍ଟନାୟକ, ସଂମାନୀତ ଅଥିତି ଭାବେ ଶ୍ରୀଯୁକ୍ତ ନୀଳମାଧବ ପଟ୍ଟନାୟକ, ଅଧ୍ୟକ୍ଷ, ଓଡିଶା ଆଦର୍ଶ ବିଦ୍ୟାଳୟ,କେସିଙ୍ଗା ଓ କଳାହାଣ୍ଡି ଜିଲ୍ଲା ସଭାପତି ଶ୍ରୀଯୁକ୍ତ ବୀରେନ୍ଦ୍ର ବାଗ ମହୋଦୟ ଯୋଗ ଦେଇଥିଲେ। ପ୍ରଥମେ ଦ୍ୱିପ ପ୍ରଜ୍ଜଳନ କରି ନିରବ ପ୍ରାର୍ଥନା କରାଯାଇଥିଲା।ଏହା ପରେ ଅତିଥି ମାନଙ୍କୁ ସ୍ୱାଗତ ସହ ପରିଚୟ ପ୍ରଦାନ କରାଯାଇଥିଲା।ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଶିକ୍ଷୟିତ୍ରୀ ପୁଷ୍ପଲତା ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ ସୁନ୍ଦର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ।କେସିଙ୍ଗା ପ୍ରାଥମିକ ଶିକ୍ଷକ ସଙ୍ଘର ସାଧାରଣ ସମ୍ପାଦକ ବିବରଣୀ ପାଠ କରିଥିବାବେଳେ ଶ୍ରୀଯୁକ୍ତ ଦୋରା ଏହି ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।ଏହାପରେ ସମସ୍ତ ମଞ୍ଚାସିନ ଅତିଥିଗଣ ନିଜ ନିଜ ଅଭିଭାଷଣ ପ୍ରଦାନ କରିଥିଲେ।ତତ ପରେ ଶିକ୍ଷକ ଶ୍ରୀଯୁକ୍ତ ଅବନୀ ରଞ୍ଜନ ପ୍ରଧାନ ନୂତନ ପ୍ରାଥମିକ ଶିକ୍ଷକ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ଗୋଲାପ ଫୁଲ ଓ ଔପଢକନ ଦେଇ ସମ୍ବର୍ଦ୍ଧନା କରାଇବା ପାଇଁ ଆହ୍ୱାନ ଦେଇଥିଲେ।ଶିକ୍ଷୟତ୍ରୀ ଶ୍ରୀମତୀ ଜ୍ୟୋସ୍ନା ପରିଡା ଓ ବନ୍ଦନା ଦାଶ ସମସ୍ତଙ୍କୁ ଫୁଲ ଚନ୍ଦନ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ଶୁଭସ୍ମିତା ଦାଶ, ପୂଜା ବଳସାମନ୍ତ,ପ୍ରିୟମ୍ବଦା ପରିଡା,ଲକ୍ଷ୍ମୀ ବିଶୋଇ, ଶିକ୍ଷକ କୈଳାଶ ବିଶି,ପଞ୍ଚାନନ ନାଗ, ବିନୋଦ ବାଗ,ଉକଲ୍‌ା ସି ଆର ସି ସି ଭୀଷ୍ମରଥୀ ସାହୁ,ଯୁଜୁରାଙ୍ଗ ସି ଆର ସି ସି ପ୍ରମୋଦ ମେହେର, କେସିଙ୍ଗା ଏନ ଏ ସି ଆର ସି ସି ଚନ୍ଦ୍ରଧ୍ୱଜ ନାଗ, କାଣ୍ଡେଲ ସି ଆର ସି ସି ଆଶୁତୋଷ ଭୋଇ, ଫଟକାମାଲ ସି ଆର ସି ସି ଗିରିଧାରୀ ମାଝୀ, କଶ୍ରୁପଡ଼ା ସି ଆର ସି ସି ଗୋବିନ୍ଦ ବାଗ ଉପସ୍ଥିତ ଥିଲେ।ସର୍ବଶେଷରେ ଖୁସିରାମ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।ଲଇତରା ସି ଆର ସି ସି ଶ୍ରୀଯୁକ୍ତ ତପନ କୁମାର ଦାଶ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ

ଜୁନାଗଡ଼, (ଭାସ୍କର ନ୍ୟୁଜ): ଜୁନାଗଡ଼ ବହୁଜନ ସଂଗ୍ରାମ ସମିତି ତରଫରୁ ବାବା ସାହେବ ଡ଼ଃ ବି.ଆର ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ନୂଆ ବଷ୍ଟାଣ୍ଡ ଠାରେ ବାବା ସାହେବଙ୍କର ପ୍ରତିମୂର୍ତ୍ତିରେ ପ୍ରତ୍ୟୁଷରେ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ରହି ଶ୍ରଦ୍ଧା ସୁମନ ସହ ଗଭୀର ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଷ୍ଟାଚୁ ସମ୍ମୁଖରେ ସଂଗ୍ରାମ ସମିତିର ସଭାପତି ରଞ୍ଜନ କୁମାର ଜାଲଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷାବିତ ତଥା ଜୁନାଗଡ଼ ହାଇସ୍କୁଲ ପ୍ରଧାନ ଶିକ୍ଷକ ନେପାଳ ଚନ୍ଦ୍ର ବାଗ, ବରିଷ୍ଠ ଆଇନଜୀବୀ ବିଶ୍ୱନାଥ କର ପ୍ରମୁଖ ଉପସ୍ଥିତ ରହି ବାବା ସାହେବଙ୍କ ସ୍ମୃତି ଚାରଣ କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜର ସମନ୍ତରାଳ ବିକାଶ ପାଇଁ ସମସ୍ତେ ପ୍ରଯତ୍ନ ହେବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ମହାପୁରୁଷ ବାବାସାହେବ ଆମକୁ ସମ୍ବିଧାନ ପରି ଏକ ଦୁର୍ଲଭ ଅସ୍ତ୍ର ପ୍ରଦାନ କରିଛନ୍ତି, ଏହାକୁ ପାଥେୟ କରି ଆମେ ସମାଜର ପ୍ରତେକବର୍ଗର ଲୋକଙ୍କ ବିକାଶ କରି ପାରିବା ବୋଲି ସଭାପତି ରଂଜନ ଜାଲ ନିଜ ଅଭିବ୍ୟକ୍ତରେ ପ୍ରକାଶ କରିଥିଲେ। ସଂଗଠନର ବରିଷ୍ଠ କର୍ମକର୍ତ୍ତା, ପୂର୍ଣ୍ଣେନ୍ଦୁ ମାଝୀ, ସୁଶାନ୍ତ ନାଏକ, ଶିବ ଶଙ୍କର ମହାନନ୍ଦ, ରତନ ଧଙ୍ଗଡ଼ାମାଝୀ, ଗୌରାଙ୍ଗ ସୁନା, ରବିଶଙ୍କର ସୁନାନୀ ଅଞ୍ଜନ କ୍ଷିତି, ଘାସି କ୍ଷିତି, କାଶୀନାଥ ଘି, ରଘୁମଣି ପୁଝାରୀ, ସପ୍ତେଶ୍ୱର ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ବାବାସାହେବଙ୍କ ସ୍ମୃତିଚାରଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର କ୍ଷିତି। ଏହି କାର୍ଯ୍ୟକ୍ରମ ରେ ସହରର ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ରହି ଥିଲେ।

## ନଳାଚୁଆ ପାଇଁ ନାଳ ବାଧକ ମୌଳିକ ସୁବିଧାରୁ ବଞ୍ଚିତ ଆଦିବାସୀ



କୋକସରା, (ଭାସ୍କର ନ୍ୟୁଜ): ସରକାର ଗ୍ରାମାଞ୍ଚଳ ତଥା ଦୁର୍ଗମ ଅଞ୍ଚଳକୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା କାର୍ଯ୍ୟକାରୀ କରି ଉପାନ୍ତ ଅଞ୍ଚଳର ବିକାଶ ପାଇଁ ନାନା ପ୍ରକାର ପ୍ରୟାସ କରୁଛନ୍ତି। ରାସ୍ତା ହେବା ପରେ ଉପାନ୍ତ ଅଞ୍ଚଳ ସିଧା ସଳଖ ମୁଖ୍ୟ ରାସ୍ତା ସହ ସଂଯୋଜ ହୋଇ ସ୍ଥାନୀୟ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି।କିନ୍ତୁ କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଧନସୁଲି ଗ୍ରାମପଞ୍ଚାୟତ ନଳା ଚୁଆଗାଁରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜୟପାଟଣା ବ୍ଲକ ଧନସୁଲି ଗ୍ରାମପଞ୍ଚାୟତ ଠାରୁ ମାତ୍ର ୭ କିମି ଦୂରରେ ରହିଛି ନାଳଚୁଆ ଗାଁ। ଏହି ଗାଁରେ ବସବାସ କରୁଥିବା ୫୪ ଆଦିବାସୀ ପରିବାର ପାଇଁ ମୌଳିକ ସୁବିଧା ସାତ ସପନ ହୋଇଛି। ପାହାଡ଼ ଘାଟି ଉପରେ ବସବାସ କରୁଥିବା ଏହି ଆଦିବାସୀ ପରିବାର ପଶୁ ଭଳି ଜୀବନ କାଟୁଛନ୍ତି। ଗାଁରେ ଶିକ୍ଷା, ସ୍ୱାସ୍ଥ୍ୟ,ପାନୀୟ ଜଳ, ରାସ୍ତା,ଆବାସ ଯୋଜନା ଓ ଆଲୋକ ବ୍ୟବସ୍ଥା ସବୁ ବାଟବଣା ହୋଇଯାଇଛି। ଘାଟି ରାସ୍ତା ଶୋଚନୀୟ ଜଗୁ ଏବେ ମଧ୍ୟ ରୋଗୀ, ଗର୍ଭବତୀ ଖଟିଆରେ ବୁହା ହେଉଛନ୍ତି। ଦୀର୍ଘଦିନରୁ ଗାଁ ରେ ଲାଗିଥିବା ସୋଲାର ଅଚଳ ହୋଇପଡିଛି। କେବଳ ଗୋଟିଏ ନଳକୂପର ପାଣିକୁ ଲୋକେ ପିଇବା ପାଣି ଭାବେ ବ୍ୟବହାର କରନ୍ତି। ଗୋଟିଏ ନାଳ ରେ ଗାଈଗରୁ, ଘୁଷୁରୀ ସହ ମଣିଷ ମଧ୍ୟ ଗାଧୋଉଛନ୍ତି। ସେପଟେ ଆବାସ ଯୋଜନାରେ ଘର ପାଇଥିବା ଗୃହ ନିର୍ମାଣ ଏବେ ମଧ୍ୟ ଅଧପନ୍ତରିଆ ଭାବେ ରହିଛି। ଆଉ ଶିକ୍ଷା ଆଉ ସ୍ୱାସ୍ଥ୍ୟ ବ୍ୟବସ୍ଥା ନକହିବା ଭଲ। ଏହି ଗାଁ ପାଇଁ ମୁଖ୍ୟ ବାଧକ ହେଲା ଘାଟି ରାସ୍ତା। ଘାଟି ତଳେ ରହିଥିବା ଭାଟିପାସ ପର୍ଯ୍ୟନ୍ତ ରାସ୍ତା ଭଲ ରହିଛି। କିନ୍ତୁ ଘାଟି ରାସ୍ତା ବଡ଼ ବଡ଼ ନାଳ ଓ ବର୍ଷା ଦିନ ପାଣି ସୁଅରେ ରାସ୍ତା ଭାଙ୍ଗି ଯିବା ଫଳରେ ଚାଲିବା ପାଇଁ ମଧ୍ୟ କଷ୍ଟକର ହୋଇପଡେ। ଏ ନେଇ ଉକ୍ତ ଗ୍ରାମବାସୀ ଦୀର୍ଘବର୍ଷ ହେଲା ଗାଁ ଏକ ପ୍ରଧାନମନ୍ତ୍ରୀ ରାସ୍ତା ସଂଯୋଗ କରିବା ପାଇଁ ଦାବି କରି ଆସୁଛନ୍ତି କିନ୍ତୁ ସରକାରଙ୍କ ଦୃଷ୍ଟି ଆଢୁଆଳରେ ଏହି ଗାଁ ରହି ଯାଇଛି। ଗାଁକୁ ରାସ୍ତା ନିର୍ମାଣ ହୋଇ ମୁଖ୍ୟ ରାସ୍ତା ସହ ସଂଯୋଗ ହେଲେ ଗାଁରେ ସୁବିଧା ରେ ସବୁ ଯୋଜନା ଆଉ ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି ଆଶା କରାଯାଉଛି। ତେବେ ଏ ନେଇ ଜୟପାଟଣା ବିଡ଼ିଓ , ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ତଥା କୈଳାସ ସାହୁ ପ୍ରମୁଖ ଗ୍ରସ୍ତ କରି ଏସବୁ ସମସ୍ୟାର ସମାଧାନ ପାଇଁ ଅନୁଧ୍ୟାନ କରି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଆବାସଗୃହଗୁଡିକ ର ପୁନଃନିର୍ମାଣ କିପରି ହେବ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଗାଁ ରେ କିଭଳି ଶିକ୍ଷା, ସ୍ୱାସ୍ଥ୍ୟ, ଆଲୋକ, ପାନୀୟ ଜଳ, ରାସ୍ତା ହେବ ସେଥିପାଇଁ ଆମେ ପଞ୍ଚାୟତ ସହ ମିଶି କାମ କରିବୁ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ବ୍ଲକ୍ ପକ୍ଷରୁ ସୀମିତ ଫଣ୍ଡ ରହିଥିବା ବେଳେ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ଆଲୋକ ବ୍ୟବସ୍ଥା ଲାଗି ସ୍ଥାନୀୟ ବିଧାୟକଙ୍କ ହସ୍ତକ୍ଷେପ ଲୋଡ଼ା ପଡିବ। ମନରେଗା ଛଡା ଅନ୍ୟ ଫଣ୍ଡରେ ସିମୀତ ଟଙ୍କା ବରାଦ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପାଦନ ହେବ ନାହିଁ ବୋଲି ସରପଞ୍ଚ କହିଛନ୍ତି। ଜିଲ୍ଲା ପ୍ରଶାସନ ତଥା ସରକାରୀ ଏହି ଗାଁକୁ ପ୍ରଧାନମନ୍ତ୍ରୀ ସଡକ ଭଳି ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ପ୍ରୟାସ କଲେ ଏହି ସମସ୍ୟାର ସମାଧାନ ହେବେ ବୋଲି ଗ୍ରାମବାସୀ କହିଛନ୍ତି। ମନରେଗା ଯୋଜନା କାମ ହେଉଛି ସତ କିନ୍ତୁ ନାଳଗୁଡିକରେ ବ୍ରିଜ୍, ରାସ୍ତା ମଝିରେ ମଝିରେ କଲଭର୍ଟ ଓ କଡ଼ଗୁଡିକରେ ଗାର୍ଡୱାଲ ସହ ଡ୍ରେନ୍ ନିର୍ମାଣ ହେଲେ ରାସ୍ତା ସବୁଦିନ ପାଇଁ ଯିବା ଆସିବା ଲାଗି ଉପଯୁକ୍ତ ହେବ, ନଚେତ ଗୋଟିଏ ବର୍ଷା ହେଲେ ପୂର୍ବ ଭଳି ସ୍ଥିତି ଉପୁଯିବ।



## ରାଶିଫଳ

ସୋମବାର, ୯ ଡିସେମ୍ବର ୨୦୨୪



**ମେଷ:** ବ୍ୟବସାୟ ଭଲ କରିବ। ଆୟରେ ନିଶ୍ଚିତତା ରହିବ। ଘରେ ଟେନସନ ହେବ। ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ଏବଂ ଯୁକ୍ତି ହୋଇପାରେ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର। ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ସହିତ ଯୁକ୍ତିତର୍କ ହୋଇପାରେ। କାରବାରରେ ସାବଧାନ ରୁହନ୍ତୁ। କରାଯାଉଥିବା କାର୍ଯ୍ୟ ଖରାପ ହୋଇପାରେ।



**ବୃଷ:** ବ୍ୟବସାୟ ଲାଭଦାୟକ ହେବ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ଚାକିରିରେ ବୃଦ୍ଧି ଘଟିବ। ସମସ୍ତ କାର୍ଯ୍ୟ ଠିକ୍ ସମୟରେ କରାଯିବ। ବିନିଯୋଗ ଭଲ ହେବ। ଆୟ ବୃଦ୍ଧି ପାଇବ। ଦିନଟି ଭଲ ଆକାରରେ କଟିବ।



**ମିଥୁନ:** ସ୍ଥାବର ସମ୍ପତ୍ତି ବୃଦ୍ଧି ପାଇବ। ଏକ ବଡ ଡିଲ୍ ହୋଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ବୃଦ୍ଧି ପାଇବ। ପ୍ରଲୋଭିତ ହୁଅ ନାହିଁ।



**କର୍କଟ :** ସୃଜନଶୀଳ କାର୍ଯ୍ୟ ସଫଳ ହେବ। ବ୍ୟବସାୟରେ ବ୍ୟସ୍ତ ରହିବେ। ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ। ପରିବାର ପାଇଁ ଚିନ୍ତା ହେବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ଆପଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହିତ ପରିଚିତ ହେବେ। ପ୍ରଲୋଭିତ ହୁଅ ନାହିଁ। ଏକ ସୁଖଦ ଯାତ୍ରା ଆୟୋଜନ କରାଯାଇପାରେ।



**ସିଂହ :** ବ୍ୟବସାୟରେ ଅନୁକୂଳ ଲାଭ ହେବ। ଆୟ ଜାରି ରହିବ। ମୂଲ୍ୟବାନ ସାମଗ୍ରୀ ତୁମ ସହିତ ରଖ। ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ। କଠିନ ପରିଶ୍ରମ ଅଧିକ ହେବ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଶତ୍ରୁମାନେ କ୍ଷତି ଘଟାଇପାରନ୍ତି।



**କନ୍ୟା :** ବିନିଯୋଗ ଶୁଭ ହେବ। କଠିନ ପରିଶ୍ରମର ଫଳ ଗ୍ରହଣ କରାଯିବ। ଘର ବାହାରେ ପଚରାଉଚରା କରାଯିବ। ଲାଭ ସୁଯୋଗ ଆସିବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଚାକିରିରେ ବୃଦ୍ଧି ଘଟିବ। ଆପଣ ଉଚ୍ଚ କର୍ତ୍ତୃପକ୍ଷଙ୍କ ସୁଖ ପାଇବେ।



**ତୁଳା:** ସୁଖ ବୃଦ୍ଧି ପାଇବ। କିଛି ମହତ୍ କାର୍ଯ୍ୟ କରିବାକୁ ତୁମର ମନ ପ୍ରସ୍ତୁତ କରିବ। ତତ୍ପରତା ନାହିଁ। ବ୍ୟବସାୟ ଲାଭଦାୟକ ହେବ। ନୂତନ ବନ୍ଧୁ ସୃଷ୍ଟି ହେବ।ଆୟରେ ନିଶ୍ଚିତତା ରହିବ।



**ବିଛା:** ଉପହାର ଗ୍ରହଣ କରାଯିବ। ବେକାରୀ ଦୂର ହେବ। ବ୍ୟବସାୟ ବୃଦ୍ଧି ପାଇବ। ଆପଣ ଚାକିରିରେ ପଦୋନ୍ନତି ପାଇପାରିବେ। ବିନିଯୋଗ ଭଲ ହେବ। ଭାଗ୍ୟ ଅନୁକୂଳ ହେବ। ପ୍ରଲୋଭିତ ହୁଅ ନାହିଁ। ଆପଣ ଉତ୍ସାହ ଏବଂ ଖୁସିରେ କାମ କରିବାକୁ ସମର୍ଥ ହେବେ। କିଛି ବଡ କାମ କରି ସୁଖରେ ବୃଦ୍ଧି ଘଟିବ।



**ଧନୁ :** ତୁମ ଜୀବନ ସାଥୀଠାରୁ ସମର୍ଥନ ପାଇବ। ଚିନ୍ତା ଏବଂ ଚାପ ଦୂର ହେବ। ଟଙ୍କା କାରବାରରେ ଶୀଘ୍ର ଏବଂ ବେପରୁଆ ହୁଅନ୍ତୁ ନାହିଁ। ଟଙ୍କା ନଷ୍ଟ ହୋଇପାରେ। ବିବାଦରୁ ଦୂରେଇ ରୁହନ୍ତୁ। ଅସୁବିଧାରୁ ଦୂରରେ ରୁହନ୍ତୁ। ଆୟରେ ନିଶ୍ଚିତତା ରହିବ। ଅପଚୟ ଖର୍ଚ୍ଚ ହେବ। ସ୍ୱାସ୍ଥ୍ୟ ଦୁର୍ବଳ ହେବ।




**ମକର :** ରୋଜଗାର ବୃଦ୍ଧି ପାଇବ। ଆୟ ବୃଦ୍ଧି ପାଇବ। ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ। ଅଟକି ରହିଥିବା ଟଙ୍କା ପାଇବାର ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ। ଭ୍ରମଣ ଲାଭଦାୟକ ହେବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ଭାଇମାନଙ୍କ ସହଯୋଗ ସୁଖ ବୃଦ୍ଧି କରିବ। ଘର ବାହାରେ ଜୀବନ ଖୁସି ହେବ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ।



**କୁମ୍ଭ :** ରୋଜଗାର ବୃଦ୍ଧି ପାଇବ। ଆପଣ ସାମାଜିକ କାର୍ଯ୍ୟ କରିବାକୁ ଏକ ସୁଯୋଗ ପାଇପାରନ୍ତି। ଘର ବାହାରେ ପଚରାଉଚରା କରାଯିବ। ନୂତନ ଚାକିରି ମିଳିପାରିବ। ବାହାରକୁ ଯିବାକୁ ଇଚ୍ଛା କରିବେ। ସେଠାରେ ସୁଖ ଏବଂ ତୃପ୍ତି ରହିବ। ତତ୍ପରତା ନାହିଁ। କର୍ମକ୍ଷେତ୍ରରେ ପରିବର୍ତ୍ତନ ହୋଇପାରେ।



**ମୀନ:** ଆପଣ ସତସଙ୍ଗର ଲାଭ ପାଇବେ। ବ୍ୟବସାୟ ବୃଦ୍ଧି ପାଇବ। ରାଜନୈତିକ ସମର୍ଥନ ପାଇବେ। ଲାଭ ସୁଯୋଗ ଆସିବ। ସବୁ ଦିଗରୁ ସଫଳତା ଆସିବ। ସୁଖ ବୃଦ୍ଧି ପାଇବ। ବ୍ୟସ୍ତତା ହେତୁ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇପାରେ। ଥକ୍କା ଲାଗିବ। ତନ୍ତ୍ର-ମନ୍ତ୍ର ପ୍ରତି ଆଗ୍ରହ ଜାଗ୍ରତ ହେବ। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ।



ଶ୍ରୀପତି ଗୁରୁ
ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯